



# ଉତ୍କଳ ପ୍ରସଙ୍ଗ

Licence No. C. R. N. P. 5—Licensed to post W.P. ... [illegible]



● ରାଷ୍ଟ୍ରପତିଙ୍କ ସହ ଜାତୀୟ ସାହସିକତା ପୁରସ୍କାର ବିଜେତା ବୃନ୍ଦ - ୧୯୮୪ .

PRESIDENT WITH THE RECIPIENTS OF NATIONAL BRAVERY AWARDS - 1984 .


ନବମ ବିଧାନସଭା ସାଧାରଣ ନିର୍ବାଚନ ଫଳାଫଳ-୧୯୮୫(ଓଡ଼ି
ବି.ଜେ.ପି
୧
ସି.ପି.ଆଇ
୧
ସି.ପି.ଏମ୍
କଂଗ୍ରେସ(ଇ)
୧୧୭
ଜନତା
୧୮
ଲୋକଦଳ
ସ୍ୱାଧୀନ
୬
ଅନ୍ୟାନ୍ୟ
୨
ମୋଟ
୧୪୫
ମୋଟ ଆସନ-୧୪୭
ସ୍ଥଗିତ - ୨



# ଉତ୍କଳ ପ୍ରସଙ୍ଗ

ଚୈତ୍ର/ବୈଶାଖ ୧୯୦୭ ଶକାବ୍ଦ ୪୧ ଖଣ୍ଡ ୮ମ ଓ ୯ମ ସଂଖ୍ୟା ମାର୍ଚ୍ଚ/ଅପ୍ରେଲ ୧୯୮୫

ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ: ଶ୍ରୀ ଫଣୀଭୂଷଣ ଦାସ

ସମ୍ପାଦକ: ଶ୍ରୀ ଭୋଳାନାଥ ରାୟଗୁରୁ

ସହ ସମ୍ପାଦକ: ଡକ୍ଟର ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ବିଷ୍ଣୁମୋହନ ମହାପାତ୍ର

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ସଜ୍ଜା ଶିଳ୍ପୀ

ଶ୍ରୀ ଅସିତ୍ ମୁଖାର୍ଜୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ ୧୦.୦୦

ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରଯାଉଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ଆମଭାଷା ଓ ସାହିତ୍ୟର ଭବିଷ୍ୟତ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଓଡ଼ିଶାର ନାମକରଣ ରହସ୍ୟ | ଶ୍ରୀ ସୁଶୀଲ ଚନ୍ଦ୍ର ଦେ | ୫ |
| ସହର ଓ ମଫସଲର ଅର୍ଥନୀତି | ଡକ୍ଟର ବୈଦ୍ୟନାଥ ମିଶ୍ର | ୭ |
| ମାତୃଭୂମି, ମାତୃଭାଷାରେ ମମତା | ଶ୍ରୀ ସହଦେବ ସାହୁ | ୧୦ |
| ନିର୍ମଳ ଶାସନ | ଶ୍ରୀ ସାତକଡ଼ି ହୋତା | ୧୨ |
| ଶହୀଦ ଜୟୀ ରାଜଗୁରୁ | ଡକ୍ଟର ଜଗନ୍ନାଥ ପଟ୍ଟନାୟକ | ୧୫ |
| ଜାତୀୟ ଗୌରବ ମଧୁସୂଦନ | ଶ୍ରୀ ତାରେଶ୍ୱର ସାହୁ | ୧୭ |
| ଛାତ୍ରଛାତ୍ରୀଙ୍କ ମନରେ ଗଣତାନ୍ତ୍ରିକ ମୂଲ୍ୟବୋଧ | ଡକ୍ଟର ଜଗନ୍ନାଥ ମହାନ୍ତି | ୧୯ |
| ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ବନ୍ଦୀର ଆତ୍ମକଥା' | ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର | ୨୨ |
| ଅଦ୍ୟାପି ତାଂ ସ୍ମରାମି | ଶ୍ରୀ ଉଦୟ ନାରାୟଣ ପାଠିଶର୍ମା | ୨୪ |
| ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସଂଗ୍ରାମୀଗଣ । | ଶ୍ରୀ ଗୋପାଳ କୃଷ୍ଣ ଦାସ | ୨୫ |
| ଭାରତୀୟ ସଂସ୍କୃତି ଓ ଓଡ଼ିଶୀ ନୃତ୍ୟକଳା | ଡକ୍ଟର ମିନତି ମିଶ୍ର | ୩୧ |
| ସମ୍ବଲପୁରର ପ୍ରାକୃତିକ ଦୁର୍ଗ ଓ ଗଡ଼ ପରିଖା | କୁମାର ହସନ୍ | ୩୭ |
| କଳାହାଣ୍ଡିର ଆଦିବାସୀ | ଶ୍ରୀ ଦୋଳଗୋବିନ୍ଦ ବିଶୀ | ୪୧ |
| ଲୋକଭାଷା ହିଁ ସଂସ୍କୃତମ୍ | ଶ୍ରୀ ସଦାନନ୍ଦ ଦୀକ୍ଷିତଃ | ୪୪ |
| ଓଡ଼ିଶାର ବୟନ ଶିଳ୍ପ | ଶ୍ରୀ ଶ୍ରୀନିବାସ ରଥ | ୪୭ |
| ସଫଳ କାହାଣୀ | | ୫୦ |
| ହସଟି ହସଣ | | ୫୧ |

# ମୋ ଦୃଷ୍ଟିରେ ....

ଆଜି ଆମ ଉତ୍କଳ ଜନନୀଙ୍କର ପୁଣ୍ୟ ଜନ୍ମତିଥି । ଏହି ପବିତ୍ର ଦିବସରେ ଉତ୍କଳ ପ୍ରସଙ୍ଗ ପୂର୍ବ ବର୍ଷ ପରି ତାର ଏକ ବିଶେଷାଙ୍କ ପ୍ରକାଶ କରି ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଓ ଲେଖକ ଲେଖିକାଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଉଛି ।

ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭାଷାରେ 'ପ୍ରତି ଅପ୍ରେଲ ପହିଲ ହେଉଛି, ଓଡ଼ିଶାର ଜନଗଣଙ୍କ ପାଇଁ ଏକ ସ୍ମୃତି ଓ ସଂକଳ୍ପର ଦିନ । ସ୍ମୃତି, କାରଣ ଯେଉଁମାନଙ୍କର ତ୍ୟାଗ, ତପସ୍ୟା, ସାଧନା ଓ ସଂଗ୍ରାମର ଫଳ ସ୍ୱରୂପ ଓଡ଼ିଆ ଜାତିର ଏହି ସ୍ୱପ୍ନ ସଫଳ ହେଲା, ସେହି ପୂର୍ବସୂରୀମାନଙ୍କୁ ଆଜି ଗଭୀର କୃତଜ୍ଞତାର ସହିତ ସ୍ମରଣ କରିବାର ଦିନ । ସଂକଳ୍ପ, ଓଡ଼ିଶାକୁ କୃଷି, ଶିଳ୍ପ, କଳା ଓ ବିଜ୍ଞାନର କ୍ଷେତ୍ରରେ ଭାରତର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଆଜି ଏକ ସଂକଳ୍ପ ନେବାର ଦିନ ।'

ଓଡ଼ିଶା ନୂତନ ଭାବରେ ଗଠିତ ହୋଇ ରାଜନୈତିକ କ୍ଷେତ୍ରରେ ଏବେ ସୁପ୍ରତିଷ୍ଠିତ । ଏହି ରାଜନୈତିକ ସ୍ଥିରତା ଫଳରେ ବିଗତ ପାଞ୍ଚବର୍ଷ ଭିତରେ ଓଡ଼ିଶା ବହୁ କ୍ଷେତ୍ରରେ ଅଗ୍ରଗତି କରି ପାରିଛି । ଓଡ଼ିଶାବାସୀ ଏହି ସ୍ଥିରତାକୁ ପୁନର୍ବାର ଅବ୍ୟାହତ ରଖି ପ୍ରଗତିର ପଥକୁ ପରିଷ୍କାର କରି ଦେଇଛନ୍ତି । ତେଣୁ ଓଡ଼ିଶା ତାର ସଂକଳ୍ପର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବାର ଆଶା ଉଜ୍ଜ୍ୱଳ ହେବା ସ୍ୱାଭାବିକ ।

ଇତି ମଧ୍ୟରେ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ନୂତନ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କରିଛନ୍ତି । ଉତ୍କଳ ପ୍ରସଙ୍ଗ ତାଙ୍କୁ ତଥା ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଉଛି ।

ଗୋଟିଏ ଜାତିର ପରିଚୟ କେବଳ ରାଜନୀତି ବା ଶିଳ୍ପ ଦୃଷ୍ଟିରୁ ନୁହେଁ, ବରଂ ତାର ସାଂସ୍କୃତିକ ଓ ସାମାଜିକ ଦୃଷ୍ଟିରୁ ମିଳିଥାଏ । ସେ ଜାତିର ସଂସ୍କୃତିକୁ ଭାଷା ଓ ସାହିତ୍ୟ ହିଁ ବହନ କରିଥାଏ । ଆମ କବି ଗଙ୍ଗାଧର ଲେଖିଥିଲେ, "ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା ।" ଆମ ଭାଷା ଓ ସାହିତ୍ୟକୁ ଶ୍ରେଷ୍ଠ ଭାଷାରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସଦାବେଳେ ଆହ୍ୱାନ ଦେଇ ଆସିଛନ୍ତି । ସେ ଆହ୍ୱାନକୁ ଗ୍ରହଣ କରିବାପାଇଁ ଉତ୍କଳ ପ୍ରସଙ୍ଗ ଓଡ଼ିଶାର ଲେଖକ ତଥା ଜନସାଧାରଣଙ୍କୁ ନିବେଦନ କରୁଛି ।

ସୁଖର କଥା ଆଜିଠାରୁ ଓଡ଼ିଶା ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷାରୂପେ ଗ୍ରହଣ କରିଛନ୍ତି । ଏହି ପଦକ୍ଷେପ ପାଇଁ ଓଡ଼ିଶା ସରକାର ଅତୀବ ଅଭିନନ୍ଦନୀୟ ।

୧୯୮୫ ସାରା ପୃଥିବୀର ତାରୁଣ୍ୟର ବର୍ଷ । ତାରୁଣ୍ୟର ପ୍ରତୀକ ଶ୍ରୀ ରାଜୀବ ଗାନ୍ଧୀଙ୍କ ହସ୍ତରେ ଭାରତବର୍ଷ ତାର ଦାୟିତ୍ୱ ନ୍ୟସ୍ତ କରି ଏ ସମ୍ବତ୍ସରର ସମ୍ମାନ ବୃଦ୍ଧି କରିଛି । ତାରୁଣ୍ୟର ଜୟଯାତ୍ରା ପୁଷ୍କଳ ହେଉ ଓ ପୁଷ୍ପିତ ହେଉ—ଏହା ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।



# ଆମ ଭାଷା ଓ ସାହିତ୍ୟର ଐତିହ୍ୟ

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ଐତିହ୍ୟଶାଳିନୀ ବଲାଙ୍ଗୀର । ଓଡ଼ିଆ ସାହିତ୍ୟ, ଓଡ଼ିଆ ସଂସ୍କୃତିର ଅନ୍ୟତମ ଜନ୍ମଭୂମି । ଏହାର ପୂର୍ବରେ ପ୍ରବାହିତ ଉତ୍କଳ ଗଙ୍ଗା, ମହାନଦୀ । ପଶ୍ଚିମରେ ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତମାଳା । ସେ ବହନ କରିଛି ରାମାୟଣର ପ୍ରସିଦ୍ଧି । ପରବର୍ତ୍ତୀ କାଳରେ ଏ ହୋଇଛି ଏକ ପ୍ରଧାନ ବୌଦ୍ଧପୀଠ । ନାଗାର୍ଜ୍ଜୁନ ଏଠାରେ ତାଙ୍କର ମଠ ସ୍ଥାପନ କରିଥିଲେ । ମାଧ୍ୟମିକ ଶୂନ୍ୟବାଦ ବୌଦ୍ଧ ଦର୍ଶନର ଏକ ପ୍ରଧାନ ଦର୍ଶନ । ନାଗାର୍ଜ୍ଜୁନ ସେଠାରେ ତାହା ପ୍ରଚାର କରିଥିଲେ । ପରବର୍ତ୍ତୀ କାଳରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ସେଠାକୁ ଆସିଥିଲେ ଏବଂ ବୌଦ୍ଧ ଦର୍ଶନଶାସ୍ତ୍ର ଅଧ୍ୟୟନ କରିଥିଲେ । ଏହି ଗନ୍ଧମାର୍ଦ୍ଦନ ଯେଉଁ ଭୂପୃଷ୍ଠରେ ଅବସ୍ଥିତ ତାର ନାମ ପୁଣି ଦକ୍ଷିଣକୋଶଳ । ବଲାଙ୍ଗୀର ଜିଲ୍ଲା କୋଶଳ ନାମରେ ପରିଚିତ । ରାମାୟଣ ଓ ରାମଚନ୍ଦ୍ରଙ୍କ ଜୀବନ ସହିତ ଏହା ବହୁ ଭାବରେ ଜଡ଼ିତ ଥିବା ଯୋଗୁଁ ଏହାକୁ, ଦକ୍ଷିଣକୋଶଳ କୁହାଯାଏ । ଆଜି ଉତ୍ତରକୋଶଳ ଆଉ ନାହିଁ । ଦକ୍ଷିଣକୋଶଳ ମଧ୍ୟ ନାହିଁ କିନ୍ତୁ ଇତିହାସର ସେହି ଗୌରବମୟ ପଦଚିହ୍ନ ଏବେ ମଧ୍ୟ ଜୀବନ୍ତ ରହିଛି ।

ମହାନଦୀ ଓଡ଼ିଶାର ଗଙ୍ଗାନଦୀ । ବହୁ ପ୍ରାଚୀନ କାବ୍ୟ କବିତାରେ ଏହାକୁ ଗଙ୍ଗାର ସ୍ଥାନ ଦିଆଯାଇଛି । କେବଳ ମହାନଦୀ ଯେ ଏଠାରେ ପ୍ରବାହିତ ହୋଇଛି ତାହା ନୁହେଁ ବଲାଙ୍ଗୀରର ଭୂମି ହେଉଚି ନଦୀ ମାତୃକା । ଏଠାରେ ତେଲ, ସୁକତେଲ ଓ ଅଙ୍ଗନଦୀ ପ୍ରବାହିତ । ପ୍ରତ୍ୟେକ ନଦୀର ଉପତ୍ୟକାରେ ବଲାଙ୍ଗୀର ସଭ୍ୟତା ଗଢ଼ି ଉଠିଚି । ଅଙ୍ଗନଦୀ ଅତି ପ୍ରାଚୀନ ନଦୀ ଭାବରେ ବୌଦ୍ଧ ଜାତକରେ ପ୍ରସିଦ୍ଧ ଲାଭ କରିଛି । ତେଲ ନଦୀର ପ୍ରାଚୀନ ବୌଦ୍ଧ ନାମ ହେଉଛି "ତେଲବାହ" । ଅତୀତରେ ତେଲବାହ ନଦୀ ନୌବାଣିଜ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ତେଲବାହ ନଦୀ ସହିତ ଆଉ ଗୋଟିଏ ନାମ ହେଉଛି ତତ୍ତୁଲ୍ୟ ଜନପଦ । ପାଣିନୀଙ୍କର ଅଷ୍ଟାଧ୍ୟାୟୀର ତତ୍ତୁଲ୍ୟ ଜନପଦର ନାମ ଉଲ୍ଲେଖ କରାଯାଇଛି ଏବଂ ତତ୍ତୁଲ୍ୟ ଜନପଦ ହେଉଚି ଏହି ପ୍ରାଚୀନ ଭୂମି । ଯାହାର ଅପଭ୍ରଂଶ ବର୍ତ୍ତମାନ ଟିଟିଲାଗଡ଼ ବୋଲି କୁହାଯାଉଛି । ସେହିପରି ସୁକ୍‌ତେଲର ମଧ୍ୟ ଗୋଟିଏ ସୁନ୍ଦର ସଂସ୍କୃତ ନାମ ଅଛି । ତାହା ହେଉଛି ସୁକ୍ତିମତୀ । ଶୁକ୍ତି ଅର୍ଥ ଶାମୁକା । ଏହି ନଦୀ ମଧ୍ୟ ବହୁ ପ୍ରସଦ୍ଧିଲାଭ କରିଚି, ପାଣିନୀଙ୍କର ଅଷ୍ଟାଧ୍ୟାୟୀରେ ଏବଂ ଅନ୍ୟ କାବ୍ୟ କବିତାରେ । ବଲାଙ୍ଗୀର, ପ୍ରାଚୀନ ବୌଦ୍ଧ ଧର୍ମ ସହିତ ହିନ୍ଦୁ ଧର୍ମର ମଧ୍ୟ ଏକ ପ୍ରଧାନ ପୀଠସ୍ଥଳ । ଓଡ଼ିଶାକୁ ଧର୍ମମଣ୍ଡଳ ଭୂମି ବୋଲି କୁହାଯାଏ । ହିନ୍ଦୁ ଧର୍ମର ତିନୋଟି ବିଭାଗ—ଶୈବ, ଶାକ୍ତ ଏବଂ ବୈଷ୍ଣବ । ଏ ସମସ୍ତ ବିଭାଗ ଏହି ବଲାଙ୍ଗୀରରେ ବିକଶିତ ହୋଇଥିଲା । ଗଙ୍ଗଶିବ ଜଣେ ପ୍ରସିଦ୍ଧ ଶୈବସାଧକ ବା ସନ୍ଥ । ସେ ଏଠାରେ ଭୂମେଶ୍ୱର ମନ୍ଦିର ପ୍ରତିଷ୍ଠା କରିଥିଲେ । ଏବେ ସେହି ଭୂମେଶ୍ୱର ମନ୍ଦିର ଏକ ପ୍ରସିଦ୍ଧ ଶିବତୀର୍ଥରୂପେ ଗୃହୀତ । ଭାରତବର୍ଷରେ ଯେଉଁ ଚାରିଗୋଟି ଯୋଗିନୀ ମନ୍ଦିର ଅଛି, ତା ମଧ୍ୟରୁ ରାଣୀପୁର ଝରିଆଲ୍ ଅନ୍ୟତମ । ଯୋଗିନୀ ମନ୍ଦିରର ଇତିହାସ ଦେଖିଲେ ଜଣାଯାଏ ଯେ କେବଳ ଭାରତବର୍ଷର ଗୋଟିଏ ଅଞ୍ଚଳରେ ଯୋଗିନୀମାନଙ୍କର ପୂଜା ହେଉଥିଲା । ତାହା ହେଉଛି ମଧ୍ୟପ୍ରଦେଶର କେତେକ ଅଞ୍ଚଳ ଓ ଓଡ଼ିଶାର କେତେକ ଅଞ୍ଚଳ । ଏହି ଚାରୋଟି ଯୋଗିନୀ ମନ୍ଦିର ମଧ୍ୟରୁ ଦୁଇଟି ମଧ୍ୟପ୍ରଦେଶର ଓ ଦୁଇଟି ଓଡ଼ିଶାରେ । ମଧ୍ୟପ୍ରଦେଶର ଜବଲପୁରରେ ଓ ଖଜୁରାହରେ । ସେହିପରି ଓଡ଼ିଶାର ବଲାଙ୍ଗୀରର ରାଣୀପୁର ଝରିଆଲ୍ ଓ ପୁରୀ ଜିଲ୍ଲାର ହୀରାପୁର । ଏହି ଚଉଷଠୀ ଯୋଗିନୀଙ୍କ ପୂଜା ଦ୍ୱାରା ଏଠାରେ ଶାକ୍ତ ଧର୍ମର ବିକାଶ ଘଟିଥିବା କଥା ପ୍ରମାଣିତ ହୁଏ ।

ସେହିପରି ବୈଷ୍ଣବ ଧର୍ମର ବିକାଶ ମଧ୍ୟ ଏଠାରେ ଘଟିଛି । ଐତିହାସିକମାନେ କହନ୍ତି ଜୟଦେବ ଗୀତଗୋବିନ୍ଦ ରଚନା କରିବା ପୂର୍ବରୁ ଓଡ଼ିଶାରେ ରାସକ୍ରୀଡ଼ାର ପ୍ରଚଳନ ନଥିଲା । ଦଶାବତାରର ମଧ୍ୟ ପ୍ରଚଳନ ନଥିଲା । କିନ୍ତୁ ଏହି ବଲାଙ୍ଗୀର ଜିଲ୍ଲାରେ ଅଷ୍ଟମ ଶତାବ୍ଦୀରୁ ଦଶାବତାର କଳ୍ପନା କରାଯାଇଅଛି ଏବଂ ଦଶାବତାର ମୂର୍ତ୍ତି ଏବେ ମଧ୍ୟ ଏଠାରେ ରହିଚି । ଗୋପୀନାଥଙ୍କ ପୂଜା ଓ ନାରାୟଣଙ୍କ ପୂଜା ଏକ ନୁହେଁ । କାରଣ ନାରାୟଣଙ୍କ ପୂଜାରେ ରାଧାଙ୍କର ସ୍ଥାନ ନାହିଁ । ଗୋପୀନାଥଙ୍କ ପୂଜାରେ କୃଷ୍ଣଙ୍କ ସହିତ ରାଧା ସ୍ଥାନ ପାଉଛନ୍ତି । ଗୋପୀନାଥଙ୍କ ପୂଜାକୁ ଆଶ୍ରୟ କରି ଦଶାବତାର ରଚିତ । ସେହି ପୂଜା ଏହି ବଲାଙ୍ଗୀର ଅଞ୍ଚଳରେ ବହୁଳ ଭାବରେ ପ୍ରଚାର ଏବଂ ପ୍ରସାର ହୋଇଥିଲା । ବର୍ତ୍ତମାନ ସଇଁତଲାର ଗୋଟିଏ ମନ୍ଦିରରେ ଏ ଦଶାବତାର ସୁରକ୍ଷିତ ହୋଇ ରହିଚି ।

ବୌଦ୍ଧଧର୍ମ କଥା ଆଗରୁ ଉଲ୍ଲିଖିତ ହୋଇଛି । ବୌଦ୍ଧ ଧର୍ମ ହିନ୍ଦୁ ଧର୍ମର ସମ୍ମିଶ୍ରଣରେ ସହଜ ଯାନର ପ୍ରବର୍ତ୍ତନ ।

ଅନେକ ସମୟରେ ମନେହୁଏ ଯେତେବେଳେ ଓଡ଼ିଆ ରଜାମାନେ ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ଜଗନ୍ନାଥ ମନ୍ଦିର ନିର୍ମାଣ କଲେ ସେତେବେଳେ ଜଗନ୍ନାଥ ଧର୍ମର ପ୍ରଚଳନ ହେଲା । କିନ୍ତୁ ଏ ଅଞ୍ଚଳରେ ଜଗନ୍ନାଥ ଧର୍ମର ପୂଜା ଦଶମ ଶତାବ୍ଦୀରୁ ଆରମ୍ଭ କରାଯାଇଥିଲା । ବୌଦ୍ଧତନ୍ତ୍ର ଶାସ୍ତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଇନ୍ଦ୍ରଭୂତି ପ୍ରଥମେ ସୋନପୁରର ଗୋଟିଏ ଗୁମ୍ଫାରେ ଶ୍ରୀଜଗନ୍ନାଥଙ୍କର ପୂଜା କରିଥିଲେ । ପରେ ଏହି ପୂଜା ମହାନଦୀ ଉପତ୍ୟକାରେ ପ୍ରଚଳିତ ହେଲା । ଜଗନ୍ନାଥ ଧର୍ମ ଓଡ଼ିଶାର ଏକ ମହନୀୟ ଧର୍ମ । ଓଡ଼ିଶା ଯେ ଜଗନ୍ନାଥ ଦେଶ ତାହା ଏହିଠାରୁ ଆରମ୍ଭ ହୋଇଛି ।

ଇନ୍ଦ୍ରଭୂତିଙ୍କର କନ୍ୟା ସହଜଯାନ ପ୍ରବର୍ତ୍ତନ କରିଥିଲେ । ସହଜଯାନ ଭିତରେ ଯେଉଁ ସାତଭଉଣୀଙ୍କ କଥା କୁହାଯାଏ, ଯଥା ; ନିତେଇ ଧୋବଣୀ, ଜ୍ଞାନଦେବୀ ମାଲୁଣୀ ଓ ପଟ୍ଟମହିଷି ସବରୁଣୀ ପ୍ରଭୃତି ସମସ୍ତେ ଏଇଠି ଥିଲେ । ସାତ ଭଉଣୀଙ୍କ କିମ୍ବଦନ୍ତୀ ଏହିଠାରେ ପ୍ରଚଳିତ ଅଛି । ବର୍ତ୍ତମାନ ସେ ଭଉଣୀମାନେ କେହି ନାହାନ୍ତି କିନ୍ତୁ ଏ ସମସ୍ତ ଧର୍ମ, ଯା'ର ପ୍ରଚାର, ପ୍ରସାର, ବିସ୍ତାର ଓଡ଼ିଶା ଇତିହାସରେ ଆରମ୍ଭ ହୋଇଛି, ତା'ର ମୂଳପୀଠ ଏହି ବଲାଙ୍ଗୀର । ତେଣୁ ବଲାଙ୍ଗୀର ଜିଲ୍ଲା ହେଉଛି ଓଡ଼ିଶାର ଧାର୍ମିକ ଦର୍ଶନର, ସଂସ୍କୃତିର ଅନ୍ୟତମ ଜନ୍ମପୀଠ ।

## ପ୍ରାଚୀନ ଓଡ଼ିଆ ଲିପି

ତ୍ରୟୋଦଶ ଶତାବ୍ଦୀରେ ଓଡ଼ିଆ ଲିପିର ବିକାଶ ସଂପର୍କରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉଦ୍ୟମ ଆରମ୍ଭ ହୋଇଥିଲା ଶିଳାଲେଖରେ ଓ ତାମ୍ର ଲିପିରେ । ଏହି ବଲାଙ୍ଗୀର ଜିଲ୍ଲାରେ ଓଡ଼ିଆ ଲିପିର କ୍ରମୋବିକାଶ ଘଟିଥିଲା । ବିଶେଷ ଭାବରେ ନୃସିଂହନାଥ ମନ୍ଦିରରେ ଯେଉଁ ଲିପି ଦେଖାଯାଏ, ତାହା ପ୍ରାଚୀନ ଓଡ଼ିଆ ଲିପି । ଓଡ଼ିଆ ଲିପିର ଏକାଧିକ ରୂପ ଏ ଅଞ୍ଚଳ ଛଡ଼ା ଅନ୍ୟ କେଉଁଠି ହୋଇନଥିଲା ।

ଗଙ୍ଗବଂଶର ରାଜାମାନେ ସେମାନଙ୍କର ସମସ୍ତ ଆଦେଶନାମା ସଂସ୍କୃତରେ ପ୍ରଚାର କରୁଥିଲେ କିନ୍ତୁ ଚୌହାନ ବଂଶୀୟ ରାଜାମାନେ ରାଜତ୍ୱ କରିବାର ବହୁପୂର୍ବରୁ ଓଡ଼ିଆ ଲିପିର ପ୍ରଚଳନ ରହିଥିଲା । ଅନଙ୍ଗଭୀମଦେବ ବଲାଙ୍ଗୀର ଅଞ୍ଚଳ ଜୟ କରିବା ପରେ ଦେଖିଲେ ଯେ ଏ ଅଞ୍ଚଳରେ ଓଡ଼ିଆ ପ୍ରଚଳିତ ହେଉଛି ଏବଂ ଓଡ଼ିଆରେ ରାଜାମାନଙ୍କର ଆଦେଶନାମା ଦିଆଯାଉଛି । ଗଙ୍ଗବଂଶର ପ୍ରତିଭୂ ବାମଦେବ ପ୍ରଥମ ସମସ୍ତ ଆଦେଶନାମା ଓଡ଼ିଆରେ ଜାରି କରୁଥିଲେ । ପ୍ରଥମ ଓଡ଼ିଆ ରାଜା ଦିଗ୍‌ବିଜୟୀ କପିଳେନ୍ଦ୍ର ଦେବ ଓଡ଼ିଆ ଭାଷା ଓ ଲିପିର ବିକାଶ ପାଇଁ ଅଗାଧ ପ୍ରଚେଷ୍ଟା କରିଥିଲେ । ଓଡ଼ିଆ ଭାଷାରେ ଗ୍ରନ୍ଥ ରଚନା କରିବା ପାଇଁ ସେ ଅର୍ଥ ଓ ଭୂମିଦାନ ମଧ୍ୟ କରିଥିଲେ ।

ପୂର୍ବରୁ ରାଜତ୍ୱ କରୁଥିବା ଯେଉଁ ଚୌହାନ ରାଜବଂଶୀୟମାନେ ଏଠାରେ ଓଡ଼ିଆ ଭାଷାର ପ୍ରଚାର ଏବଂ ପ୍ରସାର କରିଥିଲେ, ସେମାନଙ୍କ ମଧ୍ୟରେ ବଳିଜଗଦେବ ପ୍ରଥମ । ସେ ନୃସିଂହନାଥ ମନ୍ଦିରରେ ଓଡ଼ିଆ ଭାଷାରେ ଓ ଓଡ଼ିଆ ଲିପିରେ ତାଙ୍କ ପ୍ରଥମ ମନ୍ଦିରର ଅଭିଲେଖ ଉଲ୍ଲେଖ କରିଥିଲେ । ତାଙ୍କର ଉତ୍ତରାଧିକାରୀ ଦ୍ୱିତୀୟ ବଳି ଜଗଦେବ ଏଠାରେ ସଂସ୍କୃତ ଚର୍ଚ୍ଚା ଥିଲା ବୋଲି ପ୍ରମାଣିତ କରିବା ପାଇଁ ସଂସ୍କୃତରେ ବହୁ ଶାସ୍ତ୍ର ରଚନା କରିଥିଲେ । ତନ୍ମଧ୍ୟରୁ ଅଧୁନା ରହିଥିବା ସଂସ୍କୃତ ବ୍ୟାକରଣ "ପ୍ରବୋଧ ଚନ୍ଦ୍ରିକା"ର ଲେଖକ ହେଉଛନ୍ତି ଏହି ବଳି ଜଗଦେବ । ଓଡ଼ିଆ ସାହିତ୍ୟକୁ, ଓଡ଼ିଶାର ପୁରାଣକୁ, ଓଡ଼ିଶାର ଭକ୍ତି ସାହିତ୍ୟକୁ ବଲାଙ୍ଗୀରର ଦାନ ଅତୁଳନୀୟ ।

"ବିଷ୍ଣୁଗର୍ଭ ପୁରାଣ"ର ରଚୟିତା ପ୍ରସିଦ୍ଧ ଭକ୍ତକବି ଚୈତନ୍ୟ ଦାସ ଏବଂ "ସୁଧାସାର ଗୀତାର" କବି ଚନ୍ଦ୍ରମଣି ଦାସଙ୍କ ପରବର୍ତ୍ତୀ କବି ହେଉଛନ୍ତି ଭୀମଭୋଇ । ପ୍ରଚଣ୍ଡ ସୂର୍ଯ୍ୟର ଉଦୟରେ ଯେମିତି ଧମନ୍ତେ ନିମଜ୍ଜିତ ହୋଇଯାନ୍ତି, ସେହିପରି ଏହାର ଦିଗ୍‌ବଳୟରେ ଭୀମଭୋଇଙ୍କର ଉଦୟ ହୋଇଥିଲା । କନ୍ଧ ଆଦିବାସୀ ପରିବାରରେ ଜନ୍ମ ନେଇଥିବା କବି ଭୀମଭୋଇ ସାରା ଓଡ଼ିଶାକୁ ନିଜର ଭକ୍ତି ରସାତ୍ମକ ରଚନାବଳୀ ଦ୍ୱାରା ଚମତ୍କୃତ କରିଥିଲେ । ଭୀମଭୋଇ କେବଳ ଓଡ଼ିଶାର ସାହିତ୍ୟକମାନଙ୍କର ନୁହନ୍ତି, ସାରା ପୃଥିବୀ ସାହିତ୍ୟକମାନଙ୍କର ନମନୀୟ ଓ ବନ୍ଦନୀୟ । ଜନସାଧାରଣଙ୍କର ଦୁଃଖ ତାଙ୍କୁ କିପରି ଅଭିଭୂତ କରିଥିଲା, ସେ ବିଷୟ ସମସ୍ତଙ୍କୁ ବିଦିତ । ସେ ଲେଖିଥିଲେ :—

"ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ"

ଜଗତର ଉଦ୍ଧାର ଥିଲା ତାଙ୍କ ଜୀବନର ସ୍ୱପ୍ନ । ସେଥିପାଇଁ ଦୁଃଖୀମାନଙ୍କର ପ୍ରାଣର ବେଦନା ତାଙ୍କର ଲେଖାରେ ଆଶ୍ରା ଲାଭ କରିଥିଲା । ବର୍ତ୍ତମାନ ବିଶ୍ୱର ସମସ୍ତ ସାହିତ୍ୟକ ଓ କବି ସ୍ୱୀକାର କରିଛନ୍ତି ଯେ ଦୁଃଖୀ, ଆର୍ତ୍ତ, ଦଳିତ, ପତିତ ଜନସାଧାରଣଙ୍କର ବେଦନା ଯଦି ସାହିତ୍ୟରେ ପ୍ରକାଶ ନପାଏ, ତା'ହେଲେ ସେ ସାହିତ୍ୟ ସୁସାହିତ୍ୟ ନୁହେଁ ।

ଆମର କବି ଓ ସାହିତ୍ୟକମାନେ ଓଡ଼ିଆ ସଂସ୍କୃତିର ଉପାସକ ଭାବରେ ଉତ୍କଳ ଜନନୀଙ୍କର ଦିବ୍ୟରୂପ ଦର୍ଶନ କରିବା ଦରକାର । ଉତ୍କଳ ଜନନୀଙ୍କର ବିଭୂତି ସାହିତ୍ୟ ପ୍ରେମୀମାନଙ୍କୁ ଅଭିଭୂତ କରିବା ଦରକାର । ଉତ୍କଳ ଜନନୀଙ୍କର ବିଭୂତି ଆମର ଧର୍ମ, ଭାଷା, ସାହିତ୍ୟ, ସଂସ୍କୃତି, ରୀତିନୀତି ଓ ଆଚାରବ୍ୟବହାରରେ ପ୍ରତିଫଳିତ । ସନ୍ଥକବି କହିଛନ୍ତି ଯେ ଭାଷା ଓ ସଂସ୍କୃତି ଏକ ନଦୀ ଭାବରେ ପ୍ରବାହିତ । ତେଣୁ ଏ ନଦୀରେ ଅବଗାହନ କରିବା ଦରକାର । ଏ ନଦୀରେ ଅବଗାହନ କଲେ ଶରୀର ଶୀତଳ ଓ ପୂତ ହେବ

"ଭାଷା ବହତ ନୀର ଯବ୍ ହୋଏ
ତବ୍ ଅବଗାହ୍ ହୋ"

ଉତ୍କଳ ଭାଷା ଓ ସଂସ୍କୃତି ବହୁ ସ୍ରୋତସ୍ୱିନୀରେ ପ୍ରବାହିତ

ଏବଂ ନଦୀମାତୃକା ଭୂମି ବଲାଙ୍ଗୀରରେ ତାହା ସ୍ରୋତସ୍ୱିନୀ ରୂପେ ପ୍ରବାହିତ । ଏହି ନଦୀମାତୃକା ଭୂମିରେ ସେହି ଦିବ୍ୟରୂପ ଦର୍ଶନ କରିବାର ସୌଭାଗ୍ୟ ସାହିତ୍ୟ ଓ ସଂସ୍କୃତିପ୍ରେମୀମାନେ ଲାଭ କରିଥାନ୍ତି ।

## ସାହିତ୍ୟ ସମ୍ମିଳନୀ ଜାଗରଣ

ସମ୍ମିଳନୀରେ ସାହିତ୍ୟ ସୃଷ୍ଟି ହୁଏ ନାହିଁ । ସାହିତ୍ୟିକମାନେ ସଂପୂର୍ଣ୍ଣ ଭାବରେ ନିଜସ୍ୱଧର୍ମୀ । ସେମାନେ ସଙ୍ଗକରି ସାହିତ୍ୟ ରଚନା କରନ୍ତି ନାହିଁ । ଏହା ରବୀନ୍ଦ୍ର ନାଥ, ସେକ୍ସପିଅର୍ ଙ୍କଠାରୁ ଆରମ୍ଭ କରି ଆଧୁନିକ କବି ଓ ସାହିତ୍ୟିକମାନଙ୍କ ଜୀବନୀରୁ ପ୍ରମାଣିତ ହୋଇଛି । ସମ୍ମିଳନୀ ସାହିତ୍ୟର ବାତାବରଣ ସୃଷ୍ଟି କରେ । ଏହି ବାତାବରଣ ଭିତରେ ବହୁ ନୂତନ କବି ଓ ସାହିତ୍ୟିକ ଉତ୍ସାହିତ ହୋଇ ସେମାନଙ୍କର ଲେଖନୀ ସୃଜନା କରିବାର ପ୍ରୟାସ କରନ୍ତି । ତେଣୁ, ସାହିତ୍ୟ ସମ୍ମିଳନୀ ସ୍ଥରିଆଡ଼େ ହେବା ଦରକାର ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କେବଳ ରାଜନୈତିକ ନେତା ନଥିଲେ । ସେ ଓଡ଼ିଶାର ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେଖାଇଥିଲେ । ଆଜି ତାଙ୍କୁ ଆମେ ଉତ୍କଳର ମଣିରୂପେ ପୂଜା କରୁଥାଉଁ । ଉତ୍କଳମଣି କହିଥିଲେ–ଓଡ଼ିଆ ଜାତିର ଜାଗରଣ ପାଇଁ, ଓଡ଼ିଆ ଭାଷାର ବିକାଶ ପାଇଁ ସ୍ଥରିଆଡ଼େ ସାହିତ୍ୟ ସଭା ହେବା ଦରକାର, ପାଠାଗାର ହେବା ଦରକାର ଓ ଶିକ୍ଷାର ବିକାଶ ଘଟିବା ଦରକାର । ବହୁ ସାହିତ୍ୟ ସଭା ଓ ସମ୍ମିଳନୀ ଉପରେ ସେ ଅଧିକ ଜୋର ଦେଉଥିଲେ । ତେଣୁ, ସାହିତ୍ୟ ସଭା ଓ ସମ୍ମିଳନୀ ଓଡ଼ିଶାରେ ଏକ ଜାଗରଣ ।

## ଲିପି ସଂସ୍କାର

ବର୍ତ୍ତମାନ ଆମେ ଯେଉଁ ଓଡ଼ିଆ ଲିପି ବ୍ୟବହାର କରୁଥାଉଁ, ତାହା ଓଡ଼ିଆ ସଂସ୍କୃତିର ଲିପି ନୁହେଁ, ବରଂ ଏକ କୃତ୍ରିମ ଓଡ଼ିଆ ଲିପି । ଓଡ଼ିଶାରେ ଥିବା ପ୍ରାଚୀନ ତାମ୍ରଲିପି, ଶିଳାଲେଖ ଓ ଅଭିଲେଖମାନଙ୍କରେ ଏଭଳି ଓଡ଼ିଆ ଲିପି ନାହିଁ । ଏସବୁ ପ୍ରାଚୀନ ଲିପିର ଏକ ତୃତୀୟାଂଶ ପ୍ରକୃତ ଅକ୍ଷର ଓ ଦୁଇତୃତୀୟାଂଶ ମୁଣ୍ଡୁଳା । ତାଳପତ୍ର ଉପରେ ଲେଖନୀରେ ଲେଖିବା ସୁବିଧାଜନକ ହେଉଥିବାରୁ ସେତେବେଳେ ମୁଣ୍ଡୁଳାର ପ୍ରଚଳନ କରାଯାଇଥିଲା । ପରବର୍ତ୍ତୀ କାଳରେ ମିସେନାରୀମାନେ ଆସି ମୁଦ୍ରଣ ଯନ୍ତ୍ର ଆବିଷ୍କାର କଲେ ଏବଂ ତାଳପତ୍ରର ମୁଣ୍ଡୁଳା ଲିପିକୁ ଗ୍ରହଣ କରି ବିଭିନ୍ନ ପୁସ୍ତକ ପ୍ରକାଶ କଲେ । ଏବେ ସୁଦ୍ଧା ସେହି ମୁଣ୍ଡୁଳା ଲିପି ପ୍ରଚଳିତ । ତେଣୁ, ଓଡ଼ିଆ ଲିପିର ସଂସ୍କାର ହେବା ଆବଶ୍ୟକ । ସଂପ୍ରତି ସାରା ବିଶ୍ୱରେ ବୈଜ୍ଞାନିକ ଲିପିର ପ୍ରଚଳନ ହେଲାଣି । ତେବେ ପ୍ରଶ୍ନ ହେଉଛି, ଏଭଳି ବୈଜ୍ଞାନିକ ଲିପି ପ୍ରଚଳନ କରିବ କିଏ ? ଯଦି ସାହିତ୍ୟିକମାନେ, କବିମାନେ ଏ ସଂପର୍କରେ ସେମାନଙ୍କର ସ୍ପଷ୍ଟ ମତ ପ୍ରକାଶ ନକରନ୍ତି, ତେବେ ଲକ୍ଷ ଲକ୍ଷ ପାଠକ ସମାଜ ତାକୁ କେବେହେଲେ ଗ୍ରହଣ କରିବେ ନାହିଁ । ତେବେ ନୂତନ ଓଡ଼ିଆ ଲିପି କିପରି ହେବ, ତାହା ସାହିତ୍ୟିକମାନଙ୍କ ଦ୍ୱାରା ସ୍ଥିରୀକୃତ ହେବା ଆବଶ୍ୟକ ।

## ଓଡ଼ିଆ ବ୍ୟାକରଣ ଓ ଅଭିଧାନ

ଓଡ଼ିଆ ଭାଷାରେ ବ୍ୟାକରଣ ନାହିଁ କହିଲେ ଚଳେ । ଯେଉଁସବୁ ବ୍ୟାକରଣ ଅଛି, ସେସବୁ ସଂସ୍କୃତର ଅନୁକରଣରେ ଲିଖିତ । ତେଣୁ, ଓଡ଼ିଆ ଭାଷାରେ ପ୍ରକୃତ ବ୍ୟାକରଣ ଲେଖାଯିବା ଦରକାର । ସେହିପରି ଓଡ଼ିଆ ଭାଷାକୋଷ । ବର୍ତ୍ତମାନ ଯେଉଁସବୁ ଭାଷାକୋଷ ପ୍ରଚଳିତ, ସେଥିରେ ବହୁ ଶବ୍ଦ ସଂସ୍କୃତ ଶବ୍ଦ । ଏସବୁ ଶବ୍ଦର ପ୍ରଚଳନ ଆମ ଓଡ଼ିଆ ସାହିତ୍ୟରେ ନାହିଁ । କେବଳ ଭାଷାକୋଷର କଳେବର ବୃଦ୍ଧି ସଙ୍ଗେ ସଙ୍ଗେ ଦାମ ମଧ୍ୟ ବୃଦ୍ଧି କରିବାରେ ସହାୟକ ହେଉଛି । ସେଥିପାଇଁ ପ୍ରକୃତ ଓଡ଼ିଆ ଶବ୍ଦାବଳୀର ଏକ ନିଖୁଣ ଭାଷାକୋଷ ରଚିହିବା ଦରକାର । ଓଡ଼ିଆ ଭାଷାର ପ୍ରକୃତ ଅଭିଧାନ ମଧ୍ୟ ଏପର୍ଯ୍ୟନ୍ତ ହୋଇନାହିଁ । ଯେଉଁ କେତେକ ଶବ୍ଦାବଳୀ ଅଭିଧାନରେ ରହିଛି, ସେଥିମଧ୍ୟରୁ ଅଧିକାଂଶ ସଂସ୍କୃତର ଶବ୍ଦ । ବଲାଙ୍ଗୀର, କୋରାପୁଟ, ସମ୍ବଲପୁର ଓ ଗଂଜାମ ଅଂଚଳରେ ଯେଉଁ ଶବ୍ଦ ବା ବୋଲି ପ୍ରଚଳିତ, ସେସବୁ ଓଡ଼ିଆ ଅଭିଧାନରେ ପ୍ରତିଫଳିତ ହେବା ଦରକାର ।

## ଓଡ଼ିଆ ମୁଦ୍ରଣଯନ୍ତ୍ରର ବିକାଶ

ଓଡ଼ିଆ ମୁଦ୍ରଣଯନ୍ତ୍ରର ପଦ୍ଧତି ଯେଉଁ ଗୁଛା ଅକ୍ଷରରେ ଆରମ୍ଭ ହୋଇଥିଲା, ତାହା ଅତି ପ୍ରାଚୀନ । ଗୁଛା ଅକ୍ଷରରେ ବର୍ତ୍ତମାନ ଆମର ସମସ୍ତ ମୁଦ୍ରଣ କାର୍ଯ୍ୟ ହେଉଛି ଅଥଚ ସମସ୍ତ ଆଧୁନିକ ଦେଶରେ ଇଲେକ୍‌ଟ୍ରୋନିକ୍ କମ୍ପୋଜ୍ ଓ ମୁଦ୍ରଣର ବିକାଶ ହେଲାଣି । ଏ ସବୁର ପ୍ରଚଳନ ମଧ୍ୟ ଆମ ଦେଶରେ କରାଯିବା ଆବଶ୍ୟକ ।

## ସରକାରୀ ଭାଷା

ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ପ୍ରଚଳନ କରିବା ପାଇଁ ବହୁଦିନ ଧରି ଦାବୀ ହୋଇ ଆସୁଛି । ୧୯୫୪ ମସିହାରେ ପ୍ରଥମେ ସ୍ୱର୍ଗୀୟ ନବକୃଷ୍ଣ ଚୌଧୁରୀ ଏହା ଘୋଷଣା କରିଥିଲେ । ଚଳିତ ଅପ୍ରେଲ ପହିଲାଠାରୁ ଓଡ଼ିଆ ଭାଷାରେ ସମସ୍ତ ସରକାରୀ କାର୍ଯ୍ୟ ସଂପାଦନ ହେବା ଲାଗି ସରକାରଙ୍କ ପକ୍ଷରୁ ଅନେକଗୁଡ଼ିଏ ପଦକ୍ଷେପ ନିଆଯାଇଛି । ସେଥିମଧ୍ୟରେ ଓଡ଼ିଆ ଟାଇପ୍ ରାଇଟ୍‌ର ପୁନଃ ସଂସ୍କାର ଅନ୍ୟତମ । ଭାରତର ଦୁଇଟି ବଡ଼ ଟାଇପ୍ ରାଇଟ୍‌ର କଂପାନୀ ଅତ୍ୟାଧୁନିକ ଏବଂ ପୂର୍ବାପେକ୍ଷା ଗତିଶୀଳ ଓଡ଼ିଆ ଟାଇପ୍ ରାଇଟ୍‌ର ଚଳିତ ମାସରେ ସଂପୂର୍ଣ୍ଣ ଭାବରେ ପ୍ରଚଳନ କରୁଛନ୍ତି ।

ପ୍ରଶାସନିକ ଶବ୍ଦଗୁଡ଼ିକର ଅର୍ଥପୂର୍ଣ୍ଣ ତଥା ଗ୍ରହଣ ଯୋଗ୍ୟ ଭାଷାରେ ଅନୁବାଦ କରାଯାଇ ଏ ପ୍ରଶାସନିକ ଶବ୍ଦକୋଷ ପ୍ରଚଳନ କରାଯାଇଛି । ବହୁ ଉଚ୍ଚପଦସ୍ଥ ଅଫିସର ଫାଇଲ୍‌ଗୁଡ଼ିକରେ ଓଡ଼ିଆରେ ଦସ୍ତଖତ କରୁଛନ୍ତି । ଏ ସବୁ କେବଳ ସରକାର ଓ ଶାସନ ଦ୍ୱାରା ସମ୍ଭବପର ନୁହେଁ । ଏ ଦିଗରେ ଓଡ଼ିଶାର ଜନସାଧାରଣଙ୍କର ଯେଉଁ ଅଭିମାନ ରହିଛି, ସେଥିପାଇଁ ସଂକଳ୍ପ ନେବାକୁ ହେବ ।

ଆଜିକାଲି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ସଭା-ସମିତିମାନଙ୍କରେ ଇଂରାଜୀରେ ବିବରଣୀ ପାଠ କରାଯାଉଛି ଏବଂ ଭାଷଣ ମଧ୍ୟ ଦିଆଯାଉଛି । ଅଥଚ ଶ୍ରୋତା ଓ ବକ୍ତା ସମସ୍ତେ ହେଉଛନ୍ତି ଓଡ଼ିଆ । ଏଭଳି କରଯିବା ଓଡ଼ିଆ ଜାତିପ୍ରତି ଓ ଓଡ଼ିଆ ଭାଷା ପ୍ରତି ଅପମାନ ହେବ ବୋଲି ଓଡ଼ିଶାର ଲୋକେ ହୃଦୟଙ୍ଗମ କରିବା ଉଚିତ ।

ଆମେ ଗୋଟିଏ ସଂକଳ୍ପ ନେବା ଯେ ଏ ହେଉଛି ଓଡ଼ିଶା ଦେଶ । ଶ୍ରୀ ଜଗନ୍ନାଥଙ୍କ ଦେଶ । ଆମେ ଯଦି ଓଡ଼ିଆ ଭାଷାରେ ବିବରଣୀ ନକରିବା, କଥୋପକଥନ ନକରିବା, ଚିଠିପତ୍ର ନଲେଖିବା, ତା' ହେଲେ କିଏ କରିବ ? ତା ନହେଲେ;

"ବଡ଼ ହେବା ପାଇଁ ଯେବେ କର ଆଶା
ବଡ଼ କର ଆଗେ ନିଜ ମାତୃଭାଷା ।"

ଖାଲି ଗୋଟିଏ ଧ୍ୱନି ହୋଇ ରହିଯିବ । ଏହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମକୁ ଏକ ନିଗୁଢ଼ ଶୃଙ୍ଖଳ ଭିତରେ ଚେଷ୍ଟା କରିବାକୁ ହେବ ।

ଓଡ଼ିଆ ଭାଷାରେ ଆଧୁନିକ ଲେଖକମାନେ ଯେଉଁ ସାହିତ୍ୟ ସୃଷ୍ଟି କରୁଛନ୍ତି, ତାକୁ ହୁଏତ ବୁଝିବା ପାଇଁ ରହସ୍ୟ ବାଦର ଆଶ୍ରା ନେବାକୁ ପଡୁଛି । ତେଣୁ ସେମାନେ ସେପରି ନଲେଖି ଛନ୍ଦହୀନ ଲେଖା ଲେଖିଲେ ବହୁଗୁଣରେ ଭଲ । କାରଣ ଶାରଳା ଦାସଙ୍କ ଲେଖାରେ ଛନ୍ଦ ନଥାଇ ମଧ୍ୟ ତାହା ଯୁଗ ଯୁଗ ପାଇଁ ଜୀବନ୍ତ ହୋଇ ରହିପାରିଛି । ଲୋକଙ୍କ ପାଇଁ ସାହିତ୍ୟର ସୃଷ୍ଟି ହେଉଥିବାରୁ, ଅର୍ଥପୂର୍ଣ୍ଣ ଓ ବୋଧଗମ୍ୟ ଭାଷାରେ ସାହିତ୍ୟ ସୃଷ୍ଟି ହେବା ଆବଶ୍ୟକ । ଯୀଶୁଖ୍ରୀଷ୍ଟ ଶୁଦ୍ଧ ହିବ୍ରୁ-ଭାଷାରେ ବାଇବେଲ ନଲେଖି ଗ୍ରାମ୍ୟ ହିବ୍ରୁ ଭାଷାରେ ଲେଖିଥିଲେ । ମହମ୍ମଦ୍ ଋଷୀ ଓ ମେଷ ପାଳକମାନେ କହୁଥିବା ଗ୍ରାମ୍ୟ ଆରବିକ ଭାଷାରେ କୋରାନ୍ ରଚନା କରିଥିଲେ । ଗୌତମ ବୁଦ୍ଧ ସଂସ୍କୃତ ବଦଳରେ ପାଲୀଭାଷାରେ ତାଙ୍କର ଧର୍ମ ପ୍ରଚାର କରିଥିଲେ । ମହାବୀର ଜୈନ ଅର୍ଦ୍ଧମାଗଧି ଭାଷାରେ ତାଙ୍କର ଧର୍ମ ପ୍ରଚାର କରିଥିଲେ ।

ମହାତ୍ମା ଗାନ୍ଧୀ ଇଂରେଜି ଭାଷା ସାଗରରେ ଅବଗାହନ କରି ବାରିଷ୍ଟର ହୋଇଥିଲେ । କିନ୍ତୁ ବିଦେଶରୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲାପରେ ସେ କହିଲେ ହିନ୍ଦୁସ୍ଥାନୀ ଭାଷା । ସେ ଅତି ଦୃଢ଼ଭାବରେ ଓ ଉତ୍କଟ ଭାଷାରେ ଇଂରେଜ-ମାନଙ୍କୁ ସମାଲୋଚନା କରି କହୁଥିଲେ ଯେ ଇଂରେଜମାନେ ଆସିବା ପରେ ଭାରତବର୍ଷରେ ଯେଉଁସବୁ ଅଗ୍ରଗତି ହୋଇଛି ବୋଲି କୁହାଯାଉଛି, ସଂସ୍କୃତି କ୍ଷେତ୍ରରେ ମୁଁ ତାକୁ ଗ୍ରହଣ କରୁନାହିଁ । ସେ ଅଗ୍ରଗତିର କିଛି ମୂଲ୍ୟ ନାହିଁ । ଆମ ସଂସ୍କୃତିର ଚର୍ଚ୍ଚା ଆମ ଭାରତୀୟ ଭାଷାରେ ହେବା ଦରକାର । ଜନ-ଗଣଙ୍କର ଭାଷା ଓ ଜନଗଣଙ୍କ ଉଦ୍ଦେଶ୍ୟ ସାହିତ୍ୟର ଧର୍ମ ହେବା ଦରକାର ।

ଆଜିକାଲି ଗୋଟିଏ ଗୋଟିଏ ସାହିତ୍ୟ ସଭାରେ ପନ୍ଦର କୋଡ଼ିଏ ହଜାର ଲୋକଙ୍କର ସମାବେଶ ହେଉଛି ଏବଂ ସେମାନେ ସମସ୍ତ ବିଷୟ ଅତି ଧୀରସ୍ଥିର ଭାବରେ ଶୁଣିଥାନ୍ତି । ଏହାର କାରଣ ହେଉଛି ନିଜର ମାତୃଭାଷା ପ୍ରତି ଥିବା ସେମାନଙ୍କ ହୃଦୟର ଗଭୀର ଅନୁରକ୍ତି । ଏହି ଅନୁରକ୍ତିକୁ ବଞ୍ଚାଇବାକୁ ହେଲେ ଆମ ଭାଷାର ଦୈନ୍ୟକୁ ଦୂରୀଭୂତ କରି, ଆମ ସ୍ରଷ୍ଟା-ମାନଙ୍କୁ ଜାଗ୍ରତ କରି ଓଡ଼ିଆ ଭାଷା ଓ ସାହିତ୍ୟକୁ ବିଶ୍ୱର ଏକ ଶ୍ରେଷ୍ଠ ସାହିତ୍ୟରେ ପରିଣତ କରିବାକୁ ହେବ ।

୧୯-୧୨-୮୪ରେ ବଲାଙ୍ଗୀରଠାରେ ଅନୁଷ୍ଠିତ ହୋଇଥିବା ଚତୁର୍ଥ ସାହିତ୍ୟ ସମ୍ମିଳନୀରେ ପ୍ରଦତ୍ତ ଭାଷଣରୁ ଗୃହୀତ ।

ସଂପାଦକ

ଆମର ସଂକଳ୍ପ—ବେକାରୀ ଓ ଦାରିଦ୍ର୍ୟର ଦୂରୀକରଣ ଓ ଦୁର୍ବଳ ଶ୍ରେଣୀମାନଙ୍କର ସୁରକ୍ଷା, ଶାସନରେ ଗଢ଼ିବା ଲୋକ-ମାନଙ୍କୁ ନ୍ୟାୟ ଦେବା, ଏହାକୁ ଅଧିକ ଦକ୍ଷ, ଜନ କଲ୍ୟାଣକର ତଥା ଦୁର୍ନୀତିମୁକ୍ତ କରିବା । ଶାସନର ପ୍ରତି ପଦକ୍ଷେପରେ ଜନମତକୁ ସମ୍ମାନ ଦେବା ପାଇଁ ମୁଁ ପୁଣି ପ୍ରତିଶ୍ରୁତି ଦେଉଛି ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ଓଡ଼ିଶାର ନାମକରଣ ରହସ୍ୟ

ଶ୍ରୀ ସୁଶୀଲ ଚନ୍ଦ୍ର ଦେ

ଆମରାଜ୍ୟର ନାମ ଓଡ଼ିଶା । ଆଧୁନିକ ଓଡ଼ିଶା ରାଜ୍ୟ ପ୍ରାଚୀନ କଳିଙ୍ଗ, ଓଡ୍ର, ଉତ୍କଳ ଓ କୋଶଳ ରାଜ୍ୟମାନଙ୍କୁ ନେଇ ଗଠିତ । ଅବଶ୍ୟ ଉପର୍ଯ୍ୟୁକ୍ତ ରାଜ୍ୟମାନଙ୍କର କେତେକ ଅଂଶ ଆଧୁନିକ ଓଡ଼ିଶାର ବାହାରେ ରହି ଯାଇଛି । ସେହି ରାଜ୍ୟମାନଙ୍କ ମଧ୍ୟରୁ କଳିଙ୍ଗ ପ୍ରାଚୀନତମ ଓ ସବୁଠାରୁ ପ୍ରସିଦ୍ଧ । ପରବର୍ତ୍ତୀ ବୈଦିକ (ବ୍ରାହ୍ମଣ) ଯୁଗରୁ ପ୍ରାୟ ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଭାରତର ଏକ ବିଶିଷ୍ଟ ସ୍ୱାଧୀନ ରାଜ୍ୟ ରୂପେ ପରିଚିତ ଥିଲା । ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ନାଗାବଳୀ ନଦୀ ପର୍ଯ୍ୟନ୍ତ ଏହା ଉପକୂଳ ପ୍ରଦେଶରେ ବିସ୍ତୃତ ଥିଲା । ଖ୍ରୀ: ପୂ: ୩ୟ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ ଅଶୋକ କଳିଙ୍ଗ ରାଜ୍ୟ ଆକ୍ରମଣ କରି ରକ୍ତର ନଦୀ ବୁହାଇ ଦେଇଥିଲେ । କଳିଙ୍ଗ ଯୁଦ୍ଧରେ ଏକ ଲକ୍ଷ ଲୋକ ନିହତ ହେଲେ ଓ ଦେଢ଼ଲକ୍ଷ ଲୋକ ବନ୍ଦୀ ହେଲେ । କଳିଙ୍ଗ ଯୁଦ୍ଧର ଭୟାବହତା ଉପର୍ଯ୍ୟୁକ୍ତ ନିହତ ଓ ବନ୍ଦୀ ଲୋକଙ୍କର ସଂଖ୍ୟାରୁ ଅନୁମେୟ । କଳିଙ୍ଗ ଯୁଦ୍ଧର ନୃଶଂସତା ଅଶୋକଙ୍କ ହୃଦୟରେ ଘୋର ପରିବର୍ତ୍ତନ ଆଣିଥିଲା । ସେ ଚିରଦିନ ପାଇଁ ଯୁଦ୍ଧ ପରିହାର କରି 'ଧର୍ମ ବିଜୟ'ରେ ନିଜକୁ ନିୟୋଗ କଲେ । ଏଥି ପାଇଁ ସେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ସେହି ଧର୍ମର ଭାରତରେ ଓ ଭାରତ ବାହାରେ ପ୍ରସାର କରିବାର ସୁବ୍ୟବସ୍ଥା କଲେ ।

ଅଶୋକଙ୍କ ସମୟରେ କଳିଙ୍ଗ ଦୁଇଟି ଭାଗରେ ବିଭକ୍ତ ହୋଇଥିଲା । ଉତ୍ତର କଳିଙ୍ଗର ରାଜଧାନୀ ତୋଶଳୀ ଥିଲା । ତୋଶଳୀ ଓଡ଼ିଶାରେ ଏକ ପ୍ରାଚୀନ ସହର । ଏହାର ଉଲ୍ଲେଖ ପ୍ରାଚୀନ ଜୈନ ଓ ବୌଦ୍ଧ ଗ୍ରନ୍ଥମାନଙ୍କରେ ଅଛି । ଶିଶୁପାଳଗଡ଼ ଓ ତତ୍‌ସନ୍ନିହିତ ଅଞ୍ଚଳ ତୋଶଳୀ ଥିଲା ବୋଲି ଅନୁମାନ କରାଯାଏ । ଅଶୋକଙ୍କ ସମୟରେ ଉତ୍ତର କଳିଙ୍ଗ ତୋଶଳୀ ନାମରେ ନାମିତ ହୋଇଥିଲା । ଦକ୍ଷିଣ କଳିଙ୍ଗର ରାଜଧାନୀ ଗଞ୍ଜାମର ଜଉଗଡ଼ ନିକଟସ୍ଥ ସମାପା ସହର ଥିଲା ।

ଅଶୋକଙ୍କ ପରେ କଳିଙ୍ଗ କେତେଦିନ ମୌର୍ଯ୍ୟ ରାଜତ୍ୱ ଅଧୀନରେ ଥିଲା ଜଣା ନାହିଁ । ଖୁବ୍ ସମ୍ଭବତଃ ଖ୍ରୀ: ପୂ: ପ୍ରଥମ ଶତାବ୍ଦୀରେ କଳିଙ୍ଗ ସ୍ୱାଧୀନ ହୋଇ ମହାମେଘବାହାନ ରାଜତ୍ୱ ଅଧୀନରେ ରହିଲା । ସେହି ବଂଶର ରାଜା, କଳିଙ୍ଗସମ୍ରାଟ ଖାରବେଳଙ୍କ ଅଧୀନରେ କଳିଙ୍ଗ (ଆନୁମାନିକ ଖ୍ରୀ: ପୂ: ପ୍ରଥମ ଶତାବ୍ଦୀରେ) ତାର ନଷ୍ଟ ପ୍ରସିଦ୍ଧି ଫେରି ପାଇଲା । ଖାରବେଳ ତାଙ୍କ ସମୟରେ ଭାରତରେ ଜଣେ ପରାକ୍ରମୀ ରାଜା ବୋଲି ଖ୍ୟାତିଲାଭ କରିଥିଲେ । କିନ୍ତୁ ଖାରବେଳଙ୍କ ପରେ କଳିଙ୍ଗର ଅବସ୍ଥା କଅଣ ହେଲା କିଛି ଜଣା ନାହିଁ । ସମ୍ଭବତଃ ଖାରବେଳଙ୍କ ପରେ ତାଙ୍କର ବଂଶଧରମାନେ କ୍ରମେ ଦୁର୍ବଳ ହୋଇ ପଡ଼ିଲେ । ଖ୍ରୀ: ପୂ: ୨ୟ ଶତାବ୍ଦୀ ବେଳକୁ କଳିଙ୍ଗରେ ଅରାଜକତା ସୃଷ୍ଟି ହୋଇଥିଲା । ସେହି ସୁଯୋଗରେ ଉତ୍କଳମାନେ ଆସି ଉତ୍ତର କଳିଙ୍ଗ ଅଧିକାର କରି ସେମାନଙ୍କର ରାଜତ୍ୱ ଆରମ୍ଭ କଲେ ।

ଉତ୍କଳମାନେ ପ୍ରଥମେ ବିନ୍ଧ୍ୟ ପାଦଦେଶରେ ବାସ କରୁଥିଲେ । ସେମାନେ ଏକ ପ୍ରାଚୀନ ଜାତି । ବୁଦ୍ଧଙ୍କର ପ୍ରଥମ ଦୁଇ ଶିଷ୍ୟ ତପୁସ ଓ ଭଲ୍ଲିକ ଉତ୍କଳ ଗୋଷ୍ଠୀର ଲୋକ । ଉତ୍କଳ ଗୋଷ୍ଠୀ ସେ ସମୟରେ ମଧ୍ୟଦେଶବାସୀ ଥିଲେ, ଅର୍ଥାତ୍ ଆଧୁନିକ ମଧ୍ୟପ୍ରଦେଶ ଅଞ୍ଚଳରେ ବାସ କରୁଥିଲେ । ଖ୍ରୀ: ପୂ: ୨ୟ ଶତାବ୍ଦୀରେ ବା ୩ୟ ଶତାବ୍ଦୀର ପ୍ରଥମ ଭାଗରେ ସେମାନେ ଉତ୍ତର କଳିଙ୍ଗର ଉତ୍ତରାଂଶ ଅର୍ଥାତ୍ ମେଦିନୀପୁର, ବାଲେଶ୍ୱର ଓ କଟକ ଜିଲ୍ଲାର ଉତ୍ତରାଂଶ ଅଞ୍ଚଳ ଜୟ କରି ରାଜତ୍ୱ କଲେ ଓ ଉତ୍କଳ ଗୋଷ୍ଠୀର ନାମାନୁସାରେ ସେହି ଅଞ୍ଚଳକୁ ଉତ୍କଳ ବୋଲି କୁହାଗଲା ।

ଓଡ୍ର ମଧ୍ୟ ଏକ ପ୍ରାଚୀନ ଗୋଷ୍ଠୀ । ସେମାନେ ଉତ୍କଳ ଗୋଷ୍ଠୀ ସହିତ ବିନ୍ଧ୍ୟ ପର୍ବତ ଅଞ୍ଚଳରେ ବାସ କରୁଥିଲେ । ଆନୁମାନିକ ୨ୟ–୩ୟ ଶତାବ୍ଦୀରେ ସେମାନେ ବୋଧହୁଏ ସିଂହଭୂମ୍–ମାନଭୂମ୍ ଅଞ୍ଚଳରେ ରାଜ୍ୟ ସ୍ଥାପନ କଲେ । ମାନଭୂମ୍ ମାନବଂଶର ନାମାନୁସାରେ ନାମିତ ହୋଇଥିବାର ଅନୁମାନ । ମାନ୍‌ବଂଶର ରାଜା ଶମ୍ଭୁୟାଶସ୍ ଖ୍ରୀ: ପୂ: ୬ଷ୍ଠ ଶତାବ୍ଦୀର ଶେଷ ଭାଗରେ ଓ ୭ମ ଶତାବ୍ଦୀର ଆରମ୍ଭରେ ତୋଶଳୀରେ ରାଜତ୍ୱ କରୁଥିବାର ପ୍ରମାଣ ସୋରୋ ଓ ପଟିଆକିଲ୍ଲା ତାମ୍ରଲିପିରୁ ମିଳେ । ସେହି ସମୟର ସୋମଦତ୍ତଙ୍କର ସୋରୋ ତାମ୍ରଲିପିରୁ ଜଣାଯାଏ ଯେ ଉତ୍କଳ 'ଓଡ୍ର ବିଷୟ'ର ଏକ ଅଂଶ ଥିଲା । ସୋମଦତ୍ତଙ୍କ ମେଦିନୀପୁର ତାମ୍ରଲିପିରୁ ଜଣାଯାଏ ଯେ ଉତ୍କଳ ଓ ଦଣ୍ଡଭୁକ୍ତି (ଦକ୍ଷିଣ ମେଦିନୀପୁର) ଦୁଇଟି ଅଲଗା ରାଜନୈତିକ ବିଭାଗ ଥିଲେ ।

ଖ୍ରୀ: ପୂ: ୬୩୮ ସାଲରେ ଚୀନ୍ ପରିବ୍ରାଜକ ଓଡ଼ିଶାକୁ ଆସିଥିଲେ । ସେ ଉତ୍ତର ତୋଶଳୀକୁ 'ଓଡ୍ର' ବୋଲି କହିଛନ୍ତି, କିନ୍ତୁ ଉତ୍କଳ ବିଷୟରେ କିଛି ଉଲ୍ଲେଖ କରି ନାହାନ୍ତି । ଉପର୍ଯ୍ୟୁକ୍ତ ପ୍ରମାଣ ମାନଙ୍କରୁ ଜଣାଯାଏ ଯେ ୭ମ ଶତାବ୍ଦୀରେ ଉତ୍ତର ତୋଶଳୀ (ଆନୁମାନିକ ଆଧୁନିକ ବାଲେଶ୍ୱର ଜିଲ୍ଲା ଓ କଟକ ଜିଲ୍ଲାର ଉତ୍ତରାଂଶ) 'ଓଡ୍ର' ନାମରେ ପରିଚିତ ଥିଲା । ଖୁବ୍ ସମ୍ଭବତଃ ଓଡ୍ରମାନେ ମାନବଂଶର ରାଜତ୍ୱ ସମୟରେ (୬ଷ୍ଠ ଶତାବ୍ଦୀର ଶେଷାର୍ଦ୍ଧରେ) ଓଡ଼ିଶାର ଉତ୍ତର ତୋଶଳୀ ଅଧିକାର କରିଥିଲେ । ଖ୍ରୀ: ପୂ: ୭ମ–୮ମ ଶତାବ୍ଦୀରେ ଉତ୍ତର ତୋସଳୀ ଓଡ୍ର ବା ଉତ୍କଳ ନାମରେ ପରିଚିତ ଥିଲା । କିନ୍ତୁ ଖ୍ରୀ: ପୂ: ଅଷ୍ଟମ ଶତାବ୍ଦୀ ବେଳକୁ ଓଡ୍ର ଉତ୍କଳରୁ ଅଲଗା ହୋଇଗଲା । ଖୁବ୍ ସମ୍ଭବତଃ ଉତ୍କଳ ପୁନର୍ବାର ସ୍ୱାଧୀନ ହେଲା ଓ ଓଡ୍ରମାନେ ଉତ୍କଳରୁ ବିତାଡ଼ିତ ହୋଇ ସେମାନଙ୍କ ନିଜ ରାଜ୍ୟରେ ରାଜତ୍ୱ କଲେ । ଅଷ୍ଟମ ଶତାବ୍ଦୀପରେ କୋଶଳ ଓ ଉତ୍କଳ ମଧ୍ୟରେ ଥିବା ପାର୍ବତ୍ୟ ଅଞ୍ଚଳରେ ଓଡ୍ରମାନେ ରାଜତ୍ୱ କଲେ ଓ ସହି ଅଞ୍ଚଳ ଓଡ୍ର ନାମରେ ପରିଚିତ ଥିଲା ।

ଆନୁମାନିକ ୬ଷ୍ଠ ଶତାବ୍ଦୀର ମଧ୍ୟଭାଗ ବେଳକୁ ଦକ୍ଷିଣ ତୋଶଳୀରେ (ପୁରୀ ଜିଲ୍ଲା ଓ ଗଞ୍ଜାମ ଜିଲ୍ଲାର ଉତ୍ତରାଂଶ) ଶୈଳୋଦ୍ଭବ ରାଜବଂଶ ରାଜତ୍ୱ ଆରମ୍ଭ କଲେ । ତାଙ୍କ ରାଜତ୍ୱ କାଳରେ ଦକ୍ଷିଣ ତୋଶଳୀ 'କଙ୍ଗୋଦ' ନାମରେ ପରିଚିତ ଥିଲା । ଉତ୍ତରରେ ମେଦନୀପୁରର କସାଇ ନଦୀଠାରୁ ଦକ୍ଷିଣରେ ବୈତରଣୀ ନଦୀ ପର୍ଯ୍ୟନ୍ତ ଅଞ୍ଚଳ ୭ମ-୮ମ ଶତାବ୍ଦୀରେ ଓଡ୍ର–ଉତ୍କଳ ନାମରେ ପରିଚିତ ଥିଲା । କିନ୍ତୁ ଅଷ୍ଟମ ଶତାବ୍ଦୀଠାରୁ ଉତ୍କଳ ଓ ଓଡ୍ର ଅଲଗା ହୋଇଗଲେ । ଉପକୂଳ ପ୍ରଦେଶ ପୂର୍ବ ପରି ଉତ୍କଳ ନାମରେ ପରିଚିତ ହେଲା । ଦକ୍ଷିଣ–କୋଶଳ ଓ ଉତ୍କଳ ମଧ୍ୟରେ ଥିବା ପାର୍ବତ୍ୟ ଅଞ୍ଚଳ ଓଡ୍ର ନାମରେ ପରିଚିତ ହେଲା । ଓଡ୍ରମାନେ ଉତ୍କଳରୁ ଗ୍ଲଲିଗଲେ ସତ, କିନ୍ତୁ 'ଓଡ୍ର' ନାମଟି ଉତ୍କଳ ସହିତ ଲଢ଼ି ରହିଲା । ସେହି ଅଞ୍ଚଳକୁ କେହି 'ଉତ୍କଳ' କେହି ବା 'ଓଡ୍ର' ବୋଲି କହିଲେ ।

କୋଶଳ ଗୋଟିଏ ପ୍ରାଚୀନ ରାଜ୍ୟ । ପୌରାଣିକ ପ୍ରବାଦ ଅନୁସାରେ ରାମ ତାଙ୍କର ରାଜ୍ୟକୁ ଦୁଇ ଭାଗରେ ବିଭକ୍ତ କରି ବଡ଼ପୁଅ ଲବକୁ ଅଯୋଧ୍ୟା ବା ଉତ୍ତର କୋଶଳ ଦେଲେ ଓ କୁଶକୁ ଦକ୍ଷିଣ କୋଶଳ ଦେଲେ । କୁଶ ଏହାର ରାଜଧାନୀ 'କୁଶସ୍ଥଳ-ପୁରରେ' (ବିନ୍ଧ୍ୟ ନିକଟରେ) ରହି ରାଜତ୍ୱ କଲେ । ପ୍ରାଚୀନ କାଳରେ କୋଶଳ ସହିତ ଓଡ୍ର, ଉତ୍କଳ ବା କଳିଙ୍ଗର କି ପ୍ରକାର ସମ୍ବନ୍ଧ ଥିଲା ସେ ସଂପର୍କରେ ବିଶେଷ କିଛି ଜଣା ନାହିଁ । ଆଧୁନିକ ସମ୍ବଲପୁର, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାକୁ ନେଇ ପ୍ରାଚୀନ ଦକ୍ଷିଣ କୋଶଳ ଗଠିତ ହୋଇଥିଲା । ସେଠାରେ ଖ୍ରୀ: ପୂ: ୪ର୍ଥ ଶତାବ୍ଦୀର ଓ ତତ୍‌ପରବର୍ତ୍ତୀ ଯୁଗର ଅନେକ ଅଭିଲେଖ ଓ ଅନ୍ୟାନ୍ୟ ପ୍ରତ୍ନତାତ୍ତ୍ୱିକ ବସ୍ତୁ ମିଳିଛି । ସମୁଦ୍ରଗୁପ୍ତଙ୍କ ଏଲାହାବାଦ ସ୍ତମ୍ଭ ଅଭିଲେଖରେ ଦକ୍ଷିଣ କୋଶଳ ସମ୍ବନ୍ଧରେ ଉଲ୍ଲେଖ ଅଛି ।

ଓଡ୍ର ଓ ଦକ୍ଷିଣ କୋଶଳ ସନ୍ନିହିତ ରାଜ୍ୟ ହୋଇଥିବାରୁ ସେମାନଙ୍କ ମଧ୍ୟରେ ରାଜନୈତିକ ସଂପର୍କ ଥିଲା । ସୋମବଂଶ ରାଜତ୍ୱ ସମୟରେ କୋଶଳ ଓଡ୍ର ଓ ଉତ୍କଳ ଏକ ଶାସନାଧୀନ ହେଲା ।

ଯେଉଁ ପ୍ରାଚୀନ ରାଜ୍ୟମାନଙ୍କ ଅଂଶମାନଙ୍କୁ ନେଇ ଆଧୁନିକ ଓଡ଼ିଶା ଗଠିତ, ସେ ସବୁର ସଂକ୍ଷିପ୍ତ ଇତିହାସ ଉପରେ ଦିଆଗଲା । ସେହି ରାଜ୍ୟମାନଙ୍କମଧ୍ୟରୁ କଳିଙ୍ଗ ପ୍ରାଚୀନତମ ଓଡ଼ିଶା ରାଜ୍ୟ । ଉତ୍କଳର ଆବିର୍ଭାବ ଆନୁମାନିକ ଖ୍ରୀ: ପୂ: ୩ୟ ଶତାବ୍ଦୀରେ ହେଲା । କଳିଙ୍ଗ କ୍ରମେ ସଙ୍କୁଚିତ ହୋଇ ୫ମ-୬ଷ୍ଠ ଶତାବ୍ଦୀରେ ଦକ୍ଷିଣରେ ଗଞ୍ଜାମ ଜିଲ୍ଲାର ଦକ୍ଷିଣାଂଶ, ଶ୍ରୀକାକୁଳମ ଜିଲ୍ଲା ଓ ପୂର୍ବ ଗୋଦାବରୀ ଜିଲ୍ଲାକୁ ନେଇ ଗଠିତ ହେଲା । ଖ୍ରୀ: ପୂ: ୬ଷ୍ଠ-୭ମ ଶତାବ୍ଦୀରେ ଓଡ୍ର ରାଜତ୍ୱ ଉତ୍ତର ତୋଶଳୀରେ ଗ୍ଲଲିଲା । ୧୦ମ - ୧୧ଦଶ ଶତାବ୍ଦୀରେ କୋଶଳ, ଓଡ୍ର, ଉତ୍କଳ ଏକ ଶାସନାଧୀନ ହେଲା । ଗଙ୍ଗ ଓ ଗଜପତି ରାଜତ୍ୱ ସମୟରେ ଦକ୍ଷିଣରେ କଳିଙ୍ଗ ମଧ୍ୟ ଓଡ୍ର, ଉତ୍କଳ ଓ କୋଶଳ ସହିତ ଯୁକ୍ତ ହେଲା । ଏହି ପରିପ୍ରେକ୍ଷୀରେ ବିଗ୍ଲର କଲେ ଆମର ରାଜ୍ୟର ନାମ 'କଳିଙ୍ଗ' ହେବାର ଉଚିତ୍ ଥିଲା । ତା' ପରେ ଉତ୍କଳର ଦାବୀ । କିନ୍ତୁ ତା' ନହୋଇ ଆମର ରାଜ୍ୟ 'ଓଡ୍ର'ମାନଙ୍କ ନାମରେ ନାମିତ ହେଲା । ଏହା ପ୍ରକୃତରେ ଏକ ଐତିହାସିକ ରହସ୍ୟ ।

'ଓଡ଼ିଶା' ନାମଟି 'ଓଡ୍ର ବିଷୟ' ଶବ୍ଦରୁ ଉତ୍‌ପନ୍ନ ଓ 'ଓଡ୍ର ବିଷୟର ସଂକ୍ଷିପ୍ତ ସଂସ୍କରଣ । ହୁଏନ୍‌ସାଂଙ୍କ ବିବରଣୀରେ 'ଓଡ୍ର ବିଷୟ' ପରିବର୍ତ୍ତେ କେବଳ 'ଓଡ୍ର' ଉଲ୍ଲେଖ ଅଛି । ଖ୍ରୀ: ପୂ: ୯ମ–୧୦ମ ଶତାବ୍ଦୀରେ କେତେକ ଆରବ ଓ ପାରସ୍ୟ ବଣିକ ବାଣିଜ୍ୟ ସଂପର୍କରେ ଭାରତର ପୂର୍ବ ଉପକୂଳସ୍ଥ ବନ୍ଦରମାନଙ୍କୁ ଆସିଥିଲେ । ସେମାନେ ପୂର୍ବ ଉପକୂଳର କେତେକ ରାଜ୍ୟମାନଙ୍କ ସମ୍ବନ୍ଧରେ ସେମାନଙ୍କର ବିବରଣୀରେ ଉଲ୍ଲେଖ କରିଛନ୍ତି । ସେଥି ମଧ୍ୟରେ 'ଉରସିନ' ବୋଲି ଏକ ରାଜ୍ୟର ଉଲ୍ଲେଖ ଅଛି । ଏହି 'ଉରସିନ' ରାଜ୍ୟ 'ଓଡ୍ର' ରାଜ୍ୟ ବୋଲି ଐତିହାସିକମାନେ ମତ ଦେଇଛନ୍ତି । ଏକାଦଶ ଶତାବ୍ଦୀର ମୁସଲମାନ ଐତିହାସିକ ଆଲବେରୁନୀ ତାଙ୍କର ଭାରତ ସମ୍ବନ୍ଧୀୟ ପୁସ୍ତକରେ 'ଉଡ୍ର ବିଶ' ବୋଲି ଯେଉଁ ରାଜ୍ୟରେ ଉଲ୍ଲେଖ କରିଛନ୍ତି ତାହା 'ଓଡ୍ର ବିଷୟ' ବୋଲି ଐତିହାସିକଙ୍କର ମତ । ରାଜେନ୍ଦ୍ର ଚୋଳଙ୍କ ତିରୁମଲାଇ ଅଭିଲେଖରେ (ଖ୍ରୀ: ପୂ: ୧୦୨୫) 'ଓଡ୍ର ବିଷୟ'ର ଉଲ୍ଲେଖ ଅଛି । ଲାମା ତାରାନାଥଙ୍କର 'ରହସ୍ୟମୟ ଗଳ୍ପ' (Mystic Tales) ଓ 'ପାଗ୍‌ସାମ୍ ଜାନ ଜଙ୍ଗ' ନାମକ ବୌଦ୍ଧ ଧର୍ମ ସମ୍ବନ୍ଧୀୟ ଦୁଇଟି ପୁସ୍ତକରେ ଓଡ଼ିଶାକୁ 'ଓଡ୍‌ଡବିଶ' ବୋଲି ଉଲ୍ଲେଖ କରାଯାଇଛି । ମୁସଲମାନ ଐତିହାସିକ ସାମ୍-ଇ-ସିରାଜ-ଆଫିଫ୍‌ଙ୍କର 'ତବାକତ୍-ଇ-ନାସିରି' ପୁସ୍ତକରେ ଓଡ଼ିଶାକୁ 'ଜାଜ୍‌ନଗର ଉଡ଼ିଶା' ବୋଲି ଉଲ୍ଲେଖ କରାଯାଇଛି । ଗଜପତି ରାଜା କପିଳେନ୍ଦ୍ର ଦେବଙ୍କ (ଖ୍ରୀ: ପୂ: ୧୪୩୫–୧୪୬୭) ସମୟର ଗୋଟିଏ ଅଭିଲେଖରେ 'ଓଡ଼ିଶା ରାଜ୍ୟ'ର ଉଲ୍ଲେଖ ଅଛି ।

ଏହିପରି ଭାବରେ ୬ଷ୍ଠ-୭ମ ଶତାବ୍ଦୀର 'ଓଡ୍ରବିଷୟ' 'ଓଡ଼ିଶାରେ' ପରିଣତ ହେଲା ଓ ଆମ ରାଜ୍ୟର ନାମ ସେହି ଅନୁସାରେ ନାମିତ ହେଲା । ଏଥିରୁ ମନେହୁଏ ମନୁଷ୍ୟମାନଙ୍କ ପରି ରାଜ୍ୟମାନେ ମଧ୍ୟ ଭାଗ୍ୟ-ନିୟନ୍ତ୍ରଣାଧୀନ ।

ପ୍ଲଟ-୮୨
ବାପୁଜୀନଗର
ଭୁବନେଶ୍ୱର ୯

# ସହର ଓ ମଫସଲର ଅର୍ଥନୀତି

ଡକ୍ଟର ବୈଦ୍ୟନାଥ ମିଶ୍ର

ସପ୍ତମ ଯୋଜନାରେ କୃଷିର ଆଭିମୁଖ୍ୟ କ'ଣ ହେବ, ସେ ବିଷୟରେ ଯୋଜନା କମିଶନ ଚିନ୍ତା କରୁଛନ୍ତି । ଯୋଜନା କମିଶନ ତରଫରୁ ଯେଉଁ ଆପ୍ରୋଚ ପେପର ପ୍ରକାଶିତ ହୋଇଛି, ସେଥିରେ ଉଲ୍ଲେଖ କରାଯାଇଛି ଯେ, ସପ୍ତମ ଯୋଜନାରେ କୃଷି ଶତକଡ଼ା ୪ଭାଗ ଓ ଖାଦ୍ୟ ଉତ୍ପାଦନ ଶତକଡ଼ା ୫ଭାଗ ବୃଦ୍ଧି କରାଯିବ । ଏହି ବୃଦ୍ଧିହାର ସମ୍ଭବ ହେବ କି ନାହିଁ, ତାହା କୃଷି ଓ ଖାଦ୍ୟନୀତି ଉପରେ ନିର୍ଭର କରିବ । କୃଷି ଓ ଖାଦ୍ୟନୀତି ଆଲୋଚନା କଲାବେଳେ ତିନୋଟି ବିଷୟପ୍ରତି ଗୁରୁତ୍ୱ ଦିଆଯିବ । ପ୍ରଥମ ହେଉଛି ଆଗାମୀ ଯୋଜନାରେ କୃଷି ଉପରେ କେତେ ଗୁରୁତ୍ୱ ଦିଆଯିବ । ଦ୍ୱିତୀୟ ହେଉଛି କୃଷି ସହିତ ଶିଳ୍ପ ବ୍ୟବସାୟ ଓ ଅନ୍ୟାନ୍ୟ ଅର୍ଥନୀତିକ ସଂଗଠନର କି ସମ୍ପର୍କ ରହିବ । ତୃତୀୟ ହେଉଛି କୃଷିର ଉତ୍ପାଦନ ବୃଦ୍ଧି ପାଇଁ କି କି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ।

ଆମ ଦେଶର ଅଧିକାଂଶ ଅର୍ଥଶାସ୍ତ୍ରୀମାନଙ୍କର ଗୋଟିଏ ମତ ହେଉଛି ଯେ କୃଷିରୁ ଅଧିକ ସମ୍ବଳ ବାହାର କରି ଶିଳ୍ପର ଉନ୍ନତି କରିବାକୁ ହେବ ଏବଂ କୃଷିଜାତ ଦ୍ରବ୍ୟକୁ ବିଦେଶରେ ବିକ୍ରୟ କରି ଅଧିକ ବୈଦେଶିକ ମୁଦ୍ରା ସଂଗ୍ରହ କରିବାକୁ ପଡ଼ିବ । ଶିଳ୍ପର ପ୍ରଗତି ନହେଲେ ଅର୍ଥନୈତିକ ପ୍ରଗତି ସମ୍ଭବ ହେବନାହିଁ । ପାଶ୍ଚାତ୍ୟ ବା ପ୍ରାଚ୍ୟରେ ଯେଉଁ ଦେଶମାନେ ଅଗ୍ରଗତି କରିଛନ୍ତି, ସେମାନେ ଶିଳ୍ପର ବିକାଶ କରି ନିଜର ଅର୍ଥନୈତିକ ଭିତ୍ତିକୁ ଦୃଢ଼ କରିଛନ୍ତି । ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ଇଂଲଣ୍ଡ ପ୍ରଭୃତି ଦେଶଗୁଡ଼ିକ ଏହାର ଉଦାହରଣ । ଅର୍ଥଶାସ୍ତ୍ରୀମାନଙ୍କର ମତ ହେଉଛି ଯେ କୃଷି ପ୍ରଧାନତଃ ଦୁଇଟି ଉପାୟରେ ଶିଳ୍ପର ପ୍ରଗତିରେ ସାହାଯ୍ୟ କରି ପାରିବ । ପ୍ରଥମ ହେଉଛି କୃଷି ବା ଗାଁ ଗହଳରେ ଯେଉଁ ବଳକା ଶ୍ରମିକ ଅଛନ୍ତି, ସେମାନେ କମ୍ ମଜୁରୀରେ ଶିଳ୍ପରେ ଯଦି କାମ କରିବେ, ତାହାହେଲେ ଶିଳ୍ପଜାତ ଦ୍ରବ୍ୟର ପରିବ୍ୟୟ ବୃଦ୍ଧି ହେବନାହିଁ । ଏହା ଫଳରେ ଶିଳ୍ପର ପ୍ରଗତି ସହଜ ହେବ । ଦ୍ୱିତୀୟରେ କୃଷିଜାତ ଦ୍ରବ୍ୟ ବିଶେଷ କରି ଖାଦ୍ୟର ଦର ଯଦି କମ୍ ରହିବ, ତାହାହେଲେ ଶିଳ୍ପସଂସ୍ଥାମାନେ ଶ୍ରମିକମାନଙ୍କୁ ଅଧିକ ମଜୁରୀ ଦେବା ଦରକାର ପଡ଼ିବ ନାହିଁ । ଏହାର ଅର୍ଥ ହେଉଛି କୃଷିରେ କାମ କରୁଥିବା ଶ୍ରମିକମାନଙ୍କ ମଜୁରୀଠାରୁ ଶିଳ୍ପରେ କାମ କରୁଥିବା ଶ୍ରମିକମାନଙ୍କ ମଜୁରୀ ଅଧିକ ରହିବ । ତାହାହେଲେ କୃଷିରେ ମାଡ଼ିମକଚି ପଡ଼ି ରହିଥିବା ବଳକା ଶ୍ରମିକମାନେ ଶିଳ୍ପରେ କାମ କରିବାକୁ ପ୍ରଲୋଭିତ ହେବେ । ଏହା ବ୍ୟତୀତ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟର ଦର ମଧ୍ୟ ବୃଦ୍ଧି କରିବା ଉଚିତ ହେବନାହିଁ । କାରଣ ଏହା ଶିଳ୍ପର ପ୍ରଗତିରେ ବାଧା ସୃଷ୍ଟି କରିବ ।

ପୁଣି କୃଷିଜାତ ଦ୍ରବ୍ୟର ଦର ଯଦି କମ୍ ରହିବ, ତାହାହେଲେ ସହଜରେ କୃଷିଜାତ ଦ୍ରବ୍ୟ ବିଦେଶରେ ବିକ୍ରୟ କରି ବିଦେଶୀ ମୁଦ୍ରା ସାହାଯ୍ୟରେ ବିଦେଶରୁ ଯନ୍ତ୍ରପାତି ଖରିଦ କରିବା ସମ୍ଭବ ହେବ । ଏହି ଯନ୍ତ୍ରପାତି ଶିଳ୍ପର ଆଧୁନିକୀକରଣରେ ସାହାଯ୍ୟ କରିବ । ମୋଟାମୋଟି ଏହାର ଅର୍ଥ ହେଉଛି କୃଷିକୁ ନିଷ୍ପୀଡ଼ନ କରି ଶିଳ୍ପର ପ୍ରଗତି କରିବା ପାଇଁ ଉଦ୍ୟମ କରିବାକୁ ପଡ଼ିବ । ଇଂଲଣ୍ଡରେ ଊନବିଂଶ ଶତାବ୍ଦୀର ଅର୍ଥଶାସ୍ତ୍ରୀମାନେ ଏହି ଯେଉଁ ମତ ପ୍ରକାଶ କରିଥିଲେ, ସେହି ମତ ଏବେ ମଧ୍ୟ ଆମ ଦେଶରେ ପ୍ରଚାରିତ ହେଉଛି ଏବଂ ସେହି ଭିତ୍ତିରେ ଭାରତୀୟ ଅର୍ଥନୀତି ଗଢ଼ିବା ପାଇଁ କେତେକ ଅର୍ଥଶାସ୍ତ୍ରୀ ମତ ପ୍ରକାଶ କରୁଛନ୍ତି ।

ଭାରତର ଅର୍ଥନୈତିକ ବିକାଶ ପାଇଁ ଶିଳ୍ପର ଯେ ଅଗ୍ରଗତି ଦରକାର ଏଥିରେ କୌଣସି ସନ୍ଦେହ ନାହିଁ । ଶିଳ୍ପର ଅଗ୍ରଗତି ହେଲେ ଅର୍ଥନୈତିକ ସଂସ୍କାର ସାଂଗଠନିକ ପରିବର୍ତ୍ତନ ହେବ, ଜନସାଧାରଣଙ୍କର ଆୟ ବୃଦ୍ଧି ହେବ ଏବଂ ଅଧିକ ଆୟ ପାଉଥିବା ଜନସାଧାରଣଙ୍କର ଚାହିଦା ମୁତାବକ ଜିନିଷପତ୍ର ବଜାରରେ ବିକ୍ରୀ ହୋଇପାରିବ । ପୁଣି କୃଷିର ଉନ୍ନତି ପାଇଁ ମଧ୍ୟ ଶିଳ୍ପ ଦରକାର । ରସାୟନିକ ସାର, ପମ୍ପ, ପୋକମରା ଔଷଧ, ଟ୍ରାକ୍ଟର, ପାୱାର ଟିଲର ପ୍ରଭୃତି ଜିନିଷ କେବଳ ଶିଳ୍ପ ଜରିଆରେ ଉତ୍ପାଦନ କରାଯାଇ ପାରିବ । ଏସବୁ ଜିନିଷ ଉତ୍ପାଦିତ ନହେଲେ କୃଷିର ଉନ୍ନତି ହୋଇପାରିବ ନାହିଁ । କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି କୃଷିରୁ ବଳକା ଲୋକ ଶିଳ୍ପରେ ନିଯୁକ୍ତି ପାଇ ପାରିବେ କି ନାହିଁ । ଶିଳ୍ପର ଉନ୍ନତି ହେଲେ ଦାରିଦ୍ର୍ୟ ଦୂରୀକରଣ ହୋଇ ପାରିବ କି ନାହିଁ ।

ଗତ ୩୦।୩୫ ବର୍ଷ ଅଭିଜ୍ଞତାରୁ ଦେଖାଯାଉଛି ଯେ ଶିଳ୍ପର ଅଗ୍ରଗତି ଦ୍ୱାରା ଏ ଦୁଇଟି ସମସ୍ୟା ସମାଧାନ ହୋଇ ପାରିବ ନାହିଁ । ଭାରତରେ ବର୍ତ୍ତମାନ ଜନସଂଖ୍ୟା ପ୍ରାୟ ୭୧।୭୨ କୋଟି । ପ୍ରତ୍ୟେକ ବର୍ଷ ଜନସଂଖ୍ୟା ୧ କୋଟି

୩୦ ଲକ୍ଷ ହିସାବରେ ବୃଦ୍ଧି ପାଉଛି । ସ୍ୱାଧୀନତା ସମୟରେ ଭାରତର ଜନସଂଖ୍ୟା ପ୍ରାୟ ୩୫ କୋଟି ଥିଲା । ଗତ ୪୦ ବର୍ଷ ଭିତରେ ଏହା ବୃଦ୍ଧି ପାଇ ଦ୍ୱିଗୁଣିତ ହୋଇଛି । ପ୍ରତ୍ୟେକ ବର୍ଷ ପ୍ରାୟ ୬୦।୭୦ ଲକ୍ଷ କାର୍ଯ୍ୟକ୍ଷମ ଲୋକ ବଜାରକୁ ଶ୍ରମ ଅନ୍ୱେଷଣରେ ଆସୁଛନ୍ତି । କିନ୍ତୁ ଶିଳ୍ପ ଓ ବ୍ୟବସାୟ ମୋଟେ ୫୦।୬୦ ହଜାର ଲୋକଙ୍କୁ ନିଯୁକ୍ତି ଦେଇ ପାରୁଛି ; ଅନ୍ୟମାନେ ସେହି କୃଷିରେ ରହି ନିଜର ଜୀବିକା ନିର୍ବାହ କରିବାକୁ ବାଧ୍ୟ ହେଉଛନ୍ତି । ଏଥିରୁ ଦେଖାଯାଉଛି ଯେ ଦାରିଦ୍ର୍ୟ ଗାଁ ଗହଳରେ ସୃଷ୍ଟି ହେଉଛି । ଗାଁ ଗହଳର ଦାରିଦ୍ର ଲୋକମାନେ ଶ୍ରମ ଅନ୍ୱେଷଣରେ ସହରକୁ ଧାଉଁଛନ୍ତି । କିନ୍ତୁ ସହର ବା ଶିଳ୍ପ ଓ ବ୍ୟବସାୟ ସେମାନଙ୍କୁ ଯଥେଷ୍ଟ ନିଯୁକ୍ତି ଦେଇ ପାରୁନାହିଁ । ଏହା ଫଳରେ ସହରରେ ବସ୍ତି ଅଞ୍ଚଳ ସୃଷ୍ଟି ହେଉଛି । ୧୯୧୧।୧୨ ବେଳକୁ ଭାରତରେ ଶତକଡ଼ା ୭୧।୭୨ ଭାଗ କୃଷିରେ ନିର୍ଭର କରୁଥିଲେ । ଏବେ ମଧ୍ୟ ସେହି ଶତକଡ଼ା ୭୧।୭୨ ଭାଗ ଲୋକ କୃଷିରେ ନିର୍ଭର କରି ରହିଛନ୍ତି । ତେଣୁ କୃଷିର ଗୁରୁତ୍ୱ ଆମ ଅର୍ଥନୀତିରୁ ନିକଟ ଭବିଷ୍ୟତରେ କମିବାର ସମ୍ଭାବନା ନାହିଁ । ଅଧିକ କର୍ମ ନିଯୋଜନ ସୃଷ୍ଟି କରି ଦେଶରୁ ଦାରିଦ୍ର୍ୟ ଦୂର କରିବାକୁ ପଡ଼ିବ ଏବଂ ଏହି କର୍ମ ନିଯୋଜନ କୃଷି, ପଶୁପାଳନ, ମତ୍ସ୍ୟଚାଷ ଓ କୁଟୀର ଓ ଗ୍ରାମ୍ୟ ଶିଳ୍ପରେ ହିଁ ସୃଷ୍ଟି ହୋଇ-ପାରିବ । ସେହି ଦୃଷ୍ଟିରୁ ଅର୍ଥାତ୍ ବାସ୍ତବ ଦୃଷ୍ଟିକୋଣରୁ ଆମ ଆର୍ଥିକ ଯୋଜନାରେ କୃଷିକୁ ଅଗ୍ରାଧିକାର ଦେବାକୁ ପଡ଼ିବ ।

ଦ୍ୱିତୀୟ ପ୍ରଶ୍ନ ହେଉଛି କୃଷିରୁ ବଳକା ସମ୍ବଳ ସଂଗ୍ରହ କରି ଶିଳ୍ପ ବ୍ୟବସାୟ ଓ ସହରର ଉନ୍ନତିରେ ଖଟେଇବାକୁ ପଡ଼ିବ ନା ସହରର ପୁଞ୍ଜି ମଫସଲର ଉନ୍ନତିରେ ବିନିଯୋଗ କରାଯିବ । ଏହା ଗୋଟିଏ ବିବାଦାତ୍ମକ ପ୍ରଶ୍ନ । ଅନେକ ଅର୍ଥଶାସ୍ତ୍ରୀ କହୁଛନ୍ତି ଯେ କୃଷିରୁ ବଳକା ସଂଗ୍ରହ କରି ଶିଳ୍ପ ବା ସହରର ଉନ୍ନତିରେ ଖଟେଇବାକୁ ପଡ଼ିବ । କିନ୍ତୁ ଭାରତୀୟ ଅର୍ଥନୈତିକ ସ୍ଥିତିରେ ଏହା ଯେ ଆଦୌ ସମ୍ଭବ ନୁହେଁ, ତାହା ସେମାନେ ବୁଝିବାକୁ ଅକ୍ଷମ । ଆମେରିକା ବା ଇଂଲଣ୍ଡର ଉଦାହରଣ ଦେଖି ଅର୍ଥଶାସ୍ତ୍ରୀମାନେ ନିଜର ମତ ସ୍ଥିର କରୁଛନ୍ତି । ଭାରତୀୟ ଆର୍ଥନୀତିକ ସ୍ଥିତି ଦେଖିବାକୁ ସେମାନଙ୍କର ଧୈର୍ଯ୍ୟ ନାହିଁ, ସମୟ ନାହିଁ, ମନୋବୃତ୍ତି ନାହିଁ, କାରଣ ସେମାନଙ୍କର ଅର୍ଥଶାସ୍ତ୍ର ଶିକ୍ଷା ବିଦେଶୀ ପୁସ୍ତକରୁ ସଂଗୃହୀତ ହୋଇଛି । ଆମ ଦେଶରେ ଶତକଡ଼ା ୮୦ ଭାଗ ଲୋକ ଗାଁ ଗହଳରେ ବାସ କରୁଛନ୍ତି ଏବଂ ଯେଉଁମାନେ ଗାଁ ଗହଳରେ ବାସ କରୁଛନ୍ତି, ସେମାନଙ୍କ ଭିତରୁ ପ୍ରାୟ ୫୦।୬୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ଅଛନ୍ତି । ଯେତେ ଚାଷୀ ଭାରତରେ ଅଛନ୍ତି, ସେମାନଙ୍କ ଭିତରୁ ୭୫।୭୬ ଭାଗ ଚାଷୀ କ୍ଷୁଦ୍ର ବା ନାମକୁ ମାତ୍ର ଚାଷୀ । ସେମାନଙ୍କର ଆର୍ଥିକ ସମ୍ବଳ ଯାହା, ସେଥିରେ ସେମାନେ ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ବା ସହରର ଉନ୍ନତି ପାଇଁ ଯେ ପୁଞ୍ଜି ବିନିଯୋଗ କରିପାରିବେ, ଏହା ବିଶ୍ୱାସ କରାଯାଇ ପାରିବ ନାହିଁ । ଏହା ବ୍ୟତୀତ ଗାଁରେ କାମ କରୁଥିବା ଶ୍ରମିକ, ମଜୁରିଆ ଓ ଛୋଟ ଛୋଟ କାରିଗର ଯେତେ ଅଛନ୍ତି, ସେମାନେ ଶ୍ରମ ଦେଇ ପାରିବେ, ଆର୍ଥିକ ସମ୍ବଳ ଦେଇ ପାରିବେ ନାହିଁ । ଯେଉଁ ବଡ଼ ଚାଷୀମାନେ ଆଧୁନିକ ଚାଷ ପ୍ରଣାଳୀ ଯୋଗୁଁ ଉପକୃତ ହେଉଛନ୍ତି ବା ହୋଇଛନ୍ତି, ସେମାନଙ୍କଠାରୁ ଅଧିକ ଅର୍ଥ କର ଆକାରରେ ସଂଗ୍ରହ କରାଯାଇପାରେ । ସେହିପରି ଗାଁ ଗହଳରେ ଯେଉଁ ବ୍ୟବସାୟୀ-ମାନେ ବ୍ୟବସାୟ କରି ଅଧିକ ଲାଭ ଉଠାଉଛନ୍ତି, ସେମାନଙ୍କ ଉପରେ ଅଧିକ କର ବସାଯାଇପାରେ । କଳଟିକସ ଓ ଭୂ-ରାଜସ୍ୱରୁ ମଧ୍ୟ ଅଧିକ କିଛି ସମ୍ବଳ ସଂଗ୍ରହ କରାଯାଇପାରେ । କିନ୍ତୁ ମୋଟାମୋଟି ଭାବରେ ଦେଖିଲେ ଜଣାଯିବ ଯେ ସହରର ଉନ୍ନତି ପାଇଁ ମଫସଲ ପୁଞ୍ଜି ଦେଇ ପାରିବ ନାହିଁ । ବରଂ କେତେକ କ୍ଷେତ୍ରରେ ସହରରୁ ପୁଞ୍ଜି ଯାଇ ମଫସଲରେ ବିନିଯୋଗ କରିବାକୁ ପଡ଼ିବ ।


ମଫସଲର ସମସ୍ୟା ଅନେକ । ଅଧିକାଂଶ ଗାଁ ଗଣ୍ଡାରେ ପାନୀୟ ଜଳନାହିଁ, ସ୍ୱାସ୍ଥ୍ୟ କେନ୍ଦ୍ର ନାହିଁ, ରାସ୍ତାନାହିଁ, ବିଦ୍ୟୁତ୍ ଶକ୍ତି ନାହିଁ, ସ୍କୁଲନାହିଁ । ଅତୀତର ପରମ୍ପରା ଅଛି, କେତେକ କ୍ଷେତ୍ରରେ କିଛି କିଛି ସଂହତି ଅଛି, ପୁରାତନ ସଂସ୍କୃତି ଅଛି, କିନ୍ତୁ ଆଧୁନିକ ସଭ୍ୟତାର ଯାହା କେନ୍ଦ୍ରବିନ୍ଦୁ, ତାହା ନାହିଁ । ତେଣୁ ଅନେକ କ୍ଷେତ୍ରରେ ସହରରୁ ପୁଞ୍ଜି ନେଇ ମଫସଲର ଉନ୍ନତିରେ ଖଟେଇବାକୁ ପଡ଼ିବ । ମଫସଲରୁ ପୁଞ୍ଜି ଆଣି ସହରରେ ଖଟେଇ ହେବନାହିଁ । ଅତଏବ ମଫସଲରୁ ଯେଉଁ ବଳକା ପୁଞ୍ଜି ସଂଗୃହୀତ ହୋଇ ପାରିବ, ତାହା ଯଦି ମଫସଲରେ ବିନିଯୋଗ କରାଯିବ, ତାହା ହେଲେ ମଧ୍ୟ ମଫସଲ ଅଞ୍ଚଳର କିଛି ଉନ୍ନତି ହୋଇ ପାରିବ । ସେହି ଦୃଷ୍ଟିରୁ ଆମେ କହିବୁ ଯେ ପାଶ୍ଚାତ୍ୟ ଅର୍ଥଶାସ୍ତ୍ରୀମାନଙ୍କର ସିଦ୍ଧାନ୍ତ ଭାରତ ପାଇଁ ଅନେକ କ୍ଷେତ୍ରରେ ଉପଯୁକ୍ତ ନୁହେଁ ।

ତୃତୀୟ ସମସ୍ୟା ହେଉଛି କୃଷିର ଉନ୍ନତି ପାଇଁ କି କି ପନ୍ଥା ଗ୍ରହଣ କରାଯିବ । ଆମମାନଙ୍କ ମତରେ ସମସ୍ତ ପ୍ରକାର ସବ୍‌ସିଡ଼ି ବନ୍ଦ ହେବା ଉଚିତ । ଏହା ଦେଶକୁ କେବଳ ଦେବାଳିଆ କରୁନାହିଁ, ଦେଶରେ ଅନୀତି, ଦୁର୍ନୀତି ବୃଦ୍ଧି କରୁଛି । ଭାରତରେ ଯେ କଳାଧନ ବଢ଼ି ଚାଲିଛି, ସବ୍‌ସିଡ଼ି ଏହାର ଏକ ପ୍ରଧାନ କାରଣ । ସରକାରୀ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ, ଛୋଟ ବଡ଼ ରାଜନୀତିଜ୍ଞ, ମଫସଲ ଟାଉଟର ସମସ୍ତେ ଏଥିରୁ ଫାଇଦା ଉଠାଉଛନ୍ତି । ଦିନକୁ ଦିନ ସମାଜ କଳଙ୍କିତ ହେବାରେ ଲାଗିଛି । କୃଷିର ଉନ୍ନତି ପାଇଁ ସବ୍‌ସିଡ଼ି ଦରକାର ନାହିଁ, ଦରକାର ଜଳସେଚନ, ଅଧିକ ଉତ୍ପାଦନକ୍ଷମ ବିହନ, ପୋକ ଓ ରୋଗମରା ଔଷଧ, ବିଦ୍ୟୁତ୍‌ଶକ୍ତି, କୃଷି ଉତ୍ପାଦିତ ଦ୍ରବ୍ୟ ବିକ୍ରୀ କରିବାପାଇଁ ସୁବିଧା ବଜାର ବା ସଂଗଠିତ ବଜାର, କୃଷିଋଣ, ବୈଷୟିକ ଜ୍ଞାନ ଇତ୍ୟାଦି । ଜଳସେଚନର ସୁବିଧା କରାଗଲେ, ଚାଷୀ ଏକ ଜମିରୁ ଦୁଇ ତିନୋଟି ଫସଲ ଉତ୍ପନ୍ନ କରିପାରିବ ଏବଂ ଅଧିକ କର ଦେବାକୁ ପଶ୍ଚାତ୍‌ପଦ ହେବନାହିଁ । ଅଧିକ ଉତ୍ପାଦନକ୍ଷମ ବିହନ ବିକ୍ରୀ କରିବା ପାଇଁ ବ୍ୟବସ୍ଥା କଲେ ଚାଷୀମାନେ ଉପଯୁକ୍ତ ଦରରେ ଯଥା ସମୟରେ ଏହାକୁ ଖରିଦ୍ କରି ଜମିରେ ଲଗାଇ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି କରିପାରିବେ । ଆମେ ବଳଦଗାଡ଼ି ଆଗରେ ବଳଦକୁ ନଯୋଚି, ପଛରେ ଯୋଚିବାକୁ ଚେଷ୍ଟା କରୁଛୁ । ଫଳରେ ଅଗ୍ରଗତି ନ ହୋଇ ପଶ୍ଚାତଗତି ହେଉଛି । ମୋଟାମୋଟି ମଫସଲର ଯଦି ଉନ୍ନତି ହେବ, ତାହାହେଲେ ଏଥିରୁ ଅନେକ ସମସ୍ୟା ସମାଧାନ କରାଯାଇ ପାରିବ । କେବଳ ଅର୍ଥନୀତି ଦୃଷ୍ଟିରୁ ନୁହେଁ, ଗଣତାନ୍ତ୍ରିକ ନୀତିରୁ ମଧ୍ୟ ଆମକୁ ମଫସଲର ଉନ୍ନତି ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ମଫସଲର ଜନସାଧାରଣ ଦ୍ୱିତୀୟ ଶ୍ରେଣୀ ନାଗରିକ ନୁହଁନ୍ତି । ସହର ଲୋକଙ୍କର ଯେପରି ବଞ୍ଚିବାର ଅଧିକାର ଅଛି, ସେମାନଙ୍କର ମଧ୍ୟ ସେହିପରି

ଅଧିକାର ଅଛି । ଦୁଃଖ ହେଉଛି ଏହି ଯେ ମଫସଲରୁ ଲୋକମାନେ ଶିକ୍ଷିତ ହୋଇ ସହରକୁ ଆସୁଛନ୍ତି ଏବଂ ସହରରେ ଥରେ ବାସ କରିବା ପରେ ମଫସଲ କଥା ଭୁଲି ଯାଉଛନ୍ତି ଏବଂ ସହରରେ ବାସ କରିବାକୁ ଚାହୁଁଛନ୍ତି କାହିଁକି ନା ମଫସଲ ଅପେକ୍ଷା ସହରରେ ଜୀବନ ଉପଭୋଗ କରିବାକୁ ଅଧିକ ସୁବିଧା ଅଛି । ଯଦି ମଫସଲରେ ସେହିପରି କେତେକ ସୁବିଧା ସୃଷ୍ଟି କରଯାଇ-ପାରିବ, ତାହାହେଲେ ସହରରେ ଏତେ ଭିଡ଼ ଜମିବ ନାହିଁ । ଆମେରିକା ପରି ଏକ ଶିଳ୍ପ ପ୍ରଧାନ ଦେଶରେ ଲୋକେ ସହର ଛାଡ଼ି ମଫସଲରେ ରହିବାକୁ ପସନ୍ଦ କରୁଛନ୍ତି । ଆମଦେଶରେ ଠିକ୍ ଓଲଟା । କାରଣ ମଫସଲକୁ ରହିବା ଉପଯୋଗୀ ଆମେ କରିପାରି ନାହୁଁ । ସେ ଦିଗରେ ମଧ୍ୟ ଯଥେଷ୍ଟ ଉଦ୍ୟମ ହେଉନାହିଁ !

ଶେଷରେ ଏକଥା ମଧ୍ୟ କହିବା ଉଚିତ ଯେ ଖାଲି କୃଷି ଉପରେ ନିର୍ଭର କଲେ ମଫସଲର ଉନ୍ନତି ହେବନାହିଁ । କୃଷିର ସଘନତା ବୃଦ୍ଧି ହେଲେ ଅଧିକ କର୍ମନିଯୋଜନ ସୃଷ୍ଟି ହେବ । କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧି ହେଲେ ଜନସାଧାରଣଙ୍କର ଆୟ ଅଧିକହେବ । କିନ୍ତୁ ମଫସଲର ଦାରିଦ୍ର୍ୟ ପୁରାପୁରି ଦୂର ହେବନାହିଁ । ଜନସଂଖ୍ୟା ବୃଦ୍ଧି ଅନୁପାତରେ କୃଷିଜମି ବଢ଼ି ପାରୁନାହିଁ କି ବଢ଼ିପାରିବ ନାହିଁ । ତେଣୁ କୃଷି ସହିତ ଅନ୍ୟ କେତେକ ଆନୁସଂଗିକ ଧନ୍ଦା ସୃଷ୍ଟି କରିବାକୁ ପଡ଼ିବ । ପଶୁ-ପାଳନ, ମତ୍ସ୍ୟଗୃହ, କୁଟୀର ଓ କ୍ଷୁଦ୍ର ଶିଳ୍ପର ବିକାଶ ଏହାର ଅନ୍ତର୍ଭୁକ୍ତ । ବର୍ତ୍ତମାନ ସମୟ ଆସିଛି ଯେତେବେଳେ ମଫସଲର ଏକ ସାମୁହିକ ଉନ୍ନତି ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ପଡ଼ିବ । ତାହାହେଲେ ଭାରତର ଅର୍ଥନୈତିକ ସ୍ଥିତିର କିଛି ପରିବର୍ତ୍ତନ ହୋଇ ପାରିବ ।

କୁଳପତି,
ଉତ୍କଳ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଓଡ଼ିଶା, ଭୁବନେଶ୍ୱର ।



# ମାତୃଭୂମି ମାତୃଭାଷାରେ ମମତା

ଶ୍ରୀ ସତ୍ୟଦେବ ସାହୁ

✲ସେଦିନ ମୁଁ ରାଉରକେଲା ୫ ନମ୍ବର ସେକ୍ଟରର ଗୋଟିଏ ଦୋକାନକୁ ଯାଇଥିଲି, ପଚାରିଲି, 'କିଛି ଭଲ ନିମ ସାବୁନ ଅଛି ?'

ଦୋକାନରେ ଜଣେ କେରଳୀ ସେଲ୍ସ୍‌ମାନ୍ ଥାଏ । ସେ ବହୁତ ପ୍ରକାରର ସାବୁନ ଦେଖାଇଲା । କେଉଁଟା ଭଲ ବୋଲି ପଚାରିବାରୁ ସେ କହିଲା, ଆଜ୍ଞା ଏ ନେଉ୍ ସାବୁନଟା ବେଶି ଚଳୁଛି ।

'ଏତ ଗୋଟିଏ ନୂଆ ନାଁ, ମୁଁ ତ ଆଗରୁ ଶୁଣି ନାହିଁ । ଭଲ ବୋଲି କିମିତି କହୁଛ ?'

'ଆଜ୍ଞା, ଏ ସାବୁନ ସବୁଠାରୁ ବେଶି ବିକ୍ରି ହେଉଛି । କାରଖାନାର ସବୁ କେରଳୀ ଅଫିସର ଯାକୁ କିଣୁଛନ୍ତି' ।

ମୁଁ ଖଣ୍ଡିଏ ସାବୁନ ନେଇ ଦେଖିଲି, ସେଥିରେ ଲେଖାଅଛି କେରଳ ସରକାରଙ୍କ ସାବୁନ କାରଖାନା ଦ୍ୱାରା ତିଆରି ।

✲ଆଉଦିନେ ମୁଁ ଅଫିସରୁ ଫେରୁଥାଏ । ଖରାଦିନ ୧୧ଟା । ରାଉରକେଲା ଭଳି ସହରରେ ରାସ୍ତାଘାଟ ଶୁନ୍‌ଶାନ୍ ହୋଇଯିବା କଥା । ଦେଖିଲି, ବାଟରେ ଥିବା ମୋ ସାଙ୍ଗର ସିନେମା ଘର ଆଗରେ ପ୍ରବଳ ଲୋକଭିଡ । କୌତୂହଳ ବଶତଃ ମୁଁ ହଲ୍‌ର ମାଲିକଙ୍କ ଅଫିସକୁ ଗଲି । ସାଙ୍ଗ ତ ! ଟିକେ ଥଣ୍ଡା ସର୍ବତ୍ ମିଳିଯିବ ।

ତାଙ୍କୁ ମୁଁ ପଚାରିଲି, 'କ'ଣ ଭଲ ପିକ୍‌ଚରଟାଏ ପଡିଛି କି? ବାହାରେ ତ କିଛି ପ୍ରଚାରପତ୍ର ଲେଖାନାହିଁ' ।

ସାଙ୍ଗ କହିଲେ, ଆପଣ ତ ଏ ସହରକୁ ନୂଆ । ତେଲୁଗୁ ଛବିଟିଏ ଆସିଲେ ସବୁ ଆନ୍ଧ୍ର ଲୋକଙ୍କ ଖୁବ୍ ଭିଡ ହୁଏ । ଏଥିପାଇଁ ପ୍ରଚାରପତ୍ର ଦରକାର ନାହିଁ ।

✲କିଛିଦିନ ତଳେ ଗୋଟିଏ ହିନ୍ଦି କବି ସମ୍ମେଳନ ହେଲା । କର୍ମକର୍ତ୍ତାମାନେ ମୋତେ ଜଣେ ଅତିଥି ହିସାବରେ ଡାକିଥିଲେ । ସାଧାରଣ ନାଚଗୀତ ଥିବା ସାଂସ୍କୃତିକ ଅନୁଷ୍ଠାନକୁ ତ ଲୋକେ ଆସନ୍ତି ନାହିଁ, କବି ସମ୍ମେଳନକୁ ଲୋକ ଆସିବେ କି ? ମୋର ସନ୍ଦେହ ଦୂର ହେଲା, ଯେତେବେଳେ ମୁଁ ଦେଖିଲି, ମୋର ଗାଡ଼ି ଖଣ୍ଡକ ରଖିବାକୁ ଜାଗା ମିଳିଲା ନାହିଁ ଆଉ ସମ୍ମେଳନଟି ମଧ୍ୟରାତ୍ରି ପରପର୍ଯ୍ୟନ୍ତ ଚାଲିଲା ।

ଏଭଳି ତିନୋଟି ଘଟଣା ସାଧାରଣ ଲାଗିପାରେ । କିନ୍ତୁ ପ୍ରତ୍ୟେକ ଘଟଣାରେ ସଂପୃକ୍ତ ଲୋକମାନଙ୍କର ହୃଦୟରେ ମାତୃଭୂମି ଓ ମାତୃଭାଷା ପ୍ରତି ମମତା କେତେବେଶୀ ତାହାର ପ୍ରମାଣ ମିଳେ । ଓଡ଼ିଶାରେ ତିଆରି ଜିନିଷ ପାଇଁ କେତେଜଣ ଉତ୍କଳୀୟଙ୍କର ଦରଦ ଅଛି ? ଓଡ଼ିଆ ଭାଷାରେ କବି ସମ୍ମେଳନ ହେଲେ, ସଭାଗୃହ କେବେ ପୂରିଉଠେ କି ? ଆଉ ଓଡ଼ିଆ ସିନେମା କଥା ? ପ୍ରଥମ ଦିନର ପ୍ରଥମ ସୋ'ରେ ମଧ୍ୟ କେତୋଟି ସିଟ୍ ଫାଙ୍କା ଥାଏ ।

ଆମର ଏ ଦାରିଦ୍ର୍ୟ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଖାଯାଏ ନାହିଁ, ଆମର ଦୈନଂଦିନ କାରବାରରେ ମଧ୍ୟ ଦେଖାଯାଏ । ପ୍ରତ୍ୟେକ ପ୍ରଦେଶର ଅଧିବାସୀ ସେମାନଙ୍କର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି, ସେମାନଙ୍କୁ ରାସ୍ତାଘାଟ, ବସ୍ ବା ଟ୍ରେନ୍‌ରେ ଯେଉଁଠି ଦେଖିଲେ, ସେମାନେ କେଉଁ ପ୍ରଦେଶର ଲୋକ, କେଉଁ ଭାଷାର ଲୋକ ଜାଣିହୋଇଯାଏ । କିନ୍ତୁ ଓଡ଼ିଶାର ଲୋକ ବାଲେଶ୍ୱର ପାର ହୋଇ ଉତ୍ତରମୁହାଁ ହେଲେ ତାଙ୍କୁ ବଙ୍ଗାଳି କୁହାଯାଏ, ରାୟଗଡା ବା ବ୍ରହ୍ମପୁର ପାଖାପାଖି ହେଲେ ତେଲେଙ୍ଗା ଧରିନିଆଯାଏ, ଆଉ ରାଉରକେଲାରେ ଦେଖିଲେ ତାଙ୍କୁ ଓଡିଆଛଡା ଆଉ ଯେ କୌଣସି ଭାଷାର ଲୋକ କହି ହୁଏ । ଏଠାରେ ବଙ୍ଗର ସୀମାରୁ ୩୦୦ କିଲୋମିଟର ଦୂରରେ ଥାଇ ବି ବଙ୍ଗାଳି-ମାନେ ବଙ୍ଗଳାରେ କଥା କହନ୍ତି । ଆମେ ଉତ୍ତରରେ ବଙ୍ଗଳା କହୁ ବା ନପାରିଲେ ଖଣ୍ଡିଆ ବଙ୍ଗଳା ସହିତ ହିନ୍ଦି ବା ଇଂରାଜୀ ମିଶାଉ । ହିନ୍ଦି ନ କହିଲେ ଦୋକାନୀ ଆମ କଥା ବୁଝିବ ନାହିଁ । କେବଳ କ'ଣ ରାଉରକେଲା ଏକମାତ୍ର ସର୍ବଭାରତୀୟ, ବା ଆନ୍ତର୍ଜାତୀୟ ( Cosmopolitan ) ସହର, ଯେଉଁଠି ଆମେ ପ୍ରଦେଶର ଭାଷା ବ୍ୟବହାର କରିପାରିବା ନାହିଁ ? କଲିକତାରେ ତ ବହୁ ଭାଷାଭାଷୀ ଲୋକ ଅଛନ୍ତି, କିନ୍ତୁ କୌଣସି ଦୋକାନୀ ବଙ୍ଗଳା ନ କହି, ଅନ୍ତତଃ ବଙ୍ଗଳା ନ ବୁଝି ଦୋକାନ ଚଳାଇ ପାରିବ କି? ଜଣେ ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀ ଓଡିଶାରେ ଅବସ୍ଥାପିତ ହେବାର ପାଞ୍ଚ ଛ ବର୍ଷ ପରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଗୋଟିଏ ସଭାରେ କହିଲେ, 'ଆମ ଭାରତରେ ଓଡ଼ିଶା ହେଉଛି ଏକମାତ୍ର ପ୍ରଦେଶ ଯେଉଁଠି ସ୍ଥାନୀୟ ଭାଷା ନ ଜାଣି ମଧ୍ୟ ସୁରୁଖୁରୁରେ ଚଳିହେବ । ଏହା ଆମ ସର୍ବଭାରତୀୟ ପ୍ରେମର ନିଦର୍ଶନ ହୋଇପାରେ । କିନ୍ତୁ ବାହାରୁ ଆସିଥିବା କୌଣସି

ବ୍ୟକ୍ତିଙ୍କୁ ଯଦି ଆମ ଭାଷା ପ୍ରଭାବିତ କରି ନ ପାରିଲା, ଆମରି ପ୍ରଦେଶରେ ଆମ ଭାଷାର ପ୍ରାଧାନ୍ୟ ରହିବ କି? ଗୋଟିଏ ଗୋଟିଏ ଅଞ୍ଚଳରେ ସଂଖ୍ୟାଧିକ ଗୋଷ୍ଠୀର ଲୋକେ ନିଜ ନିଜର ଭାଷା ବ୍ୟବହାର କରି ଚାଲିବେ, ଓଡ଼ିଶାର ନିଖିଳ ଉତ୍କଳ ସ୍ରୋତରେ ଭାସିବାର ପ୍ରଚେଷ୍ଟା କାହିଁକି କରିବେ ? ଏଥିପାଇଁ ସରକାରୀ ଅବହେଳା କେତେକାଂଶରେ ଦାୟୀ । ପ୍ରାଦେଶିକ ଭାଷା, ସରକାରୀ ଭାଷା ବା ରାଜଭାଷା ହୋଇନଥିବା ପ୍ରଦେଶ, ଓଡ଼ିଶା ବ୍ୟତୀତ, ଆଉ କେଉଁଠି ଅଛି କି ? ସୁଖର କଥା, ୧୯୮୫ ଅପ୍ରେଲ ପହିଲାରୁ ଓଡ଼ିଆ ଆମ ପ୍ରଦେଶର ସରକାରୀ ଭାଷା ହେଉଛି । ଏହା ଆଗରୁ କର୍ମଚାରୀମାନଙ୍କୁ ଓଡ଼ିଆ ଜାଣିବାର ବାଧ୍ୟବାଧକତା ଥିଲା କି ? ଭାଷାର ପ୍ରସାର ନଥିଲେ ସାହିତ୍ୟର ପ୍ରସାର ଅସମ୍ଭବ ଏବଂ ପାଠକର ସ୍ୱଳ୍ପତାରେ ସଂସ୍କୃତିର ଆଦର ମଧ୍ୟ ସଙ୍କୁଚିତ ହୋଇପଡ଼େ । ଏଥିପାଇଁ ଅନ୍ୟ। ଭାଷା ବା ପ୍ରଦେଶର ଉଦାହରଣ ଦେଇ ଲାଭ କ'ଣ ? ସେ ସବୁତ ଆଖି ଆଗରେ ଜଳଜଳ ଦିଶୁଛି ।

କେବଳ ସରକାରଙ୍କୁ ଦାୟୀ କରି ଲାଭ ନାହିଁ । ସାଧାରଣ ଉତ୍କଳୀୟ ହିସାବରେ ଆମର କର୍ତ୍ତବ୍ୟ ଆମେ କରୁଛୁ କି ? ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ପ୍ରତ୍ୟକ୍ଷ ଅବଦାନ ଦେଇ ନ ପାରିଲେ, ଅନ୍ତତଃ ସେଭଳି କାମରେ ଲାଗିଥିବା ଅନୁଷ୍ଠାନର ସମର୍ଥନ କରି ତାକୁ ଶକ୍ତି ଯୋଗାଇବା କଥା । ଓଡ଼ିଆ ବୋଲି କହିବାକୁ ଆମକୁ ଘୃଣା ଲାଗୁଛି । ଆମର ଏ ନ୍ୟୂନ ଭାବ ଦେଖି ଅଣଓଡ଼ିଆ ଭାଷୀ-ମାନେ ଆମକୁ ବେଶୀ ଘୃଣା କରୁଛନ୍ତି ଏବଂ ସେମାନଙ୍କ ଘୃଣା ଯୋଗୁ ଓଡ଼ିଆ ସଂସ୍କୃତି ଓ ସାହିତ୍ୟରୁ ଆହୁରି ଦୂରେଇ ଯାଉଛୁ । ଏ ଗୋଟିଏ କୁଟିଳ ଚକ୍ର । ଏହାକୁ ଭାଙ୍ଗିବାକୁ ପଡ଼ିବ । ନିଜ ଭାଷା ଓ ସଂସ୍କୃତି ତଥା ନିଜର ମାତୃଭୂମି ପାଇଁ ଆମେ ଯଦି ଗର୍ବ କରି ନ ପାରିବା, ଆଉ କ'ଣ ପ୍ରଦେଶ ବାହାରେ ଲୋକ ଆମ ପାଇଁ ଗର୍ବ କରିବେ ?

ଶହ ଶହ ବର୍ଷଧରି ପରାଧୀନ ଶାସନରେ ବିଭିନ୍ନଭାଷା-ଭାଷୀ ଅଞ୍ଚଳରେ ରହି ଓଡ଼ିଶା ଖଣ୍ଡ ଖଣ୍ଡ ହୋଇଯାଇଥିଲା । ନିଜର ଆତ୍ମରକ୍ଷା ପାଇଁ ଅନ୍ୟଭାଷାର ଲୋକଙ୍କୁ ଖୁସିରେ ରଖିବାର ପ୍ରଚେଷ୍ଟା ଓଡ଼ିଆ ଭାଷୀଙ୍କ ଭିତରେ ଅଭ୍ୟାସରେ ପଡ଼ିଯାଇଛି । ଫଳରେ ଅନ୍ୟମାନଙ୍କର ପ୍ରରୋଚନାରେ ପଡ଼ି ଆମେ ନିଜ ନିଜ ଭିତରେ ଝଗଡ଼ା ସୃଷ୍ଟି କରୁଛୁ । ଝଗଡ଼ା ଲାଗି ଓଡ଼ିଆମାନେ ଦୁର୍ବଳ ହେଲେ ଅନ୍ୟଭାଷାର ଲୋକେ ସେମାନଙ୍କ ପ୍ରାଧାନ୍ୟ ବଜାୟ ରଖି ପାରିବେ । ଏହି କାରଣରୁ ଓଡ଼ିଆମାନଙ୍କ ଭିତରେ କେହି ଉଚ୍ଚକୁ ଉଠିଲେ, ଅନ୍ୟ ଓଡ଼ିଆ ଲୋକେ ତାଙ୍କୁ ତଳକୁ ଟାଣି ଧରନ୍ତି, ସେ ଦିଗରେ ବାହାର ଲୋକେ ସାହାଯ୍ୟ କରନ୍ତି । ଆମ ଓଡ଼ଆଙ୍କ କଙ୍କଡ଼ା ପ୍ରକୃତିକୁ ଏହା ବେଶ୍ ସୁହାଏ, ଫଳରେ ଓଡ଼ିଆ ମାନେ ନିଜର ସଂକୀର୍ଣ୍ଣ ଗଣ୍ଡିର ବାହାରକୁ ଯାଇପାରୁନାହାନ୍ତି ।

ମୟୂରଭଞ୍ଜର ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଦିନେ ତାଙ୍କ ପ୍ରାତଃ ଭ୍ରମଣରେ ଯାଉଥିବା ସମୟରେ ବାରିପଦାର ସହରରେ ଜଣେକ ମେହେନ୍ତର ଝଗଡ଼ା ଛଳରେ ଆଉ ଜଣକୁ 'ଓଡ଼ିଆ କୁକୁର ବଙ୍ଗାଳି କାଉ' କହୁଥିବାର ଶୁଣିଲେ । ଘଟଣାଟା କ'ଣ ଜାଣିବା ପାଇଁ ମହାରାଜା ସେ ଦିନର ଦରବାରକୁ ତାକୁ ଡକାଇଲେ । ମହାରାଜାଙ୍କ ଅଭୟବାଣୀ ପାଇଲାପରେ ମେହେନ୍ତରଟି କହିଲା, କାଉଟିଏ ଖାଦ୍ୟପାଇଲେ କା' କା' କରି ଅନ୍ୟ କୁଆମାନଙ୍କୁ ଡାକେ, ସମସ୍ତେ ସୁଯୋଗ ଉପଭୋଗ କରନ୍ତି । କୁକୁର ଆଉ ସବୁ କୁକୁରଙ୍କୁ ଗୋଡ଼େଇ ଖେଦେ ? ଏହି ଖେଦିବା ଭିତରେ ତୃତୀୟପକ୍ଷମାନେ ଇଂରିମାରି ସୁଯୋଗ ନିଅନ୍ତି । କୁକୁର ସାଙ୍ଗଭାଇଙ୍କୁ ତ ଖାଇବାକୁ ଦିଏ ନାହିଁ, ନିଜେ ବି ପେଟପୂରା ପାଏ ନାହିଁ । ଓଡ଼ିଆମାନେ ଉଚ୍ଚକୁ ଉଠି ପାରୁ ନ ଥିବା, କିମ୍ବା ଭଲ ଭଲ ଆସନର ଅଧିକାରୀ ହୋଇ ପାରୁ ନ ଥିବା କାରଣ ଏହାଠାରୁ ଆଉ ଭଲ ଭାବରେ ବୁଝାଇ ହେବ କି ?

ଯେତେ ଦିନ ପର୍ଯ୍ୟନ୍ତ ଆମେ ନିଜ ଭାଷା ବା ଭୂମି ପାଇଁ ଗର୍ବ କରି ନ ଶିଖିବା, ନିଜ ନିଜ ଭିତରେ ଅନ୍ତର୍ଘାତୀ କାର୍ଯ୍ୟ ବା କଳହ ବନ୍ଦ ନ କରିବା, ତେତେ ଦିନ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ସଂସ୍କୃତି ଓ ଭୂମିର ଉନ୍ନତି ଅସମ୍ଭବ, ତେତେଦିନ ପର୍ଯ୍ୟନ୍ତ ଆମେ ଅଜ୍ଞାନ, ଦୁର୍ବଳ ଓ ଭୀରୁ ହୋଇ ରହିବା । ବର୍ତ୍ତମାନ ଗଙ୍ଗାଧର ମେହେରଙ୍କ ଉଦ୍‌ବୋଧନକୁ ମନେ ପକାଇବାର ବେଳ ଆସି-ଯାଇଛି —

ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଜନରେ ଗଣିବା ଅଜ୍ଞାନ ରହିବେ କାହିଁ ?

ବାଣିଜ୍ୟ ଓ ପରିବହନ ସଚିବ
ଭୁବନେଶ୍ୱର, ୭୫୧୦୦୧

ପ୍ରତ୍ୟେକ ମନୁଷ୍ୟ ଏକ ଆତ୍ମାର ପ୍ରକାଶ । ଏହା ଏକ ସ୍ୱର୍ଗୀୟ ଲକ୍ଷ୍ୟ ଘେନି ଜଗତକୁ ଆସେ । ବର୍କ ରୋନାଲ୍ଡ୍‌ସ୍ ଏହାକୁ କହନ୍ତି—"ସ୍ୱର୍ଗୀୟ ଜ୍ୟୋତିକଣା" । ଏହା ଏକ ସୁନ୍ଦର ଅଭିବ୍ୟକ୍ତି । ଯେତେବେଳେ ଆତ୍ମା ପୃଥିବୀ ପୃଷ୍ଠରେ କୌଣସି ଅଂଶରେ ଜନ୍ମ ଗ୍ରହଣ କରେ, ସେତେବେଳେ ଏହା ଜାତି ପାଇଁ କିଛି ଋଣ ଘେନି ଜନ୍ମ ଗ୍ରହଣ କରେ । ଅର୍ଥାତ୍ ମନୁଷ୍ୟ ଜାତି ପାଇଁ କିଛି କାର୍ଯ୍ୟ ନକଲେ ତାହାର ଏହି ଋଣ ପରିଶୋଧ ହୁଏ ନାହିଁ ।

—ମଧୁସୂଦନ

# ନିର୍ମଳ ଶାସନ

ଶ୍ରୀ ସାତକଡ଼ି ହୋତା

ଯେ କୌଣସି ଶାସନ ବ୍ୟବସ୍ଥାରେ ନିର୍ମଳ ଶାସନର ଆବଶ୍ୟକତା ଏବଂ ଗୁରୁତ୍ୱ ରହିଛି । କାରଣ ଶାସନ ଓ ଶାସିତଙ୍କ ମଧ୍ୟରେ ଯେଉଁ ସୁସଂପର୍କ ଏବଂ ପରସ୍ପର ପ୍ରତି ଯେଉଁ ଅନୁରକ୍ତି ରହିବାର କଥା ତାହା ଏହା ଉପରେ ନିର୍ଭର କରେ । ଗଣତାନ୍ତ୍ରିକ ଶାସନରେ ତ ନିର୍ମଳ ଶାସନର ଆବଶ୍ୟକତା ଅନେକ ବେଶୀ କିନ୍ତୁ ଏପରିକି ଏକଛତ୍ରବାଦୀ ଶାସନ ନିରଙ୍କୁଶ କ୍ଷମତାର ଅଧିକାରୀ ହୋଇ ମଧ୍ୟ ଏହାକୁ ପ୍ରତ୍ୟାଖ୍ୟାନ କରି ନପାରେ । ଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ଏକ ସହଜାତ ପାରିବାରିକ ସଂପର୍କ ରହିଛି । ଯେଉଁଠାରେ ଏହି ସଂପର୍କ ସଦ୍‌ଭାବ, ଶ୍ରଦ୍ଧା, ଅନୁରକ୍ତି ଏବଂ ବୁଝାମଣା ଉପରେ ପ୍ରତିଷ୍ଠିତ, ସେଠାରେ ଶାସନ ଓ ଶାସିତଙ୍କ ମଧ୍ୟରେ ସୁସଂପର୍କ ବିରାଜମାନ କରେ, ସେଠାରେ ଶାସନ ବ୍ୟବସ୍ଥା ସେତିକି ଗ୍ରହଣ ଯୋଗ୍ୟ ହୋଇଥାଏ । ଶାସନ ବ୍ୟବସ୍ଥାର ଗ୍ରହଣ ଯୋଗ୍ୟତା ଓ ବିଶ୍ୱାସ ଯୋଗ୍ୟତା ଉପରେ ସରକାରଙ୍କ ଭାବମୂର୍ତ୍ତି ନିର୍ଭର କରେ । ଯେଉଁ ଶାସନ ବ୍ୟବସ୍ଥା ଅପାରଗ, ଲୋକଙ୍କର ଆଶା ଆକାଂକ୍ଷାକୁ ରୂପାୟିତ କରିବାକୁ ଅକ୍ଷମ ଏବଂ ଯେଉଁ ବ୍ୟବସ୍ଥାରେ ସୁବିଚାର, ନ୍ୟାୟ ଏବଂ ସମସ୍ତଙ୍କୁ ସମାନ ସୁଯୋଗ ସୁବିଧା ଦେବାପାଇଁ ପରାଙ୍‌ମୁଖ ସେହି ଶାସନ ବ୍ୟବସ୍ଥା [illegible] ହୁଏ । ଏକଛତ୍ରବାଦୀ ଶାସନରେ ଏକ ଦୃଢ଼ ଶାସନ ବ୍ୟବସ୍ଥାକୁ ହୁଏତ ବଳପ୍ରୟୋଗ ଦ୍ୱାରା କିଛି କାଳ ଜନସାଧାରଣଙ୍କ ଉପରେ ଲଦି ଦିଆଯାଇପାରେ କିନ୍ତୁ ଗଣତାନ୍ତ୍ରିକ ଶାସନରେ ଏହା ସମ୍ଭବ ନୁହେଁ ।

ଗଣତାନ୍ତ୍ରିକ ଶାସନରେ ଗଣତାନ୍ତ୍ରିକ ଜୀବନଧାରା ପ୍ରତିଫଳିତ ହୋଇ ପ୍ରଶାସନିକ କାର୍ଯ୍ୟରେ ଜନସାଧାରଣଙ୍କ ଆଶା ଆକାଂକ୍ଷା ପ୍ରତିଫଳିତ ହେବାର କଥା । ଯଦି ଏହି ପ୍ରକ୍ରିୟା ବ୍ୟାହତ ହୁଏ ତେବେ ଶାସକ ଓ ଶାସିତ ମଧ୍ୟରେ ରହିଥିବା ସହଜାତ ସଂପର୍କଟି ମଧ୍ୟ ନଷ୍ଟ ହୋଇଯାଏ । ଜନସାଧାରଣଙ୍କୁ ସୁରକ୍ଷା, ଶାନ୍ତି ଏବଂ ପ୍ରଗତି ନିମନ୍ତେ ପ୍ରଚୁର ସୁବିଧା ସୁଯୋଗ ଯୋଗାଇଦେବା କେବଳ ଶାସନର ଲକ୍ଷ୍ୟ ନୁହେଁ, ପ୍ରଜାମାନେ ଯେପରି ସକଳ ସୁଖସୁବିଧା ଉପଭୋଗ କରିପାରିବେ ଏବଂ ଶାସନର ଛତ୍ର ଛାୟା ତଳେ ସୁରକ୍ଷିତ ଏବଂ ସୁଖରେ କାଳଯାପନ କରି ପାରିବେ ତାହା ବାସ୍ତବରେ ରୂପାୟିତ କରିବା ମଧ୍ୟ ଶାସନର ଆଉ ଏକ ମହତ୍ ଲକ୍ଷ୍ୟ । ଯେତେବେଳେ ପ୍ରଶାସନିକ ବ୍ୟବସ୍ଥା ପ୍ରଜାମାନଙ୍କର ଉନ୍ନତି କଳ୍ପେ ଏକ ଅସ୍ତ୍ର ଭାବରେ ବ୍ୟବହୃତ ହୁଏ, ସେତେବେଳେ ଏହାର ସଦୁପଯୋଗ ଶାସନର ମର୍ଯ୍ୟାଦାକୁ ସେହି ପରିମାଣରେ ବୃଦ୍ଧି କରିଥାଏ । ଗଣତାନ୍ତ୍ରିକ ଜୀବନଧାରା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଅଙ୍ଗ ହୋଇ ଥିବାରୁ ଏବଂ ଗଣତାନ୍ତ୍ରିକ ଶାସନର ସ୍ଥିରତା, ସଫଳତା ଏବଂ ସୃଜନଶୀଳତା ଏହାରି ଉପରେ ନିର୍ଭର କରୁଥିବାରୁ ନିର୍ମଳ ଶାସନ ପ୍ରତିଷ୍ଠା ନିମନ୍ତେ ଏତେ ଆଗ୍ରହ ପ୍ରକାଶ ପାଏ । ସେଥିପ୍ରତି ପ୍ରଶାସନିକ କର୍ମଚାରୀଙ୍କର ବ୍ୟକ୍ତିଗତ ସାଧୁତା, ଚାରିତ୍ରିକ ଦୃଢ଼ତା ଶୃଙ୍ଖଳତା ଏବଂ ସଦାଚାର ଉପରେ ନିର୍ମଳ ଶାସନ ଅନେକ ପରିମାଣରେ ନିର୍ଭର କରେ ।

ପ୍ରଜାମାନଙ୍କୁ ସୁରକ୍ଷା ଯୋଗାଇଦେବା କେବଳ ଶାସନର ଲକ୍ଷ୍ୟ ନୁହେଁ, ସେମାନଙ୍କ ମଧ୍ୟରେ ଶାସନ ପ୍ରତି ଶ୍ରଦ୍ଧା ଓ ଅନୁରକ୍ତି ସୃଷ୍ଟି କରିବା ମଧ୍ୟ ଆଉ ଗୋଟିଏ ଲକ୍ଷ୍ୟ । ଶ୍ରଦ୍ଧା ଏବଂ ଅନୁରକ୍ତି ସେତିକିବେଳେ ସୃଷ୍ଟି ହେବ ଯେତେବେଳେ ପ୍ରଜା ଅନୁଭବ କରିବ ଯେ ଶାସନ ତାକୁ ନ୍ୟାୟ ଏବଂ ସୁବିଚାର ଦେବାରେ ସମର୍ଥ, ତାକୁ ଶକ୍ତିଶାଳୀର ଅତ୍ୟାଚାର ବା ଅନ୍ୟାୟରୁ ରକ୍ଷା କରିବା ପାଇଁ ସକ୍ଷମ ଏବଂ ଧନ ଓ ଜୀବନ ଶାସନରେ ନିରାପଦ । ଏହି ସର୍ତ୍ତଗୁଡ଼ିକ ଉପରେ ନିର୍ଭର କରେ ପ୍ରଜାର ସହଜାତ ବିକାଶ ଓ ସମନ୍ୱିତ ଅଭିବୃଦ୍ଧି । ତେଣୁ ଶାସନର ବିଭିନ୍ନ ଅଙ୍ଗଗୁଡ଼ିକୁ ଏପରି ଭାବରେ ବିନ୍ୟାସ ଓ କ୍ରିୟାଶୀଳ କରିବାକୁ ହେବ, ଯେଉଁଠାରେ ପ୍ରଜା ଅସହାୟ ବୋଧ ଦ୍ୱାରା ନିପୀଡ଼ିତ ଶକ୍ତିଶାଳୀର ଅତ୍ୟାଚାର ଦ୍ୱାରା ଜର୍ଜରିତ ନହୋଇ ଦୁଃଖରେ ଓ ସୁଖରେ ଶାସନର ଶରଣାଗତ ହୋଇ ଠିକ୍ ସମୟରେ ନ୍ୟାୟ ବିଚାର ପାଇ ପାରିବ । କଥାରେ ଅଛି ବିଳମ୍ବରେ ନ୍ୟାୟ ଦେବା ନ୍ୟାୟ ନ ଦେବା ସହିତ ସମାନ ।

ପୂର୍ବ କାଳରେ ଗୋଟିଏ କଥା ଉପରେ ବିଶେଷ ଜୋର ଦିଆଯାଉଥିଲା । ଯଥା: ରାଜା ତଥା ପ୍ରଜା । ଅର୍ଥାତ୍ ରାଜା ଯେପରି ପ୍ରଜା ମଧ୍ୟ ସେହିପରି ହୁଅନ୍ତି । କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଯଥା: ପ୍ରଜା ତଥା ରାଜା କୁହାଯାଇ ପାରେ । ପ୍ରଜା ଯେପରି ରାଜା ସେହିପରି ହେବେ । ପ୍ରଜାମାନଙ୍କର ସୁଖ ସୁବିଧା ପ୍ରତି ସଚେତନ ଭାବରେ କାର୍ଯ୍ୟ କରିବା ସବୁ କାଳରେ ରାଜଧର୍ମ ଭାବରେ ବିବେଚିତ ହୋଇ ଆସୁଛି । ପ୍ରଜାକୁ ଦୁଃଖ, ନିର୍ଯ୍ୟାତନା ଅନ୍ୟାୟ ଓ ଅତ୍ୟାଚାରରୁ ରକ୍ଷା କରିବା ମଧ୍ୟ ରାଜଧର୍ମ । ଆମ ସମ୍ବିଧାନରେ ଶାସନର ମୂଳନୀତି ଉଲ୍ଲେଖ କରାଯାଇଛି । ରାଜନୈତିକ ଏବଂ ସାମାଜିକ ନ୍ୟାୟ ନାଗରିକମାନଙ୍କ ମୌଳିକ ଅଧିକାରର ସୁରକ୍ଷା ଏବଂ ସମତା ଭିତ୍ତିରେ ଆଇନର ଶାସନ

ପ୍ରଚଳନ ପ୍ରଭୃତି ବ୍ୟବସ୍ଥା ରହିଛି । ଦୁର୍ବଳ ଓ ଅସହାୟଙ୍କୁ ଅଧିକ ସୁରକ୍ଷା ଏବଂ ସୁବିଧା ଯୋଗାଇଦେବା ଶାସନର କର୍ତ୍ତବ୍ୟ । ସରକାର ନୀତି ନିର୍ଦ୍ଧାରଣ କରନ୍ତି । କିନ୍ତୁ ପ୍ରଶାସନ ଉପରେ ଏହି ନୀତିକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନ୍ୟସ୍ତ ରହେ । ଏଥିରେ ଶିଥିଳତା ବା ପାତର ଅନ୍ତର ଭାବ ପ୍ରଦର୍ଶିତ ହେଲେ କେବଳ ଶାସନ କଳ ନଷ୍ଟ ହୁଏ ନାହିଁ ପ୍ରଶାସନ ମଧ୍ୟ କଳଙ୍କିତ ହୁଏ ।

ପ୍ରାଚୀନ ସଂସ୍କୃତି ଏବଂ ପରଂପରା ଉପରେ ପ୍ରତିଷ୍ଠିତ ଭାରତବର୍ଷର ଶାସନ ପ୍ରଣାଳୀ ପୂର୍ବକାଳରେ କିପରି ପରିଚାଳିତ ହେଉଥିଲା ତାହା ମହାଭାରତର ଶାନ୍ତି ପର୍ବରେ ଯୁଧିଷ୍ଠିରଙ୍କୁ ଭୀଷ୍ମଙ୍କର ଉପଦେଶରେ ଉଲ୍ଲିଖିତ ରହିଛି ।

ଭୀଷ୍ମ କହିଛନ୍ତି ଯେ – "ଅନ୍ୟାନ୍ୟ ଲୋକମାନଙ୍କୁ ପୀଡିତ ନ କରି କାର୍ଯ୍ୟ କରିବା କର୍ତ୍ତବ୍ୟ । ଅସତ୍ ଲୋକଙ୍କଠାରେ ଅର୍ଥ କଥନ, ସ୍ୱୟଂ ନିଜର ଗୁଣଗାନ, ସାଧୁମାନଙ୍କଠାରୁ ଧନ ହରଣ ଏବଂ ଅସତ୍ ପୁରୁଷର ଆଶ୍ରୟ ଗ୍ରହଣ କରିବା କର୍ତ୍ତବ୍ୟ ନୁହେଁ । ବିଚାର ନକରି ଦଣ୍ଡ ପ୍ରୟୋଗ କରିବା, ଅପର ଲୋକଠାରେ ମନ୍ତ୍ରଣା ପ୍ରକାଶ କରିବା, ଲୋଭୀମାନଙ୍କୁ ଧନ ଦାନ କରିବା ଏବଂ ଅପକାରୀ ଲୋକମାନଙ୍କୁ ବିଶ୍ୱାସ କରିବା ବିଧେୟ ନୁହେଁ । ରଜା ସଦା ଈର୍ଷା ବିରହିତ, ଶୁଦ୍ଧ ଏବଂ ଘୃଣା ବିହୀନ ହେବେ ।

ଯୁଧିଷ୍ଠିର ପ୍ରଜାପାଳନ ସଂପର୍କରେ ସମୁଚିତ ଉପଦେଶ ଚାହିଁବାରୁ ଭୀଷ୍ମ କହିଲେ – ହେ ରାଜନ୍ । ଆମେ ସେହି ଶାସ୍ତ୍ର ଧର୍ମସବୁ ସଂକ୍ଷେପରେ ବର୍ଣ୍ଣନା କରିବୁ । ତୁମ୍ଭେ, ଧର୍ମନିଷ୍ଠ ବେଦଜ୍ଞ, ବେଦ ପୂଜା ରତ, ବ୍ରତ ପରାୟଣ ଏବଂ ଗୁଣବାନ ଗୃହାଗତ ବ୍ରାହ୍ମଣମାନଙ୍କୁ ନିୟତ ଅର୍ଚ୍ଚନା କରିବ । ନୃପତି କାମ, କ୍ରୋଧ ବର୍ଜନ ପୂର୍ବକ ସ୍ୱୀୟବୁଦ୍ଧି ଓ ପ୍ରଭାବ ଦ୍ୱାରା ଧୈର୍ଯ୍ୟ ଓ ସରଳଭାବ ଅବଲମ୍ବନ କରି ଯଥାର୍ଥ ପ୍ରାପ୍ୟ ବସ୍ତୁକୁ ଗ୍ରହଣ କରିବେ । ଯେଉଁ ମୂଢ଼ ନରପତି କାମ, କ୍ରୋଧର ବଶୀଭୂତ ହୋଇ ଅର୍ଥୋପାର୍ଜ୍ଜନ କରନ୍ତି, ସେ ଧର୍ମ କିମ୍ବା ଅର୍ଥ କିଛି ସୁଦ୍ଧା ଲାଭ କରି ପାରନ୍ତି ନାହିଁ । ଲୋଭୀ ଏବଂ ମୂର୍ଖମାନଙ୍କୁ ଲୋଭଜନକ ଅର୍ଥ ସମ୍ବନ୍ଧୀୟ କାର୍ଯ୍ୟରେ ନିଯୁକ୍ତ ନ କରି ଲୋଭଶୂନ୍ୟ ବୁଦ୍ଧିମାନ ଲୋକମାନଙ୍କୁ ସେହିପରି କାର୍ଯ୍ୟରେ ନିଯୁକ୍ତ କରିବା କର୍ତ୍ତବ୍ୟ । ହେ ଯୁଧିଷ୍ଠିର । ତୁମେ କଦାପି ଲୋଭ ପରବଶ ହୋଇ ଅଧର୍ମାଚରଣ ଦ୍ୱାରା ଅର୍ଥ ଉପାର୍ଜ୍ଜନ କରିବନାହିଁ । କାରଣ ଯେ ଶାସ୍ତ୍ରାନୁଯାୟୀ କାର୍ଯ୍ୟ ନ କରନ୍ତି, ତାହାଙ୍କର ଧର୍ମ ଓ ଅର୍ଥ ସମସ୍ତ ଚିରସ୍ଥାୟୀ ହୁଏନାହିଁ । ଯେପରି ମାତା ଶିଶୁକୁ ସ୍ତନ୍ୟ ଦାନ କରନ୍ତି, ସେହିପରି ବସୁମତି ନରପତିଙ୍କ ଦ୍ୱାରା ସୁରକ୍ଷିତା ହେଲେ ଦୁଗ୍ଧଠାରୁ ସମସ୍ତଙ୍କୁ ଧାନ୍ୟହିରଣ୍ୟାଦି ପ୍ରଦାନ କରନ୍ତି । ପ୍ରଜାମାନଙ୍କୁ ରକ୍ଷା କରିବା ରାଜାଙ୍କର ପରମ ଧର୍ମ ଅଟେ । ନୃପତି ଏକ ଦିନରେ ଭୟ ହେତୁ ପ୍ରଜାବର୍ଗଙ୍କର ରକ୍ଷା ବିଧାନ ନ କରି ଯେଉଁ ପାପ ସଞ୍ଚୟ କରନ୍ତି ସହସ୍ରବର୍ଷ ପରେ ସେହି ପାପରୁ ମୁକ୍ତିଲାଭ କରନ୍ତି । ପ୍ରଜାମାନଙ୍କୁ ଧର୍ମାନୁସାରେ ଦିନେମାତ୍ର ରକ୍ଷା କରି ଯେଉଁ ଧର୍ମ ଉପାର୍ଜ୍ଜନ କରନ୍ତି ଦଶସହସ୍ର ବର୍ଷ ସ୍ୱର୍ଗଧାମରେ ତାହାର ଫଳ ଭୋଗ କରନ୍ତି ।

ଧର୍ମ କେବଳ କଥାର ବସ୍ତୁ ନ ହୋଇ ଆଚରଣଗତ ହେବା ଦରକାର । ଧର୍ମର ସଜ୍ଞା ହେଉଛି ସଦାଚାର । ସଦାଚାର ଆଚରଣ କରିବା ବ୍ୟକ୍ତିକୁ ନୀତି, ନିୟମ, ଶୃଂଖଳା ପାଳନ କରି ଚିରନ୍ତନ ମୂଲ୍ୟବୋଧଗୁଡ଼ିକୁ ରକ୍ଷା କରିବାକୁ ହେବ । ପ୍ରଶାସନିକ କ୍ଷେତ୍ରରେ ଆଜି ଯେଉଁମାନେ କାର୍ଯ୍ୟ କରନ୍ତି ସେମାନେ ରାଜକାର୍ଯ୍ୟ କରୁଥିବାରୁ ରାଜାଙ୍କର ପ୍ରତିନିଧି ଅଟନ୍ତି ଏବଂ ସେମାନଙ୍କର ଆଚରଣରେ ସଦାଚାର ପ୍ରତିଫଳିତ ନ ହେଲେ ରାଜ୍ୟ କେବଳ ଦୁର୍ବଳ ହୁଏ ନାହିଁ, ପ୍ରଜାମାନେ ଦୁଃଖ ଭୋଗ କରନ୍ତି । ପ୍ରଜାମାନଙ୍କୁ ନ୍ୟାୟ ବିଚାର ଦେବା ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା, ସେମାନଙ୍କର ଅଧିକାର କ୍ଷୁର୍ଣ୍ଣ ନ କରି ସେମାନଙ୍କ ମଧ୍ୟରେ କର୍ତ୍ତବ୍ୟବୋଧ ଜାଗ୍ରତ କରାଇବା, ଦେଶରୁ ଅଜ୍ଞତା, ଦାରିଦ୍ର୍ୟ ଓ କୁସଂସ୍କାରର ବିଲୋପ ସାଧନ କରିବା ନିମନ୍ତେ ସମର୍ପିତ ଭାବନେଇ ସତ୍ୟନିଷ୍ଠ ଭାବରେ କାର୍ଯ୍ୟ କରିବା ଏବଂ ଆଇନ ଆଗରେ ସମସ୍ତେ ଯେପରି ସମାନ ବିବେଚିତ ହୁଅନ୍ତି ସେଥିପ୍ରତି ଯତ୍ନଶୀଳ ହେବା ପ୍ରଶାସନିକ କର୍ମଚାରୀମାନଙ୍କର କର୍ତ୍ତବ୍ୟ ।

କିନ୍ତୁ କ୍ରମଶଃ ମୂଲ୍ୟବୋଧର ଅବକ୍ଷୟ ଏବଂ ଜଟିଳ ପାରିପାର୍ଶ୍ୱିକ ଅବସ୍ଥା ହେତୁ ପ୍ରାଚୀନ କାଳରେ ପ୍ରଚଳିତ ରାଜଧର୍ମ ଆଉ ଅନୁସୃତ ହେଉନାହିଁ । ସରକାର ପ୍ରଜାମାନଙ୍କର କଲ୍ୟାଣ କଳ୍ପେ ନାନାଦି ନୀତି ଓ ନିୟମ ପ୍ରଣୟନ କରୁଥିଲେ ମଧ୍ୟ ପ୍ରଶାସନିକ କଳ ନଷ୍ଟକଳଙ୍କ ହୋଇ ନ ଥିବାରୁ ପ୍ରଜାମାନେ ଆଶାନୁରୂପ ସୁଫଳ ପାଇ ପାରନ୍ତି ନାହିଁ । ଏହାର ପ୍ରତିକାର ପାଇଁ ବାହାରକୁ ନ ଚାହିଁ ନିଜକୁ ଚାହିଁବାକୁ ହେବ । ପ୍ରତ୍ୟେକ କର୍ମଚାରୀ ନିଜର ଆଚରଣ ଦ୍ୱାରା କେବଳ ଆଦର୍ଶ ସୃଷ୍ଟି କରିବେ ନାହିଁ । ସତ୍ୟନିଷ୍ଠ ଭାବରେ କର୍ତ୍ତବ୍ୟ ପାଳନ କରି ପ୍ରଜାମାନଙ୍କର ଶ୍ରଦ୍ଧା ଭାଜନ ହେବେ ।

ଆଧୁନିକ ଯୁଗର ଯେ କୌଣସି ସରକାରଙ୍କର ନୀତି ଲୋକାଭିମୁଖୀ ହେବା ସ୍ୱାଭାବିକ । ଏପରିକି ଏକଚ୍ଛତ୍ରବାଦୀ ସରକାର ମଧ୍ୟ ପ୍ରଜାମାନଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବାର ଦୃଷ୍ଟାନ୍ତ ଅଭାବ ନାହିଁ । କିନ୍ତୁ ଏପରି ଏକ ରାଷ୍ଟ୍ରରେ ଶାସନ ଓ ଶାସିତ ମଧ୍ୟରେ ସହଯୋଗ ରହେ ନାହିଁ । ଶାସନ ଯାହା କରେ ଶାସିତ ତାହା ମାନି ନିଅନ୍ତି, ଶାସନକୁ ପ୍ରଶ୍ନ ପଚାରି ପାରନ୍ତି ନାହିଁ । କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଠିକ୍ ଓଲଟା । ଏଠାରେ ପ୍ରତ୍ୟେକ ନାଗରିକ ସରକାର ଓ ଶାସନକୁ ପ୍ରଶ୍ନ ପଚାରିବାରେ ଅବାଧ ସ୍ୱାଧୀନତା । ଲୋକ ପ୍ରତିନିଧିମାନେ ଶାସନର ଚାଳକ ହୋଇ ଥିବାରୁ ପଞ୍ଚାୟତଠାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ସବୁଠାରେ ଲୋକମାନଙ୍କର ହାରିଗୁହାରୀ, ଅଭାବ ଅଭିଯୋଗ ଶୁଣିବାର ବ୍ୟବସ୍ଥା ଅଛି । ଏଣୁ ସରକାରୀ ଶାସନ କଳ ଲୋକମାନଙ୍କ ପ୍ରତି ଯେତିକି ସହାନୁଭୂତିଶୀଳ ଏବଂ ସଚେତନଶୀଳ ହେବ ସେହି ପରିମାଣରେ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସହଯୋଗ ଏବଂ ସଂପର୍କ ସୁଦୃଢ଼ ହେବ । ଶାସନ ଓ ଶାସିତଙ୍କ ମଧ୍ୟରେ ନିରନ୍ତର କର୍ତ୍ତବ୍ୟରତ ପ୍ରଶାସନିକ କର୍ମଚାରୀଙ୍କ କାର୍ଯ୍ୟ କୁଶଳତା, ସାଧୁତା ଏବଂ ସମର୍ପିତ ଉଦ୍ୟମ ଉପରେ ଏହା ନିର୍ଭର କରେ । ଗାନ୍ଧିଜୀ ଥରେ କହିଥିଲେ ଯେ କୌଣସି କାର୍ଯ୍ୟ କରିବା ଆଗରୁ ଯଦି ମନରେ ସଂଶୟ ଉପୁଜେ ତାହାହେଲେ ସମ୍ମୁଖରେ ଥିବା ସର୍ବାପେକ୍ଷା ଅବହେଳିତ ଓ ଦୁର୍ବଳ ଲୋକଟିକୁ ଅନାଅ, ସମାଧାନର ସୂତ୍ର ପାଇଯିବ ।

ଉତ୍ସର୍ଗୀକୃତ ଓ ସମର୍ପଣ ଭାବ ନେଇ ରାଜକର୍ମଚାରୀମାନେ କର୍ତ୍ତବ୍ୟ କରିବା ଉଚିତ୍ । ଆଜିର ଜୀବନଯାତ୍ରା ଯେପରି ଜଟିଳ ଓ ସମସ୍ୟା ବହୁଳ ଶାସନ ମଧ୍ୟ ସେହିପରି ବହୁ ଜଟିଳତା ଓ ସମସ୍ୟାର ସମ୍ମୁଖୀନ । ଏସବୁର ସମାଧାନ କିନ୍ତୁ ସମ୍ଭବ ଅଟେ । ଶାସନର ମୂଳ ଲକ୍ଷ୍ୟ ପ୍ରଜାମାନଙ୍କର କଲ୍ୟାଣ ସାଧନ କରିବା । ଅନ୍ୟ ସବୁ ଆନୁସଙ୍ଗିକ । ଗୋଟିଏ ସମାଜକୁ ସ୍ଥାଣୁତ୍ୱ ଓ ସ୍ଥିତାବସ୍ଥା ମଧ୍ୟରୁ ଟାଣି ଆଣି ଅଭ୍ୟୁଦୟ ଆଡ଼କୁ ନେଉଥିବା ନିମନ୍ତେ କାର୍ଯ୍ୟ କରିବା ଏକ ବଡ଼ ଆହ୍ୱାନ । ଏହି ଆହ୍ୱାନର ଉତ୍ତର ଦିନକର କାର୍ଯ୍ୟ ଦ୍ୱାରା ଦିଆଯାଇ ପାରିବ ନାହିଁ । ଏହା ଚିର-ଜାଗ୍ରତ ଓ ସମର୍ପିତ ଉଦ୍ୟମରେ ପ୍ରତିଫଳିତ ହେଲେ ଲକ୍ଷ୍ୟସିଦ୍ଧି ସହଜ ହୋଇଯିବ ।

ରାଜକର୍ମଚାରୀମାନେ ଅଧିକ ସୁଖସୁବିଧାର ଅଧିକାରୀ । ସେମାନଙ୍କର ଚାକିରୀ ମଧ୍ୟ ସଂବିଧାନ ଦ୍ୱାରା ସୁରକ୍ଷିତ । ସେମାନେ ଶିକ୍ଷିତ ଏବଂ ପ୍ରଶିକ୍ଷଣ ପାଇବା ଦ୍ୱାରା କାର୍ଯ୍ୟ କରିବାର କୁଶଳତା ଅର୍ଜନ କରିଛନ୍ତି । କିନ୍ତୁ ସେମାନଙ୍କର ଜୀବନଧାରା ସାଧାରଣ ଜୀବନଧାରାଠାରୁ ବିଚ୍ଛିନ୍ନ ହୋଇ ପାରିବ ନାହିଁ । ଲୋକମାନଙ୍କ ଭିତରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଆଚରଣ ଓ ଅଭ୍ୟାସରେ ନିର୍ମଳ, ଶୃଙ୍ଖଳିତ ଏବଂ କର୍ମପ୍ରବଣ ହେଲେ ଲୋକଜୀବନ ଅନୁପ୍ରାଣିତ ହେବ । ସରକାରଙ୍କ ନୀତି ଏବଂ ନିର୍ଦ୍ଦେଶ କୁ କେବଳ କାର୍ଯ୍ୟରେ ପରିଣତ କଲେ ଚଳିବ ନାହିଁ ନିର୍ଭୟରେ ଓ ନିରପେକ୍ଷ ଭାବରେ କାମ କରିବାକୁ ହେବ ଏବଂ ଲୋକମାନଙ୍କ ସହିତ ସହୃଦୟତା ରକ୍ଷା କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ହେବ । ସେଥିପାଇଁ ପ୍ରଶାସନିକ କାର୍ଯ୍ୟାଳୟ ଗୁଡିକ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହିବ ଏବଂ କାର୍ଯ୍ୟାବଳୀର ସଫଳତା ସଂପର୍କରେ ନିୟମିତ ଭାବରେ ପର୍ଯ୍ୟାଲୋଚନା ଓ ସମୀକ୍ଷା କରାଯିବ ।

ନ୍ୟସ୍ତସ୍ୱାର୍ଥମାନେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରନ୍ତି । ଏହା ଏକ ବ୍ୟାଧିରେ ପରିଣତ ହୋଇଛି । କିନ୍ତୁ ଏହି ନ୍ୟସ୍ତସ୍ୱାର୍ଥର ମୁକାବିଲା କରିବାକୁ ହେବ । ସେମାନଙ୍କ ପ୍ରତି ସତର୍କ ରହିବାକୁ ହେବ । ଯେଉଁଠାରେ କ୍ଷମତା ବହିର୍ଭୂତ ଶକ୍ତି ଭାବରେ ସେମାନେ ଠିଆହେବେ ସେଠାରେ ଆଇନ ଏବଂ ନିୟମକୁ ଅନୁସରଣ କରିବାକୁ ହେବ । ଲୋକ ସଂଗଠନ ସହଜ କଥା ନୁହେଁ । ଏଥିପାଇଁ ତ୍ୟାଗ ମଧ୍ୟ କରିବାକୁ ହେବ । ଜନଜୀବନକୁ ସଂଗଠିତ ନକଲେ ସାମାଜିକ ବିକାଶ ବାଧାପ୍ରାପ୍ତ ହେବ । ଲୋକ ସଙ୍ଗଠନ କାର୍ଯ୍ୟରେ ଯେଉଁମାନେ ନିଯୁକ୍ତ ସେମାନେ ନିଜର ଆଚରଣ ଓ ଚରିତ୍ର ଦ୍ୱାରା ଲୋକମାନଙ୍କୁ ଉଦ୍‌ବୁଦ୍ଧ କରିବେ । ଚରିତ୍ର ନିଷ୍କଳଙ୍କ ଏବଂ ନିର୍ମଳ ନହେଲେ ଭାବମୂର୍ତ୍ତି ରକ୍ଷା କରାଯାଇ ପାରେ ନାହିଁ । କାରଣ ବଡ଼ ବଡ଼ ଲୋକମାନେ ଯେଉଁପଥରେ ଯାଆନ୍ତି ସାଧାରଣ ଲୋକେ ତାର ଅନୁସରଣ କରନ୍ତି ।

ସମାଜ କୁସଂସ୍କାରଗ୍ରସ୍ତ ସମାଜକୁ ଗତିଶୀଳ ନକଲେ ସମୂହ ଉନ୍ନତି ସମ୍ଭବ ନୁହେଁ । ଯେଉଁ କୁସଂସ୍କାର ସମାଜର ବିଧିବ୍ୟବସ୍ଥାକୁ ପଙ୍ଗୁ କରି ଦେଇଛି, ତାହାର ବିଲୋପ ପାଇଁ, ସଚେତନ ଉଦ୍ୟମ ଜାରୀ ରଖିବା ପ୍ରତ୍ୟେକ ନାଗରିକଙ୍କର ଧର୍ମ । ଜାତିଭେଦ, ଯୌତୁକ ପ୍ରଥା ପରି ବହୁ କଳଙ୍କିତ ପ୍ରଥା ରହିଛି । ପ୍ରଶାସନିକ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର ସରକାରୀ ନୀତି ଓ ନିର୍ଦ୍ଦେଶରେ ବିଶ୍ୱାସ ନରହିଲେ, ତାହା ସେମାନେ କାର୍ଯ୍ୟକାରୀ କରିବାରେ ଉତ୍ସାହ ପ୍ରଦର୍ଶନ କରିବେ ନାହିଁ । ସେପରି ନୂତନ ସମାଜ ସ୍ଥାପନ ପାଇଁ କୁସଂସ୍କାର ଓ ଅପସଂସ୍କୃତି ବିରୁଦ୍ଧରେ ଚାଲୁଥିବା ସଂଗ୍ରାମରେ ମଧ୍ୟ ସେମାନଙ୍କୁ ଅଂଶ ଗ୍ରହଣ କରିବାକୁ ହେବ । ଯେତିକି ଦରମା ମିଳେ ସେତିକି ସେମାନଙ୍କର ପ୍ରଧାନ ସମ୍ବଳ ହେବ ଏବଂ ଗର୍ହିତ ଉପାୟ ବା ଉତ୍କୋଚ ଗ୍ରହଣ ଦ୍ୱାରା ସେମାନେ ନିଜର ଆୟ ବୃଦ୍ଧି କରିବେ ନାହିଁ । ବିବାହ, ବ୍ରତ ଭଳି ସାମାଜିକ ଅନୁଷ୍ଠାନରେ ସେମାନେ ଅନାବଶ୍ୟକ ଗରିମା ପ୍ରଦର୍ଶନ କରିବେ ନାହିଁ ଏବଂ ସରକାରୀ କଳର ଅପପ୍ରୟୋଗ କରିବେ ନାହିଁ । ମନେରଖିବାକୁ ହେବ ଯେ ସରକାର କେବଳ ସେମାନଙ୍କର ନୁହେଁ ସମସ୍ତଙ୍କର । କାହାରିପ୍ରତି ଅସହିଷ୍ଣୁ ନହୋଇ ବା ଅନ୍ୟ କାହା ପ୍ରତି ଅଧିକ ଅନୁକଂପା ପ୍ରଦର୍ଶନ ନକରି ଯାହାର ଯେତିକି ପ୍ରାପ୍ୟ ତାହା ଦେବାରେ ଅବହେଳା ପ୍ରଦର୍ଶନ କରିବେ ନାହିଁ । ଅନେକ କ୍ଷେତ୍ରରେ ଲୋକଙ୍କର ପ୍ରାପ୍ୟ ଦିଆନଯାଇ ବା ଦବାରେ ବିଳମ୍ବ କରି ଅନୁରକ୍ତି ପ୍ରତ୍ୟାଶା କରାଯାଏ । ଏହା ଶେଷରେ ହତାଶା ଏବଂ ଅସ୍ଥିରତା ସୃଷ୍ଟିର କାରଣ ହୁଏ ।

ନିର୍ମଳ ଶାସନ କେବଳ ଏକ ଧ୍ୱନି ନୁହେଁ, ଏହା ଆଗକୁ ଯିବାର ଏକ ପ୍ରଣବ ମନ୍ତ୍ର । ନିର୍ମଳ ଶାସନରେ ଅଂଶ ଗ୍ରହଣ କରିବା ସକାଶେ ମନରେ ଦୃଢ଼ ସଂକଳ୍ପ, ଆଚରଣରେ ଅନୁଶାସନ ଏବଂ ନିର୍ମଳ ଦୂରଦୃଷ୍ଟି ସହିତ ସମର୍ପିତ ଭାବ ଚରିତ୍ରଗତ ହେଲେ ନିର୍ମଳ ଶାସନ ଗଣତାନ୍ତ୍ରିକ ସମାଜର ସମୂହ ବିକାଶକୁ ଆହୁରି ଉଜ୍ଜ୍ୱଳ ଓ ତ୍ୱରାନ୍ୱିତ କରିବ ।

ରେଲୱେ୍ କୋଅର୍ଡିନେସନ କମିଶନର ଓ ସ୍ୱତନ୍ତ୍ର ଶାସନ ସଚିବ ବାଣିଜ୍ୟ ଓ ପରିବହନ ବିଭାଗ, ଭୁବନେଶ୍ୱର ।

ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀଗଣରେ ଗଣିବା
ଅଜ୍ଞାନେ ରହିବେ କାହିଁ ?

—ଗଙ୍ଗାଧର ମେହେର

# ଶହୀଦ ଜୟୀ ରାଜଗୁରୁ

ଡକ୍‌ଟର ଜଗନ୍ନାଥ ପଟ୍ଟନାୟକ

ଦେଶ ମାତୃକାକୁ ବିଦେଶୀ ଶାସନ କବଳରୁ ମୁକ୍ତ କରାଇବା ପାଇଁ ସଂଗ୍ରାମକରି ଓଡିଶାରେ ଯେଉଁ ମୁଷ୍ଟିମେୟ ବ୍ୟକ୍ତି ଶହୀଦ ହୋଇ ଅମରତ୍ୱ ଲଭ କରିଛନ୍ତି, ତନ୍ମଧ୍ୟରୁ ଖୋର୍ଦ୍ଧାର ଜୟୀରାଜଗୁରୁଙ୍କ ନାମ ଉଲ୍ଲେଖଯୋଗ୍ୟ । ବାସ୍ତବପକ୍ଷେ ତାଙ୍କର ମହନୀୟ କୃତିତ୍ୱ ଓଡିଶାର ଘଟଣା ବହୁଳ ଇତିହାସରେ ଏକ ରୋମାଞ୍ଚକର ଅଧ୍ୟାୟ ।

ଏହାଥିଲା ଉନବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧୀର କଥା । ସେତେବେଳେ ଖୋର୍ଦ୍ଧାର ଗଜପତି ରାଜା ଥାଆନ୍ତି ଦ୍ୱିତୀୟ ମୁକୁନ୍ଦଦେବ । ସେ ଅପ୍ରାପ୍ତ ବୟସରେ ସିଂହାସନ ଆରୋହଣ କରିଥିବାରୁ ରାଜକାର୍ଯ୍ୟ ପରିଚାଳନାର ଭାର ନ୍ୟସ୍ତ ହୋଇଥିଲା ଜୟକୃଷ୍ଣ ରାଜଗୁରୁ ନାମଧେୟ ଜନୈକ ଅଭି-ଭାବକଙ୍କ ହସ୍ତରେ । ସେ ଜୟୀ ରାଜଗୁରୁ ନାମରେ ପରିଚିତ । ସେ ରାଜାଙ୍କର ଦିୱାନ ବା ପ୍ରଧାନମନ୍ତ୍ରୀ ରୂପେ କାର୍ଯ୍ୟ ନିର୍ବାହ କରୁଥାଆନ୍ତି । ଇତି ମଧ୍ୟରେ ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ମରହଟ୍ଟାମାନଙ୍କୁ ପରାଜିତ କରି ସେମାନଙ୍କ-ଠାରୁ ଓଡିଶା ଅଧିକାର ପୂର୍ବକ ନିଜର ବିଜୟ ବୈଜୟନ୍ତୀ ଉଡ଼ାଇଲେ । ମାତ୍ର ଖୋର୍ଦ୍ଧା ସମେତ ଅନ୍ୟ ୨୯ଟି ଗଡ଼ଜାତ ରାଜ୍ୟକୁ ରାଜନୈତିକ ଦୃଷ୍ଟିକୋଣରୁ ବିଚାରକରି ଇଂରେଜମାନେ ସେଗୁଡ଼ିକୁ ପ୍ରତ୍ୟକ୍ଷ ଶାସନାଧୀନ ନ କରି ନିଜ ନିଜର ରାଜା-ମାନଙ୍କୁ ଶାସନ କରିବାର କ୍ଷମତା ଦେଲେ । ଅବଶ୍ୟ ଇଂରେଜ ସରକାରଙ୍କୁ ପ୍ରତ୍ୟେକ ରାଜ୍ୟ ନିର୍ଦ୍ଦିଷ୍ଟ ପରିମାଣରେ ବାର୍ଷିକ କର ଦେବାର ବ୍ୟବସ୍ଥା ରହିଲା । ସେମାନେ ଇଂରେଜମାନଙ୍କର କରଦ ରାଜ୍ୟ ହୋଇ ରହିଲେ ।

ଇତିମଧ୍ୟରେ ବର୍ଷଟିଏ ବିତିଛି କି ନାହିଁ, ଇଂରେଜମାନଙ୍କର ଖୋର୍ଦ୍ଧାରାଜ୍ୟ ସହିତ ମତାନ୍ତର ଘଟି ଉଭୟଙ୍କ ମଧ୍ୟରେ ୧୮୦୪ ଖ୍ରୀଷ୍ଟାବ୍ଦରେ ଏକ ସଂଗ୍ରାମର ସୂତ୍ରପାତ ହେଲା । ପରି ଶେଷରେ ଖୋର୍ଦ୍ଧା ପରାଜୟ ସ୍ୱୀକାର କଲା । ତାପରେ ଇଂରେଜମାନେ ଏହାକୁ କରଦ ରାଜ୍ୟ ରୂପେ ନ ରଖି ମୋଗଲ-ବନ୍ଦୀପରି ନିଜର ପ୍ରତ୍ୟକ୍ଷ ଶାସନରେ ରଖିଲେ । ଏହା ପୁରୀ ଜିଲ୍ଲାର ଏକ ସବ୍‌ଡିଭିଜନ ହୋଇ ରହିଲା । ଇଂରେଜ-ମାନଙ୍କ ସହିତ ସଂଘଟିତ ଏହି ଇତିହାସ ପ୍ରସିଦ୍ଧ ସଂଗ୍ରାମର କେନ୍ଦ୍ରବିନ୍ଦୁ ଥିଲେ ଜୟୀ ରାଜଗୁରୁ । କାରଣ ରାଜାଥିଲେ ଅପରିଣତ ବୟସ । ସ୍ୱାଧୀନଭାବେ କୌଣସି ନିଷ୍ପତ୍ତି ନେବାର ଶକ୍ତି ତାଙ୍କର ନ ଥିଲା ।

ଅବଶ୍ୟ ଇଂରେଜମାନେ ଉକ୍ତ ସଂଗ୍ରାମ ପାଇଁ ଏକାକୀ ଜୟୀ ରାଜଗୁରୁଙ୍କୁ ପରୋକ୍ଷଭାବେ ଦାୟୀ କରିଥିଲେ ହେଁ ସେମାନେ ଏଥିପାଇଁ ମୁଖ୍ୟତଃ ଦାୟୀ । ସେମାନଙ୍କର ପୂର୍ବବର୍ତ୍ତୀ ଶାସକ ମରହଟ୍ଟାମାନେ କୌଶଳକ୍ରମେ ତତ୍‌କାଳୀନ ଖୋର୍ଦ୍ଧାରାଜା ବୀରକିଶୋର ଦେବଙ୍କ ରାଜତ୍ୱରେ ଖୋର୍ଦ୍ଧା ରାଜ୍ୟର ସର୍ବୋତ୍‌କୃଷ୍ଟ ଓ ମୂଲ୍ୟବାନ ଚାରୋଟି ପ୍ରଗଣା ତାଙ୍କଠାରୁ ଛଡ଼ାଇ ନେଇ ନିଜ ଶାସନରେ ରଖିଲେ । ସେଗୁଡ଼ିକ ଥିଲା ରାହାଙ୍ଗ, ସରାଇ, ଚବିଶକୁଦ ଓ ଲେମ୍ବାଇ । ଏଥିପାଇଁ ବୀରକିଶୋର ଦେବ ମର୍ମାହତ ହୋଇଥିଲେ ମଧ୍ୟ ଉପାୟ ଶୂନ୍ୟ ହୋଇ କାଳାତିପାତ କରୁଥାଆନ୍ତି । ଇତି-ମଧ୍ୟରେ ତାଙ୍କର ମୃତ୍ୟୁ ହୁଏ ଓ ତାଙ୍କପରେ ଦ୍ୱିତୀୟ ମୁକୁନ୍ଦ ଦେବ ସିଂହାସନ ଲାଭ କରନ୍ତି । ତାଙ୍କର ରାଜତ୍ୱରେ ଉପରୋକ୍ତ ପ୍ରଗଣାଗୁଡ଼ିକ ଫେରି ମିଳିବାର ସୁଯୋଗଟିଏ ଆସିଲା ଓ ଏହାକୁ ଲାଭ କରିବା ପାଇଁ ମୁକୁନ୍ଦଦେବ ଆଶାୟୀ ହୋଇ ଉଠିଲେ । ଓଡିଶା ଅଧିକାର ପୂର୍ବରୁ ଇଂରେଜ ସେନାଧ୍ୟକ୍ଷ କର୍ଣ୍ଣେଲ ହାରକୋର୍ଟ ଦେଖିଲେ ଯେ ମରହଟ୍ଟା-ମାନଙ୍କ ସହିତ ସଂଘର୍ଷ କରିବାକୁ ହେଲେ ଇଂରେଜ ସେନା-ମାନଙ୍କୁ ମୁଖ୍ୟତଃ ଖୋର୍ଦ୍ଧା ରାଜ୍ୟଦେଇ ଗତି କରିବାକୁ ପଡିବ । ସେପରି ସ୍ଥଳେ ଖୋର୍ଦ୍ଧାରାଜା ଯଦି ମରହଟ୍ଟା-ମାନଙ୍କ ସହିତ ହାତ ମିଳାଇ ଶତ୍ରୁତା ଆଚରଣ କରନ୍ତି, ତା ହେଲେ ସେମାନଙ୍କର ବିଜୟର ଆଶା କ୍ଷୀଣ ହୋଇ ପଡ଼ିବ । ତେଣୁ ସେ ଖୋର୍ଦ୍ଧାରାଜାଙ୍କୁ ପ୍ରସ୍ତାବଟିଏ ଦେଲେ ଯେ ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନ ଦେଇ ଇଂରେଜମାନଙ୍କୁ ସାହାଯ୍ୟ କରନ୍ତି, ତେବେ ଓଡିଶା ଅଧିକାର ପରେ ଉକ୍ତ ସାହାଯ୍ୟର ପୁରସ୍କାର ସ୍ୱରୂପ ତାଙ୍କୁ ଏକ ଲକ୍ଷ ଟଙ୍କା ଦେବା ସଙ୍ଗେ ସଙ୍ଗେ ସେ ହରାଇଥିବା ୪ଟି ପ୍ରଗଣା ତାଙ୍କୁ ଫେରସ୍ତ ମିଳିବ । ଦୀର୍ଘଦିନ ଧରି ଆଶାୟୀଥିବା ମୁକୁନ୍ଦଦେବଙ୍କ ପାଇଁ ଏହାଥିଲା ସୁବର୍ଣ୍ଣ ସୁଯୋଗ । ତେଣୁ ସେ ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ । ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ତାଙ୍କ ନିକଟକୁ ଟ ୧୦,୦୦୦ ପଠାଇଥିଲେ । ମାତ୍ର ଜୟୀ ରାଜଗୁରୁ ଇଂରେଜମାନଙ୍କର ଏ ପ୍ରକାର ପ୍ରସ୍ତାବ ଅଭିସନ୍ଧିମୂଳକ ବୋଲି

ଉପଲବ୍ଧି କରି ରାଜାଙ୍କୁ ଏଥିରେ ସମ୍ମତି ନ ଦେବାପାଇଁ ପରାମର୍ଶ ଦେଇଥିଲେ । ମାତ୍ର ପ୍ରଗଣା ଫେରି ମିଳିବାର ଜଗବଗର ଆଶା ଓ ଆକାଂକ୍ଷା ନିକଟରେ ଜୟୀ ରାଜଗୁରୁଙ୍କର ପରାମର୍ଶ କୌଣସି କାର୍ଯ୍ୟ କରି ନ ଥିଲା । ସେ ଯାହାହେଉ ଖୋର୍ଦ୍ଧା ରାଜା ଇଂରେଜମାନେ ବିଜୟ ଲାଭ କଲେ । ଖୋର୍ଦ୍ଧା ରାଜା ମରହଟ୍ଟାମାନଙ୍କୁ ସାହାଯ୍ୟ ଦେଲେ ପ୍ରତିଶ୍ରୁତିବଦ୍ଧ ହୋଇ ମରହଟ୍ଟାମାନଙ୍କୁ ସାହାଯ୍ୟ ଦେଲେ ନାହିଁ । ଅପରପକ୍ଷେ ଇଂରେଜମାନେ ନିଜର ପ୍ରତିଶ୍ରୁତି ପାଳନ କରିବା ଦିଗରେ ପଶ୍ଚାତ୍‌ପଦ ହେଲେ । ହାରକୋର୍ଟ କହି ପଠାଇଲେ ଯେ, ଅବଶିଷ୍ଟ ଟଙ୍କା ସିନା ଦିଆଯିବ, ମାତ୍ର ପ୍ରଗଣା ଫେରସ୍ତ ଦିଆଯିବ ନାହିଁ । ଅବଶ୍ୟ ଏହା ମୂଳରେ ଏକ ରାଜନୈତିକ କାରଣ କାର୍ଯ୍ୟ କରିଥିବାର ଜଣାଯାଏ । କର୍ଣ୍ଣେଲ ହାରକୋର୍ଟ ସେତେବେଳକୁ ଜାଣି ପାରିଥିଲେ ଯେ, ଖୋର୍ଦ୍ଧାର ଗଜପତି ରାଜା ହେଉଛନ୍ତି ଅନ୍ୟ ଗଡ଼ଜାତ ରାଜାଙ୍କର ମଉଡ଼ମଣି । ସେମାନଙ୍କଦ୍ୱାରା ସେ ଠାକୁର ରାଜା ଭାବରେ ସମ୍ମାନିତ । ତେଣୁ ଇଚ୍ଛାକଲେ ସେ ସବୁ ରାଜାଙ୍କୁ ନିଜର ଛତ୍ରତଳେ ଏକତ୍ରିତ କରାଇ ଇଂରେଜମାନଙ୍କ ପାଇଁ ବିପଦ ସୃଷ୍ଟି କରି ପାରିବେ । ତେଣୁ ଭବିଷ୍ୟତରେ ନିରଙ୍କୁଶ ଶାସନପାଇଁ ଖୋର୍ଦ୍ଧାକୁ ସ୍ୱାଧୀନ ନ କରାଇ ତାଙ୍କୁ ଇଂରେଜ-ମାନଙ୍କର ପ୍ରତ୍ୟକ୍ଷ ଶାସନରେ ରଖିବାକୁ ପଡ଼ିବ । ଏଥିପାଇଁ ପ୍ରତିଶ୍ରୁତ ପାଳନ ନ କରି କୌଶଳ କ୍ରମେ ଏହିଠାରେ କର୍ଣ୍ଣେଲ ହାରକୋର୍ଟ ଉଭୟଙ୍କ ମଧ୍ୟରେ ଭବିଷ୍ୟତ ପାଇଁ ଏକ ଯୁଦ୍ଧର ବୀଜ ବପନ କରିଦେଲେ ।

ମାତ୍ର ଜୟୀରାଜଗୁରୁ ଇଂରେଜମାନଙ୍କର ଏତାଦୃଶ କାର୍ଯ୍ୟକଳାପକୁ ସହି ନୀରବଦ୍ରଷ୍ଟା ହେବାର ବ୍ୟକ୍ତି ନ ଥିଲେ । ସେମାନଙ୍କର ଏହା ଏକ ବିବାଳିଆ ଠକାମି ବୋଲି ଚିନ୍ତାକରି ସେ କ୍ରୁଦ୍ଧ ହୋଇ ପଡ଼ିଲେ । ଏହି କଥା ସେ ମୁକୁନ୍ଦଦେବଙ୍କୁ କହିଲେ ଅତୀତରେ ତାଙ୍କର ପରାମର୍ଶ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ନେଡ଼ିଗୁଡ଼ କହୁଣୀକୁ ବହି ଯିବାପରେ ଅତୀତକୁ ଚିନ୍ତା ନ କରି ଉଭୟ ରାଜା ଓ ଜୟୀ ରାଜଗୁରୁ ବର୍ତ୍ତମାନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରି ବସିଲେ । ଚଉରାଚିଶି ପ୍ରଗଣାର ପୁନଃ ଅଧିକାର ପାଇଁ ଆବଶ୍ୟକ ପଡ଼ିଲେ ଯୁଦ୍ଧର ଆହ୍ୱାନ ଦେଇ ଇଂରେଜ ଶକ୍ତିକୁ ପ୍ରତିରୋଧ କରିବେ ବୋଲି ସେମାନେ ପରିକଳ୍ପନା କଲେ ।

ପରେ ପରେ ଘଟଣାଗୁଡ଼ିକ କ୍ଷିପ୍ରଗତିରେ ଗଡ଼ି ଚାଲିଲା । ଜୟୀ ରାଜଗୁରୁଙ୍କ ପରାମର୍ଶକ୍ରମେ ମୁକୁନ୍ଦଦେବ ଇଂରେଜ ପ୍ରଶାସକଙ୍କର ଆଦେଶଗୁଡ଼ିକୁ ଗୋଟିକ ପରେ ଗୋଟିଏ ଅବମାନନା କରି ଚାଲିଲେ । ଫଳରେ ଇଂରେଜମାନେ ଜୟୀ ରାଜଗୁରୁଙ୍କୁ ବହିଷ୍କାର କରିବା ପାଇଁ ରାଜାଙ୍କ ଉପରେ ପ୍ରବଳ ଚାପ ପକାଇଲେ । ମାତ୍ର ଏଥିରେ ଫଳ କିଛି ହେଲା ନାହିଁ । ବରଂ ଜୟୀ ରାଜଗୁରୁ ପୂର୍ବାପେକ୍ଷା ଅଧିକ ପ୍ରତିହିଂସା ପରାୟଣ ହୋଇ ଉଠିଲେ । ପରେ ପରେ ସେ ଇଂରେଜ-ମାନଙ୍କ ସହ ଲଢ଼ିବା ପାଇଁ ସବୁ ପ୍ରକାର ଆୟୋଜନ କଲେ । ପାଇକମାନଙ୍କର ସଂଖ୍ୟା ବୃଦ୍ଧି କରାଗଲା । ସେମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରଙ୍କୁ ନିଯୁକ୍ତ କରାଗଲା । ଗୋପନୀୟ ଭାବେ କନିକା ଓ କୁଜଙ୍ଗ ରାଜାମାନଙ୍କର ସାହାଯ୍ୟ ଲାଭ କରିବା ପାଇଁ ସେ ପଦକ୍ଷେପ ଗ୍ରହଣ କଲେ ।

୧୮୦୪ ମସିହା ଅକ୍‌ଟୋବର ମାସର ଘଟଣା । ରାଜାଙ୍କର ପାଇକମାନେ ପିପିଲିଠାରେ ଇଂରେଜ ଶାସନାଧୀନ କେତୋଟି ଗ୍ରାମ ଆକ୍ରମଣ କରି ବହୁ କ୍ଷୟକ୍ଷତି ଘଟାଇଲେ । ନଭେମ୍ବର ମାସରେ ଖୋର୍ଦ୍ଧାରାଜାଙ୍କର ପ୍ରତିରୋଧ ଏକ ଭୟାବହ ରୂପ ନେଲା । ଏହାର ମୁକାବିଲା କରିବା ପାଇଁ କର୍ଣ୍ଣେଲ ହାରକୋର୍ଟ ମାଡ୍ରାଜ ସୈନ୍ୟ ବାହିନୀରୁ ମେଜର ଫ୍ଲେଚରଙ୍କୁ ଡକାଇ ଖୋର୍ଦ୍ଧାରାଜାଙ୍କ ଦୁର୍ଗ ଅଧିକାର କରିବା ପାଇଁ ଆଦେଶ ଦେଲେ । ଉଭୟ ପକ୍ଷର ସେନା ବାହିନୀଙ୍କ ମଧ୍ୟରେ ତିନି ସପ୍ତାହ ଧରି ଘମାଘୋଟ ଲଢ଼େଇ ପରେ ଡିସେମ୍ବର ୪ତାରିଖ ଦିନ ମେଜର ଫ୍ଲେଚର ରାଜାଙ୍କ ଦୁର୍ଗ ଅଧିକାର କରିନେଲେ । ମାତ୍ର ସେତେବେଳକୁ ମୁକୁନ୍ଦଦେବ ଓ ଜୟୀ ରାଜଗୁରୁ ଦୁର୍ଗଛାଡ଼ି ଖସି ଯାଇଥାଆନ୍ତି । ଡିସେମ୍ବର ୫ ତାରିଖ ଦିନ ମୁକୁନ୍ଦଦେବ ଖୋର୍ଦ୍ଧାର ରାଜା ନୁହନ୍ତି ବୋଲି ଘୋଷଣାକରି ତାଙ୍କୁ ଓ ଜୟୀ ରାଜଗୁରୁଙ୍କୁ କବଳିତ କରିବା ପାଇଁ ପଦକ୍ଷେପ ନେଲେ । ପ୍ରଥମେ ଜୟୀ ରାଜଗୁରୁଙ୍କୁ ବନ୍ଦୀକରି କର୍ଣ୍ଣେଲ ହାରକୋର୍ଟଙ୍କ ନିକଟକୁ ପ୍ରେରଣ କରାଗଲା । କର୍ଣ୍ଣେଲ ସାହେବ ସେତେବେଳେ ଜୟୀରାଜଗୁରୁଙ୍କୁ ପ୍ରଶ୍ନଟିଏ ପଚାରିଥିଲେ ଯେ, ସେ ପର୍ଯ୍ୟନ୍ତ ଯାହା ସବୁ ଘଟିଛି ତାହା ସେ ନିଜେ କରିଛନ୍ତି କି ରାଜାଙ୍କ ପ୍ରରୋଚନାରେ କରିଛନ୍ତି ? ସେହି ବନ୍ଦୀଥିବା ଅବସ୍ଥାରେ ନିର୍ଭୀକ ଭାବରେ ସେ ଉତ୍ତର ଦେଲେ, "ରାଜା ଅଳ୍ପ ବୟସ ଥିବାରୁ ଯାହା ସବୁ ଘଟିଯାଇଛି ସେ ନିଜେ ସେଥିପାଇଁ ଦାୟୀ, ମାତ୍ର ମୁକୁନ୍ଦଦେବ ନିର୍ଦ୍ଦୋଷ" । ତାପରେ ତାଙ୍କୁ ମେଦିନୀପୁରରୁ ପଠାଯାଇ କାରାରୁଦ୍ଧ କରି ରଖାଗଲା । ରାଜାଙ୍କୁ ୧୮୦୫ ଖ୍ରୀଷ୍ଟାବ୍ଦ ଜାନୁୟାରୀ ୩ ତାରିଖ ଦିନ ଧରିନେଇ ବାରବାଟୀ ଦୁର୍ଗରେ ବନ୍ଦୀକରି ରଖିଲେ । ତାପରେ ତାଙ୍କୁ ମେଦିନୀପୁର କାରାଗାରକୁ ସ୍ଥାନାନ୍ତରିତ କରାଗଲା । ବନ୍ଦୀଥିବା ଅବସ୍ଥାରେ କାରାଗାରରୁ ସେ ଇଂରେଜ ପ୍ରଶାସକଙ୍କ ନିକଟକୁ ଆବେଦନ ପତ୍ରଟିଏ ଲେଖିଥିଲେ । ସେ ନିଜକୁ ନିର୍ଦ୍ଦୋଷ ବୋଲି କହି ଜୟୀ ରାଜଗୁରୁଙ୍କୁ ସମସ୍ତ ଘଟଣା ପାଇଁ ଦାୟୀ କରାଇ ତାଙ୍କୁ ମୁକ୍ତ କରି ରାଜ୍ୟ ଫେରାଇ ଦେବା ପାଇଁ ପ୍ରାର୍ଥନା କରିଥିଲେ । ୧୮୦୭ ଖ୍ରୀଷ୍ଟାବ୍ଦ ଡିସେମ୍ବର ୭ ତାରିଖ ଦିନ ତାଙ୍କୁ ମୁକ୍ତ କରାଗଲା । ମାତ୍ର ରାଜ୍ୟ ଫେରାଇ ଦିଆଗଲା ନାହିଁ । ତାଙ୍କୁ ପୁରୀ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ କରାଯାଇ ସେଠାକାର ବାଲିସାହି ପ୍ରାସାଦରେ ରହିବା ପାଇଁ ସେ ଆଦେଶ ପାଇଲେ । ଏଣେ ମେଦିନୀପୁରଠାରେ ଦାଜିତୋଟାଠାରେ ଜୟୀ ରାଜଗୁରୁଙ୍କର ବିଚାର କରାଯାଇ ନିଜର ସ୍ୱୀକାରୋକ୍ତି ତଥା ରାଜାଙ୍କର ମନ୍ତବ୍ୟକୁ ଭିତ୍ତିକରି ନେଇ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଫାଶୀ ଦଣ୍ଡରେ ଦଣ୍ଡିତ କରାଗଲା । ସେ ହସି ହସି ଉକ୍ତ ଦଣ୍ଡ ବରଣ କରି ଶହୀଦ ହେଲେ ।

ଏହିପରିଭାବେ ଇଂରେଜଙ୍କ ସହିତ ସଂଘଟିତ ସଂଗ୍ରାମର ସୂତ୍ରଧର ଜୟୀ ରାଜଗୁରୁଙ୍କ ଘଟଣାବହୁଳ ଜୀବନର ଅବସାନ ହେଲା । ସବୁ ଦୋଷ ନିଜ ଉପରକୁ ନେଇ ସେ ଯେପରିଭାବେ ଚରିତ୍ରବଳର ପରିଚୟ ଦେଇଛନ୍ତି, ତାର ଦୃଷ୍ଟାନ୍ତ ଇତିହାସରେ ବିରଳ ।

ପ୍ରାଧ୍ୟାପକ ବି. ଜେ. ବି. ସାନ୍ଧ୍ୟ ମହାବିଦ୍ୟାଳୟ, ଭୁବନେଶ୍ୱର ।

# ଜାତୀୟ ଗୌରବ ମଧୁସୂଦନ

ଶ୍ରୀ ତାରକେଶ୍ୱର ପାଣ୍ଡୁ

ଜାତୀୟ ଗୌରବ ମଧୁସୂଦନ କେବଳ ଜଣେ ରାଜନୀତିଜ୍ଞ ନଥିଲେ, ଥିଲେ ରାଷ୍ଟ୍ରନୀତିଜ୍ଞ । ରାଜନୀତିଜ୍ଞମାନେ ଭାବିଥାନ୍ତି ଆଜି ପାଆନ୍ତାରେ ଦେଖାଯାଉଥିବା ସମୟର କଥା—ଆସନ୍ତାକାଲି କଅଣ ହେବ । କିନ୍ତୁ ରାଷ୍ଟ୍ରନୀତିଜ୍ଞମାନେ ଭାବିଥାନ୍ତି ଆଜିଠାରୁ ଶତାବ୍ଦୀ ପରର କଥା । ଜାତୀୟ ଗୌରବ ମଧୁସୂଦନ ଥିଲେ ଏହିକାଟର ଜଣେ ରାଷ୍ଟ୍ରନୀତିଜ୍ଞ ଯାହାଙ୍କର ଦୂରଦୃଷ୍ଟି ଥିଲା ସୁଦୂର ପ୍ରସାରୀ । ତାଙ୍କର କାର୍ଯ୍ୟାବଳୀ ପର୍ଯ୍ୟାଲୋଚନ କଲେ ଦେଖାଯିବ ଓଡ଼ିଆଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ପରେ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ ତାଙ୍କର ଏକମାତ୍ର ଲକ୍ଷ୍ୟ ନଥିଲା । ଏହାଥିଲା ଭାବୀକାଳରେ ଓଡ଼ିଆଭାଷାଭାଷୀ ମାନଙ୍କର ସର୍ବାଙ୍ଗୀନ ଉନ୍ନତିପାଇଁ ଏକପନ୍ଥା ।

ଭାରତରେ ଯନ୍ତ୍ରଶିଳ୍ପ ବିପ୍ଳବ **Industrial Revolution** ର କ୍ଷୀଣ ସୂତ୍ରପାତ ହୁଏ ବିଗତ ଶତାବ୍ଦୀର ପ୍ରଥମ—ତୃତୀୟ ପାଦରେ । କଲିକତା, ବମ୍ବେ ଓ ମାଡ୍ରାସରେ ଇଷ୍ଟଇଣ୍ଡିଆ କଂପାନୀର ପ୍ରେସିଡେନ୍‌ସୀମାନଙ୍କର ମୁଖ୍ୟ କେନ୍ଦ୍ର ଥିବାରୁ ଇଷ୍ଟଇଣ୍ଡିଆ କଂପାନୀର ବଣିକମାନେ ସେହି ଅଞ୍ଚଳମାନଙ୍କରେ ପୁଞ୍ଜି ଓ କାରିଗରୀ କୌଶଳ ଖଟାଇ ଶିଳ୍ପାନୁଷ୍ଠାନ ମାନ ଗଢିଥିଲେ । ଅନ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳମାନଙ୍କରୁ କଞ୍ଚାମାଲ ଯାଇ ସେଠାରେ ବିଭିନ୍ନ ପଣ୍ୟଦ୍ରବ୍ୟରେ ପରିଣତ ହେଉଥିଲା । ପାର୍ଶ୍ୱବର୍ତ୍ତୀ ଅଞ୍ଚଳମାନ ସେହି ସମୃଦ୍ଧ ଅଞ୍ଚଳମାନଙ୍କୁ ଯୋଗାଉଥିଲେ କେବଳ ସୁଲଭଶ୍ରମ ଓ କଞ୍ଚାମାଲ । ଓଡ଼ିଶା ଏହି ସାଧାରଣ ବ୍ୟବସ୍ଥାରୁ ବହିର୍ଭୂତ ନଥିଲା । ମଧୁସୂଦନ ଏହି ବ୍ୟାଧିକୁ ଚିହ୍ନିଥିଲେ ଓ ବୁଝିଥିଲେ । ଯନ୍ତ୍ରଶିଳ୍ପର ଭିତ୍ତିରେ ଓଡ଼ିଶାର ଅର୍ଥନୀତିର ନବ-ନିର୍ମାଣ ତାଙ୍କର ରାଜନୈତିକ କର୍ମଜୀବନର ପ୍ରବାହରେ ଏକ ପ୍ରଧାନ କେନ୍ଦ୍ରବିନ୍ଦୁ ଥିଲା । ଆଜି, ସ୍ୱାଧୀନତା ପ୍ରାପ୍ତିର ୩୫ ବର୍ଷ ପରେ ଓ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବାର ୪୬ ବର୍ଷ ପରେ, ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ସୁଦ୍ଧା ଓଡ଼ିଶାରେ ଅର୍ଥନୈତିକ ଚିନ୍ତାର ଏହାହିଁ କେନ୍ଦ୍ରବିନ୍ଦୁ ହୋଇ ତଥାପି ରହିଅଛି ।

ମଧୁସୂଦନ ଏହି ଉଦ୍ଦେଶ୍ୟରେ ଓଡ଼ିଶା ଆର୍ଟ ଓୟାରସ ବା ଓଡ଼ିଶା ତାରକସି କାରଖାନା ଠାରୁ ଆରମ୍ଭ କରି 'ଉତ୍କଳ ଟ୍ୟାନେରୀ' ପର୍ଯ୍ୟନ୍ତ ବିଭିନ୍ନ ଶିଳ୍ପାନୁଷ୍ଠାନମାନ ଗଠନ କରିଥିଲେ । ୧୯୨୨ ସାଲରେ ବିହାର-ଓଡ଼ିଶା ପ୍ରଦେଶର ଡ଼ାଇରେକ୍‌ଟର ଅଫ୍ ଇଣ୍ଡଷ୍ଟ୍ରିଜ୍ ଉତ୍କଳ ଟ୍ୟାନେରୀ ସଂପର୍କରେ ଯେଉଁ ରିପୋର୍ଟ ଦେଇଥିଲେ, ସେଥିରେ ଉତ୍କଳ ଟ୍ୟାନେରୀକୁ ବଙ୍ଗ-ବିହାର-ଓଡ଼ିଶା ପ୍ରଦେଶର ଏକ ବୃହତ୍ ଶିଳ୍ପାନୁଷ୍ଠାନ ରୂପେ ଉଲ୍ଲେଖ କରିଥିଲେ ।

ସେଇ 'ଉତ୍କଳ ଟ୍ୟାନେରୀ' ପାଇଁ ତ ମଧୁସୂଦନ ଶେଷକୁ 'ଦେବାଳିଆ' ହେଲେ ।

ଆଜିକାଲି ବ୍ୟକ୍ତିଗତ ଉଦ୍ୟମରେ ଆହୁରି ବଡ଼ ବଡ଼ ଶିଳ୍ପାନୁଷ୍ଠାନ ମାନ ଅବଶ୍ୟ ଓଡ଼ିଶାରେ ଗଢି ଉଠୁଛି । କିନ୍ତୁ ଏହି ଶିଳ୍ପୋଦ୍ୟୋଗୀ ମାନେ ପୁଞ୍ଜି ଲଗାଣ ଓ ଉତ୍ପାଦନ କ୍ଷେତ୍ରରେ 'ଶିଳ୍ପପତି' ହୋଇଛନ୍ତି ସତ୍ୟ, କିନ୍ତୁ ଓଡ଼ିଶାର ଶିଳ୍ପଜାତ ପଣ୍ୟର ସୁନାମ ଓ ଓଡ଼ିଶାରେ ଶିଳ୍ପ ବିସ୍ତାର ପାଇଁ ସେମାନଙ୍କର ଉଦ୍ୟମର ମୂଲ୍ୟାଙ୍କନ କରାଗଲେ ହତାଶ ହେବାପାଇଁ ପଡ଼େ ।

ଉତ୍କଳ ଟ୍ୟାନେରୀର ଯୋତା ବା କୁମ୍ଭୀରଚମଡ଼ାର ଭ୍ୟାନିଟି-ବ୍ୟାଗ ଅଥବା ଓଡ଼ିଶାଆର୍ଟ ଓୟାରସ୍‌ର ତାରକସିକାମ ଏକଦା ଯେପରି ୟୁରୋପର ବଜାରରେ ପ୍ରସିଦ୍ଧ ଥିଲା, ଉତ୍ପାଦନର ଗୁଣାତ୍ମକ ମାନ ରକ୍ଷା କରିବା ପାଇଁ ଆଜି କେତେଜଣ ଶିଳ୍ପୋଦ୍ୟୋଗୀ ଓଡ଼ିଶାରେ ସେଥିପାଇଁ ଦୃଷ୍ଟି ଦେଉଛନ୍ତି ?

ସରକାରୀ ଆନୁକୂଲ୍ୟରେ ରାଷ୍ଟ୍ରାୟତ୍ତ ସ୍ତରରେ ଓଡ଼ିଶାରେ ବହୁ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ୬ଷ୍ଠ ଯୋଜନା କାଳରେ ମୁଣ୍ଡଟେକି ଉଠୁଛି । ଅତୀତରେ ମଧ୍ୟ ପାରାଦ୍ୱୀପ ବନ୍ଦର, ରାଉରକେଲା ଇସ୍ପାତ କାରଖାନା ଓ ସୁନାବେଡ଼ା ମିଗ୍ କାରଖାନା ପ୍ରଭୃତି କେତେକ ବୃହତ୍ ଶିଳ୍ପାନୁଷ୍ଠାନ ରାଷ୍ଟ୍ରାୟତ୍ତ ସ୍ତରରେ ଗଢିଉଠିଛି । ମାତ୍ର କର୍ମଯୋଗାଣ ଓ ଅର୍ଥନୈତିକ ବିକାଶ ଦୃଷ୍ଟିରୁ ଓଡ଼ିଶା ପ୍ରତି ସେମାନଙ୍କ ଅବଦାନ କେତେ ଓ କଅଣ ଆଜି ତାହାର 'ହିସାବନିକାଶ' କରିବାର ଅଛି । 'କେଉଟ ଧରେ ମାଛ, ଖାଏ କଙ୍କଡ଼ା'—ଏହା ଓଡ଼ିଶାର ଯାନ୍ତ୍ରିକ ଶିଳ୍ପ ବିକାଶର କଦାପି ଲକ୍ଷ୍ୟ ହୋଇ ନପାରେ

କେବଳ ଯନ୍ତ୍ରଶିଳ୍ପ ନୁହେଁ, ମଧୁସୂଦନ ବୁଝିଥିଲେ—'କୁଟୀରଶିଳ୍ପ' ମଧ୍ୟ ଓଡ଼ିଶାରେ ବିକଶିତ ହେବା ଆବଶ୍ୟକ । କୁଟୀରଶିଳ୍ପର ଉଜ୍ଜୀବନ ମଧୁସୂଦନଙ୍କର ଅନ୍ୟତମ ପ୍ରଧାନ

କାର୍ଯ୍ୟକ୍ରମ ଥିଲା । ମହାତ୍ମାଗାନ୍ଧୀ ଚରଖା ପ୍ରବର୍ତ୍ତନ କରିବା ପୂର୍ବରୁ ମଧୁସୂଦନ ଏହା ଯେ କାର୍ଯ୍ୟରେ ପରିଣତ କରିଥିଲେ, ସ୍ୱୟଂ ମହାତ୍ମାଗାନ୍ଧୀ ଏହା ସ୍ୱୀକାର କରିବା ପାଇଁ କୁଣ୍ଠାବୋଧ କରିନାହାନ୍ତି ।

ଶିଳ୍ପରେ କେବଳ ଓଡ଼ିଶାର ଦାରିଦ୍ର୍ୟର ସମାଧାନ ନାହିଁ । ଓଡ଼ିଶା ମୁଖ୍ୟତଃ ଏକ କୃଷି ପ୍ରଧାନ ରାଜ୍ୟ । କିନ୍ତୁ ଆଜ ସୁଦ୍ଧା ଓଡ଼ିଶାରେ ଶତକଡ଼ା ୨୦ ଭାଗ ଜମି ଜଳସେଚିତ ! ଅବଶିଷ୍ଟ ୮୦ ଭାଗ ଇନ୍ଦ୍ର ଦେବତାଙ୍କ ଅନୁଗ୍ରହ ଉପରେ ନିର୍ଭରଶୀଳ, ଖାଲି କୃଷି ନାହିଁକି, ଶିଳ୍ପ ମଧ୍ୟ । ବର୍ଷା ନ ହେଲେ ଜଳଭଣ୍ଡାର ଶୂନ୍ୟତାପରେ ବିଦ୍ୟୁତ୍‌ଶକ୍ତି—ଉତ୍ପାଦନ ବନ୍ଦ—କାରଖାନାରେ ତାଲା । ମଧୁସୂଦନ ସେଥିପାଇଁ କୃଷି ଓ ଜଳସେଚନର ଉନ୍ନତିରେ କମ୍ ଗୁରୁତ୍ୱ ଦେଇ ନଥିଲେ । କୃଷୀମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ ଶିକ୍ଷା ଦେବା ଉଦ୍ଦେଶ୍ୟରେ ତାଙ୍କର କନିଷ୍ଠ ଭ୍ରାତା ଗୋପାଳବଲ୍ଲଭଙ୍କୁ ସେ ବିଲାତରେ ଏମ୍. ଏ. (ଆଜକାଲି ଏମ୍. ଏସ୍. ସି.) ପଢ଼ାଇଥିଲେ । ଗୋପାଳବଲ୍ଲଭ ଏମ୍. ଏ. ପାସ୍ କରିବା ପରେ ଚାଷ କରିବେ ବୋଲି ବଡ଼ଚଣା ଅଞ୍ଚଳରେ ବିଶ୍ୱୋଧିକଜମି ସଂଗ୍ରହ କରିଥିଲେ । ଉଦ୍ଦେଶ୍ୟ ଥିଲା-ଗୋପାଳବଲ୍ଲଭ ସେଠାରେ ଏକ ଫାର୍ମ ପ୍ରତିଷ୍ଠା କରିବେ । ମାତ୍ର ଗୋପାଳବଲ୍ଲଭ ଡେପୁଟି ମାଜିଷ୍ଟ୍ରେଟ୍ ହେବାପାଇଁ ମନ ବଳାଇବାରୁ ମଧୁସୂଦନ ସେଥିରେ କମ୍ କ୍ଷୁର୍ଣ୍ଣ ହୋଇ ନଥିଲେ ।

ଓଡ଼ିଶାର ଶିକ୍ଷା ସଂସ୍କୃତି, ସାହିତ୍ୟ, କୃଷି, ଶିଳ୍ପ ଓ ସର୍ବୋପରି ଅର୍ଥନୀତିର ସର୍ବାଙ୍ଗୀନ ଉନ୍ନତି ଫଳରେ ଏକ ସ୍ୱାବଲମ୍ବନ ଆତ୍ମପ୍ରତ୍ୟୟଶୀଳ ଓଡ଼ିଆର ଅଭ୍ୟୁଦୟ ମଧୁସୂଦନ ସ୍ୱପ୍ନ ଦେଖିଥିଲେ । ୧୮୮୧ରୁ ୧୯୩୪ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ଓଡ଼ିଶାପାଇଁ ଭାରତର ଜାତୀୟ ସଂହତି ସହିତ ସାମଞ୍ଜସ୍ୟ ରକ୍ଷି ସେ ଯେଉଁ ପ୍ରଗତି ମୂଳକ କାର୍ଯ୍ୟମାନ କରିଯାଇଛନ୍ତି, ସେଗୁଡ଼ିକ ଆମ ଜାତୀୟ ଜୀବନର ମୂଳଦୁଆ ।

ଓଡ଼ିଶାର ସ୍ୱାଭିମାନ ପ୍ରତିଷ୍ଠା ଓ ଅଭ୍ୟୁଦୟ ପାଇଁ ଜାତୀୟ ଗୌରବ ମଧୁସୂଦନ ଏ ଜାତିର ପ୍ରାଣ ସ୍ପନ୍ଦନ—ଏହାହିଁ ଆମ ପାଇଁ ଓ ଆମର ବଂଶଧରମାନଙ୍କ ପାଇଁ ଜାତୀୟ ପ୍ରଗତିର ଜୟଯାତ୍ରା ଲାଗି ଅଫୁରନ୍ତ ପ୍ରବୁଦ୍ଧ ଚେତନା ତଥା ଆତ୍ମୋପଲବ୍ଧି ଓ ଆତ୍ମୋନ୍ନତିର ଗୌରବୋଜ୍ଜ୍ୱଳ ଅନୁପ୍ରେରଣା ।

ସାଧାରଣ ସଂପାଦକ 'ମଧୁସ୍ମୃତି'
ଓଡ଼ିଶା, କଟକ ।

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିନ୍ଧୁଆ ଚିକିତ୍ସକ ହେଲେ
ଶବ କି ପାରବ ପ୍ରାଣ ?
ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିଏ ରଥ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ?

—ମଧୁସୂଦନ

# ଛାତ୍ର ଛାତ୍ରୀଙ୍କ ମନରେ ଗଣତାନ୍ତ୍ରିକ ମୂଲ୍ୟବୋଧ

ଡକ୍ଟର ଶ୍ରୀ ଜଗନ୍ନାଥ ମହାନ୍ତ

## ଗଣତାନ୍ତ୍ରିକ ମୂଲ୍ୟବୋଧ କ'ଣ

ଗଣତାନ୍ତ୍ରିକ ମୂଲ୍ୟବୋଧ କ'ଣ ଜାଣିବା ପୂର୍ବରୁ ପ୍ରଥମେ ଆମକୁ ମୂଲ୍ୟବୋଧ କହିଲେ କ'ଣ ବୁଝୁ ସେ ବିଷୟରେ ସ୍ପଷ୍ଟ ହେବାକୁ ପଡ଼ିବ । ମୂଲ୍ୟବୋଧକୁ ଇଂରେଜିରେ Values କୁହାଯାଏ । ଅର୍ଥାତ୍ ଜୀବନରେ ଆମେ ଯାହାକୁ ଅତ୍ୟନ୍ତ ମୂଲ୍ୟବାନ୍ ମନେ କରୁ, ତାକୁ ମୂଲ୍ୟବୋଧ କୁହାଯାଏ । ବ୍ୟକ୍ତିଗତ ପାର୍ଥକ୍ୟ ପରି ମଣିଷର ମୂଲ୍ୟବୋଧ ମଧ୍ୟ ପୃଥକ୍ ପୃଥକ୍ । ଜଣଙ୍କର ମୂଲ୍ୟବୋଧ ଅନ୍ୟଠାରୁ ପୃଥକ୍ । ମୁଁ ଜୀବନରେ ଧର୍ମକୁ ଅଧିକ ଗୁରୁତ୍ୱ ଦିଏ, ତେଣୁ ଧାର୍ମିକ ବିଶ୍ୱାସ ମୋର ମୂଲ୍ୟବୋଧ । କିଏ ଧନସମ୍ପଦକୁ ଅଧିକ ମୂଲ୍ୟବାନ୍ ମନେ କରେ, ତାହା ତାର ମୂଲ୍ୟବୋଧ । ମ୍ୟାକ ଆଇଭର, ଅଟାଓୟେ ପ୍ରମୁଖ ସମାଜବିଜ୍ଞାନୀମାନଙ୍କ ମତରେ ମଣିଷ ଯେଉଁ ଧାରଣା ଓ ବିଶ୍ୱାସକୁ ହୃଦୟ ଭରି ଭଲ ପାଏ, ଯାହାକୁ ସେ ଜୀବନ ସାରା ଆପଣାର କରିଥାଏ, ସେଗୁଡ଼ିକ ହେଲା ତାର ମୂଲ୍ୟବୋଧ । ଧର୍ମ, ନୀତି, ଆଦର୍ଶ, ଜୀବନ ଦର୍ଶନ, ଶିକ୍ଷାଦୀକ୍ଷା ପ୍ରଭୃତି ଯାହାସବୁ ସମାଜ ଓ ସଂସ୍କୃତିକୁ ବଞ୍ଚାଇ ରଖେ ଏବଂ ଦୃଢ଼ କରେ, ସେଗୁଡ଼ିକୁ ଅନେକେ ମୂଲ୍ୟବୋଧ କହନ୍ତି । ତେଣୁ ଉଭୟ ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ଯାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଯାହା ମଣିଷର ଆଚରଣ, ଧ୍ୟାନଧାରଣା, ଚଳଣିକୁ ଖୁବ୍ ପ୍ରଭାବିତ କରେ, ତାହା ହେଲା ମୂଲ୍ୟବୋଧ ।

ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଏଲିଜାବେଥ୍ ହର୍ଲକ କହନ୍ତି ଯେ ଯେଉଁ ଧାରଣା ମଣିଷର ଆବେଗ ଦ୍ୱାରା ଦୃଢ଼ୀଭୂତ ତଥା ପରିପୁଷ୍ଟ ଓ ବ୍ୟକ୍ତିନିଷ୍ଠ, ତାହା ମୂଲ୍ୟବୋଧ । ଏହି ଦୃଷ୍ଟିରୁ 'ଗଣତାନ୍ତ୍ରିକ ମୂଲ୍ୟବୋଧ କହିଲେ ଆମେ ବୁଝିବା ଯେ ଯେଉଁ ନୀତି, ଆଦର୍ଶ ଓ ଦର୍ଶନ ଗଣତନ୍ତ୍ର ଉପରେ ଆଧାରିତ ଏବଂ ଯାହା ମଣିଷର ଜଣେ ସୁନାଗରିକ ଭାବରେ ଜୀବନ ଧାରଣ କରିବାରେ ସହାୟକ ତଥା ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତିତ୍ୱ ପ୍ରତି ସମ୍ମାନ, ସ୍ୱାଧୀନତା, ସାମ୍ୟ, ସହଯୋଗ, ସହୃଦୟତା ପ୍ରଭୃତି ସଦ୍‌ଗୁଣ ଓ ନୀତିଗୁଡ଼ିକୁ ଗଣତାନ୍ତ୍ରିକ ମୂଲ୍ୟବୋଧ କୁହାଯାଏ । ସେଗୁଡ଼ିକ ବ୍ୟକ୍ତିର ଭାବାବେଗଦ୍ୱାରା ସମୃଦ୍ଧ ଏବଂ ଗଣତନ୍ତ୍ରର ମୂଳସ୍ତମ୍ଭ ବା ମୂଳମନ୍ତ୍ର ଭାବରେ ବିବେଚିତ ।

ଆମେ ଜାଣୁଯେ ଗଣତନ୍ତ୍ର କେବଳ ଏକ ରାଜନୈତିକ ଆଦର୍ଶ ବା ସଂଗଠନ ନୁହେଁ । ଏହା କେବଳ ଏକ ସରକାର ଗଠନରେ ସୀମିତ ନୁହେଁ । ଗଣତନ୍ତ୍ରର ଏହା କେବଳ ଏକ ଅଂଶ, ଏକ ବିଭବ ମାତ୍ର । ଗଣତନ୍ତ୍ର ଏକ ବହୁମୁଖୀ ଓ ବ୍ୟାପକ ବ୍ୟବସ୍ଥା, ଏହା ଏକ ସାର୍ବଜନୀନ ନୀତି ଓ ଜୀବନ-ଦର୍ଶନ । ତେଣୁ ଗଣତନ୍ତ୍ରର ରାଜନୈତିକ, ସାମାଜିକ, ଅର୍ଥନୈତିକ, ନୈତିକ ପ୍ରଭୃତି ବିଭିନ୍ନ ବିଭବ ରହିଛି ଏବଂ ଗଣତନ୍ତ୍ର ଏସମସ୍ତଙ୍କୁ ନେଇ ଗଠିତ ତଥା ପରିପୁଷ୍ଟ । ସଂଖ୍ୟା-ଗରିଷ୍ଠ ମତରେ ସରକାର ଗଠନ କରିବା ବା ନାଗରିକ ଭାବରେ ନିଜର କର୍ତ୍ତବ୍ୟ ସଂପାଦନ କରିବା ରାଜନୈତିକ ଗଣତନ୍ତ୍ର । ସମାଜରୁ ସେମିତି ବିଭିନ୍ନ ଭେଦଭାବ ଦୂର କରି ସାମ୍ୟସ୍ୱାଧୀନତାର ପ୍ରସାରକୁ ସାମାଜିକ ଗଣତନ୍ତ୍ର, ଆର୍ଥିକ ବୈଷମ୍ୟ ଓ ବ୍ୟାଭିଚାରକୁ ଲୋପ କରି ଜନମଙ୍ଗଳ ରାଷ୍ଟ୍ର ଗଠନ କରିବାକୁ ଅର୍ଥନୈତିକ ଗଣତନ୍ତ୍ର ଏବଂ ସମସ୍ତଙ୍କ ଆଚରଣଗତ ଦୋଷତ୍ରୁଟି ଦୂର କରି ନ୍ୟାୟ, ନିଷ୍ଠା, ସାଧୁତା, ସହିଷ୍ଣୁତା, ସଦିଚ୍ଛା, ସହଯୋଗ ପ୍ରଭୃତିର ବିକାଶକୁ ନୈତିକ ଗଣତନ୍ତ୍ର କୁହାଯାଏ ।

ମୂଳତଃ ଗଣତନ୍ତ୍ରର ମୌଳିକ ନୀତି ହେଲା ସାମ୍ୟ, ସ୍ୱାଧୀନତା ଓ ସଦିଚ୍ଛା । ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ସମ୍ମାନ ଜଣାଇବା ଏବଂ ତାର ଧର୍ମ, ଶ୍ରେଣୀ, ଧନ, ସ୍ତ୍ରୀ ପୁରୁଷ ନିର୍ବି-ଶେଷରେ ସମାନ ସୁବିଧାସୁଯୋଗ ଦେବା ହେଉଛି ଗଣତନ୍ତ୍ରର ପ୍ରଥମ ସୋପାନ । ଆଇନକୁ ମାନି ଚଳିବା ଓ ପ୍ରତିଷ୍ଠିତ ସରକାରକୁ ସମ୍ମାନ ଜଣାଇବା ନିତାନ୍ତ ଦରକାର । ନିଜେ ନିଜକୁ ଶାସନ କରିବା ବା ନିୟନ୍ତ୍ରଣ କରିବା ଗଣତନ୍ତ୍ରର ମୂଳ କଥା । ଯେଉଁମାନେ ଶାସିତ, ସେମାନଙ୍କ ମତ ନେଇ ନିୟମ କାନୁନ୍ ପ୍ରଣୟନ କରାଯିବା ଉଚିତ । କାରଣ ସେମାନେ ଏହା-ଦ୍ୱାରା ଅଧିକ ପ୍ରଭାବିତ ବା ଆକ୍ରାନ୍ତ ହେବେ । କୌଣସି ସଂଗଠନର ପରିଚାଳନା ବା ପ୍ରଶାସନରେ ସମସ୍ତେ ସଂପୃକ୍ତ ହେଲେ ଏବଂ ସାନଠାରୁ ବଡ ଯାଏ ପ୍ରତ୍ୟେକ ସକ୍ରିୟ ଭାଗ ନେଲେ, ଉକ୍ତ ସଂସ୍ଥା ଗଣତାନ୍ତ୍ରିକ ହେବା ସଙ୍ଗେ ସଙ୍ଗେ ଅଧିକ ସଫଳ ଓ ସାର୍ଥକ ହୋଇପାରିବ ।

**ଛାତ୍ର ଛାତ୍ରୀମାନଙ୍କ ପାଇଁ ଆବଶ୍ୟକତା :**

ଆଜିର ଛାତ୍ର କାଲିର ନାଗରିକ । ବିଦ୍ୟାଳୟ ହେଉଛି ପ୍ରଧାନ ନାଗରିକ ଗଠନକାରୀ ସଂସ୍ଥା । ସେଠାରେ ନାଗରିକ ତାର କର୍ତ୍ତବ୍ୟ ଓ ଦାୟିତ୍ୱରେ ଯେତିକି ତାଲିମପ୍ରାପ୍ତ ଓ ଅଭ୍ୟସ୍ତ, ଭବିଷ୍ୟତରେ ସେ ସେତିକି ସଫଳ ନାଗରିକ ହୋଇ ପାରିବ । ଆଜିକାଲି ଆମେ ଦେଖୁଛୁ ଯେ ଛାତ୍ରଛାତ୍ରୀଗଣ ନିଜନିଜର ଅଧିକାର ସାବ୍ୟସ୍ତ କରିବାରେ ଯେତେ ତତ୍ପର, ନିଜ କର୍ତ୍ତବ୍ୟ କରିବାରେ ସେତେ ସଚେତନ ନୁହନ୍ତି । ଏହି ଅବସ୍ଥା ଗଣତନ୍ତ୍ରର ସଫଳତା ପାଇଁ ନିତାନ୍ତ ପ୍ରତିକୂଳ । ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ମୋ ପାଇଁ ଯାହା ଅଧିକାର, ଅନ୍ୟପାଇଁ ତାହା କର୍ତ୍ତବ୍ୟ । ତୁମପାଇଁ ଯାହା ଅଧିକାର ମୋ ପାଇଁ ତାହା କର୍ତ୍ତବ୍ୟ । ଉଦାହରଣ ସ୍ୱରୂପ, ମୁଁ କହିବା, ମୋର ମତ ସ୍ୱାଧୀନ ଭାବରେ ପ୍ରକାଶ କରିବା ମୋର ଅଧିକାର । ମାତ୍ର ଆପଣ ତାକୁ ଧୈର୍ଯ୍ୟର ସହିତ ଶୁଣିବା ହେଲା କର୍ତ୍ତବ୍ୟ । ଆପଣ ଯଦି ସବୁ ନ ଶୁଣିବେ, ତେବେ ମୋର କହିବାର ମୂଲ୍ୟ ନାହିଁ । ଅର୍ଥାତ ଆପଣଙ୍କ କର୍ତ୍ତବ୍ୟ ବ୍ୟତୀତ ମୋର ଅଧିକାର ଅର୍ଥ ହୀନ । ତେଣୁ ଛାତ୍ରଛାତ୍ରୀମାନଙ୍କୁ ଆମେ ଏ ବିଷୟରେ ଶିକ୍ଷା ଦେବାକୁ ହେବ, ତାଲିମ ଦେବାକୁ ପଡ଼ିବ ।

ଅବଶ୍ୟ ଆଜିକାଲି ଆମେ ବିଦ୍ୟାଳୟ ପାଠ୍ୟକ୍ରମରେ ଓ ପାଠ୍ୟପୁସ୍ତକରେ ଗଣତନ୍ତ୍ରର ନୀତି, ପ୍ରକ୍ରିୟା, ପଦ୍ଧତି ଓ ସଫଳତାର ଅନୁକୂଳ ଅବସ୍ଥା ସମ୍ପର୍କରେ ଜ୍ଞାନ ପ୍ରଦାନ କରିବାକୁ ବ୍ୟବସ୍ଥା କରିଛୁ । ମାତ୍ର କେବଳ ଜ୍ଞାନ ଯଥେଷ୍ଟ ନୁହେଁ, ବାସ୍ତବ କ୍ଷେତ୍ରରେ ଉକ୍ତ ଜ୍ଞାନର ଆଦୌ ଉପଯୋଗ ହେଉନାହିଁ । ସେମାନେ କେବଳ ସେସବୁ ମୁଖସ୍ଥ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ସମର୍ଥ ହେଉଛନ୍ତି, କିନ୍ତୁ ଯଥାର୍ଥରେ ସୁନାଗରିକ ହେବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ । ଏ ସବୁ ଶିକ୍ଷା କେବଳ ପୋଥି ବାଇଗଣ ହୋଇ ରହୁଛି । ତାକୁ କିପରି ବାଡ଼ି ବାଇଗଣ କରିବାକୁ ହେବ, ଆମର ସେ ଦିଗରେ ମନ ନାହିଁ କି ଧ୍ୟାନ ନାହିଁ । ବିଦ୍ୟାଳୟ ନାଗରିକ ତାର ପ୍ରଥମ ତାଲିମ କେନ୍ଦ୍ର ହୋଇଥିବାରୁ ବିଦ୍ୟାଳୟର ଶାସନ ବ୍ୟବସ୍ଥା ଓ ପରିଚାଳନା ଗଣତାନ୍ତ୍ରିକ ହେବା ସଙ୍ଗେ ସଙ୍ଗେ ଶ୍ରେଣୀ ସଂଗଠନ, ଶୃଙ୍ଖଳା ରକ୍ଷା, ଶିକ୍ଷାଦାନ ପଦ୍ଧତି, ପାଠ୍ୟ ପରିପୂରକ କାର୍ଯ୍ୟକଳାପ ଇତ୍ୟାଦି ଗଣତାନ୍ତ୍ରିକ ନୀତିରେ ସଙ୍ଗଠିତ ହେବା ଉଚିତ । ସମଗ୍ର ବିଦ୍ୟାଳୟର କାର୍ଯ୍ୟକଳାପ ଗଣତାନ୍ତ୍ରିକ ନୀତିରେ ଚାଲିବା ଉଚିତ । ଛାତ୍ରଛାତ୍ରୀମାନେ ଯେମିତି ଭାବରେ ଅଭ୍ୟସ୍ତ ହେବେ, ଶିକ୍ଷା କରିବେ ଓ ଜୀବନ ଯାପନ କରିବେ, ଭବିଷ୍ୟତରେ ସେମାନେ ସେମିତି କାର୍ଯ୍ୟ କରିବେ ଏବଂ ଛାତ୍ରଜୀବନରେ ମଧ୍ୟ ସେମାନଙ୍କର ଗଣତାନ୍ତ୍ରିକ ମୂଲ୍ୟ ବୋଧ ପ୍ରକାଶ ପାଇବ ।

**ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି ଓ ବିକାଶର ଉପାୟ;**

ବିଦ୍ୟାଳୟରେ ଛାତ୍ରଛାତ୍ରୀଗଣ ଗଣତନ୍ତ୍ରର ବାସ୍ତବ ଅନୁଭୂତି ଲାଭ କରି ପାରିଲେ ଏବଂ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଗଣତନ୍ତ୍ରକୁ ରୂପାୟିତ କରିପାରିଲେ, ସେମାନଙ୍କ ମନରେ ଗଣତାନ୍ତ୍ରିକ ମୂଲ୍ୟବୋଧର ସୃଷ୍ଟି ଓ ବିକାଶ ଘଟିବ । ଏଥିପାଇଁ ଯେଉଁ ବିଦ୍ୟାଳୟ ଯେତେ ସୁଯୋଗ ଦିଏ, ସେହି ବିଦ୍ୟାଳୟ ସେତେ ଗଣତାନ୍ତ୍ରିକ ଓ ତାର ଛାତ୍ରଛାତ୍ରୀଗଣ ସେତେ ସୁନାଗରିକ ହୋଇ ପାରିଥାନ୍ତି ।

ଏହି ପ୍ରସଙ୍ଗରେ ଆମର ସତ୍ୟବାଦୀ ବନବିଦ୍ୟାଳୟ କଥା ମନେ ପଡ଼େ । ଜାତୀୟ ବନବିଦ୍ୟାଳୟର ଗଣତାନ୍ତ୍ରିକ ପରମ୍ପରା ତଥା ମାନବିକ ଆବେଦନ ତାର ଛାତ୍ରଛାତ୍ରୀମାନଙ୍କୁ ଏପରି ପ୍ରଭାବିତ କରିଥାଏ ଯେ ସେମାନେ ଛାତ୍ର ଜୀବନରେ ତାହା ଯେମିତି ପ୍ରକାଶ କରିଥାନ୍ତି, ଭବିଷ୍ୟତ ଜୀବନରେ ଯେ କୌଣସି କ୍ଷେତ୍ରରେ ଥାଆନ୍ତୁ ପଛେ, ସେମାନେ ତାର ସୂଚନା ଦେଇଥାନ୍ତି । ବନ ବିଦ୍ୟାଳୟର ଛାତ୍ରମାନେ ନିଜେ ଶୃଙ୍ଖଳା ରକ୍ଷାର ଦାୟିତ୍ୱ ନେଇଥାନ୍ତି । ପଣ୍ଡିତ ନୀଳକଣ୍ଠ ବା ଆଚାର୍ଯ୍ୟ ହରିହର ଛାତ୍ରାବାସର ତତ୍ତ୍ୱାବଧାରକ ଥାନ୍ତି । କେହି ଛାତ୍ରାବାସରେ କୌଣସି ଅପରାଧ କଲେ, ସମସ୍ତ ଅନ୍ତେବାସୀଙ୍କୁ ବସାଇ ଅପରାଧର ବିଚାର କରିଥାନ୍ତି ଏବଂ ସେମାନଙ୍କ ପରାମର୍ଶ କ୍ରମେ ଦଣ୍ଡବିଧାନ କରଯାଏ ବା କ୍ଷମା ଦିଆଯାଏ । ଏହା ଫଳରେ ଛାତ୍ର ଆଉ ଦୋଷ କରିବାକୁ ସାହସ କରେ ନାହିଁ ବରଂ ସେ ତାହା କରିବାକୁ ଭୟ କରେ ଏବଂ କ୍ରମେ ତାର ଦୋଷଦୂର ହୋଇଯାଏ ।

ସେମିତି ବିଭିନ୍ନ ପାଠ୍ୟ ପରିପୂରକ କାର୍ଯ୍ୟକ୍ରମରେ ବା ଶୃଙ୍ଖଳା ରକ୍ଷାରେ ଛାତ୍ରମାନଙ୍କୁ ସଂପୃକ୍ତ କଲେ ବା ସେମାନଙ୍କୁ ଦାୟିତ୍ୱ ଦେଲେ, ସେମାନେ ଅଧିକ ଦକ୍ଷତାର ସହିତ ଶୃଙ୍ଖଳା ରକ୍ଷା କରନ୍ତି । ସୁଦକ୍ଷ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରାମକୃଷ୍ଣ ନନ୍ଦ ତାଙ୍କ ଆତ୍ମଜୀବନୀରେ ଗୋଟିଏ ସେହିପରି ଘଟଣା ବର୍ଣ୍ଣନା କରିଛନ୍ତି । ସେ ବାରିପଦା ହାଇସ୍କୁଲରେ ନୂତନ ଭାବରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେଇଥାନ୍ତି । ୧୯୪୨ ମସିହା ଜାନୁୟାରୀ ପ୍ରଥମ ସପ୍ତାହର ଘଟଣା । ସେହି ମାସ ୨୦ ତାରିଖ ଆଡ଼କୁ ପଡ଼ିଲା ସରସ୍ୱତୀ ପୂଜା । ସ୍କୁଲରେ କିପରି ଶୃଙ୍ଖଳାର ସହିତ ପୂଜା କାର୍ଯ୍ୟ ଏବଂ ବିସର୍ଜନ ଅନୁଷ୍ଠିତ ହେବ, ସେ ବିଷୟରେ ସେ ଭାରି ଚିନ୍ତିତ ହୋଇପଡ଼ିଥାନ୍ତି । ପୂଜା କାର୍ଯ୍ୟ ସାରି ବିସର୍ଜନ ଦିନ ପିଲମାନେ ସହରର ପ୍ରଧାନ ରାସ୍ତା ଦେଇ ବୁଢ଼ାବଳଙ୍ଗ ନଦୀକୁ ଯାଆନ୍ତି ମେଢ଼ ସହିତ ପଟୁଆର କରି । ପୂର୍ବବର୍ଷମାନଙ୍କରେ ଏତିକିବେଳେ ଖୁବ୍ ଗଣ୍ଡଗୋଳ ଘଟିଥିଲା । ସେଥିରେ ପୁଣି ଛାତ୍ରମାନେ ଖୁବ୍ ବିଶୃଙ୍ଖଳିତ ହୋଇଥାନ୍ତି । ସେମାନଙ୍କର ବିଶୃଙ୍ଖଳା କାଣ୍ଡ ଯୋଗୁଁ ପୂର୍ବତନ ହେଡ୍‌ମାଷ୍ଟରଙ୍କର ଚାକିରି ଯିବା ଗଲା, ସେମାନଙ୍କର କିଛି ହୋଇ ନଥିଲା ।

ରାମକୃଷ୍ଣବାବୁ କିପରି ଆଠଶହ ଉଚ୍ଛୃଙ୍ଖଳ ଛାତ୍ରଙ୍କୁ ଆୟତ୍ତ କରି ନିର୍ବିଘ୍ନରେ ପୂଜା କାର୍ଯ୍ୟ ତୁଲେଇବେ, ତାହା ଦେଖିବାକୁ ବନ୍ଧୁମାନେ ଓ ଶତ୍ରୁମାନେ ଅପେକ୍ଷା କରିଥାନ୍ତି । ପୂଜାର ସପ୍ତାହକ ପୂର୍ବରୁ ଦିନେ ଉପର ଚାରି ଶ୍ରେଣୀର ଛାତ୍ରମାନଙ୍କ ସହିତ ହଲ୍‌ରେ ଏକୁଟିଆ ଭେଟିଲେ । ଗୋଟିଏ ସଭା ହେଲା । ଆଗେ ପରାମର୍ଶ ହେଲେ ପ୍ରଧାନ ଶିକ୍ଷକ ଓ ଅନ୍ୟ ତିରିଶ ଜଣ ଶିକ୍ଷକଙ୍କ ଉପସ୍ଥିତିରେ ମଧ୍ୟ ଛାତ୍ରମାନେ ଦର୍ଶେହେଲେ ଅସ

ଧରି ରହିପାରନ୍ତି ନାହିଁ । କିନ୍ତୁ ସେଦିନ ସବୁ ଚୁପଚାପ୍ । ସେ ସେମାନଙ୍କୁ ସବୁ ବୁଝାଇ ଦେଲେ । ଶେଷରେ କହିଲେ, "ତୁମ୍ଭେମାନେ ପ୍ରକୃତରେ ବଜାରୀ ବା ଅଭଦ୍ର ନୁହଁ । ସମସ୍ତେ ଭଦ୍ର ପରିବାରର ପିଲା । କିନ୍ତୁ ତୁମକୁ ଏହାର ପ୍ରମାଣ ଦେବାକୁ ହେବ । ବାରିପଦା ସହରବାସୀଙ୍କୁ ଦେଖାଇବାକୁ ହେବ ଯେ ତୁମ୍ଭେମାନେ ସମସ୍ତେ ଭଦ୍ରଘରର ସନ୍ତାନ ଏବଂ ଭଦ୍ର ବ୍ୟବହାର ଶିଖିଛ । କ'ଣ ପାରିବ ନାହିଁ ?"

ଗୋଟିଏ ସ୍ୱରରେ ସ୍ୱରିଶହ କଣ୍ଠରୁ ଉଠିଲା—"ହଁ ସାର୍, ନିଶ୍ଚୟ ପାରିବୁ ।" ବିଗତ ହଲ୍‌ଟି ମୁହୂର୍ତ୍ତକ ପାଇଁ ଶବ୍ଦାୟିତ ହେଲା । ପ୍ରତିବର୍ଷ ଏହି ପଟୁଆରରେ ହେଡ୍‌ମାଷ୍ଟର, ଶିକ୍ଷକ, ଯଷ୍ଠିଧାରୀ ପୋଲିସ ପ୍ରଭୃତି ଯାଉଥିଲେ । ସେବର୍ଷ ଏମାନେ କେହି ଗଲେ ନାହିଁ । ପିଲାମାନେ ନିଜେ ଶୃଙ୍ଖଳା ରକ୍ଷା କଲେ । ଶୋଭାଯାତ୍ରାରେ ଶୃଙ୍ଖଳାର କୌଣସି ବ୍ୟତିକ୍ରମ ଘଟିଲା ନାହିଁ । ସହରବାସୀମାନେ ଏ ଦୃଶ୍ୟ ଦେଖି ଅବାକ୍ ହେଲେ । ପୂଜା ପରେ ପୁଣି ଥରେ ପିଲାମାନଙ୍କୁ ଏକାଠି କରି ହେଡ୍‌ମାଷ୍ଟର ଧନ୍ୟବାଦ ଦେଲେ । ସେମାନଙ୍କର ହୃଦୟ ଗର୍ବ ଓ ଆନନ୍ଦରେ ଫୁଲିଉଠିଲା । ପୁଣି ଏଥିରେ ଯେ ମୁଖ୍ୟ ଦାୟିତ୍ୱ ନେଇଥିଲା, ସେ ହେଉଛି ଜଣେ ଅବାଧ୍ୟ ଓ ଦୁଷ୍ଟ ଛାତ୍ର ବୀରେଶ୍ୱର !

ଏହିସବୁ ଦୃଷ୍ଟାନ୍ତରୁ ସ୍ପଷ୍ଟ ହୁଏ ଯେ ଛାତ୍ର-ଛାତ୍ରୀମାନଙ୍କୁ ବିଦ୍ୟାଳୟର ପରିଚାଳନାରେ ଭାଗ ନେବାରେ ସୁଯୋଗ ଦେବାକୁ ହେବ । ଏମିତିକି ଶୃଙ୍ଖଳା ରକ୍ଷା କରିବାରେ ସେମାନେ ସଫଳ ଭୂମିକା ଗ୍ରହଣ କରିପାରିବେ । ମହାତ୍ମା ଗାନ୍ଧିଙ୍କ ପ୍ରଚଳିତ ନୟୀତାଲିମି ତଥା ମୌଳିକ ଶିକ୍ଷାରେ ପିଲାମାନଙ୍କୁ ଅଧିକାଂଶ ଦାୟିତ୍ୱ ଦିଆଯାଉଥିଲା । ସେମାନଙ୍କ ମଧ୍ୟରୁ ଶିକ୍ଷା ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, କ୍ରୀଡ଼ା ମନ୍ତ୍ରୀ ପ୍ରଭୃତି ନିଯୁକ୍ତ ହୋଇ ସେ ସବୁ କ୍ଷେତ୍ରରେ ଶିକ୍ଷକମାନଙ୍କୁ ସାହାଯ୍ୟ କରୁଥିଲେ । ଶୁର୍ଚ୍ଚ ସଭା, ମନ୍ତ୍ରୀମଣ୍ଡଳ ସଭାରେ ସେମାନେ ବିଦ୍ୟାଳୟ ସଙ୍ଗଠନର ବିଭିନ୍ନ କାର୍ଯ୍ୟ ତୁଲାଉଥିଲେ । ଫଳରେ ଗଣତନ୍ତ୍ରରେ ସେମାନେ ପ୍ରଥମରୁ ଗର୍ବି ହେଉଥିଲେ । ଗଣତନ୍ତ୍ର ସେମାନଙ୍କ ପକ୍ଷେ ପୋଥିବାଇଗଣ ନହୋଇ ବାଡ଼ି ବାଇଗଣ ପରି ହେଉଥିଲା । ଦୁର୍ଭାଗ୍ୟକୁ ଏଇ ଶିକ୍ଷା ପ୍ରଣାଳୀ ଲୋପ ପାଇଥିଲା ।

ଆଜି ମଧ୍ୟ ଆମ ବିଦ୍ୟାଳୟମାନଙ୍କରେ ଛାତ୍ର-ଛାତ୍ରୀମାନଙ୍କୁ ଏହିପରି ବିଭିନ୍ନ ଦାୟିତ୍ୱ ବାଣ୍ଟିଦେବା ଉଚିତ୍ । ଶିକ୍ଷକମାନେ ସେମାନଙ୍କୁ ଆବଶ୍ୟକ ଦିଗଦର୍ଶନ ଦେବେ । ସେମାନଙ୍କ ପରାମର୍ଶରେ ଛାତ୍ର-ଛାତ୍ରୀମାନେ ବିଭିନ୍ନ ପ୍ରକାର ପାଠ୍ୟପୂରକ କାର୍ଯ୍ୟ ଯଥା—ଆଲୋଚନା ସଭା, ନାଟ୍ୟାଭିନୟ, ଉଦ୍ୟାନ କାର୍ଯ୍ୟ, କ୍ରୀଡ଼ା ସଙ୍ଗଠନ ଆଦି ଖୁବ୍ ଦକ୍ଷତାର ସହିତ ପରିଚାଳନା କରିପାରିବେ, ଅଧିକ ଦାୟିତ୍ୱଶୀଳ ହୋଇପାରିବେ, ବେଶୀ କର୍ତ୍ତବ୍ୟନିଷ୍ଠ ଓ ଶୃଙ୍ଖଳିତ ହୋଇପାରିବେ । ଏହା ଫଳରେ ସେମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧର ବିକାଶ ଘଟିପାରିବ ।

ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ୍ ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର

ପ୍ରଭାତ ବେଳାରେ ନୂତନ ସୂର୍ଯ୍ୟକୁ ଆମେ ଅଭିନନ୍ଦନ କରୁ । ଅସ୍ତଗାମୀ ସୂର୍ଯ୍ୟର କଥା କେହି କେବେ ଚିନ୍ତା କରନ୍ତି ନାହିଁ । ସେହି ଦୃଷ୍ଟିରୁ ୧୯୩୬ , ଅପ୍ରେଲ ପହିଲା ନବ ଉତ୍କଳର ଜନ୍ମ ତାରିଖ । ତାହା ବିଗତ ହୋଇଥିଲେ ମଧ୍ୟ ପ୍ରତି ଅପ୍ରେଲ ପହିଲା ଓଡ଼ିଶା ପାଇଁ ଏକ ନୂତନ ସଙ୍କଳ୍ପ, ନୂତନ ଉଦ୍ୟମ ଓ ନୂତନ ଆଶାର ଦିନ ହୋଇ ରହିବ ।

—ଜାନକୀ ବଲ୍ଲଭ ପଟ୍ଟନାୟକ

• ସ୍ମୃତି ଗୋପବନ୍ଧୁଙ୍କ •

# ବନ୍ଦୀର ଆତ୍ମକଥା

ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର

୧୯୦୩ ମସିହା ଡିସେମ୍ବର ମାସ ୩୦, ୩୧ ତାରିଖରେ କଟକଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ଏହି ସମ୍ମିଳନୀ ସମଗ୍ର ଓଡ଼ିଶାରେ ଏକ ଅସାଧାରଣ ଜାତୀୟତାବୋଧ ଏବଂ ଦେଶାତ୍ମବୋଧର ପରିବେଶ ତଥା ଜନସାଧାରଣଙ୍କ ମାନସିକ ସ୍ତରରେ ଏକ ଉନ୍ମୁକ୍ତ ଆବେଦନ ସୃଷ୍ଟି କରିପାରିଥିଲା । ଉତ୍କଳ ସମ୍ମିଳନୀର ପ୍ରସ୍ତାବ ଓ କାର୍ଯ୍ୟକ୍ରମର ପ୍ରସାର ସହିତ ସମଗ୍ର ଭାରତବର୍ଷରେ ଗଢ଼ି ଉଠୁଥିବା ଜାତୀୟ କଂଗ୍ରେସ ଆନ୍ଦୋଳନ ଓଡ଼ିଶାର ଯୁବମାନସକୁ ଏକ ଶାଣିତ ପ୍ରଜ୍ଞା ଏବଂ ଜାତୀୟ ଭାବମୂର୍ତ୍ତିରେ ଉଦ୍‌ବୁଦ୍ଧ କରିଥିଲା । ବଙ୍ଗଭଙ୍ଗ, ସ୍ୱଦେଶୀ ଆନ୍ଦୋଳନ, ବିହାର ଓଡ଼ିଶା ପ୍ରଦେଶ ଗଠନ, ସତ୍ୟବାଦୀ ଜାତୀୟ ବନ ବିଦ୍ୟାଳୟ ପ୍ରତିଷ୍ଠା, ଏପରି ବହୁ ଐତିହାସିକ ଘଟଣା ପ୍ରବାହ ସମଗ୍ର ଓଡ଼ିଶାକୁ ଶତାବ୍ଦୀର ପୁଞ୍ଜିଭୂତ ନିଦ୍ରା ଏବଂ ସୁସୁପ୍ତିରୁ ଉତ୍ଥିତ କରାଇବା ଲାଗି ଯଥେଷ୍ଟ ଥିଲା । ସଂକ୍ଷେପରେ କହିବାକୁ ଗଲେ ଯାହା ଥିଲା ଅବହେଳିତ ଓଡ଼ିଶାର ସମବାୟ ଦୁଃଖ ଦୁର୍ଗତି । ତାହା ସମଗ୍ର ଦେଶର ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ପର୍ବରେ ଆହୁରି ପ୍ରଖର ଓ ସ୍ପଷ୍ଟ ହୋଇ ଉଠିଲା ଏବଂ ଜାତୀୟ କଂଗ୍ରେସର ପ୍ରେରଣା ପୂର୍ଣ୍ଣ ନୀତି, କାର୍ଯ୍ୟକ୍ରମ ଏବଂ ଜାତୀୟ ନେତାମାନଙ୍କର ଆଗ୍ନେୟ ଶପଥ ସମଗ୍ର ଦେଶରେ ସାହିତ୍ୟରେ ଝଂକୃତ ହୋଇ ଉଠିଲା । ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ତଥା ଜାତୀୟ କଂଗ୍ରେସର ଆନ୍ଦୋଳନକୁ ଅନୁପ୍ରାଣିତ ହୃଦୟରେ ପ୍ରତ୍ୟକ୍ଷୀଭୂତଃ କରିବାପାଇଁ ଯେଉଁ କର୍ମୀମାନେ ଲେଖନୀ ଧାରଣ କରିଥିଲେ ସମ୍ଭବତଃ ଯୁବକ ଗୋପବନ୍ଧୁ ଦାସ ହିଁ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଯେଉଁ ସେଣ୍ଟ୍ରାଲ ୟଙ୍ଗ ଉତ୍କଳ ଆସୋସିଏସନର ଗୋପବନ୍ଧୁ ଦାସ ଜଣେ ବିଶ୍ୱସ୍ତ ସଭ୍ୟ ଥିଲେ, ସେହି ସମାଜ ସଂସ୍କାର ପ୍ରେମୀ ଉଦୀୟମାନ ଯୁବକ ସମଗ୍ର ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନିଜକୁ କଂଗ୍ରେସ ଆନ୍ଦୋଳନ ସହିତ ସାମିଲ କରି ପାରିଥିଲେ ଏବଂ ଓଡ଼ିଆର ଜାତୀୟତାର ସୁରକ୍ଷା ତଥା ବିକାଶପାଇଁ ମହାଭାରତୀୟ ଜାତୀୟତା, ସ୍ୱଦେଶ ପ୍ରେମ ଏକାନ୍ତ ଭାବରେ ଆଚରଣୀୟ ତଥା କାମ୍ୟ । ଏହି ମହା ମନ୍ତ୍ରରେ ତାଙ୍କର ବ୍ୟକ୍ତିତ୍ୱ ଉଦ୍‌ବୁଦ୍ଧ ହୋଇଥିଲା । ସେଥିପାଇଁ ଜଣେ ସ୍ୱେଚ୍ଛାସେବକ ଭାବରେ, ଜାତୀୟ ଓଡ଼ିଆ ଆନ୍ଦୋଳନର ବାର୍ତ୍ତା ପ୍ରଚାରକ ଭାବରେ, କଂଗ୍ରେସ ଆନ୍ଦୋଳନର ପୁଣ୍ୟବାର୍ତ୍ତା ପ୍ରଚାରକ ଭାବରେ, ତାଙ୍କ କାବ୍ୟିକ ବ୍ୟକ୍ତିତ୍ୱରେ କୌଣସି ବୈଷମ୍ୟ କିମ୍ବା ବ୍ୟତିକ୍ରମ ପରିଲକ୍ଷିତ ହୁଏ ନାହିଁ । ଗୋପବନ୍ଧୁ ପ୍ରଥମେ ଓଡ଼ିଆ । ମାତ୍ର ମହାଭାରତୀୟ ଭାବମୂର୍ତ୍ତି ସେହି ବିସ୍ତାରରେ ସର୍ବାଗ୍ରେ ବନ୍ଦ୍ୟ । କି ଶିକ୍ଷା କି ସଂସ୍କାର, କି ପ୍ରଗତିଶୀଳ ଯୋଜନା, କି ସାଂସ୍କୃତିକ ଭିତ୍ତି ପ୍ରତ୍ୟେକ କ୍ଷେତ୍ରରେ ଗୋପବନ୍ଧୁଙ୍କ ହୃଦୟର କବିତ୍ୱ ଏକ ଅନନ୍ୟ ସାଧାରଣ ମହାଭାରତୀୟ ପରୀକ୍ଷା ଓ ଆଦର୍ଶକୁ ବାସ୍ତବରେ ଉପଲବ୍ଧି କରି ପାରିଥିଲା ଏବଂ ଓଡ଼ିଆ ତଥା ମହାଭାରତୀୟ ପରିକଳ୍ପନାରୁ ସେ ଆହୁରି ଊର୍ଦ୍ଧ୍ୱକୁ ଉଠି ପାରିଛନ୍ତି । ତାହା ହେଉଛି ବିଶ୍ୱ ମାନବିକତା ଏବଂ ସାର୍ବଜନୀନ ମାନବିକତା। ସେଥିପାଇଁ ତାଙ୍କର ପ୍ରତ୍ୟେକ କାବ୍ୟ କବିତାରେ ଜାତୀୟ କଂଗ୍ରେସ ଆନ୍ଦୋଳନର ଚିନ୍ତାଧାରା ଯେତିକି ପ୍ରତିଫଳିତ, ଓଡ଼ିଆ ଜୀବନର ସାଂସ୍କୃତିକ, ସାମାଜିକ ଏବଂ ଜାତୀୟ ଐତିହ୍ୟର ସ୍ପନ୍ଦନ ସେତିକି ଅନୁଭୂତ । ସତ୍ୟବାଦୀ ଶିକ୍ଷାସାଧନାର ସାଧକ ଓଡ଼ିଆ ଜାତୀୟ ଆନ୍ଦୋଳନର କର୍ଣ୍ଣଧାର ଏବଂ ଓଡ଼ିଶାରେ ଭାରତୀୟ ଜାତୀୟ କଂଗ୍ରେସ ଆନ୍ଦୋଳନର ପୁରୋଧା, ଏହି ତିନିଗୋଟି ଭୂମିକାର ସମନ୍ୱୟ ତାଙ୍କର ସଂବେଦନଶୀଳ କାବ୍ୟିକ ପୌରୁଷରେ ଏକତ୍ରିତ ଏବଂ ଗୁମ୍ଫିତ ହୋଇ ପାରିଥିଲା । ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁଙ୍କର ଏକମାତ୍ର କାବ୍ୟିକ ସୃଷ୍ଟି 'ବନ୍ଦୀର ଆତ୍ମକଥା' । ତତ୍କାଳୀନ ସମଗ୍ର ଭାରତୀୟ ସାହିତ୍ୟରେ ଏକ ଅନନ୍ୟ ସାଧାରଣ କୃତି । 'ବନ୍ଦୀର ଆତ୍ମକଥା'ର ନାମକରଣରୁ ଜଣାଯାଏ ଯେ ଏହା କବିଙ୍କର ବନ୍ଦୀ ଜୀବନର କାବ୍ୟିକ ଆଲେଖ୍ୟ ।- ହଜାରିବାଗ ଜେଲରେ କଂଗ୍ରେସ କର୍ମୀ ଭାବରେ ତାଙ୍କର କାରାବାସ ଯେପରି ଭାରତୀୟ ଜାତୀୟ ସାହିତ୍ୟ ପକ୍ଷରେ ଏକ ଅବିସ୍ମରଣୀୟ ମୁହୂର୍ତ୍ତ । 'ବନ୍ଦୀର ଆତ୍ମକଥା' କାବ୍ୟକୃତିର ପରିକଳ୍ପନା ପ୍ରଥମରୁହିଁ ଓଡ଼ିଆ ଜନଜୀବନର ଉଦବୋଧନରେ ଆରମ୍ଭ ଏବଂ ତାର କ୍ରମିକ ଅଗ୍ରଗତି ଏବଂ ପରିସମାପ୍ତି ଘଟିଛି ଭାରତୀୟ ଭାବଗତ ଅନୁପ୍ରେରଣା ଏବଂ ଅନୁଚିନ୍ତନରେ । ଉତ୍କଳ ଭାରତ ଭୂମିରୁ ବିଚ୍ଛିନ୍ନ ନୁହେଁ ଏବଂ ଶ୍ରୀ ଜଗନ୍ନାଥଙ୍କ ଭୂମିରେ ଉତ୍କଳୀୟ ଜନତା ବିଶ୍ୱ ଜନତାର ଯଥାର୍ଥ ପ୍ରବକ୍ତା । ସେଥିପାଇଁ କ୍ରମେ କ୍ରମେ ଉତ୍କଳ ସମ୍ମିଳନୀର ଚିନ୍ତାଧାରାକୁ ସେ ମହାଭାରତୀୟ ଚିନ୍ତାଧାରା ସହିତ ଯୁକ୍ତ କରାଇ ଦେଇଥିଲେ । ସମ୍ମିଳନୀର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ସେ ସାର୍ଥକ ଏବଂ ସମ୍ପୂର୍ଣ୍ଣ କରିବାକୁ ଚାହିଁଥିଲେ । କାରଣ ତାଙ୍କ

ଜାତୀୟ କଂଗ୍ରେସର ଭବମୂର୍ତ୍ତି ଆହୁରି ବ୍ୟାପକ ଏବଂ ଉଜ୍ଜ୍ୱଳ ହୋଇ ପାରିବ ଏହା ଥିଲା ଗୋପବନ୍ଧୁଙ୍କର ସ୍ୱପ୍ନ । ୧୯୨୦ ମସିହାରେ କଂଗ୍ରେସର ନାଗପୁର ଅଧିବେଶନରୁ ଫେରି ଗୋପବନ୍ଧୁ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ଯେଉଁ ଭାଷଣ ଦେଇଥିଲେ ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

"ବାସ୍ତବିକ ଉତ୍କଳଭୂମି ସଂକୀର୍ଣ୍ଣ ନୁହେଁ । ଓଡ଼ିଶା କେବେ ସୀମାବଦ୍ଧ ନୁହେଁ । ପୁରୀ, ଭୁବନେଶ୍ୱର, କୋଣାର୍କ ମନ୍ଦିରର ବିଶାଳତା ଏହାର ପରିଚୟ"

ତେବେ ଗୋପବନ୍ଧୁଙ୍କର ଏତାଦୃଶ ସାର୍ବଜନୀନ ଚିନ୍ତାଧାରା ତଥା ଭାରତୀୟ କଂଗ୍ରେସ ଆନ୍ଦୋଳନର ପରିକଳ୍ପନାର କାବ୍ୟିକ ପରିପ୍ରକାଶ ହେଉଛି ତାଙ୍କର 'ବନ୍ଦୀର ଆତ୍ମକଥା' । ଓଡ଼ିଶାର ପୁରପଲ୍ଲୀ, ବନ୍ୟା, ବାତ୍ୟା, ଜମିଦାରଙ୍କ ଶୋଷଣ, ଇଂରେଜୀ ସରକାରଙ୍କ ଅତ୍ୟାଚାରରେ ଜରଜର ପୀଡ଼ିତ ! ଧ୍ୱସ୍ତ, ବିଧ୍ୱସ୍ତ, ଭାରତମାଟିରେ ବିଦେଶୀ ଫିରିଙ୍ଗି ଶାସକର ନିରଙ୍କୁଶ ଦମନ-ଲୀଳା ଏବଂ ଏହି ଜାତୀୟ ଦୁର୍ଗତି, ଐତିହାସିକ ଅବାୟ ଯୁଗରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଉଦ୍‌ଘୋଷିତ କଂଗ୍ରେସର ଆଦର୍ଶ ନୀତି ଓ ଲକ୍ଷ୍ୟ । ଏହି ସମସ୍ତ ବିଳକ୍ଷଣରୁ କବିଙ୍କର ବନ୍ଦୀର ଆତ୍ମକଥାର ପରିକଳ୍ପନା । ଏହା ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏକ କାବ୍ୟିକ ସଂବିଧାନ ବୋଲି କୁହାଯାଇ-ପାରେ । ଘରେ ଘରେ ଅରଟ ପ୍ରସାର, ସ୍ୱାବଲମ୍ବନଶୀଳତା ଆଚରଣ, ଖଦଡ଼ ପରିଧାନ, ବିଦେଶୀ ସରକାର ସହିତ ଅସହ-ଯୋଗ, ଅହିଂସା, ସତ୍ୟ ମାର୍ଗର ସାଧନା, ଏହାହିଁ ଥିଲା କଂଗ୍ରେସର ଘୋଷିତ ନୀତି ଏବଂ କର୍ମୀମାନଙ୍କ ପକ୍ଷରେ ଧାର୍ଯ୍ୟ ଆଦର୍ଶ । କବି ଗୋପବନ୍ଧୁ ଏହି ଦୃଷ୍ଟିରୁ ତାଙ୍କର 'ବନ୍ଦୀର ଆତ୍ମକଥା' ରଚନା କରିଥିଲେ । 'ବନ୍ଦୀର ଆତ୍ମକଥା'ର ସାହିତ୍ୟିକ ମୂଲ୍ୟ ଯେଉଁ ପରିମାଣରେ ସ୍ୱୀକୃତ, ତାହା ଅପେକ୍ଷା ଅଧିକ ଭାବରେ ଏହାର ଜାତୀୟ କଂଗ୍ରେସର ଆନ୍ଦୋଳନ ସମ୍ବନ୍ଧୀୟ ଗୁରୁତ୍ୱ ସ୍ୱୀକାର୍ଯ୍ୟ । ଏହି କ୍ଷୁଦ୍ର ପୁସ୍ତିକାର ଉପାଦାନ ପାଇଁ କବି ଚିର ଦାରିଦ୍ର୍ୟ ମଗ୍ନ ଅନାହାର ଜର୍ଜରିତ ଓଡ଼ିଶାର ଗାଁମାଟିକୁ ଫେରି ଯାଇଛନ୍ତି ଏବଂ ସେଠାରେ ସେ ନିଭୃତ ପଲ୍ଲୀର ତାତ୍ତ୍ୱିକ ସଦୃଶ ଜାତୀୟତାର ଆବାହନୀ ରଚନା କରିଛନ୍ତି ।

ସ୍ୱାଧୀନତା ଓ ମୁକ୍ତିର ଉଦ୍‌ବୋଧନ, ଶୋଷଣର ଅବସାନ, ଶିବପୂତ ଆଦର୍ଶ ଜୀବନ ଯାପନ । ସର୍ବୋପରି ଏକ ସାର୍ବଜନୀନ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଗଠନର ପରିକଳ୍ପନା, ଏହାହିଁ 'ବନ୍ଦୀର ଆତ୍ମକଥା'ର ଅନ୍ତଃସ୍ୱର ।

'ସ୍ୱାଧୀନତା ପଥେ ଅଛି ଯେତେ ଗାଡ଼
ପୂରୁ ତହିଁ ପଡି ମୋର ମାଂସ ହାଡ଼ !

ସମ୍ଭବତଃ ଭାରତୀୟ ପାରମ୍ପରିକ ଆଦର୍ଶରେ 'ସ୍ୱାଧୀନତା' ପାଇଁ ବ୍ୟକ୍ତିର ତ୍ୟାଗ ଓ ସାଧନା ଆଉ ଅଧିକ ସଂପ୍ରସାରିତ ହୋଇ ନପାରେ ।

'ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।'

ଏହି ଉଦ୍‌ବୋଧନ କ'ଣ କାବ୍ୟିକ ଲକ୍ଷ୍ୟ ଏବଂ ରାଜନୈତିକ ଉଦ୍ଦେଶ୍ୟ ସୂଚିତ କରୁ ନାହିଁ କି ? କବି ଯେଉଁ 'ଜାତୀୟ ମମତା ବିଶ୍ୱ ଜନପ୍ରୀତି' କଥାଟି କହିଛନ୍ତି ତାହା ଭାରତୀୟ ପ୍ରାଚୀନ ସାହିତ୍ୟ ଓ ପରମ୍ପରାର ପ୍ରତିଧ୍ୱନି ମାତ୍ର । 'ବନ୍ଦୀର ଆତ୍ମକଥା' ଓଡ଼ିଶାରେ 'ସ୍ୱାଧୀନତା ଆନ୍ଦୋଳନ'ର ଏକ କାବ୍ୟିକ ପରିଚୟ ଓ ପ୍ରେରଣା ମାତ୍ର ।

ପ୍ରଫେସର, ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ସମ୍ବଲପୁର ।

ଉତ୍କଳ-ଜନନ୍ୟେ ଦିଅ ନବ ବଳ,
ଉତ୍କଳ-ପାଦପେ ରସମୟ ଫଳ,
ଉତ୍କଳ-ସରିତେ ପବିତ୍ର ଜୀବନ,
ଉତ୍କଳ-କାନନେ ସ୍ୱର୍ଗୀୟ ସୁମନ,
ଉତ୍କଳ-ଆକାଶେ ନବ [illegible],
ଉତ୍କଳ-ପ୍ରକୃତି ଧରୁ ନବ ଛବି ।

—ଗୋପବନ୍ଧୁ ଦାସ

# ଅଦ୍ୟାପି ତଂ ସ୍ମରାମି

ଉଦୟନାରାୟଣ ପାଠିଶର୍ମ୍ମା

ଅଦ୍ୟାପି ତଂ ପ୍ରିୟତମଂ ଜନୋଘୋରମଂ ମେ
ସ୍ଫୁଟାବଦାତ ବସନାବୃତ ପୂତଗାତ୍ରମ୍ ।
ତ୍ରୈଲାମଣ୍ଡନଯୁତାଂବୁଜ ମଞ୍ଜୁହାସ୍ୟଂ
ଗୋପାଖ୍ୟକଂ ବିବୁଧଲୋକଗତଂ ସ୍ମରାମି ॥

—୨—

ଅଦ୍ୟାପି ତଂ ଜନମନୋହରଣଂ "ସୁଭାଷ"
କାସାରକାଦମମଳଂ ବରପୁଷ୍ପହାରୀକମ୍ ।
ସାଧ୍ୱୀଣ-"କାଞ୍ଚନମୟୀ" ହୃଦୟାବ୍ଧି-ଚନ୍ଦ୍ରଂ
"ଦୈତ୍ୟାରି"-ଦୃକ୍କମଳିନୀ-ମିହିରଂ ସ୍ମରାମି ॥

—୩—

ଅଦ୍ୟାପି ତଦ୍ଧିଶୁଜନୋଚିତ ଧୂଳିଖେଳଂ
ଲୀଳାଂ କିଶୋରସୁଲଭାଂ "ଭୃଗଜା"-ପ୍ରବାହେ ।
ସାନ୍ଧ୍ୟାଟନଞ୍ଚ ମଳୟାନିଳମୃଷ୍ଟତୀରେ
"ଯାଗେଶ୍ୱରୀ" ପଦଯୁଗଲବନଂ ସ୍ମରାମି ॥

—୪—

ଅଦ୍ୟାପ୍ୟହଂ ହରିହରାସିତକଣ୍ଠଗୋଦା-
ନାଥାଦିଭିଃ ସହଚରୈଃ ପରିବାରିତଂ ତମ୍ ।
ଜାତୀୟତା-ପ୍ରଣବ-ନାଦିତ-"ସତ୍ୟବାଦ"
ବିଦ୍ୟାଶ୍ରମାଧିପ-ପରାଶରଜଂ ସ୍ମରାମି ॥

—୫—

ଅଦ୍ୟାପି କେସରବନାଗପରଗିଣଂ ତଂ
ମନ୍ଦଦନାନ୍ତରେତମୋନିଚୟାପହାରମ୍ ।
ବୈଦେଶ ଶାସନ ନଶାଚରଦର୍ପଦାରଂ
ଜ୍ଞାନାଂ ଶୁଭିଃ ପରିବୃତଂ ତପନଂ ସ୍ମରାମି ॥

—୬—

ଅଦ୍ୟାପି ତଂ ହୃଦି ମହୋଦଧିବଦ୍ ଗଭୀରଂ
ଧୀରଂ ହିମାଚଳସମଂ ଚ ସୁକର୍ମବୀରମ୍ ।
କରୁଣାଦମଂ ଜନହଜାର୍ଥିକ ତପଣେପ୍ସୁଂ
ସଂଚିନ୍ତୟାମ ସ୍ମୃତଜୀବନଦାନ ଦକ୍ଷମ୍ ॥

—୭—

ଅଦ୍ୟାପି ତଂ ଦଳିତ ସେବକ ଗୋପବନ୍ଧୁଂ
ନୀଳାଦ୍ରୀ ନାୟକରସାମୃତଂ ବିନ୍ଦୁସାନ୍ଦ୍ରମ୍ ।
ରଷ୍ଟ୍ରୈକତାଘନଚି ନାଶନକାରିବେ ଉଦ-
ପ୍ରୋଚସ୍ତଦାବେ ହନୋଦକଦଂ ସ୍ମରାମି ॥

—୮—

ଅଦ୍ୟାପି ମେ ଶ୍ରୁତିପୁଟେ ପତିଭସୟନ୍ତଂ
ପ୍ରୋଦ୍ଦୀପିତପ୍ରଣୟିଳାନ୍ତର ସ୍ୱର୍ଣ୍ଣ କାନ୍ତମ୍ ॥
ବିଦ୍ରାବିତାତିଦ୍ରୁଢ ମାନସ ନନ୍ଦକାନ୍ତଂ
ତଦ୍ଭାଷଣଂ ରବିହିମାଂଶୁନିଭଂ ସ୍ମରାମି ॥

—୯—

ଅଦ୍ୟାପିତଂ ପତିତ ପାବନ ଗୋପବନ୍ଧୁ-
ମୁଖାଳକାଳଜଳକାଙ୍କରାଳଗର୍ଭାତ୍ ।
ମଳୀର୍ଣ୍ଣ ଚୌରବଧଶାଡିକମୁଦ୍ଧରନ୍ତଂ
ବିଷ୍ଣୋର୍ବରାହବରବେଶମିବ ସ୍ମରାମି ॥

—୧୦—

ଅଦ୍ୟାପି ତଂ ସହଯଦାମ୍ରନିକାମନମ୍ରଂ
ବ୍ରହ୍ମର୍ଷିସନ୍ନିଭ ମୁଦାରସୁଶାନ୍ତ ସୌମ୍ୟମ୍ ।
ସ୍ୱାରାଜ୍ୟ ରଶ୍ମିଳପଥଃ ପରିପୂରଣାର୍ଥଂ
ତଦ୍ଦେହପାତନମହଞ୍ଚ ସଦା ସ୍ମରାମି ॥

—୧୧—

ଅଦ୍ୟାପ୍ୟହଂ ପ୍ରଖର ଶୋକବି ଦହ୍ୟମାନା
ପ୍ରୋନ୍ମୀଲ୍ୟନମ୍ରମନିଶଂ ନୟନୋଦ୍ଗଜାନମ୍ ।
ପ୍ରକ୍ଷାଲ୍ୟ ହନ୍ତ ଶିଶିରାଶ୍ରୁଜ ଚେତଣେର୍ନିଚୋଳଂ
ତସ୍ୟାଖିଳାନ୍ ଗୁଣଗଣାନ୍ ମନସା ସ୍ମରାମି ॥

*ସ୍ୱତନ୍ତ୍ରତାବାସରାବସରେ ଉତ୍କଳଜନନ୍ୟାଃ ଗୋପବନ୍ଧୋଃ ସ୍ମୃତିରୋମନ୍ଥନମ୍ ।

ସହକାରୀ ନିର୍ଦ୍ଦେଶକଃ,
ରାଜ୍ୟ ପରିସଂଖ୍ୟାନାର୍ଥନୀତି-ସଂସ୍ଥା,
ଭୁବନେଶ୍ୱରମ୍ ।

# ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସଂଗ୍ରାମୀ ଗଣ

ଶ୍ରୀ ଗୋପାଳ କୃଷ୍ଣ ଦାସ

## ସ୍ୱାଧୀନତା ଆନ୍ଦୋଳନ: ପ୍ରଥମ ପର୍ବ

ସ୍ୱର୍ଣ୍ଣପ୍ରସୂ ଭାରତର ବିପୁଳ ଐଶ୍ୱର୍ଯ୍ୟରେ ଆକର୍ଷିତ ବହୁ ବୈଦେଶିକ ଆକ୍ରମଣକାରୀ ଓ ସ୍ଥାୟୀଭାବରେ ଶାସନ କରୁଥିବା ସମ୍ରାଟମାନଙ୍କ ସହିତ ଭାରତୀୟମାନଙ୍କର ବହୁବାର ରକ୍ତାକ୍ତ ସଂଘର୍ଷ ହୋଇଥିଲେ ହେଁ ସାମ୍ରାଜ୍ୟବାଦୀ ବ୍ରିଟିଶ୍ ଶାସକଙ୍କୁ ହଟାଇ ସ୍ୱାଧୀନ ହେବାପାଇଁ ଅବିରତ ଉଦ୍ୟମ ଓ ଜାତୀୟ ଆନ୍ଦୋଳନର ଅଭ୍ୟୁଦୟକୁହିଁ କେବଳ ଭାରତର ସ୍ୱାଧୀନତା ସଂଗ୍ରାମ ଆଖ୍ୟା ଦିଆଯାଇଥାଏ । ଐତିହାସିକ ମତାନୁଯାୟୀ ୧୮୫୭ ମସିହାର 'ସିପାହୀ ବିଦ୍ରୋହ' ଭାରତର ପ୍ରଥମ ଜାତୀୟ ଜାଗରଣରୂପେ ଅଭିହିତ ହୋଇଥିଲେ ସୁଦ୍ଧା ଏହାର ବହୁପୂର୍ବରୁ ଓଡ଼ିଶାରେ ସଂଗଠିତ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଗୌରବ ଦେବା ବିଧେୟ । କାରଣ ଫିରିଙ୍ଗି ଭାରତରେ ଆଉ କୌଣସି ଅଞ୍ଚଳ ସ୍ୱାଧୀନବୋଲି ଘୋଷିତ ନହୋଇଥିବା ସ୍ଥଳେ ସାଧାରଣ ଜନତାଦ୍ୱାରା ତିନିଦିନ ପାଇଁ ବାଣପୁରର ସ୍ୱାଧୀନତା ଘୋଷଣା ଭାରତ ଇତିହାସରେ ଏକ ଗୌରବୋଜ୍ଜ୍ୱଳ ଘଟଣା । ଜନୈକ ବ୍ରିଟିଶ ଅଫିସର ସରକାରୀ ରେକର୍ଡରେ ଲେଖିଥିଲେ, "ବାଣପୁରରେ ବିଦ୍ରୋହୀମାନଙ୍କ ଜୟଲାଭ ଦ୍ୱାରା ସମଗ୍ର ଦେଶକୁ ଆମମାନଙ୍କ ବିରୁଦ୍ଧରେ ଦଣ୍ଡାୟମାନ ହେବାର ସମର୍ଥ କରାଇଦେଲା । ପ୍ରତିରୋଧ କରିବାର କୌଣସ ସଂଭାବନା କି ଆଶା ନଥିବାରୁ ଖୋର୍ଦ୍ଧାରେ ଥିବା ସମସ୍ତ ସରକାରୀ ଅଫିସର ଅତି ତରବରରେ ନିରାପଦ ସ୍ଥାନକୁ ପଳିଗଲେ ।" (୧) ବ୍ରିଟିଶମାନେ ସମଗ୍ରଭାରତ ଜୟ କରିସାରିବା ପରେ ସର୍ବଶେଷରେ ଓଡ଼ିଶା ନମ୍ବା ଖୋର୍ଦ୍ଧାକୁ କବଳିତ କରିଥିଲେ । ଏ ଦେଶମାଟିରେ ଇଂରେଜମାନଙ୍କୁ ପାଦପକାଇ ନଦେବାପାଇଁ ଯେଉଁମାନେ ପ୍ରତିରୋଧ କରିଥିଲେ, ଜାତିର ଇତିହାସକୁ ଛାତିର ରକ୍ତରେ ରଂଜିତକରି ଲିପିବଦ୍ଧ କରିଥିଲେ ସେମାନଙ୍କ ମଧ୍ୟରେ ସର୍ବାଗ୍ରଗଣ୍ୟ ସ୍ମରଣୀୟ ବଦ୍ଧକୁଳପ୍ରଦୀପ ପ୍ରଧାନମନ୍ତ୍ରୀ ଜୟୀରାଜଗୁରୁ । ଖୋର୍ଦ୍ଧା ବିଦ୍ରୋହର ମୁଖ୍ୟ ନେତୃତ୍ୱ ଗ୍ରହଣ କରି ବାରମ୍ବାର ଇଂରେଜସୈନ୍ୟକୁ ବ୍ୟତିବ୍ୟସ୍ତ ଓ ବିପର୍ଯ୍ୟୟ କରିଥିବାରୁ ଏବଂ ସମସ୍ତ ଦେଶୀୟରାଜ୍ୟର ମୁଖ୍ୟମାନଙ୍କୁ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ ପାଇଁ ନିମନ୍ତ୍ରଣ କରିଥିବାରୁ ଜୟୀରାଜଗୁରୁ କର୍ଣ୍ଣେଲ ହାରକୋର୍ଟଙ୍କ କୂଟଚକ୍ରାନ୍ତ ଦ୍ୱାରା ବନ୍ଦୀ ହୋଇଥିଲେ । ତଥାପି ବିଚଳିତ ନହୋଇ ଜୟୀରାଜଗୁରୁ ଦୃଢଚିତ୍ତରେ ଜବାବ୍ ଦେଇଥିଲେ "ରାଜ୍ୟର ମଙ୍ଗଳପାଇଁ ପ୍ରଧାନମନ୍ତ୍ରୀଭାବରେ ସେ ବିଦ୍ରୋହ କରିଛନ୍ତି—ଏହାତ ଇଂରେଜଙ୍କ ରାଜ୍ୟନୁହେଁ କି ମୋଗଲଙ୍କ ରାଜ୍ୟନୁହେ, ଏହା ପୁରୁଷ ପୁରୁଷଧରି ଆମର ରାଜ୍ୟ । ତେଣୁ ସେ ବିଦ୍ରୋହ କରି କିଛି ଦୋଷ କରି ନାହାନ୍ତି ଓ ଯାହା କରିଛନ୍ତି ଦେଶ ଓ ଦଶର ହିତପାଇଁ, ଲୋପପାଇ ଯାଉଥିବା ଗଜପତି ବଂଶର ଗୌରବ ପାଇଁ ।" ସରକାରଙ୍କ ସୁଶାସନ ବିରୁଦ୍ଧରେ ଅନ୍ୟାୟ ଷଡ଼ଯନ୍ତ୍ର କରିଥିବାଯୋଗୁ ୧୮୦୫ ଖ୍ରୀଷ୍ଟାବ୍ଦରେ ମେଦିନପୁରର ବାଘିତୋଟାଠାରେ ବିଚାର କରାଯାଇ ଜୟୀରାଜଗୁରୁଙ୍କୁ ଅତି ନିର୍ମମଭାବେ ପୈଶାଚିକ ପ୍ରାଣଦଣ୍ଡ ଦିଆଯାଇଥିଲା । ବରଗଛର ପାର୍ଶ୍ୱବର୍ତ୍ତୀ ବିଶାଳ ଦୁଇଟି ଡାଳକୁ ସିପାହୀମାନଙ୍କଦ୍ୱାରା ବଳପୂର୍ବକ ଟାଣି ଜୟୀରାଜଗୁରୁଙ୍କ ଦୁଇଗୋଡ଼ ବାନ୍ଧିଦେଇ ଶରୀରକୁ ଦୁଇଫାଳକରି ଚିରି ବର୍ବରୋଚିତ ହତ୍ୟା କରାଯାଇଥିଲା । ଯୀଶୁଖ୍ରୀଷ୍ଟଙ୍କ କ୍ରୁଶବିଦ୍ଧଠାରୁ ବଳି ଏହି ନାରକୀୟ ହତ୍ୟା କେବଳ ଓଡ଼ିଶାରେ ନୁହେ ସମଗ୍ର ଭାରତ ଇତିହାସରେ ଅତୁଳନୀୟ ।

ଜୟୀରାଜଗୁରୁଙ୍କ ମୃତ୍ୟୁପରେ ପରାଧୀନ ଓଡ଼ିଶାର ଏପରି ଦୁର୍ଦ୍ଦିନରେ ଖୋର୍ଦ୍ଧା ପାଇକ ବିଦ୍ରୋହର ଦୁର୍ଜ୍ଜୟ ସିଂହ ବକ୍ସି ଜଗବନ୍ଧୁ ବ୍ରିଟିଶ ଶାସନର ଶୋଷଣ ନୀତି, ନିଷ୍କର ଜାଗିରିର ଉଚ୍ଛେଦ, କଠୋର ରାଜସ୍ୱ ଆଦାୟ ଓ ଦେଶବାସୀଙ୍କପ୍ରତି ନିଷ୍କ୍ରିୟତା, ଉଦାସୀନତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଚିତୋରର ରାଣା ପ୍ରତାପଙ୍କ ପରି ଦୀର୍ଘଦିନ ବ୍ୟାପୀ ପ୍ରିୟ ଦେଶବାସୀଙ୍କପାଇଁ ଶ୍ୱାପଦସଙ୍କୁଳ ଦୁର୍ଗମ ଗିରିକାନନରେ ବିଚରଣକରି ବହୁ ଦୁଃଖ ଯନ୍ତ୍ରଣା ଅଭାବ-ଅର୍ଦ୍ଧାଶନରେ ଜଗବନ୍ଧୁ ଯେଉଁ ତ୍ୟାଗ, ବୀରତ୍ୱ ସାହସ ଦୃଢ଼ମନୋବଳର ପରିଚୟ ଦେଇଥିଲେ ତାର ପଟାନ୍ତର ନାହିଁ । ତତ୍‌କାଳୀନ ପୁରୀ ମାଜିଷ୍ଟ୍ରେଟ ମେଲଭିଲଙ୍କ ନିକଟରୁ ପ୍ରାପ୍ତ ଏକ ପତ୍ରରୁ ବକ୍ସି ନିର୍ଭିକତା, ଉଚ୍ଚ ଚରିତ୍ରବତ୍ତା, ଦୁଃସ୍ଥ ଜନତାଙ୍କ ପ୍ରତି ଗଭୀର ସହାନୁଭୂତି, ବ୍ରିଟିଶ ରାଜଶକ୍ତି ପ୍ରତି ଘୃଣା-ଅବିଶ୍ୱାସ ଓ ଗଜପତି ମହାରଜାଙ୍କପ୍ରତି ଭକ୍ତି-ଆନୁଗତ୍ୟ ଜଣାପଡ଼େ । ୧୮୨୫ ମସିହା ମେ ୨୫ ତାରିଖ ପର୍ଯ୍ୟନ୍ତ ବକ୍ସିଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ସଂଗଠିତ ହୋଇ ବ୍ରିଟିଶ ସରକାରଙ୍କୁ ବ୍ୟତିବ୍ୟସ୍ତ କରିଦେଇଥିଲା । ବକ୍ସିଙ୍କୁ ବନ୍ଦୀ କରିବା ପରେ ବ୍ରିଟିଶ ୮ ଜଣଙ୍କୁ ଫାଶୀ, ପଞ୍ଚତିରିଶ ଜଣଙ୍କୁ କାରାଦଣ୍ଡ, ପଚିଶ ଜଣଙ୍କୁ ରାଜ୍ୟତ୍ୟାଗ ଆଦେଶ ଓ ଶହେ ଦୁଇଜଣଙ୍କୁ

ଦ୍ୱୀପାନ୍ତର ଦଣ୍ଡ ଦେଇଥିଲେ ମଧ୍ୟ ବିଦ୍ରୋହକୁ ସଂପୂର୍ଣ୍ଣରୂପେ ଦମନ କରିପାରିନଥିଲେ । (୨) ଇଂରେଜ ସରକାରଙ୍କ ଘନ ଘନ ବନ୍ଦୋବସ୍ତ ଦ୍ୱାରା ଓଡ଼ିଶାର ରାଜସ୍ୱ ବୃଦ୍ଧି, କଉଡ଼ି ବଦଳରେ ମୁଦ୍ରା ପ୍ରଚଳନ, ପୁରୀର ଗଜପତି ରାଜା ତାଙ୍କର ଓ ବୀର ପାଇକମାନଙ୍କ ପ୍ରତି ନିଷ୍ଠୁର ଦମନଲୀଳା ଯୋଗୁଁ ସବୁ ଶ୍ରେଣୀର ଲୋକଙ୍କ ମନରେ ଅସନ୍ତୋଷ ଅଗ୍ନି ଜଳିଉଠିଥିଲା । ସେଥିପାଇଁ ସର୍ବପ୍ରଥମେ ଓଡ଼ିଶାରେ ହିଁ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ ହୋଇଥିଲା ଓ ଦେଶରୁ ଫିରିଙ୍ଗି ଶାସନ ଲୋପ କରିବା ଏ ବିଦ୍ରୋହର ମୂଳଲକ୍ଷ୍ୟ ଥିଲା ।

ପାଇକ ବିଦ୍ରୋହର ବିପର୍ଯ୍ୟୟ ସତ୍ତ୍ୱେ ମାଜିଷ୍ଟ୍ରେଟ ମି. ଉଇଲକିନ୍‌ସନ୍‌ଙ୍କ ସମୟରେ ପୁନଶ୍ଚ ୧୯୨୭ ମସିହାରେ ତାପଙ୍ଗ ଦଳବେହେରା, ମାଧବଚନ୍ଦ୍ର ମଳିପଡ଼ା, ନାରଣଗଡ଼, ରାମଚଣ୍ଡି ପ୍ରଭୃତିର ବୀରପାଇକ ଢେଁରୀଗଞ୍ଜନ, ରଣସିଂହ, ପ୍ରତାପସିଂହ, ଦଳେଇ, ଦଳବେହେରା ଓ ଅଣ୍ଡା- ବସିବାର କୋଠକରଣମାନଙ୍କୁ ନେଇ ଯେଉଁ ବିଦ୍ରୋହାଗ୍ନି ଜାଳିଦେଇଥିଲେ ତାହା ତାଙ୍କର ସ୍ୱାଧୀନ ମନୋବୃତ୍ତି ଓ ମୁକ୍ତି ପିପାସାର ପରିଚୟ ପ୍ରଦାନ କରେ । ୧୮୧୭ ଖ୍ରୀଷ୍ଟାବ୍ଦରେ ସ୍ୱାଧୀନତା ସଂଗ୍ରାମରେ ବକ୍ସି ଜଗବନ୍ଧୁ ଜୟଯୁକ୍ତ ହୋଇପାରିନଥିଲେ ମଧ୍ୟ ୧୮୩୬ ଖ୍ରୀଷ୍ଟାବ୍ଦରେ ବାଣପୁର, ରଣପୁର, ଭୀମପୁର,ନୟାଗଡ଼ଠାରେ ନଳୀ ଧନୁତୀର ତରବାରୀ ସାହାଯ୍ୟରେ ବିଦ୍ରୋହ କରିଥିଲେ । ମାତ୍ର ସୁଚତୁର ରସେଲ ସାହେବ ବିଶ୍ୱାସଘାତକ ସାହାଯ୍ୟରେ ଦେଢ଼ଶହ ବିଦ୍ରୋହୀଙ୍କୁ ଗିରଫକରି ସେମାନଙ୍କର ନେତା ରାଜା ଶରଣସିଂହ, ସେନାପତି କୃତିବାସ ପାଟଶାଣୀଙ୍କୁ ପ୍ରାଣଦଣ୍ଡ ଦେଇ-ଥିଲେ । ଏହି ସମୟରେ ନିଶାଦଶକାବ୍ଦୁଲ ହିଂସ୍ରଜନ୍ତୁପୂରିତ ଘୁମୁସରରେ ବ୍ରିଟିଶ ସରକାରଙ୍କ ପାଲମକୋଟଲା ସେନାବାହିନୀର ଦୁର୍ଦ୍ଦାନ୍ତ ଆକ୍ରମଣର ପ୍ରତିରୋଧ ନିମନ୍ତେ ଦୋହରା ବିଶୋଇ ସୁବିଖ୍ୟାତ ଯୋଦ୍ଧା ବାହୁବଳେନ୍ଦ୍ର, ସଂଗ୍ରାମସିଂହ, ଛକ୍କାଣସିଂହ ପ୍ରଭୃତିଙ୍କୁ ନେଇ ବିଦ୍ରୋହ କରିଥିବାରୁ ୧୮୩୭ ମସିହାରେ ସରକାର ତାଙ୍କ ପରିବାର-ବର୍ଗଙ୍କୁ ନିଷ୍ଠୁରଭାବେ ହତ୍ୟା କରିଥିଲେ । (୩) ତାଙ୍କର ଦେଢ଼ବର୍ଷୀୟ ସୁଯୋଗ୍ୟ ପୁତ୍ର ଚକରା ବିଶୋଇ ପିତୃହନ୍ତା ବ୍ରିଟିଶ ବିରୁଦ୍ଧରେ ଶସ୍ତ୍ର ଧାରଣକରି ଜନ୍ମଭୂମି ଓ ରାଜବଂଶର ସୁରକ୍ଷାନିମନ୍ତେପ୍ରାଣପାତ କରିଥିଲେ । ଅନୁଗୁଳର ରାଜା ଏହି ବିଦ୍ରୋହରେ ସଂଶ୍ଳିଷ୍ଟ ଥିବାରୁ ୧୮୪୭ ମସିହାରେ ତାଙ୍କୁ ଗାଦିଚ୍ୟୁତ କରାଯାଇ ହଜାରିବାଗ ଜେଲରେ ବନ୍ଦୀ କରାଯାଇଥିଲା । ପାଇକ ବିଦ୍ରୋହ ଓ ବିଶାଳ କୃଷକ ସେନାକୁ ଇଂରେଜ କିପରି କୂଟକୌଶଳରେ ସଂପୂର୍ଣ୍ଣରୂପେ ଧ୍ୱଂସକରିବାକୁ ପ୍ରାଣପଣେ ଉଦ୍ୟମ କରୁଥିଲେ ତାହା କମିଶନର ଗଉଏର ସାହେବଙ୍କ ୧୮୧୮ ବିବରଣୀରୁ ଜଣାଯାଏ (୪)

ଊନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ସିପାହୀ ବିଦ୍ରୋହର ଲେଲିହାନ ଶିଖାରେ ଶ୍ରୀକ୍ଷେତ୍ରର ଚନ୍ଦନ ହଜୁରୀ ଓ ସମ୍ବଲପୁରର ସୁରେନ୍ଦ୍ରସାଏ ମଧ୍ୟ ଝାସଦେଇଥିଲେ । ସିପାହି ବିଦ୍ରୋହର ସଂଗଠକ ଓ ପ୍ରଧାନ ଉତ୍ସାହ ଦାତା ଋଷିଖୁଣ୍ଟିଆ ସଂଗ୍ରାମର ସମ୍ବାଦପାଇ ଜଣେ ଭାରତୀୟ ସୈନ୍ୟମାନଙ୍କ ପାଖକୁ ଯିବାବେଳେ ବିହାରଠାରେ ବନ୍ଦୀ ହୋଇଥିଲେ । ବୀର ସୁରେନ୍ଦ୍ରସାଏ ବିଂଶ ବର୍ଷ ଧରି ବହୁବାର ଇଂରେଜ ସହିତ ଭୟଙ୍କର ସଂଘର୍ଷକରି ୧୮୪୦ ମସିହାରେ ପିତୃବ୍ୟ ସ୍ୱଦେଶାନୁରାଗୀ ବଳରାମ ସିଂହ ଓ ଭାଇ ଉଦନ୍ତ ସାଏଙ୍କ ସହିତ ବନ୍ଦୀ ହୋଇଥିଲେ । ୧୮୫୭ ବିଦ୍ରୋହରେ ହଜାରୀବାଗ ଜେଲରୁ ମୁକ୍ତହୋଇ ସୁରେନ୍ଦ୍ରସାଏ ଡିସେମ୍ବର ୧୭ ତାରିଖରେ ପୁନଶ୍ଚ ଯୁଦ୍ଧ କରିଥିଲେ । ଏଥିରେ ୫୭ ଜଣ ବିଦ୍ରୋହୀ ନିହତ ହେଲେ ଓ ସୁରେନ୍ଦ୍ରଙ୍କ ପଞ୍ଚମ ଭ୍ରାତା ଛଳକସାଏ କ୍ଷତବିକ୍ଷତ ହୋଇ ଏକ ଅଶ୍ୱ ଧରିବା ଆଶାରେ ଛୁଦୋପଲ୍ଲୀ ଗାଁ ଗଳିରେ ଦୌଡ଼ି ପଳାଉଥିବା ବେଳେ ତାଙ୍କ ପୃଷ୍ଠଦେଶରେ ଗୋଳା ବାଜିବାରୁ ସେ ସେଠାରେ ପ୍ରାଣ ହରାଇଥିଲେ । ଏହି ବିଦ୍ରୋହରେ ସୁରେନ୍ଦ୍ରସାଏଙ୍କ ଏକମାତ୍ର କିଶୋର ପୁତ୍ର ମିତ୍ରଭାନୁ ଯୌବନରେ ପଦାର୍ପଣ କରିବା ପୂର୍ବରୁ ଯୋଗ ଦେଇଥିଲେ । ୧୯ ବର୍ଷକାଳ ମାତୃଭୂମିଠାରୁ ଦୂରରେ ରହି ଅକ୍ଳାନ୍ତ ଯୋଦ୍ଧା ସୁରେନ୍ଦ୍ରସାଏ ୧୮୮୪ ମସିହାରେ ପ୍ରାଣତ୍ୟାଗ କଲେ । ଜେଲରେ ଥିବାବେଳେ ଇଂଜେକ୍‌ସନ୍ ଦ୍ୱାରା ମିତ୍ରଭାନୁଙ୍କର ସନ୍ତାନୋତ୍ପାଦନଶକ୍ତି ନଷ୍ଟକରି ଦିଆଯାଇଥିଲା । ସୁରେନ୍ଦ୍ରସାଏଙ୍କ ଭାବୀ ବଂଶଧରମାନଙ୍କୁ ବ୍ରିଟିଶ ସରକାର କେତେ ଭୟକରୁଥିଲେ ତାହା ଏଥିରୁ ଅନୁମେୟ । ସଂଗ୍ରାମ ବହ୍ନିର ଶେଷ ଝଲକରେ ଓଡ଼ିଶାର ମହାନ ଦେଶପ୍ରେମୀ ବୀରମାନଙ୍କୁ ଦେଖି ଦୁର୍ଦ୍ଦଶ ଫିରିଙ୍ଗି ଶାସକର ଆଖି ଝଲସି ଉଠିଥିଲା ।

### ସ୍ୱାଧୀନତା ଆନ୍ଦୋଳନ : ଦ୍ୱିତୀୟ ପର୍ବ

ବିଂଶ ଶତାବ୍ଦୀର ଅୟମାରମ୍ଭରେ ମହାତ୍ମାଗାନ୍ଧୀ ଭାରତର ରାଜନୈତିକ ଆକାଶରେ ଧ୍ରୁବତାରା ପରି ସହସା ଆବିର୍ଭାବ ହୋଇ ଏକ ସାମରିକ ଶକ୍ତି ଉପରେ ପ୍ରତିଷ୍ଠିତ ସୁସଂଗଠିତ ବ୍ରିଟିଶ ସରକାରକୁ ଅହିଂସା, ଅସହଯୋଗ, ଅନାକ୍ରମଣ ବାଧାପ୍ରଦାନ (Non-Violence,Non-Co-operative, Passive resistance) ଦ୍ୱାରା ହଟାଇଦେଇ ହେବବୋଲି ସମଗ୍ର ଭାରତ ଭ୍ରମଣକରି ଜନ-ସାଧାରଣଙ୍କୁ ବୁଝାଇଥିଲେ । ତାହା ଓଡ଼ିଶାବାସୀଙ୍କ ମନରେ ଅପୂର୍ବ ଉତ୍ସାହ, ଉନ୍ମାଦନା ଓ ଜାଗରଣ ଖେଳାଇ ଦେଇଥିଲା । ସେହି ସବୁ ମୌଳିକ ଲକ୍ଷ୍ୟ ସାଧନ ଭାରତୀୟ ଜାତୀୟ କଂଗ୍ରେସର ଲକ୍ଷ୍ୟ ଥିଲା ଓଡ଼ିଶାରେ ଉତ୍କଳମଣି ଓ ଗୋପବନ୍ଧୁଙ୍କ ନେତୃତ୍ୱରେ ଏହି ପୂର୍ବରୁ କାର୍ଯ୍ୟାରମ୍ଭ ହୋଇଥିଲା ।

କଲିକତା ବିଶ୍ୱବିଦ୍ୟାଳୟରେ ଛାତ୍ରଥିବା ସମୟରେ ଉତ୍କଳ ଗୌରବ ମଧୁସୂଦନ ମହର୍ଷି ଦେବେନ୍ଦ୍ରନାଥ ଠାକୁର, ରାଷ୍ଟ୍ରଗୁରୁ ସୁରେନ୍ଦ୍ରନାଥ ବାନାର୍ଜି, ମାଇକେଲ ମଧୁସୂଦନ ଦତ୍ତ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ଅମୃତ ବଜାର ପତ୍ରିକାର ପ୍ରତିଷ୍ଠାତା ଶିଶିର କୁମାର ଘୋଷ ପ୍ରଭୃତି ବିଶିଷ୍ଟ ଜନନାୟକମାନଙ୍କ ସଂପର୍କରେ ଆସିଥିଲେ ଓ କଲିକତାରେ ସର୍ବପ୍ରଥମ ଜାତୀୟ ଆନ୍ଦୋଳନ "ଇଣ୍ଡିଆନ ଆସୋ-ସିଏସନ୍"ର ସଭ୍ୟହୋଇ ଭାରତୀୟ ସମସ୍ୟା ଚର୍ଚ୍ଚାରେ ଅଂଶଗ୍ରହଣ କରିଥିଲେ । ୧୮୮୨ ଅଗଷ୍ଟ ୧୬ ତାରିଖରେ ଭିନ୍ନ ପ୍ରଦେଶବାସୀ ଓ ଓଡ଼ିଶାର ସ୍ଥାୟୀ ବାସିନ୍ଦାମାନଙ୍କୁ ନେଇ କଟକରେ "ଉତ୍କଳ ସଭା ବା ଓଡ଼ିଶା ଆସୋସିଏସନ୍" ନାମଧେୟ ଏକ ଅନୁଷ୍ଠାନ ସ୍ଥାପନ କରିଥିଲେ । ଏହାର ବହୁ ଶାଖା ସମିତି ଅନ୍ୟାନ୍ୟ ବହୁ ଜିଲ୍ଲା ତଥା ସବ୍‌ଡିଭିଜନ୍‌ମାନଙ୍କରେ ପ୍ରତିଷ୍ଠା ହୋଇଥିଲା । ଏଠାରେ ଉଲ୍ଲେଖନୀୟ ଯେ ଏହି ସଭା ସ୍ଥାପିତ ହେବାର ୩ବର୍ଷପରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲା । ଦ୍ୱିତୀୟ ଭାରତୀୟ ଭାବରେ ୧୮୯୭ ଓ ୧୯୦୭ ମସିହାରେ ମଧୁସୂଦନ ବେସରକାରୀ ଭାବରେ ବିଲାତ ଯାଇ ତତ୍କାଳୀନ ଭାରତ ସଚୀବ ଲର୍ଡ ମର୍ଲେଙ୍କୁ ଭାରତ ଶାସନ ସଂସ୍କାର ବିଷୟରେ ଦାବୀ ଜଣାଇଥିଲେ ଓ ଭାରତରେ ଅର୍ଥନୈତିକ କାରଣରୁ ଅସନ୍ତୋଷ ବିଷୟରେ ଦୁଇଟି ପୁସ୍ତକ ଛପାଇ ବିଲାତ ପାର୍ଲିଆମେଣ୍ଟର ଦୃଷ୍ଟି ଆକର୍ଷଣ କରିଥିଲେ । ମଧୁସୂଦନ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନର ବହୁପୂର୍ବରୁ ଓଡ଼ିଶାର କୁଟୀର ଶିଳ୍ପ ପୁନରୁଦ୍ଧାର ନିମନ୍ତେ ଏକାନ୍ତ ଉଦ୍ୟମ କରିଥିଲେ ।

ମହାତ୍ମା ଗାନ୍ଧୀ ଲେଖିଥିଲେ "ମଧୁବାବୁ ଜଣେ ଉଚ୍ଚକୋଟୀର ଭାରତୀୟ ସ୍ୱଦେଶ ହିତୈଷୀ, ସେ ଯୁବକମାନଙ୍କୁ ଶ୍ରମ ଓ ମର୍ଯ୍ୟାଦା ଶିଖାଇବା ପାଇଁ ବହୁ ତ୍ୟାଗ ଓ ବ୍ୟୟରେ ଆପ୍ରାଣ ପରିଶ୍ରମ କରି ହାଡ଼ ମାଂସକୁ ଘୋରି ଘୋରି ଶିଳ୍ପାନୁଷ୍ଠାନ ଗଢ଼ିଛନ୍ତି, ଖଦି ଓ ଚରଖାକୁ ପ୍ରସାର କରାଇବା ଦିଗରେ ସେ ମୋର ଗୁରୁ ।" ମଧୁବାବୁ ଉତ୍କଳ ସମ୍ମିଳନୀ ବକ୍ତୃତାରେ କହିଥିଲେ "ଆମମାନଙ୍କର କର୍ମକ୍ଷେତ୍ର ଓଡ଼ିଶା ହୋଇପାରେ, କିନ୍ତୁ ଓଡ଼ିଶାର ସେବାକଲେ ଭାରତମାତାର ସେବାରୂପେ ଗଣ୍ୟହେବ । ଆମମାନଙ୍କର ଶେଷ ଲକ୍ଷ୍ୟ ହେବ ଭାରତମାତାର ସେବା । ଉତ୍କଳ ସମ୍ମିଳନୀ ନେତୃତ୍ୱରେ ଓଡ଼ିଶାବାସୀ ଜାତୀୟ ଆନ୍ଦୋଳନରେ ଯଥାର୍ଥ ଅଂଶଗ୍ରହଣ କରନ୍ତୁ ବୋଲି ଉତ୍କଳମଣି ମତ ପ୍ରକାଶ କରିଥିଲେ ଏବଂ ଚକ୍ରଧରପୁର ଅଧିବେଶନରେ ଭାରତ ସ୍ୱାଧୀନତା ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ବୋଲି ଉଦ୍‌ଘୋଷଣା କରିଥିଲେ ।

୧୯୧୨ ମସିହାରେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବନ-ବିଦ୍ୟାଳୟ (ଝ) ଏକ ମଣିଷ ବୋମା କାରଖାନାପରି ଜାତୀୟ ଶିକ୍ଷା ତ୍ୟାଗ, ଚରିତ୍ରବଳ ଓ ଜାତୀୟତା ପ୍ରେରଣାର ଆଗ୍ନେୟ ଉତ୍ସରୂପେ କାର୍ଯ୍ୟ କରୁଥିଲା । ବନ-ବିଦ୍ୟାଳୟର ପ୍ରତ୍ୟେକ ଛାତ୍ର ଜଣେ ଜଣେ ସୁଦକ୍ଷ ନେତା ବା ସେନାଭବରେ ପ୍ରତି ଓଡ଼ିଆ ପ୍ରାଣରେ ଜାତୀୟତା ଭାବ ଉଦ୍ରେକ କରାଉଥିଲେ । ସମାଜ ସଂପାଦକୀୟରେ ସରକାର ବିରୋଧୀ ବିପ୍ଳବାତ୍ମକ ସଂବାଦ ପରିବେଷଣ କରିଥିବାରୁ ଓ ସଭାସମିତି ଡ଼ାକି ନିୟମ ଭଂଗ ଅପରାଧରେ ଗୋପବନ୍ଧୁ ଦୁଇବର୍ଷ ହଜାରୀବାଗ ଜେଲରେ ବନ୍ଦୀ ହୋଇଥିଲେ । ମାତ୍ର ତାଙ୍କର ଅନୁପସ୍ଥିତିରେ ଓଡ଼ିଶାର ଆନ୍ଦୋଳନ ପ୍ରଶମିତ ହେଲାନାହିଁ । ୧୯୨୧ ମାର୍ଚ୍ଚମାସ ୨୩ ତାରିଖରେ ମହାତ୍ମାଗାନ୍ଧୀ ଉତ୍କଳ ଭ୍ରମଣରେ ଆସି ଅସହଯୋଗ ବାର୍ତ୍ତା ପ୍ରଚାର କରିଥିଲେ । ମହାତ୍ମାଙ୍କ ଯାଦୁକାରୀ ସମ୍ମୋହନ ଶକ୍ତି ଦ୍ୱାରା ଓଡ଼ିଶାବାସୀଙ୍କ ମନରେ ଜାତୀୟସଂଗ୍ରାମ ପ୍ରତି ଅଭୂତପୂର୍ବ ଉନ୍ମାଦନା ଦେଖାଦେବାରୁ ମାତ୍ର ଦୁଇମାସ ମଧ୍ୟରେ ଓଡ଼ିଶାରୁ ୬୦ ହଜାର କଂଗ୍ରେସ ସଭ୍ୟ ଓ ତିଳକ ପାଣ୍ଠିପାଇଁ ୧୭ ହଜାର ଟଙ୍କା ସଂଗୃହୀତ ହୋଇଥିଲା । ଏହି ସମୟରେ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ବିନୋଦ କାନୁନ୍‌ଗୋ, ସୁରେନ୍ଦ୍ରନାଥ ପଟ୍ଟନାୟକ ପ୍ରଭୃତି ସରକାରୀ ବୃତ୍ତି ପ୍ରାପ୍ତ ମେଧାବୀ ଛାତ୍ର ସ୍କୁଲ କଲେଜ ତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ନିଜକୁ ଆହୁତି ଦେଇଥିଲେ । ଶିକ୍ଷାନୁଷ୍ଠାନ ବର୍ଜନକାରୀ ଶହ ଶହ ଛାତ୍ର ଛାତ୍ରୀ ବ୍ରଜବନ୍ଧୁ ଦାସଙ୍କ ସଂପାଦକତ୍ୱରେ ସ୍ୱରାଜ୍ୟସେବକ ଗଠନ କରି ସ୍ୱେଚ୍ଛାସେବକରୂପେ କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟ କରୁଥିଲେ । ଏମାନଙ୍କ ବ୍ୟତୀତ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ଲିଙ୍ଗରାଜ, ନନ୍ଦକିଶୋର ଦାସ, ନିତ୍ୟାନନ୍ଦ କାନୁନ୍‌ଗୋ, ଗୋପବନ୍ଧୁ ଚୌଧୁରୀ, ରାଜକୃଷ୍ଣ ବୋଷ, ରାଧାନାଥ ରଥ, ଭଗୀରଥ ମହାପାତ୍ର, ଯଦୁମଣି ମଙ୍ଗରାଜ ପ୍ରମୁଖ ବିଶିଷ୍ଟ ଜନନାୟକମାନେ ଉଚ୍ଚ ପଦପଦବୀ, ଓକିଲାତି, ସରକାରୀ ଚାକିରୀ ଛାଡ଼ି ସମଗ୍ର ଓଡ଼ିଶାର ପୁରପଲ୍ଲୀ, ସହର ବଜାରରେ ସଭାସମିତି କରି ଜାତୀୟ ଆନ୍ଦୋଳନ ସଂପର୍କରେ ଆଗ୍ନେୟ ଭାଷଣ ଦେଇ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରୁଥିଲେ ।

୧୯୨୦ ମସିହାର କଲିକତା ଓ ନାଗପୁର କଂଗ୍ରେସ ଅଧିବେଶନରେ ଗୋପବନ୍ଧୁ ଓ ମହତାବ ସମେତ ୩୭ ଜଣ , ୧୯୨୨ ଅହମ୍ମଦାବାଦ ଅଧିବେଶନରେ ୧୨୫ ଜଣ ଓ ଗୟାଠାରେ ଅନୁଷ୍ଠିତ ଅଧିବେଶନରେ ଓଡ଼ିଶାରୁ ୨୧୩ ଜଣ ପ୍ରତିନିଧି ଓ ୨୨ ଜଣ ସ୍ୱେଚ୍ଛାସେବକ ଯୋଗଦେଇ ସର୍ବଭାରତୀୟ କଂଗ୍ରେସ ସମ୍ମିଳନୀ ସହିତ ଓଡ଼ିଶାକୁ ସଂଯୋଗ କରିବା ସଙ୍ଗେ ସଙ୍ଗେ କଂଗ୍ରେସର ଆଦର୍ଶ ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ବିଷୟରେ ତାଲିମ ପାଇ ଓଡ଼ିଶାର ଆନ୍ଦୋଳନକୁ ପରିଚାଳନା କରୁଥିଲେ । ଏତଦ୍‌ବ୍ୟତୀତ ୧୯୨୩ ଅଗଷ୍ଟମାସରେ ପଣ୍ଡିତ ମୋତିଲାଲ ନେହେରୁ, ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ୧୯୨୫ ଓ ୧୯୨୭ରେ ମହାତ୍ମାଗାନ୍ଧୀ, ୧୯୩୬ ନଭେମ୍ବରରେ ପଣ୍ଡିତ ଜବାହାରଲାଲ ନେହରୁ, ୧୯୩୮ ମାର୍ଚ୍ଚ ଡ଼େଲଙ୍ଗ ଅଧିବେଶନରେ ମହାତ୍ମାଗାନ୍ଧୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ଼କ୍‌ଟର ରାଜେନ୍ଦ୍ର ପ୍ରସାଦ, ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ମହାଦେବ ଦେଶାଇ, ୧୯୩୮ ମେ ମାସ ଖୋର୍ଦ୍ଧା କୃଷକ ସମ୍ମିଳନୀରେ ବମ୍ବେର ବିଶିଷ୍ଟ କମ୍ୟୁନିଷ୍ଟ ନେତା ବାଟଲିଓ୍ୱାଲା, ୧୯୩୯ରେ ଜୟପ୍ରକାଶ ନାରାୟଣ ଓ ସ୍ୱାମୀ ସହଜାନନ୍ଦ ସରସ୍ୱତୀ ଓ ସୁବାଷ ବୋଷ ପ୍ରମୁଖ ଜାତୀୟ ସ୍ତରର ନେତାମାନଙ୍କ ଓଡ଼ିଶା ଆଗମନ. ସେମାନଙ୍କର ଆଗ୍ନେୟ ଭାଷଣ ଓ ଅଧିବେଶନର ସାଫଲ୍ୟ ଯୋଗୁଁ ଓଡ଼ିଶାବାସୀଙ୍କ ମନରେ ଅଦ୍‌ଭୁତ ପ୍ରେରଣା ଓ ବିପ୍ଳବର ବିପୁଳ ଆବେଗ ଭରିଯାଇଥିଲା । ଗାନ୍ଧୀଙ୍କ ଆଗମନ ଉପଲକ୍ଷେ "ଗାନ୍ଧୀ ସମାଚାର" ନାମକ ଏକ ଦୈନିକ ବୁଲେଟିନ୍ ନିରଂଜନ ପଟ୍ଟନାୟକଙ୍କ ସଂପାଦକତ୍ୱରେ ପ୍ରକାଶ ପାଉଥିଲା । ଏହି ସମୟରେ ଗୋପବନ୍ଧୁଙ୍କ 'ବନ୍ଦୀର ଆତ୍ମକଥା' , ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ 'କାରାଗାରର କାହାଣୀ' 'ଅସହଯୋଗ', ହରେକୃଷ୍ଣ ମହତାବଙ୍କ ସାପ୍ତାହିକ ପତ୍ରିକା 'ପ୍ରଜାତନ୍ତ୍ର, ପଲାସୀ ଅବସାନେ କାବ୍ୟ' ଓ କବି ବୀର କିଶୋର, କବି ବାଞ୍ଛାନିଧି, କୁନ୍ତଳାକୁମାରୀଙ୍କ ଅଗ୍ନି ସ୍ଫୁରିତ ଲେଖନୀ ନିସୃତ ଶତ ଶତ ଜାତୀୟ କବିତା, ସଂଗୀତ ଓଡ଼ିଶାର ପୁରପଲ୍ଲୀରେ ଅପୂର୍ବ ପ୍ରେରଣା ଓ ଉନ୍ମାଦନା ଖେଳାଇବା ସଙ୍ଗେ ସଙ୍ଗେ ଓଡ଼ିଆ ଜାତିକୁ ଜାତୀୟତାର ସଂଗ୍ରାମରେ ଅଗ୍ରଣୀ କରିଥିଲା । ସରକାର ରାମପ୍ରସାଦ ସିଂହଙ୍କ 'ବୀର ବିଦୂଷୀ', ନିତ୍ୟାନନ୍ଦ ମହାପାତ୍ରଙ୍କ 'ସ୍ୱରାଜ୍ୟପାଳ', ଉତ୍କଳରୁ ପ୍ରକାଶିତ 'ଲୁଣମରା ଗୀତ' ପ୍ରଭୃତି ବହୁ ପୁସ୍ତକ ମଧ୍ୟ ବାଜ୍ୟାପ୍ତି କରିଥିଲେ ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଧନୀ ଓ ସମ୍ଭ୍ରାନ୍ତ ବଂଶର କୂଳବଧୂ ଶ୍ରୀମତୀ ରମାଦେବୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ମାଳତୀ ଚୌଧୁରୀ ପ୍ରଭୃତି ନାରୀନେତ୍ରୀଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ମହିଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାରେ ଯେଉଁଠି ପର୍ଦ୍ଦାର ରାଜତ୍ୱ ଚାଲିଥିଲା, ଯେଉଁଠି ନାରୀଶିକ୍ଷାର ବିସ୍ତାର ଆଦୌ ହୋଇ ନଥିଲା, ସେହି ଅନଗ୍ରସର ଓଡ଼ିଶାର ଶହ ଶହ ସ୍ତ୍ରୀ ସଭା ଶୋଭାଯାତ୍ରା ଓ କାରାବରଣ କରିଥିଲେ । ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଅଳକାଶ୍ରମ ସମେତ ସାତଟି ସ୍ୱରାଜ୍ୟ ଆଶ୍ରମରେ ସତ୍ୟାଗ୍ରହୀମାନଙ୍କୁ କଂଗ୍ରେସର ଗଠନମୂଳକ କାର୍ଯ୍ୟକ୍ରମ ସୂତାକଟା, ଲୁଣମରା ସହିତ ଓଡ଼ିଶାର ପ୍ରାଚୀନ ହସ୍ତତନ୍ତ ଖଦୀ ଓ କୁଟୀରଶିଳ୍ପ ପ୍ରସାର କରିବା ଦିଗରେ ନବ ଜାଗରଣ ଦେଖା ଦେଇଥିଲା । ଏହି ସମୟରେ ସଭା ସମିତି କରିବା, ବିଦେଶୀ ବସ୍ତ୍ର ଭଣ୍ଡାର ଓ ମଦ ଅଫିମ ଦୋକାନ ସମ୍ମୁଖରେ ପିକେଟିଂ କରିବା, ଜାତୀୟ ପତାକା ଉତ୍ତୋଳନ ସ୍ଲୋଗାନ ଦେବା, ଗ୍ରାମପଞ୍ଚାୟତ ଗଢ଼ି କଂଗ୍ରେସ ପ୍ରଚାର ଓ ବୁଲେଟିନ୍ ବାଣ୍ଟିବା ଅଭିଯୋଗରେ

ଅସଂଖ୍ୟ ସ୍ୱେଚ୍ଛାସେବକ ଲଠିମାଡ଼ ଖାଇ ହାଜତରେ ରହିଥିଲେ । ଏହି ବ୍ୟାପକ ଆନ୍ଦୋଳନକୁ ଦମନ କରିବା ପାଇଁ ସରକାର ନାନା ନୃଶଂସ ଓ ଅସାଧୁ ଉପାୟ ଅବଲମ୍ବନ କରି ସତ୍ୟାଗ୍ରହୀମାନଙ୍କର ପ୍ରାୟ ୨୫ ହଜାର ଗୃହଦାହ କରିଥିଲେ ।

ଭାରତୀୟ କଂଗ୍ରେସ ପ୍ରାଣମୂର୍ଚ୍ଛା ଚେଷ୍ଟାକରି ଜନ ଜାଗରଣରେ ଅପୂର୍ବ ସାଫଲ୍ୟ ନ ପାଇବାରୁ କାରଣ ଖୋଜି ଜାଣିଲେ କେବଳ ବ୍ରିଟିଶ ଶାସିତ ଅଞ୍ଚଳରେ ଆନ୍ଦୋଳନକୁ ସୀମାବଦ୍ଧ ନ କରି ସମଗ୍ର ଦେଶରେ ୬୮୫ଟି ଦେଶୀୟ ଗଡ଼ଜାତରେ ସଂକ୍ରମିତ କଲେ ଉଦ୍ଦେଶ୍ୟ ସାଧନରେ କୌଣସି ଅନ୍ତରାୟ ସୃଷ୍ଟି ହେବନାହିଁ । ଏଣୁ ସର୍ବଭାରତୀୟ ସ୍ତରରେ "ଚକ୍ରଧର ପଟ୍ଟାଭି ସୀତାରାମାୟା" ଗଡ଼ଜାତ ପ୍ରଜା ଆନ୍ଦୋଳନର ଦାୟିତ୍ୱ ନେଲେ । ଓଡ଼ିଶା ପାଇଁ ଶାରଙ୍ଗଧର ଦାସଙ୍କ ନେତୃତ୍ୱରେ ଏହାର ଶାଖା ସଂସ୍ଥା (Orissa State People's Conference) ଗଢ଼ାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗଡ଼ଜାତ ରାଜା ମହାରାଜାମାନେ ବ୍ରିଟିଶ ପଲିଟିକାଲ ଏଜେଣ୍ଟ ଓ ଗୋରା ସିପାହୀମାନଙ୍କଦ୍ୱାରା ୧୮୬୮ରେ କେନ୍ଦୁଝର ଭୂୟାଁମେଳି, ୧୮୮୧ ମସିହାରେ ଧରଣୀମେଳି, ୧୮୮୨ ମସିହାରେ କଳାହାଣ୍ଡି କନ୍ଧମେଳି ? ଓ ୧୯୦୮ ମସିହାରେ ବାମଣ୍ଡା, ୧୯୧୪ରେ ଦଶପଲ୍ଲା, ୧୯୧୭ରେ ମୟୂରଭଞ୍ଜ, ୧୯୨୨ରେ ଢେଙ୍କାନାଳ, ୧୯୨୮ରେ ନୀଳଗିରି ଓ ୧୯୩୨ରେ ତାଳଚେର ପ୍ରଭୃତି ରାଜ୍ୟରେ ପ୍ରଜା ଆନ୍ଦୋଳନ ଦେଖା ଦେଇଥିଲା । ମାତ୍ର ୧୯୩୭ ମସହା ଜୁନମାସରେ ପ୍ରଜା ମଣ୍ଡଳ ଗଠିତ ହେବାରୁ ସମଗ୍ର ଓଡ଼ିଶା ଗଡ଼ଜାତ ପାଇଁ ସୁଦକ୍ଷ ନେତାମାନଙ୍କ ଦ୍ୱାରା ଜନସାଧାରଣଙ୍କ ରାଜନୈତିକ, ନାଗରିକ ଓ ସାମାଜିକ ଅଧିକାର ପୂରଣ ଲାଗି ଆନ୍ଦୋଳନ ଚାଲିଥିଲା । ୧୯୩୯ ମସିହା ଜାନୁୟାରୀ ୫ ତାରିଖରେ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ସମୂହର ବ୍ରିଟିଶ ପ୍ରତିନିଧି ମେଜର ବେଜେଲ ଗେଟ୍‌ଙ୍କର ରଣପୁର ପ୍ରଜାଙ୍କ ଠେଙ୍ଗାମାଡ଼ରେ ମୃତ୍ୟୁ ହୋଇଥିଲା । ଏହା ତତ୍‌କାଳୀନ ଭାରତୀୟ ରାଜନୀତି ତଥା ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ଅଭୂତପୂର୍ବ ଘଟଣା । ପୂର୍ବରୁ ଘଟିଯାଇଥିବା ଆନ୍ଦୋଳନରେ ବ୍ରିଟିଶ ସେନାବାହିନୀର ଉଚ୍ଚ ପଦସ୍ଥ ମେଜର ପରି ଅଫିସରଙ୍କୁ ହତ୍ୟା କରିବା ଦୂରର କଥା, ସମ୍ମୁଖରେ ମୁକାବିଲା କରିବାକୁ ସାହସ ହୋଇ ନଥିଲା । ବେଜେଲ ଗେଟ୍‌ଙ୍କ ମୃତ୍ୟୁପରେ ବ୍ରିଟିଶ ପାର୍ଲିଆମେଣ୍ଟ ପ୍ରକମ୍ପିତ ହୋଇଯାଇଥିଲା । ବିରୋଧୀ ଶ୍ରମିକ ଦଳର ଦାବୀ ଅନୁଯାୟୀ ରଣପୁର ଜଙ୍ଗଲରୁ ୫ଶହ ବାଉଁଶବାଡ଼ି (Bamboo stick) କଟାଯାଇ ବିଲାତ ପାର୍ଲିଆମେଣ୍ଟକୁ ପଠାଯାଇଥିଲା । ଏହି ନୂତନ ଧରଣର ଅସ୍ତ୍ର ଦେଖିବାପରେ ପାର୍ଲିଆମେଣ୍ଟରେ ଘୋଷଣା କରାଯାଇଥିଲା, "The suppressed feeling of an oppressed nation found expression in murder of Major Bazelgatte." ବେଜେଲଗେଟ୍ ହତ୍ୟାକାଣ୍ଡ ପରେ ପୋଲିସ ଅତ୍ୟାଚାର ଭୟରେ ରଣପୁର ଜନଶୂନ୍ୟ ହୋଇଯାଇଥିଲା । ଇଂରେଜମାନେ ନିର୍ଯ୍ୟାତନା ଦେଇ ପ୍ରଜାଙ୍କ ହାତକୁ ଛେଚିବା, ଦାଆରେ ଅଙ୍ଗୁଠି କାଟିବା, ବିଛୁଆତି ଡାଳରେ ବାଡ଼େଇବା ପ୍ରଭୃତି ଅମାନୁଷିକ କାଣ୍ଡ କରିଥିଲେ । ରଣପୁର ପ୍ରଜା ଆନ୍ଦୋଳନର ନେତା ରଘୁନାଥ ଓ ଦିବାକର ହଜାରିବାଗ ଜେଲରେ ୧୯୪୧ ମସିହା ଏପ୍ରିଲ ୪ ତାରିଖରେ ଫାଶିଦଣ୍ଡ ପାଇଥିଲେ ।

ତାଳଚେର ଗଣଆନ୍ଦୋଳନ କ୍ରମଶଃ ଏପରି ବ୍ୟାପକ ଓ ଭୟଙ୍କର ଆକାର ଧାରଣ କରିଥିଲା ଯେ, ରାଜ୍ୟ ସେନାବାହିନୀ ଏଥିପାଇଁ ଯଥେଷ୍ଟ ନ ହେବାରୁ ଇଂରେଜ ଶାସିତ ଅଞ୍ଚଳରୁ ସୈନ୍ୟ ଅଣାଗଲା । ଏହା ସତ୍ତ୍ୱେ ବିମାନବାହିନୀ ଦ୍ୱାରା ସମବେତ ଜନତା ଉପରେ ଆକାଶ ମାର୍ଗରୁ ବୋମା ବର୍ଷଣ ଓ ମେସିନ୍‌ଗନ୍‌ରୁ ଗୁଳି ଚାଳନା ହୋଇଥିଲା । ଭାରତରେ ଗଣ ଆନ୍ଦୋଳନ ଦମନ କରିବା ନିମନ୍ତେ ଏହିପରି ୬ଟି ଘଟଣା ମଧ୍ୟରୁ ତାଳଚେର ଅନ୍ୟତମ ଥିଲା । ଅତ୍ୟାଚାରର ସୀମା ଲଂଘନ କରିବାରୁ ତାଳଚେରର ୩୦ ହଜାର ପ୍ରଜା ୧୯୩୮ ମସିହା ନଭେମ୍ବର ମାସରୁ ୧୯୩୯ ମସିହା ଜୁନ ୨୬ ତାରିଖ ପର୍ଯ୍ୟନ୍ତ ପ୍ରାୟ ୯ ମାସ ଅନୁଗୁଳରେ ରହିଥିଲେ । ଏହି ଅଭୂତପୂର୍ବ ଘଟଣା ଭାରତ ଓ ଇଂଲଣ୍ଡର ମୁଖ୍ୟ ରାଜନୀତିଜ୍ଞମାନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବ୍ରିଟିଶ ପାର୍ଲିଆମେଣ୍ଟ ସଦସ୍ୟା ମିସ୍ ହରିସନ ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବାକୁ ଅନୁଗୁଳ ଆସିଥିଲେ । ଢେଙ୍କାନାଳ ଆନ୍ଦୋଳନରେ ଇଂରେଜ ପଲଟନମାନେ ସମବେତ ୪୦ ହଜାର ପ୍ରଜାଙ୍କ ଉପରେ ଲଠିମାଡ଼ ଓ ଗୁଳି ଚଳାଇବାରୁ ବହୁପ୍ରଜା ପ୍ରାଣହରାଇ ଶହୀଦ ହୋଇଥିଲେ । ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଅଞ୍ଚଳକୁ ବୈଷ୍ଣବ ଚରଣ ପଟ୍ଟନାୟକ ୧୭ଜଣ ସଙ୍ଗୀଙ୍କ ସାହାଯ୍ୟରେ ଅଧିକାର କରି ସେଠାରେ ୧୫ ଦିନ ପାଇଁ ଜନପ୍ରିୟ ସରକାର ପ୍ରତିଷ୍ଠା କରିଥିଲେ । (୭) ବ୍ରାହ୍ମଣୀ ନଦୀ କୂଳରେ ନୀଳକଣ୍ଠପୁର ଗ୍ରାମର ବାରବର୍ଷର ବୀରବାଳକ ବାଜିରାଉତ ଗୋରା ସୈନ୍ୟଙ୍କ ପଥରୋଧ କରି ୧୧-୧୦-୧୯୩୮ ତାରିଖରେ ନିହତ ହୋଇଥିଲା । ୧୯୩୦ ମସହା ଏପ୍ରିଲ ୧୩ ତାରିଖରେ ବାଲେଶ୍ୱରର ଇଞ୍ଚୁଡ଼ି ଗ୍ରାମରେ ଆଚାର୍ଯ୍ୟ ହରିହର ପୁରପଲ୍ଲୀର ବହୁ ସତ୍ୟାଗ୍ରହୀ ଓ ନାରୀ ନେତ୍ରୀମାନଙ୍କ ସହିତ ପୋଲିସର ନିର୍ମମ ଅତ୍ୟାଚାର ସହ୍ୟକରି ଲବଣ ଆଇନ୍ ଭଙ୍ଗ କରିଥିଲେ ।

ଭାରତର ଶେଷ ସ୍ୱାଧୀନତା ସଂଗ୍ରାମ ଅଗଷ୍ଟ ବିପ୍ଳବରେ ସମଗ୍ର ଦେଶରେ ଯେଉଁ ପ୍ରସ୍ତୁତି ଚାଲିଥିଲା ସେଥିରେ ଓଡ଼ିଶାର ଜନସାଧାରଣ ଉପଯୁକ୍ତ ଅଂଶ ଗ୍ରହଣ କରିଥିଲେ । ରେଭେନ୍‌ସା କଲେଜ ଛାତ୍ରମାନେ ଅଫିସରେ ନିଆଁ ଲଗାଇ ଅଧ୍ୟକ୍ଷ, ଅଧ୍ୟାପକଙ୍କୁ ଗୋଲାମି ଛାଡ଼ିବାକୁ ଇସ୍ତଫା ଦେବାପାଇଁ ନିବେଦନ କରିଥିଲେ । ବରୀର ସ୍କୁଲ ପିଲାମାନେ ଗ୍ରାମାଞ୍ଚଳକୁ ଯାଇ ଅଗଷ୍ଟ ବିପ୍ଳବର ବାର୍ତ୍ତା ଶୁଣାଇ ସ୍ୱାଧୀନଭାବେ ଚଳିବାକୁ ଓ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ବୁଝାଇଥିଲେ । ଏହି ସ୍କୁଲର ୧୭ ଜଣ ଶିକ୍ଷକ ଓ ଗ୍ରାମର ୧୨ ଜଣ ସ୍ତ୍ରୀଙ୍କ ସମେତ ୮୪ଜଣଙ୍କୁ ଗିରଫ କରାଯାଇ ୫ ହଜାର ଟଙ୍କା ଜୋରିମାନା ଆଦାୟ ହୋଇଥିଲା । ନୂଆପଡ଼ା ଅଫିସ ପୋଡ଼ି, ତାରକଟା ଯୋଗୁଁ ୫ଟି ଗ୍ରାମରୁ ୪୦ଜଣ ଗିରଫ, ୩୫ ହଜାର ଟଙ୍କା ଜୋରିମାନା ଓ ଇଣ୍ଡାରି ପୋଖରୀଠାରେ ଥାନା ଆକ୍ରମଣ ଅଭିଯୋଗରେ ୭୦ ଜଣ ଗିରଫ ଓ ୬ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ଇରମର ଲୋକେ ଟିକସ ନ ଦେବାରୁ ପୋଲିସ ସାହେବଙ୍କ ନିର୍ଦ୍ଦେଶରେ ୩୫ ଗ୍ରେଟ ଗୁଳି ଚଳାଯିବା ଦ୍ୱାରା ଘଟଣାସ୍ଥଳରେ ୨୬ ଜଣ ମୃତ, ବହୁଲୋକ ଆହତ ଓ ୧୨୫ ଜଣ ବନ୍ଦୀ ହୋଇଥିଲେ । ଧାମନଗର ଥାନା ଆଗରେ ସମବେତ ନିରସ୍ତ୍ର ଗ୍ରାମବାସୀଙ୍କ ଉପରେ ୩୫ଥର ଗୁଳିମାଡ଼ ହେବାରୁ ୮ ଜଣ ନିହତ, ୪୦ଜଣ ଆହତ ଓ ୪୦ ଜଣ ଗିରଫ

ହୋଇଥିଲେ । କୋରାପୁଟଠାରେ ଲକ୍ଷ୍ମଣ ନାୟକ ବିଦ୍ରୋହ କରିଥିବାରୁ ଇଂରେଜ ଗୁଳିରେ ୪ ଜଣ ମୃତ, ୮ ଜଣ ଆହତ ହୋଇଥିଲେ ଓ ଲକ୍ଷ୍ମଣଙ୍କୁ ହାଇକୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ କରାଯାଇ ବ୍ରହ୍ମପୁର ଜେଲରେ ଅଗଷ୍ଟ ୨୮ ତାରିଖ ଦିନ ଫାଶି ଦିଆ ଯାଇଥିଲା । ସୁନ୍ଦରଗଡ଼ରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଖଜଣା ବୃଦ୍ଧିର ପ୍ରତିବାଦ କରିବାରୁ ୪୭ଜଣ ବିଦ୍ରୋହୀ ମୃତ, ୮୨ ଜଣ ଆହତ ହୋଇଥିଲେ । ପାପଡ଼ାହାଣ୍ଡିଠାରେ ଏକ ଶୋଭାଯାତ୍ରାକାରୀଙ୍କ ଉପରକୁ ଗୁଳି ବୃଷ୍ଟି ହେବାରୁ ଅନେକଲୋକ ପହଁରି ଯିବେ ବୋଲି ଭାବି ପାର୍ଶ୍ୱବର୍ତ୍ତୀ ନଦୀକୁ ଡେଇଁ ପଡିଥିଲେ । ଏଥିରେ ୧୯ ଜଣ ମୃତ, ୧୪ ଜଣ ଆହତ ଓ ୧୪୦ ଜଣ ବନ୍ଦୀ ହୋଇଥିଲେ । କୋରାପୁଟ ଜେଲ କର୍ତ୍ତୃପକ୍ଷଙ୍କ ମାରାତ୍ମକ ଦୁର୍ବ୍ୟବହାର ଓ ଅବହେଳା ଯୋଗୁ ୫୦ ଜଣ ରାଜନୈତିକ ବନ୍ଦୀ ପୋକମାଛି ପରି ଜୀବନ ହରାଇଥିଲେ । ଅଗଷ୍ଟ ସଂଗ୍ରାମରେ ସମଗ୍ର କୋରାପୁଟରେ ୨୪ଟି ସ୍ଥାନରେ ଲଠି ଚାଳନା ଓ ୪୧ ଥର ଗୁଳି ଚାଳନା କରାଯାଇଥିବାରୁ ୨,୧୪୭ ଜଣ ଆହତ, ୫୬୦ ଜଣ ରାଜନୈତିକ ଦଣ୍ଡ ଭୋଗିଥିଲେ ଓ ୨୧,୨୦୦ ଟଙ୍କା ସମୂହ ଜୋରିମାନା ଆଦାୟ ହୋଇଥିଲା । ସମଗ୍ର ଜିଲ୍ଲାରେ ଡାକକଟା, [illegible] ଜଙ୍ଗଲହଣା ଓ ମାଇଲ ମାଇଲ ଧରି ରେଳ ଧାରଣା ଉଠାଇ ଦେବା ଅଭିଯୋଗରେ ୯ ହଜାର ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ହୋଇଥିଲା । ୧୨ ଜଣ ସ୍ୱାଦେଶିକଙ୍କୁ ପୋଲିସ ଖରାପ ବ୍ୟବହାର କରିଥିଲେ ଓ ବହୁ ଲୋକଙ୍କ ଗୋଡ଼କୁ ଗଛରେ ଟାଙ୍ଗି ଚାବୁକ୍ ପ୍ରହାର କରିଥିଲେ । ବାସ୍ତବିକ ଅଗଷ୍ଟ ବିପ୍ଳବରେ ଓଡ଼ିଶାର ସରଳ ନିରୀହ ଜନସାଧାରଣ ଅଶେଷ ଦୁଃଖ ଯନ୍ତ୍ରଣା ନିର୍ଯ୍ୟାତନା ସହ୍ୟକରି ଅପୂର୍ବ ସାହାସ ଓ ଆତ୍ମତ୍ୟାଗ ବଳରେ ଯେଉଁ ଅଗ୍ନି ପରୀକ୍ଷା ଦେଇଛନ୍ତି, ତାହା ସମଗ୍ର ଭାରତରେ ବିରଳ ।

ଓଡ଼ିଶାର ବରପୁତ୍ର ସୁଭାଷ ଚନ୍ଦ୍ର ବୋଷ ପୂର୍ବ ଏସିଆର ୩୦ ଲକ୍ଷ ଭାରତବାସୀଙ୍କୁ ବୈପ୍ଳବିକ ଆହ୍ୱାନ ଦେଇ ସ୍ୱାଧୀନତା ପାଇଁ ଯେପରି ପ୍ରାଣପାତ କରିଥିଲେ, ତାହା ସମଗ୍ର ଭାରତରେ ଅତୁଳନୀୟ । କଟକରେ ଓଡ଼ିଆ ବଜାରରେ ଜନ୍ମଗ୍ରହଣ କରିଥିବା ସୁଭାଷ ଚନ୍ଦ୍ର ବୋଷଙ୍କ ନାମରେ ବୋଷ ଶବ୍ଦ ଅଛି ବୋଲି ତାଙ୍କୁ ଯେପରି ଭାବିବା ଅନୁଚିତ । କାରଣ ସେ ପ୍ରାଣ ଓ ହୃଦୟରେ ଥିଲେ ଓଡ଼ିଆ । ଓଡ଼ିଆ ଜାତିକୁ ସେ ପ୍ରାଣଠାରୁ ବଳି ଭଲ ପାଉଥିଲେ । ବଙ୍ଗାଳୀମାନେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ବିରୁଦ୍ଧରେ ଯାଉଥିଲେ ମଧ୍ୟ ନେତାଜୀ ସୁଭାଷ ଓଡ଼ିଶା ସପକ୍ଷରେ ଦୃଢ଼ତାର ସହିତ ମୋତିଲାଲ ନେହେରୁ କମିଟି ଆଗରେ ସାକ୍ଷୀ ଦେଇଥିଲେ । ସୁଭାଷ ଚନ୍ଦ୍ର ତ୍ରିପୁରୀ ଅଧିବେଶନରେ କଂଗ୍ରେସ ସଭାପତି ପଦରୁ ଅପସରି ଯାଇ ୧୯୪୧ ମସିହାରେ ଫରୱାର୍ଡ଼ ବ୍ଲକ୍ ନାମରେ ଏକ ନୂତନ ଦଳ ଗଠନ କରିଥିଲେ । ନେତାଜୀଙ୍କ ଓଡ଼ିଶା ଆଗମନ ଫଳରେ ବହୁ ଯୁବକ ଅନୁପ୍ରାଣିତ ହୋଇ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ନେତାଜୀ ସୁଭାଷଚନ୍ଦ୍ରଙ୍କ ଆଦର୍ଶରେ ଉଦ୍ବୁଦ୍ଧ ହୋଇ ବିବୁଧେନ୍ଦ୍ର ମିଶ୍ର, ସୁରଜମଲ୍ ଶାହା, ବଳରାମ ମହାନ୍ତି, ଶ୍ରୀହର୍ଷ ମିଶ୍ର ପ୍ରଭୃତି ଉତ୍ସାହୀ ଯୁବକ ଓଡ଼ିଶାରେ ଫରୱାର୍ଡ଼ ବ୍ଲକ ଗଠନ କରିଥିଲେ । ବରଗଡ଼ରେ ଦେଶରକ୍ଷୀ ଦଳ ଗଢ଼ାଯାଇ ନିୟମିତ ଡ୍ରିଲ, ବ୍ୟାୟାମ, ଲଠି ଓ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ପାଇଁ ତାଲିମ ଦିଆ ଯାଉଥିଲା । ଏହି ଦଳର ନେତା ଓ ବ୍ୟାୟାମ ଶିକ୍ଷକଙ୍କୁ ସରକାର ସଙ୍ଗେ ସଙ୍ଗେ ଗିରଫ କରିଥିଲେ । ବଙ୍ଗଳାର ବିପ୍ଳବୀ ଅନୁଷ୍ଠାନ "ବେଙ୍ଗଲ ଭଲେଣ୍ଟିୟର୍ସ" ସହିତ ସଂପୃକ୍ତଥିବା କେନ୍ଦ୍ରାପଡ଼ାର ଅମରେନ୍ଦ୍ରନାଥ ଚଟର୍ଜିଙ୍କ ନେତୃତ୍ୱରେ ଶଶି ଶେଖର ଦାସ ପ୍ରଦୀପ୍ତ କିଶୋର ଦାସ ପ୍ରଭୃତି ପ୍ରତିଭାଶାଳୀ ଛାତ୍ରମାନେ ଏହି ଗୁପ୍ତ ବିପ୍ଳବୀ ସଙ୍ଗଠନ ସହ ସମ୍ପୃକ୍ତ ହୋଇ ପ୍ରାଣଦାନୀ ଦଳ (death Squad) କରିଥିଲେ । କମ୍ୟୁନିଷ୍ଟପାର୍ଟି ଓ ରୁଷ ବିପ୍ଳବର ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଭଗବତୀ ପାଣିଗ୍ରାହୀ ଓଡ଼ିଶାର କୃଷକ ଶ୍ରମିକମାନଙ୍କୁ ସଙ୍ଗଠନ କରି ପ୍ରାଣନାଥ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ରାମକୃଷ୍ଣ ପତି ପ୍ରଭୃତ ଯୁବନେତାମାନଙ୍କ ଦ୍ୱାରା ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଗଣବିପ୍ଳବ କରିଥିଲେ ।

ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜରେ (Indian National Army) ମଧ୍ୟ ବହୁ ଓଡ଼ିଆ ସୈନିକ ରୂପେ ଯୋଗ ଦେଇଥିଲେ । ଢେଙ୍କାନାଳ ବିଦ୍ରୋହ ହୋଇଥିବା ପବିତ୍ର ମୋହନ ପ୍ରଧାନଙ୍କୁ ଗିରଫ କରିବା ପାଇଁ ୧୦ ହଜାର ଟଙ୍କା ପୁରସ୍କାର ଘୋଷଣା କରାଯାଇଥିବାରୁ ସେ ଓଡ଼ିଶା ଛାଡି ନେତାଜୀଙ୍କ ପରିଚାଳିତ ଭାରତୀୟ ଜାତୀୟ ବାହିନୀର "ଆତ୍ମଦାନ ବାହିନୀ"ରେ ସୈନିକ ରୂପେ ଯୋଗଦେଇଥିଲେ । ସୁଭାଷଚନ୍ଦ୍ରଙ୍କ ଉଗ୍ର ମତବାଦ ଯୋଗୁଁ ସରକାର ତାଙ୍କୁ ଗୃହବନ୍ଦୀ କରିଥିଲେ ମଧ୍ୟ ସେ ବ୍ରିଟିଶ ଗୋଇନ୍ଦାଙ୍କ ଆଖିରେ ଧୂଳିଦେଇ ଭାରତଛାଡ଼ି ଇଂଲଣ୍ଡ ଓ ଇଟାଲି, ଜର୍ମାନୀ, ଜାପାନ ପ୍ରଭୃତି ବୈଦେଶିକ ଶକ୍ତିମାନଙ୍କ ସାହାଯ୍ୟରେ ସ୍ୱାଧୀନତା ଆଣିବାକୁ ଅବିରତ ସଂଗ୍ରାମ ଚଳାଇଥିଲେ । ସୁଭାଷଚନ୍ଦ୍ରଙ୍କ ପ୍ରଭାବ ସେତେବେଳକୁ ସମଗ୍ର ଭାରତରେ ପରିବ୍ୟାପ୍ତ ହୋଇ ସୈନ୍ୟ ବାହିନୀକୁ ପ୍ରଭାବିତ କରିଥିଲା । ଫଳରେ ନୌବାହିନୀରେ ବିଦ୍ରୋହ ଦେଖାଦେଲା ଓ ଭାରତୀୟ ସୈନ୍ୟମାନେ ଗୋରା ସରକାରଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କଲେ । ସେହି କାରଣରୁ ବ୍ରିଟିଶ ସରକାର ଭାରତ ଛାଡ଼ି ଯିବାକୁ ବ୍ୟଗ୍ରହେଲେ । ସୁଭାଷ ଚନ୍ଦ୍ର ବୋଷଙ୍କ ଦୁଃସାହସିକ ପଦକ୍ଷେପ ଫଳରେ ଭାରତ ଅପେକ୍ଷାକୃତ ଚଞ୍ଚଳ ସ୍ୱାଧୀନତା ଲାଭକଲା । ବୀରମାଟି ଓଡ଼ିଶାର ସୁଯୋଗ୍ୟ ସନ୍ତାନ ସୁଭାଷଙ୍କ ମାଧ୍ୟମରେ ହିଁ ଓଡ଼ିଶା ଦେଇଛି ଭାରତର ସ୍ୱାଧୀନତା ସଂଗ୍ରାମକୁ ତାର ଉତ୍କୃଷ୍ଟ ଦାନ । ଭାରତୀୟ ଜାତୀୟ ସଂଗ୍ରାମକୁ ଓଡ଼ିଶାର ଏହି ଅନବଦ୍ୟ ଅବଦାନର ସମକକ୍ଷ ଭାରତରେ ଅନ୍ୟ ପ୍ରଦେଶ କୁତ୍ରାପି ଦେଇ ପାରିନାହିଁ ।

୧୮୫୭ ମସିହାର ସିପାହୀ ବିଦ୍ରୋହକୁ ଯଦି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ରୂପେ ଅଭିହିତ କରାଯାଏ, ତେବେ ଏହାର ୪୦ ବର୍ଷ ପୂର୍ବରୁ ଓଡ଼ିଶାବାସୀ ପାଇକ ବିଦ୍ରୋହ କରି ଇଂରେଜମାନଙ୍କୁ ସର୍ବ ପ୍ରଥମେ ପ୍ରତିରୋଧ କରିଥିଲେ । ୧୮୮୫ ମସିହାରେ ଭାରତୀୟ କଂଗ୍ରେସ ଗଠିତ ହେବା ପୂର୍ବରୁ ୧୮୮୨ ମସିହାରେ ମଧୁସୂଦନ 'ଉତ୍କଳସଭା' କରି ଜାତୀୟବାଦୀ ଆନ୍ଦୋଳନର ମୂଳଦୁଆ ପକାଇଥିଲେ । ଯଦି ୧୯୨୧ ମସିହାରେ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ପ୍ରତିଷ୍ଠିତ

ଜାତୀୟ ବିଦ୍ୟାଳୟଗୁଡ଼ିକ ସ୍ୱାଧୀନତା ଆନ୍ଦୋଳନର ଏକ ଉଲ୍ଲେଖଯୋଗ୍ୟ ଅଂଶବୋଲି ସ୍ୱୀକାର କରାଯାଏ ତେବେ ଗୋପବନ୍ଧୁ ଏହାର ୯ ବର୍ଷ ପୂର୍ବେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠାକରି ଏହି ଆଦର୍ଶରେ ଉତ୍କଳ ଶିକ୍ଷା ପରିଷଦ ଗଢି ନୃପାସିଂହ ମିଶ୍ର ଓ ନନ୍ଦକିଶୋର ଦାସଙ୍କ ତତ୍ତ୍ୱାବଧାନରେ ଅନେକଗୁଡ଼ିଏ ଜାତୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ । ଯଦି ୧୯୨୧ ମସିହାରେ ମହାତ୍ମାଗାନ୍ଧୀଙ୍କ ପ୍ରଚଳିତ ଖଦଡ଼ ଓ ହସ୍ତ ଶିଳ୍ପକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅର୍ଥନୈତିକ ଆୟୁଧ ରୂପେ ଗ୍ରହଣ କରାଯାଏ ତେବେ ତହିଁର ୧୮ ବର୍ଷ ପୂର୍ବରୁ ମଧୁବାବୁ ଓଡ଼ିଶାରେ ତତ୍କଳୁଗା, ତାରକସିକାମ, ଚମଡ଼ା ଓ ଶିଙ୍ଗ ପ୍ରଭୃତି ହସ୍ତଶିଳ୍ପ ଓ ଯୌଥ ପ୍ରତିଷ୍ଠାନର ପ୍ରତିଷ୍ଠା ଓ ପ୍ରଚ୍ଚର କରିଥିଲେ । ୧୯୩୭ ମସିହାରେ ସର୍ବ ଭାରତୀୟ ସ୍ତରରେ ଡ଼ଃ ପଟ୍ଟାଭିରାମାୟା ଗଡ଼ଜାତ ପ୍ରଜା ଆନ୍ଦୋଳନ ଆରମ୍ଭ କରିବାର ବହୁ ପୂର୍ବରୁ ପ୍ରାୟ ୫୦ ବର୍ଷ ଧରି ଓଡ଼ିଶାରେ ଗଡ଼ଜାତ ଆନ୍ଦୋଳନ ହୋଇଥିଲା । ଯଦି ୧୯୨୧ ମସିହାରେ ଗାନ୍ଧିଜୀଙ୍କ ପ୍ରଚଳିତ ଅହିଂସାନୀତି ଭାରତୀୟ ସ୍ୱାଧୀନତାର ସର୍ବ ପ୍ରଧାନ ଅସ୍ତ୍ରବୋଲି ସ୍ୱୀକାର କରାଯାଏ ତେବେ ମନେ ରଖିବାକୁ ହେବ ବହୁ ଶତାବ୍ଦୀ ପୂର୍ବରୁ ମଗଧ ସମ୍ରାଟ ଚଣ୍ଡାଶୋକ ସେହି ଅହିଂସା ନୀତିକୁ କଳିଙ୍ଗ ଦେଶ ଉତ୍କଳର ଶିକ୍ଷା ଗ୍ରହ କରି ଧର୍ମାଶୋକ ହୋଇଥିଲେ ଓ ଅହିଂସା ଧର୍ମକୁ ସମଗ୍ର ଭାରତରେ ପ୍ରଚଳିତ କରିଥିଲେ । ତେଣୁ ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶାର ମହାନ୍ ଅବଦାନର କଳନା ନାହିଁ କି ? ତୁଳନା ନାହିଁ ।

ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ଓଡ଼ିଶାର ତ୍ୟାଗ ବାସ୍ତବିକ ବିପୁଳ ଓ ବିରାଟ । ଅଜ୍ଞାନ ଅନ୍ଧକାରାଚ୍ଛନ୍ନ, ଦାରିଦ୍ର୍ୟ ନିପୀଡ଼ିତ ବନ୍ୟା ଦୁର୍ଭିକ୍ଷକ୍ଲିଷ୍ଟ ଖଣ୍ଡ ବିଖଣ୍ଡିତ ହୃତ ସର୍ବସ୍ୱ ଓଡ଼ିଆ ଜାତି ଭାରତର ସ୍ୱାଧୀନତାଲାଗି ଲହୁଲୁହ ଦେଇ ଯେଉଁ ତ୍ୟାଗପୂତ ବୀରତ୍ୱ ବ୍ୟଞ୍ଜକ ସଂଗ୍ରାମ କରିଥିଲା, ତାହା ଇତିହାସର ସ୍ୱର୍ଣ୍ଣମୟ ପୃଷ୍ଠାକୁ ଯୁଗ ଯୁଗଧରି ଜ୍ୟୋତିର୍ମୟ କରୁଥିବ, ଜାତିର ଦୁର୍ଗତି ସମୟରେ ଭବିଷ୍ୟତ ବଂଶଧରମାନଙ୍କ ହୃଦୟରେ ଅସୀମ ଶକ୍ତି, ସାହସ ଓ ପ୍ରେରଣା ଦେଇ ପ୍ରତିଧ୍ୱନିତ ହେଉଥିବ । "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ" ।

* ସହାୟକ ତଥ୍ୟାବଳୀ

୧ । "Their success at Banapur had set the whole Country in arm against us, and seeing the hopelessness of resistance, the whole of the Government Officers stationed at Khurda sought safely in a precipate flight".

୨ । Freedom movement in Orissa Vol-1

୩ । Ghoomsar Vol No.-II, Page-32 by G. E. Russel

୪ । "ସୈନ୍ୟ ବିଭାଗରେ ପାଇକମାନଙ୍କୁ ରଖିବା ବିପଦଜନକ, ଅତଏବ ତାଙ୍କୁ ସାଧାରଣ ରୟତଙ୍କ ସ୍ତରକୁ ପେଲିଦେଇ, ତାଙ୍କଠାରୁ ଖଜଣା ଆଦାୟ କରିବା ଦରକାର । ପାଇକମାନଙ୍କୁ ପୂର୍ବର ଜାଗିର ଜମି ଦିଆଯିବା ଉଚିତ୍ ନୁହେଁ, ଏଇ ଅଳ୍ପ ସମୟ ମଧ୍ୟରେ ପାଇକ ନାମ ଲୋପହୋଇ ଆସିଲାଣି, କିନ୍ତୁ ଏବେବି ଯେଉଁଠାରେ ପାଇକ ଅଛନ୍ତି ପୂର୍ବର ଦୁର୍ଦ୍ଦାନ୍ତ ସ୍ୱଭାବ ଛାଡ଼ିନାହାନ୍ତି । ସେମାନଙ୍କର ବିଷଦାନ୍ତ ଭାଙ୍ଗିବାପାଇଁ ପୋଲିସ କର୍ମଚାରୀଙ୍କୁ ଅନେକ କାଳ ସେମାନଙ୍କୁ ଜବତରେ ରଖିବାକୁ ପଡ଼ିବ......ଅନେକ ଖଣ୍ଡାୟତ ଯୁଦ୍ଧରେ ମରି ହଜି ଗଲେଣି, ଅନେକଙ୍କୁ ଜେଲଦଣ୍ଡ ଦିଆଯାଇଛି । ସେମାନେ ବର୍ତ୍ତି ଜେଲରୁ ମୁକ୍ତହେବେ ନାହିଁ । ତେବେ ପାଇକମାନେ ନେତା ପାଇବେ କେଉଁଠାରୁ ? ନେତା ନପାଇ ସେମାନେ ଗଛର ଝଡ଼ାପତ୍ର ପରି କିଏ କେଉଁଆଡ଼େ ଉଡ଼ିଯିବେ । ଭବିଷ୍ୟତକୁ ଆଉ କୃଷକସେନା ବିପକ୍ଷି ରହିବ ନାହିଁ ।"

୫. The boys of the Satyabadi School are like bombs-Sir Edward Gate.

୬ । ଟୋଟେନ୍‌ହାମ୍‌ଙ୍କ ରିପୋର୍ଟରେ ପ୍ରଦତ୍ତ ତଥ୍ୟାନୁଯାୟୀ

୭ । "ବୈଷ୍ଣବ ପଟ୍ଟନାୟକଙ୍କ ନେତୃତ୍ୱରେ ୮ ହଜାର ବିପ୍ଳବୀ ୩୦ଟି ବନ୍ଧୁକ, ୧୫ଟି ରାଇଫଲ୍, ବହୁ ଖଣ୍ଡା ଓ ଶାବଳ ଧରି ସତୁଆରରେ ବାହାରିଥିଲେ । ଚଟ୍ଟଗ୍ରାମର ଜେଲଭାଙ୍ଗ ଯୁଦ୍ଧ ପରି ସଶସ୍ତ୍ର ପୋଲିସ ଫଉଜ ଓ ବିଦ୍ରୋହୀଙ୍କ ମଧ୍ୟରେ ଘଣ୍ଟା ଘଣ୍ଟା ଯୁଦ୍ଧ ହୋଇଥିଲା । ଏହି ଘଟଣାପରେ ପୋଲିସ ଭୟଭୀତ ହୋଇଯାଇଥିଲେ ସୁଦ୍ଧା ବହୁ କଷ୍ଟରେ ବିଦ୍ରୋହ ଦମନ କରି ଭୀଷଣ ଅତ୍ୟାଚାର କରିଥିଲେ । ବୈଷ୍ଣବ ଚରଣଙ୍କ ଶବ ଦେଖାଇଦେଲେ ୫ହଜାର ଟଙ୍କା ପୁରସ୍କାର ଘୋଷଣା କରଯାଇଥିଲା । ଢେଙ୍କାନାଳରୁ ୩୦୦ ବିଦ୍ରୋହୀଙ୍କୁ ଗିରଫ କରଯାଇ ପ୍ରାୟ ୫ଲକ୍ଷ ଟଙ୍କା ଜୋରିମାନା ଆଦାୟ ହୋଇଥିଲା ।"

ଶ୍ରୀ ଗୋପାଳ କୃଷ୍ଣ ଦାସ
ମାର୍ଫତ ଶ୍ରୀ ରାଧାଗୋବିନ୍ଦ ଦାସ
ରାଧାବଲ୍ଲଭ ଲେନ,
ଖୋର୍ଦ୍ଧା–୭୫୨୦୫୫ ।

ସ୍ୱଜାତି ଉନ୍ନତି
ଚିନ୍ତି ଦିନରାତି
ସାଧନେ ହୁଅ ତତ୍ପର,
ସ୍ୱଦେଶ ଗୌରବ
କରି ଅନୁଭବ
ଜନମ ସାର୍ଥକ କର ।

–ଗୋବିନ୍ଦ ରଥ



# ଉତ୍କଳୀୟ ସଂସ୍କୃତି ଓ ଓଡ଼ିଶାର ନୃତ୍ୟକଳା

ଡକ୍ଟର ମିନତି ମିଶ୍ର

ଓଡ଼ିଶାର ଓଡ଼ିଆ ସଂସ୍କୃତି ଓ ଉତ୍କଳର ଉତ୍କଳୀୟ ସଂସ୍କୃତି ଏକ ଓ ଅଭିନ୍ନ ହେଲେ ମଧ୍ୟ ଉତ୍କଳୀୟ ସଂସ୍କୃତିର ସମ୍ମାନ, ତା'ର ମହତ୍ୱପୂର୍ଣ୍ଣ ଅବଦାନ, କେବଳ ଜାତୀୟ ସ୍ତରରେ ନୁହେଁ, ଆନ୍ତର୍ଜାତିକ କ୍ଷେତ୍ରରେ ଅତୁଳନୀୟ । ଉତ୍କଳର ଅର୍ଥ ହେଲା ଉତ୍କୃଷ୍ଟ କଳାର ପୀଠସ୍ଥଳୀ । ସେଥିପାଇଁ ଭାରତର ଜାତୀୟ ସଂଗୀତରେ ଆମ ଦେଶର ମହିମା ପ୍ରତିପାଦିତ କରିବା ପାଇଁ ଉତ୍କଳର ନାମ ହିଁ ସୂଚିତ ହୋଇଛି— "ପଞ୍ଜାବ, ସିନ୍ଧୁ, ଗୁଜୁରାଟ, ମରହଟ୍ଟା, ଦ୍ରାବିଡ଼, ଉତ୍କଳ, ବଙ୍ଗ" । ତେଣୁ ବିହାର ସହିତ ଜଡ଼ିତ ଓଡ଼ିଶା, ୧୯୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟ ଭାବରେ ପରିଗଣିତ ହେବା ପରେ ଇଂରେଜ ଶାସିତ ବେଳର "ଓରିସା"ର ଅନୁବାଦ "ଓଡ଼ିଶା" ନ ରଖି "ଉତ୍କଳ" ନାମ ରଖିବା ଉଚିତ ଥିଲା, କିନ୍ତୁ ସେତେବେଳେ ଓଡ଼ିଶାର ନେତୃବୃନ୍ଦ ଓଡ଼ିଆ ଭାଷାଭାଷୀ ଲୋକେ ଅଧିକ ସଂଖ୍ୟାରେ ରହୁଥିବାରୁ ରାଜ୍ୟର ନାମ ଓଡ଼ିଶା ରଖିବାକୁ ସ୍ଥିର କରିଥିଲେ ।

ଉତ୍କୃଷ୍ଟ କଳାର ଭୂମି ଉତ୍କଳ ଯୁଗ ଯୁଗ ଧରି କଳାର ପ୍ରତିଟି କ୍ଷେତ୍ରରେ ଭାରତର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା । ଆଜି ତାହା ସୁପ୍ତ ଲୁପ୍ତ ପ୍ରାୟ ହୋଇ ପଡ଼ିଛି । ତେଣୁ ଏ ଦେଶରେ ପୂର୍ବର ଉତ୍କଳୀୟ ସଂସ୍କୃତି ଓ ଅଧୁନା ଓଡ଼ିଶାରେ ପ୍ରଚଳିତ ଓଡ଼ିଆ ସଂସ୍କୃତି ଭିତରେ ପାର୍ଥକ୍ୟ ଉପଲବ୍ଧି କରିବା ମୋ ମତରେ ସ୍ୱାଭାବିକ, ଉତ୍କଳ ତା'ର ଗୌରବମୟ ଇତିହାସ ସୃଷ୍ଟି କରି ପାରିଥିଲା କେବଳ ସାଂସ୍କୃତିକ କ୍ଷେତ୍ରରେ ନୁହେଁ, ଶୌର୍ଯ୍ୟ ଓ ବୀର୍ଯ୍ୟରେ ମଧ୍ୟ । ସେଉଁମାନେ ଏ ପୀଠକୁ ନିଜସ୍ୱ ମଣୁଥିଲେ, ସେମାନେ ମଣିଷ ଜୀବନର ପ୍ରତିଷ୍ଠା ପାଇଁ ଯେଉଁସବୁ ଦିଗ ଅଛି, ତାକୁ ପରିସ୍ଫୁଟ କରିବାରେ ଦକ୍ଷ କି ନୁହେଁ, ତାହା କାର୍ଯ୍ୟତଃ ପ୍ରତିପାଦିତ କରିବା ଲାଗି ପରୀକ୍ଷା ଦେବାକୁ ପଡୁଥିଲା । ଏଥିରେ ସଫଳତା ଅର୍ଜନ କରି ଓଡ଼ିଶାରେ ଉତ୍କଳୀୟ ସଂସ୍କୃତିର ମୂକସାକ୍ଷୀ ସ୍ୱରୂପ ଗର୍ବରେ ମୁଣ୍ଡଟେକି ଦଣ୍ଡାୟମାନ ହୋଇ ରହିଛି ବିଭିନ୍ନ ସ୍ଥାନର ମନ୍ଦିରମାଳା । ଉତ୍କଳର ଏହି ପରିପ୍ରକାଶ କେବଳ ଭାରତ ବର୍ଷରେ ନୁହେଁ, ସାରା ବିଶ୍ୱକୁ କଳାତ୍ମକ ଗୌରବରେ ଚକିତ, ସ୍ତମ୍ଭୀଭୂତ ଓ ଅଭିଭୂତ କରିଦେଇଛି । କୋଣାର୍କର ସୂର୍ଯ୍ୟ ମନ୍ଦିର, ଶ୍ରୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ରାଜରାଣୀ ମନ୍ଦିର ଓ ଓଡ଼ିଶାର ଅଗଣିତ ମନ୍ଦିର ଗାତ୍ରର ସ୍ଥାପତ୍ୟକଳା, କଳା କ୍ଷେତ୍ରରେ ଏକକ, ଅଦ୍ୱିତୀୟ ଏବଂ ଅତୁଳନୀୟ । ମନ୍ଦିର ଗାତ୍ର ବହୁ ସ୍ଥାନରେ ଭଗ୍ନ ଅବସ୍ଥାରେ ପଡ଼ି ରହିଥିଲେ ହେଁ, ତହିଁରେ ଅଙ୍କିତ ପାଷାଣ ଫୁଲ, ଏବେ ମଧ୍ୟ ମହକ ଛୁଟାଇ ଚାଲିଛି ।

ସଂସ୍କୃତି ପରିପ୍ରକାଶର ଅନ୍ୟ ଦିଗ ହେଲା ବୟନ ଶିଳ୍ପ କଳା । ଏହି କଳାରେ ମଧ୍ୟ ଉତ୍କଳ ଥିଲା ଅଦ୍ୱିତୀୟ । ଅଙ୍ଗ ଆବରଣ ପାଇଁ ଉତ୍କଳୀୟ ଆଭରଣ ବଂଶ ବୃକ୍ଷର ଅଳ୍ପ ଲମ୍ବର ନଳୀ ଭିତରେ ରକ୍ଷିତ ହୋଇ ପାରୁଥିଲା । ଏ ପୀଠର ରୌପ୍ୟ ତାରକସୀ କୁଶଳ ଅଦ୍ୟାବଧି ଉତ୍କଳ ନାମକୁ ସାର୍ଥକ କରି ରଖିଛି ।

କଳାର ଉତ୍କର୍ଷତା ପ୍ରତିପାଦିତ କରିବା ପାଇଁ ଉତ୍କଳର ସାଧବପୁଅ ବାଣିଜ୍ୟକୁ କରିଥିଲେ ସୁଦୂର ପ୍ରସାରୀ । ସୁଦୂର ବାଲି, ଜାଭା, ସୁମାତ୍ରାରେ ଏହାର ପ୍ରମାଣ ଅଦ୍ୟାବଧି ସୁରକ୍ଷିତ ରହିଛି । କଟକରେ ପାଳିତ ବାଲିଯାତ୍ରା ଉତ୍ସବରେ ବୋଇତ ବନ୍ଦାଣ ବାଣିଜ୍ୟର ପ୍ରତୀକ ସ୍ୱରୂପ ପ୍ରତିବର୍ଷ ବିଗତ ଗୌରବକୁ ସ୍ମରଣ କରାଇ ଆସୁଛି ।

ଆମ ପର୍ବପର୍ବାଣୀ ପାଳନ ରୀତିରେ ମଧ୍ୟ ଉନ୍ନତ ରୁଚିବୋଧ ସ୍ପଷ୍ଟ ସୂଚିତ । ଏଥିରେ ମଧ୍ୟ ସ୍ୱାତନ୍ତ୍ର୍ୟ ରହିଛି । ବାର ମାସରେ ତେର ପର୍ବ କେବଳ ଉତ୍କଳୀୟ ସଂସ୍କୃତି ବ୍ୟବସ୍ଥାରେ ରହିଛି । ଋତୁ ଅନୁଯାୟୀ ପୂଜା ପାର୍ବଣରେ ଫୁଲ, ଫଳ, ପିଠା ପଣା, ଦେବ ଦେବୀ ଭୋଗ୍ୟ ହେଲେ ମଧ୍ୟ ସାର୍ବଜନୀନ ରୁଚିବୋଧକ ବ୍ୟବସ୍ଥା ଭାବରେ ସ୍ୱୀକାର୍ଯ୍ୟ ।

କେତେକ ସର୍ବଭାରତୀୟ ପର୍ବପାଳନ ଓଡ଼ିଶାରେ ମଧ୍ୟ ପାଳିତ ହୁଏ । ଏଥିରେ ନିହିତ ଥାଏ ଉତ୍କଳୀୟ ସ୍ୱାତନ୍ତ୍ର୍ୟ । ଶିବରାତ୍ରି ମହୋତ୍ସବ ଦିବସର ନିଶାର୍ଦ୍ଧରେ ମହାଦୀପ ମନ୍ଦିରର ଶୀର୍ଷ ସ୍ଥାନକୁ ଉତ୍ତୋଳିତ ହେବା ଉତ୍କଳୀୟ ପରମ୍ପରା ଅନ୍ତର୍ଗତ । ଦୋଳପୂର୍ଣ୍ଣିମା ଏକ ସର୍ବଭାରତୀୟ ଉତ୍ସବ ଭାବେ ପରିଗଣିତ ହୋଇଥିଲେ ମଧ୍ୟ ଉତ୍କଳୀୟ ସଂସ୍କୃତି ଅନ୍ତର୍ଗତ "ପଞ୍ଚୁଦୋଳ" ଓ ଗୋପାଳମାନଙ୍କ ଗୋ ପୂଜା ଏବଂ ଉତ୍ସବ

ପରେ ବାର୍ଷିକ ପଞ୍ଜିକା ପ୍ରସ୍ତୁତି ଭାରତର ଅନ୍ୟ କୌଣସି ସ୍ଥାନରେ ପରିଲକ୍ଷିତ ହୁଏ ନାହିଁ । ସେହିପରି ଶରତ ଋତୁରେ ଦୁର୍ଗାପୂଜା ଏକ ସର୍ବଭାରତୀୟ ପର୍ବ କିନ୍ତୁ ଦୁର୍ଗାଙ୍କ ଏହି ପୂଜା 'ଅକାଳ ବୋଧନ' ଭାବରେ ସୁପରିଚିତ । ଦୁର୍ଗତିନାଶିନୀଙ୍କ ପୂଜା ବସନ୍ତ କାଳୀନ । ବର୍ତ୍ତମାନ ପୁଣ୍ୟ ଓଡ଼ିଶାର ବହୁସ୍ଥାନରେ ତେଣୁ ବାସନ୍ତି ଦୁର୍ଗା ପୂଜିତା ହୋଇଥାନ୍ତି । କାଳୀ ପୂଜା ସର୍ବଭାରତୀୟ ସ୍ତରରେ ପାଳିତ ହେଉଥିଲେ ମଧ୍ୟ, ଅମାବାସ୍ୟାର ଘୋର ଅନ୍ଧକାର ମଧ୍ୟରେ "ବଡ଼ ବଡ଼ିଆ ହୋ, ଅନ୍ଧାରେ ଆସ, ଆଲୁଏ ଯାଅ" ସମ୍ବୋଧନ କରି ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଖାଉଁରିଆ କାଠି ଜାଳି ଆଲୋକ ପ୍ରଦର୍ଶନ, ଉତ୍କଳୀୟ ପ୍ରଥା । ଏହି ଭଳି ସର୍ବଭାରତୀୟ ସ୍ତରର ପ୍ରତ୍ୟେକ ପର୍ବପର୍ବାଣୀ ଉତ୍କଳରେ ପାଳିତ ହେଉଥିଲେ ମଧ୍ୟ, ଏହାର ପାଳନ ରୀତିରେ ଉତ୍କଳୀୟତା ପ୍ରତିପାଦିତ ।

ଏହା ବ୍ୟତୀତ ଜଗନ୍ନାଥଙ୍କ ପାଇଁ ଯେଉଁସବୁ ପର୍ବପର୍ବାଣୀର ବ୍ୟବସ୍ଥା ରହିଛି, ଏହା କେବଳ ଉତ୍କଳରେ ହିଁ ଅନୁଷ୍ଠିତ ହୋଇଥାଏ । ଜାତି ଧର୍ମ ନିର୍ବିଶେଷରେ ମାନବ ମଧ୍ୟରେ ଦେବତାର ଆବିର୍ଭାବ କେବଳ ଉତ୍କଳୀୟ ସଂସ୍କୃତିରେ ରହିଛି । ସିଂହାସନ ପରିତ୍ୟାଗ କରି ମନ୍ଦିର ମଧ୍ୟରୁ ଭାରତର କୌଣସି ଦେବଦେବୀ ଜନ ସମୁଦ୍ର ମଧ୍ୟକୁ ଭ୍ରମଣ ପ୍ରଦାନ କରିବାର ପ୍ରଥା ଉତ୍କଳ ବ୍ୟତୀତ ଅନ୍ୟ କେଉଁଠି ନାହିଁ । ନିଜ ନାମର ଯଥାର୍ଥତା ପ୍ରମାଣିତ କରି ବର୍ଷକୁ ଥରେ ଜଗନ୍ନାଥ ତାଙ୍କ ବଡ଼ ଭାଇ ବଳଭଦ୍ର ଓ ଭଗ୍ନୀ ସୁଭଦ୍ରାଙ୍କ ସହିତ ତିନି ବିଭିନ୍ନ ରଥରେ ବସି ଜନତାଙ୍କ ଦ୍ୱାରା ଟଣା ହୋଇ ଗୁଣ୍ଡିଚା ଘର (ମାଉସୀ ବାଡ଼ି) ପର୍ଯ୍ୟନ୍ତ ଯାଆନ୍ତି ଆଉ ଦଶ ଦିନ କାଳ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଉନ୍ମୁକ୍ତ ରହି, ଫେରି ଆସନ୍ତି ଶ୍ରୀ ମନ୍ଦିରକୁ । ଦେବ ମାନବର ଏହି ମହାମିଳନ, ଉତ୍କଳୀୟ ସଂସ୍କୃତିକୁ କରିଛି ମହୀୟାନ ।

ମଣିଷ ତା'ର ଜୀବନ କାଳ ମଧ୍ୟରେ ଯେଉଁ ଅତ୍ୟାବଶ୍ୟକୀୟ ପରିବେଶର ସମ୍ମୁଖୀନ ହୁଏ ଓ କର୍ମ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଯେଉଁ ସବୁ ପଥର ପଥିକ ହୁଏ, ସେ ପଥ ତାହାର ସହାୟକ ହେବାପାଇଁ ନାନା ପର୍ବପର୍ବାଣୀ ଜରିଆରେ ପରିପ୍ରକାଶ କରିଥାଏ, ଉତ୍କଳର ନରନାରୀ । ଭୂମିକୁ ପ୍ରତ୍ୟେକେ ମାତା ବୋଲି ସ୍ୱୀକାର କରୁଥିଲେ ମଧ୍ୟ ଏହି ମାତାକୁ ପୂଜା କରିବାର ବିଧି ଉତ୍କଳୀୟ ସଂସ୍କୃତିରେ ଦୁଇ ବିଶେଷ ପ୍ରକାରେ ଦେଖାଯାଇଥାଏ । ଧରା ଶସ୍ୟ ଶ୍ୟାମଳା ହେଉ, କଷ୍ଟ ପାଉଥିଲେ ମଧ୍ୟ ଧରିତ୍ରୀ ମାତା ଆନନ୍ଦରେ ରହିଥା'ନ୍ତୁ, ଏହା ପ୍ରତ୍ୟେକ ଓଡ଼ିଆ ଚାହେଁ । ତେଣୁ କୃଷିପାଇଁ ଭୂ-ମାତାର ବକ୍ଷ କର୍ଷଣ କରିବା ପୂର୍ବରୁ ସେ ଅକ୍ଷୟ ତୃତୀୟା ପର୍ବ ଆୟୋଜନ କରେ । ଖାଦ୍ୟ ସଂଗ୍ରହ ପାଇଁ ଭୂମିର ଅଧିକାରୀ ହୁଏ ଏହି ଭୂମି ପୂଜାର ପୂଜକ । ରଜ ପର୍ବ ମଧ୍ୟ ପାଳିତ ଭୂ-ମାତା ଉଦ୍ଦେଶ୍ୟରେ । ଭୂମିକୁ ନାରୀ ରୂପ୍ୟା ମଣି, ଏହି କାଳରେ ସେ ରଜସ୍ୱଳା ହେବା ଦୃଷ୍ଟିରୁ ହୁଏ ଅସ୍ପୃଶ୍ୟା । ତେଣୁ ଅନୁଚିତ ନାହିଁ । ଏଥିପାଇଁ ସେମାନେ ବ୍ୟବହାର କରନ୍ତି ଗୁଆ ପଟୁକା ଓ ଉତ୍ସବ ଉଠନ୍ତି ଦୋଳିରେ ଦୁଲି । ତିନି ଦିନ କାଳ ଦୈନନ୍ଦିନ କାର୍ଯ୍ୟରେ ବ୍ୟତିକ୍ରମ ଘଟେ । ବିଶେଷ କରି ଭୂମି ସଂକ୍ରାନ୍ତୀୟ କୌଣସି କାର୍ଯ୍ୟ ହୁଏ ନାହିଁ । ଭୂ-ମାତାଙ୍କ ପ୍ରତି ଏପରି ନିବିଡ଼ ଭାବରେ ଜଡ଼ିତ ହେବା ପ୍ରଥା ଅନ୍ୟ କୌଣସି ସଂସ୍କୃତିରେ ନାହିଁ କହିଲେ ଚଳେ ।

କୁମାର ପୂର୍ଣ୍ଣିମା ଉତ୍ସବ ଅନ୍ୟ ଏକ ଉତ୍କଳୀୟ ପର୍ବ । ଶରତ ଋତୁର ଖଣ୍ଡ ଖଣ୍ଡ ଧଳା ମେଘଯୁକ୍ତ ଆକାଶରେ ଯୁବତୀମାନେ ବନ୍ଦାଇଥାଆନ୍ତି ଜହ୍ନକୁ । ଉଦ୍ଦେଶ୍ୟ, ସୁନ୍ଦର ବର ପ୍ରାପ୍ତି । ଖଇ, ନଡ଼ିଆ, ଦୁଧ, କଦଳୀ, ଆଦି ଦ୍ରବ୍ୟ ଚକଟି ଥାଳିରେ ଜହ୍ନ ଗଢ଼ି ଜହ୍ନ (ଚନ୍ଦ୍ର) ଦେବତାଙ୍କୁ ଅର୍ପଣ କରିଥା'ନ୍ତି । ଚନ୍ଦ୍ରମାଙ୍କ ପ୍ରିୟ କଇଁଫୁଲରେ ଗାଆଁ ... ସଜାଇଥାଆନ୍ତି, ନାନା ପ୍ରକାରର କୋଠି କାଟି । ସେଇ କୋଠି ଭିତରେ ଜହ୍ନି ଫୁଲରେ ସଜ୍ଜିତ ହୋଇଥାଏ ଜହ୍ନ । ପୁଚି ଖେଳି ... ଖେଳି ବାଳିକା ଓ ଯୁବତୀମାନେ କୁମାର ପୂର୍ଣ୍ଣିମା ରାତ୍ରି ଉଦ୍ଯାପନ କରିଥା'ନ୍ତି ।

ଶୀତ ଋତୁ ଶେଷରେ ଅଗ୍ନି ପୂର୍ଣ୍ଣିମାରେ କାଠ ଜାଳି 'ଅଗ୍ନି ଜଳିଲା-ଶୀତ ଟଳିଲା' ଉଚ୍ଚାରଣ କରି ଶୀତ ଋତୁକୁ ବିଦାୟ ଦେବା ସଙ୍ଗେ ସଙ୍ଗେ ଅଗ୍ନି ଦେବଙ୍କୁ ଆରାଧନା କରିବା ବିଧି ଉତ୍କଳୀୟ ସଂସ୍କୃତିରେ ଏକାନ୍ତ ଭାବରେ ରହି ଆସିଛି ।

ସେହିପରି ପ୍ରଥମାଷ୍ଟମୀ ପର୍ବ । ଏକ ଓଡ଼ିଆ ପରିବାରର ଜ୍ୟେଷ୍ଠର ଜ୍ୟେଷ୍ଠତ୍ୱକୁ ଓ ତା'ର ଉଜ୍ଜ୍ୱଳ ଭବିଷ୍ୟତକୁ ବଧାଇ ଜଣାଇବା ପାଇଁ ଏ ଉତ୍ସବର ଆୟୋଜନ କରାହୋଇଥାଏ ।

ଭାଇର ମଙ୍ଗଳ କାମନା କରି ଭଉଣୀ ଖୁଦୁରୁକୁଣୀ ମାତାଙ୍କୁ ପୂଜା କରିଥା'ନ୍ତି, ପ୍ରତିବର୍ଷ ।

ଏହିସବୁ ପର୍ବପର୍ବାଣୀ ମଣିଷ ମନରେ ଏକ ସାତ୍ତ୍ୱିକ ଭାବ ସଂଚାର କରିବା ସଙ୍ଗେ ସଙ୍ଗେ ନାନା ବିଷାଦମୟ ଝଂଝାଳଯୁକ୍ତ ପରିବେଶରୁ ମୁକ୍ତ କରାଇ ତାକୁ ଆନନ୍ଦ ଦେଇଥାଏ । ଉତ୍କଳୀୟ ସଂସ୍କୃତି ଅନ୍ତର୍ଗତ ପର୍ବପର୍ବାଣୀ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଏହି ଆନନ୍ଦ ଉପରେ ପର୍ଯ୍ୟବସିତ ।

ସାହିତ୍ୟ, ସଂଗୀତ ଓ ନୃତ୍ୟ କ୍ଷେତ୍ରରେ ଉତ୍କଳର ଏକ ସ୍ୱତନ୍ତ୍ର ସ୍ଥାନ ରହିବା ସ୍ୱାଭାବିକ । କାରଣ ସଂସ୍କୃତି କହିଲେ ଉନ୍ନତ ରୁଚିବୋଧକୁ ବୁଝାଏ । ସଂସ୍କୃତିର ପରିପ୍ରକାଶ କଳା । ଏହି କଳାର ଚରମ ନିଦର୍ଶନ ମନ୍ଦିର ଗାତ୍ରରେ ସ୍ପଷ୍ଟ ସୂଚିତ । ଏହା ଖୋଦିତ ହୋଇଥିବାରୁ, କ୍ରମେ ... ହୋଇ ଆସୁଥିଲେ ହେଁ, କଳାକୁ ଅକ୍ଷତ କରି ରଖିଛି । ... କଳା ପ୍ରସ୍ତର ଲିଖିତ କଳାଭଳି, ପ୍ରାମାଣିକ ଭିତ୍ତିରେ ରହି ... ନ ଥିଲେ ମଧ୍ୟ, ସମୟ ପ୍ରବାହ ମଧ୍ୟରେ ଏହା ଉତ୍କଳୀୟ ସଂସ୍କୃତିରେ ମିଶି ରହିଥିଲା । ତାହା ହୋଇ ନ ଥିଲେ ଏ ଦେଶ ସାହିତ୍ୟ, ସଂଗୀତ, ନୃତ୍ୟ ଓ ସ୍ଥାପତ୍ୟକଳା ଅଦ୍ୟାବଧି ତା'ର ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରି ନ ଥା'ନ୍ତା । ଉତ୍କଳର ଅଦ୍ୱିତୀୟ କବି ଜୟଦେବଙ୍କ ଲେଖନୀ ନିସୃତ 'ଗୀତଗୋବିନ୍ଦ' ଏହାର ଚରମ ନିଦର୍ଶନ । ସେ ଏହି ପଦ୍ୟାବଳୀ ସଂସ୍କୃତରେ ଲେଖି ଥିଲେ ହେଁ ରଚନାର ଛତ୍ରେ ଛତ୍ରେ ଲାଳିତ୍ୟ ଓ ମାଧୁର୍ଯ୍ୟ ପରିସ୍ଫୁଟ । ଲାଳିତ୍ୟହିଁ ଉତ୍କଳୀୟତା । ପରବର୍ତ୍ତୀ କାଳରେ

କବି ସମ୍ରାଟ ଉପେନ୍ଦ୍ର ଭଂଜ, କବିସୂର୍ଯ୍ୟ ବଳଦେବ ରଥ ଆଦି ସାହିତ୍ୟ ରଥୀମାନେ ବଳିଷ୍ଠ ସାହିତ୍ୟ ରଚନା କରି ପାରି ନ ଥାନ୍ତେ, ଯେବେ ସାହିତ୍ୟ ଭିତ୍ତିଭୂମି ପ୍ରତିଷ୍ଠିତ ହୋଇ ନ ଥାଆନ୍ତା ।

ସଂଗୀତ ଓ ନୃତ୍ୟରେ ସ୍ୱାତନ୍ତ୍ୟ ରକ୍ଷା କରୁଥିବା 'ଓଡ଼ିଶୀ' ସୃଷ୍ଟି ନ ଥାଆନ୍ତା, ଯେବେ ଏହାର ପରମ୍ପରା ନ ଥାଆନ୍ତା ।

ଏସବୁ ବିଷୟକୁ ଆଣିଲେ ନିଶ୍ଚିତ ଭାବେ ସ୍ୱୀକାର କରିବାକୁ ପଡ଼ିବ ଯେ ଉତ୍କଳୀୟ ସଂସ୍କୃତିର ମାନ ଉଚ୍ଚ-କୋଟୀର ଥିଲା । ଆଜି ଭଳି ସେତେବେଳେ ବିଶ୍ୱବିଦ୍ୟାଳୟ ଜରିଆରେ ସଂସ୍କୃତିର ମାନ ନିର୍ଦ୍ଧାରିତ ହେଉ ନ ଥିଲା, ଏହାର ଆବଶ୍ୟକତା ମଧ୍ୟ ନ ଥିଲା । ସେତେବେଳେ ଉତ୍କଳ ଭୂମିରେ ବାସ କରୁଥିବା ନରନାରୀଙ୍କ ଉଚ୍ଚ ରୁଚିବୋଧ ବାସ୍ତବ କର୍ମରେ ପରିଣତ ହେଉଥିଲା, ଯାହାର ପ୍ରମାଣ ଆଜି ସୁଦ୍ଧା ଅକ୍ଷୟ ହୋଇ ରହିଛି । ବର୍ତ୍ତମାନ ଓଡ଼ିଶାର ଅଧିବାସୀ ଉତ୍କଳର ଦାୟାଦ ବୋଲି ଗର୍ବ କରି ସଦା ସର୍ବଦା ସେହି ଅକ୍ଷୟ କୀର୍ତ୍ତିର ସ୍ତୁତିଗାନ କରିବାରେ ଗୌରବ ଅନୁଭବ କରୁଛନ୍ତି ।

ଉତ୍କଳୀୟ ସଂସ୍କୃତିର ମାନ ଜାତୀୟ ସ୍ତରରେ ତା'ର ପ୍ରାଧାନ୍ୟ ଓ ସମ୍ମାନ ଏତେ ବ୍ୟାପକ ଯେ, ଏ ସଂପର୍କରେ ବର୍ଣ୍ଣନା କରିବାକୁ ଗଲେ ଏକ ପୋଥିରେ ପରିଣତ ହେବ । ତେଣୁ ମୁଁ ସେହି ସୁଉଚ୍ଚ ସଂସ୍କୃତିର ବିଭିନ୍ନ ପରିପ୍ରକାଶ ମଧ୍ୟରୁ କେବଳ ନୃତ୍ୟକଳା ସଂପର୍କରେ ସାମାନ୍ୟ କେତେକ ସୂଚନା ଦେଉଚି ।

ଭାରତରେ ବିଭିନ୍ନ ପ୍ରକାର ଶାସ୍ତ୍ରୀୟ ତଥା ଲୋକନୃତ୍ୟ ରହିଛି । ତେଣୁ ମୁଁ ଓଡ଼ିଶୀ ନୃତ୍ୟ ଓ ତା'ର ସ୍ୱାତନ୍ତ୍ୟ ସଂପର୍କରେ ସୂଚନା ଦେଇ ଏ ନୃତ୍ୟ ପରଂପରାର ଇତିହାସ, ତା'ର ମାନ ଓ ଆନ୍ତର୍ଜାତିକ କ୍ଷେତ୍ରରେ ସମ୍ମାନ ବିଷୟ ସୂଚନା ଦେଇ ମୋ ଲେଖା ଶେଷ କରିବି ।

ପ୍ରତ୍ୟେକ ଭାରତୀୟ କଳା, ଧର୍ମ ଓ ଦର୍ଶନ ଭିତ୍ତିକ ନୃତ୍ୟ ହେଲା ଛନ୍ଦାୟିତ ଦର୍ଶନର ପରିପ୍ରକାଶ, ଯାହା ମଧ୍ୟରେ ସନ୍ନିବେଶିତ ହୋଇଛି ପୁଲକଭରା ଆନନ୍ଦ, ଆଶାର ଉନ୍ମେଷ, ଧୈର୍ଯ୍ୟର ଅସରନ୍ତି ଫୁଆରା ଓ ଶାନ୍ତ ପରିବେଶର ଆଭାସ । ଏହାର ସମୀରବିହୀନ ସ୍ତବ୍ଧ ବାତାବରଣ ଭିତରେ ଅନଧୀର ପ୍ରଦୀପ ଶିଖା ।

ପୂର୍ବରୁ ଭାରତୀୟ ନୃତ୍ୟ ଏକ ପ୍ରକାର ଶାସ୍ତ୍ରୀୟ ନୃତ୍ୟ ହୁଏତ ଥିଲା । କାଳକ୍ରମେ ଏହା ଆଞ୍ଚଳିକ ସଂସ୍କୃତି ଉପରେ ଆଧାରିତ ହୋଇ ସେହି ଅଞ୍ଚଳର ସ୍ୱାତନ୍ତ୍ୟ ରକ୍ଷାକରି ବିଭିନ୍ନ ଆକାର ଧାରଣ କରିବାର ସମ୍ଭାବନା ଯୁକ୍ତିଯୁକ୍ତ । ଓଡ଼ିଶୀ ନୃତ୍ୟ ଠିକ୍ କେଉଁ ସମୟରୁ ଆରମ୍ଭ ହୋଇଥିଲା, ଜଣା ନ ଥିଲେ ମଧ୍ୟ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ରରେ ଉଲ୍ଲେଖ କରାଯାଇଛି—

ଚତସ୍ରୋ ବୃତ୍ତୟୋ ହେତ୍ୟାଯାଜ୍ଞନାଟଂ ପ୍ରତିଷ୍ଠିମେ
ଅବନ୍ତୀ ଦାକ୍ଷିଣାତ୍ୟାଚ ତଥା ବୈ ଉଡ୍ର ମାଗଧୀ ।୨୫।
ପାଞ୍ଚାଳୀ ମଧ୍ୟମା ଚେତି ବିଜ୍ଞେୟାସ୍ତୁ ପ୍ରବୃତ୍ତୟଃ
ଦୈବିକୀ ମାନୁଷୀ ଚୈବ ସିଦ୍ଧିଃ ସ୍ୟାଦ୍ ଦ୍ୱିବିଧୈବତ ।୨୬।

ଭରତ ମୁନିଙ୍କ ନାଟ୍ୟ ଶାସ୍ତ୍ର ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ୨ୟ ଶତାବ୍ଦୀ ଭିତରେ ରଚିତ ହୋଇଥିଲା । ଏଥିରେ ନୃତ୍ୟର ୪ ଗୋଟି ମୁଖ୍ୟ ନୃତ୍ୟ ପଦ୍ଧତି ବିଷୟ ଉଲ୍ଲେଖ କରାଯାଇଛି । ତାହା ହେଲା ଅବନ୍ତୀ, ଦାକ୍ଷିଣାତ୍ୟ, ପାଞ୍ଚାଳୀ, ଓ ଉଡ୍ର ମାଗଧୀ । ଅଭିନୟ ଚନ୍ଦ୍ରିକାର ରଚୟିତା ଶ୍ରୀ ମହେଶ୍ୱର ମହାପାତ୍ର ସାତ-ଗୋଟି ବରଳ ନୃତ୍ୟ ପଦ୍ଧତି ବିଷୟ ଉଲ୍ଲେଖ କରିଛନ୍ତି, ଯଥା:— ମାଗଧୀ, ସୌରସେନୀ, କର୍ଣ୍ଣାଟ, କେରଳ, ଉଡ୍ର, ଗୌଡ଼ ଏବଂ ପଞ୍ଚଦେ । ଏହି ଦୁଇ ନାଟ୍ୟଶାସ୍ତ୍ର ରଥୀ ଉଡ୍ର ପଦ୍ଧତିର ସ୍ୱାତନ୍ତ୍ୟ ସଂପର୍କରେ ସୂଚନା ଦେଇଛନ୍ତି । ଏହି ଉଡ୍ର ପଦ୍ଧତିର ନୃତ୍ୟ ପରବର୍ତ୍ତୀ କାଳରେ ଓଡ଼ିଶୀ ନୃତ୍ୟ ଭାବରେ ପ୍ରକାଶ ଲାଭ କରିବା ଯୁକ୍ତି ସଙ୍ଗତ । ଏହାକୁ ପ୍ରତିପାଦିତ କରିବା ପାଇଁ ଓଡ଼ିଶାର ବିଭିନ୍ନ ମନ୍ଦିର ଗାତ୍ରରେ ଥିବା ନାନା ଭଙ୍ଗୀ ଭଙ୍ଗିମାର ପ୍ରସ୍ତର ମୂର୍ତ୍ତି । ଏମାନେ କେବଳ ମୂକସାକ୍ଷୀଭାବରେ ରହିନାହାଁନ୍ତି, ନୃତ୍ୟ କ୍ଷେତ୍ରରେ ଓଡ଼ିଶାର (ଉଡ୍ରରୁ ଓଡ଼ିଶାର ନାମ କରଣ ହୋଇଛି) ସ୍ୱାତନ୍ତ୍ୟ ରକ୍ଷା ଦିଗରେ ପ୍ରମାଣ ସ୍ୱରୂପ ଅଦ୍ୟାବଧି ବିରାଜିତ ରହିଛନ୍ତି । ଶାସ୍ତ୍ର ସମ୍ମତ ମୁଦ୍ରାଯୁକ୍ତ କେତେକ ପ୍ରସ୍ତର ମୂର୍ତ୍ତିରୁ ଓଡ଼ିଶୀ ନୃତ୍ୟ ପ୍ରାଚୀନତା ପ୍ରମାଣିତ । ଏହି ମୂର୍ତ୍ତିମାନଙ୍କ ଭଙ୍ଗୀରୁ ଲାସ୍ୟ ଭାବର ପରିପ୍ରକାଶ ସୁସ୍ପଷ୍ଟ । ବାଲେଶ୍ୱରର ସୋରଠାରେ ଥିବା ମନ୍ଦିରରେ ଈଶ୍ୱର ଓ ପାର୍ବତୀଙ୍କ ଅଭୟ ମୁଦ୍ରା, ରତ୍ନଗିରିରେ ତାଣ୍ଡବ ଭଙ୍ଗୀରେ ନୃତ୍ୟରତ ମୂର୍ତ୍ତିର ଧ୍ୟାନ ଅଭୟ ଓ ଭୂମିସ୍ପର୍ଶମୁଦ୍ରା ଦେଖିବାକୁ ପାଉ । କୋଣାର୍କର ପ୍ରତିନୃତ୍ୟରତା ମୂର୍ତ୍ତିଙ୍କ ଭଙ୍ଗୀ ଲାସ୍ୟ ଭିତ୍ତିକ ମୃଦଙ୍ଗ କରତାଳ ଦର୍ପଣ, ବଂଶୀ ହସ୍ତରେ ଧରି ଯେଉଁ ପ୍ରସ୍ତର ମୂର୍ତ୍ତି ରହିଛି ତାହା ଉତ୍କଳ କଳା ପରଂପରାକୁ ସାର୍ଥକ କରିବା ସଙ୍ଗେ ସଙ୍ଗେ ନୃତ୍ୟ ପରଂପରା କିଭଳି ଉଚ୍ଚକୋଟୀର ଥିଲା, ତାହା ପ୍ରମାଣିତ ହୋଇଛି । ସେଠାରେ ଥିବା ଅଳସ କନ୍ୟା ମୂର୍ତ୍ତି ଭିତରେ ଯେଉଁ ପ୍ରକାର ଆତ୍ମ ପ୍ରକାଶ ନିହିତ ଅଛି ଏବଂ ତହିଁରେ ଯେଉଁ ଅଙ୍ଗ ଭଙ୍ଗୀ ଆରୋପ କରାଯାଇଛି ତାହା ଅବର୍ଣ୍ଣନୀୟ । କୋଣାର୍କ ତଥା ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିରରେ ଥିବା ମୂର୍ତ୍ତିମାନଙ୍କର ନାୟିକା ଭାବ ପ୍ରାଧାନ୍ୟ ଲାଭ କରିଛି, ଯାହା ଓଡ଼ିଶୀ ନୃତ୍ୟ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହାକୁ ଓଡ଼ିଶୀ ନୃତ୍ୟ ଇତିହାସର ଏକ ଜଡ଼ ଓ ମୂକ ପ୍ରମାଣ ବୋଲି କୁହାଯାଇପାରେ । ଏହା ବ୍ୟତୀତ ଅନ୍ୟ ପ୍ରମାଣ ମଧ୍ୟ ରହିଛି ।

ଏକ କାଳରେ ଭାରତର ପ୍ରତ୍ୟେକ ମନ୍ଦିରରେ ଦେବଦାସୀ ବା ଦେବଚର୍ଚ୍ଚା ପାଇଁ ଉତ୍ସର୍ଗୀକୃତ ନର୍ତ୍ତକୀମାନେ ନିଯୁକ୍ତ ରହୁଥିଲେ । ଏମାନେ ଉତ୍କଳ, ସୌରାଷ୍ଟ୍ର, ମହାରାଷ୍ଟ୍ର, ଆନ୍ଧ୍ର, ତାମିଲନାଡୁ ଓ କେରଳର ମନ୍ଦିରମାନଙ୍କ ଦେବତାଙ୍କ ଉଦ୍ଦେଶ୍ୟରେ ନୃତ୍ୟ ପରିବେଷଣ କରୁଥିଲେ । ଏହି ପ୍ରଥା ଅନ୍ୟ ସବୁ ସ୍ଥାନରୁ କାଳକ୍ରମେ ଲୋପ ପାଇଥିଲେ ମଧ୍ୟ ଓଡ଼ିଶାରେ ଏହି ଦେବଦାସୀମାନେ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବରେ ରହିଛନ୍ତି । ଓଡ଼ିଶାର ଦେବଦାସୀମାନଙ୍କୁ ମାହାରୀ କୁହାଯାଏ । ମହତ ନାରୀର ଅପଭ୍ରଂଶ ଏହି ମାହାରୀମାନେ ନବମ ଶତାବ୍ଦୀରୁ ମନ୍ଦିରର ସେବା ସହିତ ଜଡ଼ିତ ରହିଛନ୍ତି । ଶିଳାଲେଖରୁ ଜଣାଯାଏ ଯେ କେଶରୀ ବଂଶର ରାଜା ଉଦ୍ୟୋତାଙ୍କ ରାଣୀ କଳାବତୀ ଶିବ ମନ୍ଦିର ନିର୍ମାଣକରି ଦେବଦାସୀଙ୍କୁ ସମର୍ପଣ କରିଥିଲେ । ତା ପରେ ଗଙ୍ଗ ବଂଶ କ୍ଷମତାକୁ ଆସିଥିଲେ । ରାଜା ଚୋଳଗଙ୍ଗଦେବ ୧୦୭୮ରୁ

୧୧୪୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜୁତି କରି ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ଏବଂ ସେଠାରେ ଦେବଦାସୀମାନଙ୍କୁ ନିଯୁକ୍ତ କରିଥିଲେ । ତାଙ୍କ ମୃତ୍ୟୁ ପରେ ଅନଙ୍ଗଭୀମଦେବ କ୍ଷମତାକୁ ଆସି କେତେକ ମନ୍ଦିର ନିର୍ମାଣ କରାଇବା ସଙ୍ଗେ-ସଙ୍ଗେ ଜଗନ୍ନାଥ ମନ୍ଦିରରେ ନାଟ ମନ୍ଦିର ମଧ୍ୟ ନିର୍ମାଣ କରାଇଥିଲେ । ଏଥିରେ ମାହାରୀ ଓ ସଙ୍ଗୀତଜ୍ଞମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରୁଥିଲେ ।

ମାହାରୀ ଦୁଇ ଭାଗରେ ବିଭକ୍ତ :—ବାହାର ଗଣି ମାହାରୀ ଓ ଭିତର ଗଣି ମାହାରୀ । ବାହାର ଗଣି ମାହାରୀମାନଙ୍କର ମନ୍ଦିର ଭିତରେ ପ୍ରବେଶ କରିବାର ଅଧିକାର ନାହିଁ । ସେମାନେ ନାଟ ମନ୍ଦିରରେ ତାଙ୍କ ନୃତ୍ୟ ଗୀତ ପରିବେଷଣ କରିଥାନ୍ତି କିନ୍ତୁ ଭିତର ଗଣି ମାହାରୀ ବଡ ଦେଉଳ ଭିତରେ . ବଡଠାକୁରଙ୍କ ସମ୍ମୁଖରେ ନୃତ୍ୟ ଗୀତ ପରିବେଷଣ କରିବାର ଅଧିକାର ରହିଛି ଏବଂ ଏମାନେ ବଡ଼ସିଂହାର ବେଳେ ନୃତ୍ୟ ଗୀତ ପରିବେଷଣର ଅନୁମତି ପାଇଥାଆନ୍ତି ।

ଏହି ଦେବଦାସୀ ବା ମାହାରୀମାନେ ଉତ୍କଳର ନୃତ୍ୟ ପରମ୍ପରାକୁ ବଂଶାନୁକ୍ରମେ ରକ୍ଷା କରି ଆସିଛନ୍ତି । ଜଗନ୍ନାଥ ମନ୍ଦିର ସହିତ ଜଡ଼ିତ ମାହାରୀମାନେ ବିଷ୍ଣୁଭକ୍ତ କିନ୍ତୁ ଭୁବନେଶ୍ୱରର ଶିବ ମନ୍ଦିରମାନଙ୍କସହ ଜଡ଼ିତଥିବାରୁ ଏମାନେ ଶିବଭକ୍ତ ଏବଂ ଝଙ୍କଡ଼ ଓ କାକଟପୁରରେ ଏମାନେ ଶକ୍ତି ଉପାସକ ।

ପୁରୁଷୋତ୍ତମ ଦେବଙ୍କ ତାମ୍ର ଫଳକରେ ଦୁଇ ସଂପ୍ରଦାୟର ନାଚୁଣୀଙ୍କ ବିଷୟ ଉଲ୍ଲେଖ କରାଯାଇଛି । ଏଥିରୁ ଏକ ସମ୍ପ୍ରଦାୟ ଦାକ୍ଷିଣାତ୍ୟ ଅଞ୍ଚଳର ଓ ଅନ୍ୟଟି ଉତ୍କଳର । ଏମାନେ ଓଡ଼ିଶାର ସ୍ୱନାମଧନ୍ୟ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ପଦ୍ୟାବଳୀର ଶ୍ଳୋକ ସହିତ ନୃତ୍ୟ କରୁଥିଲେ । ଗୀତ ଗୋବିନ୍ଦ ଗାନ ହେବା ପୂର୍ବରୁ ମାହାରୀମାନେ ନୃତ୍ୟ (ଛନ୍ଦ ଯୁକ୍ତ ନୃତ୍ୟ) ସହିତ ମନ୍ତ୍ର ଉଚ୍ଚାରଣ ସଙ୍ଗେ ଅଭିନୟ କରୁଥିଲେ । ପରବର୍ତ୍ତୀ କାଳରେ ଜଗନ୍ନାଥଙ୍କ ସେବା ସହିତ ଗୀତଗୋବିନ୍ଦ ଅଙ୍ଗୀକୃତ ହେବା ପରେ ମାହାରୀମାନେ ଅଭିନୟ ସହିତ ବିଭିନ୍ନ ଭାବ ଓ ରସ ପରିବେଷଣ କରିବାକୁ ଲାଗିଲେ ।

ରାୟ ରାମାନନ୍ଦ ଓଡ଼ିଶୀ ନୃତ୍ୟର ଅନ୍ୟତମ ଉଦ୍ଧାରକ । ସେ ଏକାଧାରରେ ସଙ୍ଗୀତଜ୍ଞ, ନୃତ୍ୟବିତ୍ ଓ ନାଟ୍ୟକାର ଥିଲେ । ସେ ନୃତ୍ୟ ଶିକ୍ଷା ଦେଇ ଚୈତନ୍ୟଙ୍କ ସମ୍ମୁଖରେ ଜଗନ୍ନାଥ ନାଟକ ପରିବେଷଣ କରୁଥିଲେ ଏବଂ ଈଶ୍ୱର ପ୍ରାର୍ଥନା, ଗୀତ ଓ ନୃତ୍ୟ କରିଆରେ ସମ୍ଭବ ବୋଲି ତାଙ୍କୁ ଉଦ୍‌ବୁଦ୍ଧ କରାଇ ପାରିଥିଲେ ।

ଏହାପରେ ନୃତ୍ୟ କ୍ଷେତ୍ରରେ ଦେଖା ଦେଇଥିଲା ଗୋଟିପୁଅ ପଦ୍ଧତିର ନୃତ୍ୟ । ଏହା ପୁରୀ ସାତସାହି ଅଞ୍ଚଳରୁ ଆବିର୍ଭାବ ହୋଇଥିଲା । ବୈଷ୍ଣବ ଧର୍ମାବଲମ୍ବୀମାନେ ସ୍ତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ ସପକ୍ଷରେ ନ ଥିଲେ । ତେଣୁ କିଶୋରମାନେ ବାଳିକାବେଶରେ ସଜ୍ଜିତ ହୋଇ ନୃତ୍ୟ କରିବାରେ ନିଯୁକ୍ତ ହେଲେ । ପ୍ରଥମ ଥର ପାଇଁ ଓଡ଼ିଶୀ ନୃତ୍ୟ ମନ୍ଦିର ପରିସର ମଧ୍ୟରୁ ମୁକ୍ତିଲାଭ କରି ଜନସାଧାରଣ ସ୍ତରକୁ ଆସିଥିଲା । ଏହି ସମୟରେ ବୈଷ୍ଣବ କବିଗଣ ରାଧାକୃଷ୍ଣଙ୍କ ଲୀଳା ସମ୍ପର୍କରେ ବହୁପରିମାଣର ଗୀତି କବିତା ଲେଖିଥିଲେ ଏବଂ ରାଧାକୃଷ୍ଣ ମହିମା କୀର୍ତ୍ତନ ଗୋଟିପୁଅମାନଙ୍କ ଜରିଆରେ ପ୍ରଚାର କରିବାକୁ ସ୍ଥିର କରିଥିଲେ । ଗୋଟିପୁଅ ନୃତ୍ୟରେ ନୃତ୍ୟର ବିଭିନ୍ନ ପର୍ଯ୍ୟାୟରେ ଏକ ଚମକ ( jerk ) ରହିଥାଏ । ଓଡ଼ିଶୀ ନୃତ୍ୟରେ ବିଭିନ୍ନ ପର୍ଯ୍ୟାୟରେ ପର୍ଯ୍ୟାୟ ପର୍ଯ୍ୟାୟ ଭିତରେ ସାବଲୀଳତା ନ ଥିବାରୁ ଗୋଟିପୁଅ ନୃତ୍ୟ ପଦ୍ଧତିରେ ଏହି ଚମକ ( jerk ) ଦର୍ଶକମାନଙ୍କ ଅପରେ ସ୍ପଷ୍ଟ ଭାବରେ ଅନୁଭୂତ ହୁଏ ।

ଯେଉଁ ଓଡ଼ିଶୀ ନୃତ୍ୟ ଅଧୁନା ପରିବେଷିତ ହେଉଛି, ତ୍ରୁଟି ବୋଧକ ହେବା ଦୃଷ୍ଟିରୁ ପର୍ଯ୍ୟାୟ କ୍ରମେ ପରିମାର୍ଜିତ ହୋଇ ଏକ ସଙ୍ଗୀତମୟ ଓ ଆବେଗମୟ ପଦ୍ଧତିକୁ ଅନୁସରଣ କରିଛି ।

ଓଡ଼ିଶୀ ନୃତ୍ୟର ଉଭୟ ତାଣ୍ଡବ ଓ ଲାସ୍ୟଭାବ ରହିଛି । ଶବ୍ଦ ସ୍ୱରଗତ ଏବଂ ବନ୍ଧ ତାଣ୍ଡବ ଭାବାଶ୍ରୟୀ । ନୃତ୍ୟରେ ଶିବ, କାଳୀ, ବିନାୟକାଦିଙ୍କୁ ସୂଚାଇବା ବେଳେ ଶବ୍ଦ ସ୍ୱରଗତ ବ୍ୟବହାର କରାଯାଇଥାଏ ।

ଓଡ଼ିଶୀ ନୃତ୍ୟର ବୈଷୟିକ ନିୟମଗୁଡ଼ିକ ଭରତମୁନିଙ୍କ ନାଟ୍ୟଶାସ୍ତ୍ର, ନନ୍ଦିକେଶ୍ୱରଙ୍କ ଅଭିନୟ ଦର୍ପଣ ଓ ମହେଶ୍ୱର ମହାପାତ୍ରଙ୍କ ଅଭିନୟ ଚନ୍ଦ୍ରିକା ଉପରେ ଆଧାରିତ ।

ଏହି ନୃତ୍ୟର ମୁଖ୍ୟ ଭଙ୍ଗୀ ହେଲା ତ୍ରିଭଙ୍ଗୀ । ଏହା ଶ୍ରୀକୃଷ୍ଣ ତ୍ରିଭଙ୍ଗ ଠାଣୀରୁ ଏବଂ ଚୌକ ଜଗନ୍ନାଥଙ୍କ ଠାଣିରୁ ଗୃହୀତ ହୋଇଛି ବୋଲି କୁହାଯାଏ । ଏହାବ୍ୟତୀତ ଆଭଙ୍ଗ, ଅଭଙ୍ଗ, ଅତିଭଙ୍ଗ ଭଳି ବହୁ ଭଙ୍ଗୀ ରହିଛି, ଯାହା ଓଡ଼ିଶୀ ନୃତ୍ୟରେ ସ୍ୱତନ୍ତ୍ର ଭାବରେ ବ୍ୟବହାର କରାଯାଏ ।

ମୋଟା ମୋଟି ଏହି ହେଲା ଓଡ଼ିଶୀ ନୃତ୍ୟର ଇତିହାସ ଓ ଏହି ନୃତ୍ୟର ବିଶେଷତ୍ୱ । ଏହି ନୃତ୍ୟ ବହୁସ୍ଥାନରେ ପରିବେଷିତ ହେଲା ବେଳେ ଏତେ ପରିମାଣର ତ୍ରୁଟି ଦେଖାଦେଉଛି ଯେ ସାଧାରଣ ଦର୍ଶକମାନେ ମଧ୍ୟ ନିରାଶ ହେଉଛନ୍ତି ।

ଏହି ନୃତ୍ୟ ଯୋଗ ସହିତ ଜଡ଼ିତ ଏବଂ ଶରୀର ଆତ୍ମାର ଏକତ୍ୱ ଯେ ଯୋଗର କେନ୍ଦ୍ରବିନ୍ଦୁ ସେ ବିଷୟ ନୃତ୍ୟ ଶିକ୍ଷାର୍ଥୀ ଭୁଲି ଯାଉଛନ୍ତି । ଏପରି କେତେକ ନୃତ୍ୟଗୁରୁ ମଧ୍ୟ ନିଜର ଅଜ୍ଞତା ପ୍ରକାଶ କରୁଛନ୍ତି । ଯୋଗ ସହିତ ସଂପୃକ୍ତ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି ନିୟମରେ ଦୀର୍ଘ ଦିନର ସାଧନା ଜରିଆରେ ଆୟତ୍ତ ନ କଲେ, ସାଧନାରେ ମନ ମୁଗ୍ଧକାରୀ ନୃତ୍ୟ ତ ଦୂରର କଥା ଶିଳ୍ପୀର ଅଙ୍ଗ ଶୁଦ୍ଧି ହୁଏ ନାହିଁ । ଏଥିପାଇଁ ଶିଳ୍ପୀ ପକ୍ଷରେ ଆବଶ୍ୟକ କଳାକୁ ଆୟତ୍ତ କରିଲା ଭଳି ଉତ୍ସର୍ଗୀକୃତ ମନ ଓ ପ୍ରାଣ ।

ଓଡ଼ିଶୀ ନୃତ୍ୟର ନୀତି ନିୟମ ଆଜିପାଇଁ କୌଣସି ଶାସ୍ତ୍ର ନ ଥିବାରୁ, ଏହାର ସାମାନ୍ୟ ମୌଳିକତା ରକ୍ଷାକରି, କେତେକ ନିଜର ପ୍ରଭାବ ବଳରେ, ମନ ଇଚ୍ଛା ନୃତ୍ୟ ପରିବେଷଣ କରୁଛନ୍ତି । ଯେଉଁମାନେ ଏ କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରିଛନ୍ତି, ସେମାନଙ୍କ ସଂଖ୍ୟା ଅତି ଅଳ୍ପ । ସେହିମାନଙ୍କୁ ନେଇ ଓଡ଼ିଶୀ ନୃତ୍ୟର ବିଭିନ୍ନ ଦିଗ ବିଷୟ ଆଲୋଚନା କରି ଏକ ସିଦ୍ଧାନ୍ତ ଉପନୀତ ହେବା ବଦଳରେ ଗବେଷଣାର ସୂତ୍ରପାତ ହେଉଛି । ଗବେଷଣା ହେଲା field work. ଓଡ଼ିଶୀ ନୃତ୍ୟ ସଂପର୍କରେ କୌଣସି ତଥ୍ୟର ଖିଅ ଧରି, ସେ ସ୍ଥାନକୁ ଯାଇ, ଏହି ନୃତ୍ୟ ସମ୍ବନ୍ଧରେ ଜ୍ଞାନ ଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ହେଉଛି ଗବେଷଣାର ସମୀଚିନ ପଦ୍ଧତି । ଓଡ଼ିଶୀ ନୃତ୍ୟ, ଆଜି ପୃଥିବୀର କୋଣେ କୋଣେ ପ୍ରସାର ଲାଭ କରି, ଶାସ୍ତ୍ରୀୟ ନୃତ୍ୟ ଭାବରେ ଗୃହୀତ ହୋଇଛି । କୌଣସି ଶାସ୍ତ୍ର ନ ଥାଇ ଓଡ଼ିଶୀ ନୃତ୍ୟ ଯେ ଶାସ୍ତ୍ରୀୟ ନୃତ୍ୟ ଭାବରେ ଗୃହୀତ ହୋଇଛି, ତାହା ଭାରତୀୟ ନୃତ୍ୟକଳା ପରଂପରା ମଧ୍ୟରେ ଏକକ । ତେଣୁ ତା'ର ମାନ ବୃଦ୍ଧି କରିବା ଦିଗରେ ସତର୍କତା ଅବଲମ୍ବନ କରାଯାଇ, ଲିଖିତ ଆକାରରେ ଶାସ୍ତ୍ର ରଚିତ ହେବା ଆବଶ୍ୟକ ।

ଅଧ୍ୟକ୍ଷା,
ଉତ୍କଳ ସଂଗୀତ ଓ ନାଟକ ମହାବିଦ୍ୟାଳୟ,
ଭୁବନେଶ୍ୱର ।



ଓଡ଼ିଶୀ ନୃତ୍ୟଭଙ୍ଗୀରେ ଶ୍ରୀମତୀ ପାଣିଗ୍ରାହୀ ....

Gram : INFRA
Telex : 0675-305

Phone : 52828
55464

# IDCO

## ORISSA INDUSTRIAL INFRASTRUCTURE DEVELOPMENT CORPORATION

(A Govt. of Orissa Undertaking)

OFFERS:

Industrial sheds, developed plots in strategically located growth centres like Chandaka, Cuttack, Rourkela and Paradip.

With all facilities like power, water-supply, drainage, roads, etc. Promotes Industrial Housing, undertakes construction on agency basis to suit your requirement. Helps you to locate suitable sites.

OUR SPECIALITY:

Quick service, result-oriented advice, professional guidance on your Construction, Power and Water-supply problems.

Let IDCO feature in your industrial future.

M. M. MOHANTY
*MANAGING DIRECTOR*
*IDCO*
*Bhubaneswar-7*


ସ୍ମୃତିରେ .......



ପ୍ରଥମ ଇଣ୍ଡୋ-କାନାଡିଆନ ଇଉଥ ଏକ୍ସଚେଞ୍ଜ ପ୍ରତିଯୋଗୀଙ୍କ ଗହଣରେ ରାଜୀବ ଗାନ୍ଧୀ .



ପଞ୍ଜାବୀ ଭାଷାରେ ବାଇବେଲ୍ ଉଦ୍‌ଘାଟନ .

# ସାହିତ୍ୟୋତ୍ସବ, ବଲାଙ୍ଗୀର .











"ଆତ୍ମା ଜଗତିରେ
ଦୋଷାଦୋଷ ହେଉ ବଜ୍ରପଡୁ ମୋ ମୁଣ










ଜେ.ବୈଦ୍ୟଙ୍କ ସହିତ ମୁଖ୍ୟମନ୍ତ୍ରୀ .




# ଦିଲ୍ଲୀରେ ଓଡ଼ିଶାର ପ୍ରଖ୍ୟାପନବେଢ଼



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ



ଉତ୍କଳ ଗୌରବ ମଧୁସୂଦନ ଦାସ ।

# ସମ୍ବଲପୁରର ପ୍ରାକୃତିକ ଦୁର୍ଗ ଓ ଗଡ଼ ପରିଖା

କୁମାର ହସନ୍

ମଧ୍ୟ ଯୁଗରେ ସମ୍ବଲପୁର ଖଣ୍ଡର ନାମ ଥିଲା "ହୀରାଖଣ୍ଡ ସାମ୍ରାଜ୍ୟ"। ଏହା ପ୍ରାଚୀନ କୋଶଳ ବା ଦକ୍ଷିଣ କୋଶଳର ଅନ୍ତର୍ଗତ ଥିଲା । ବିକ୍ରମଖୋଲ ବା ଉଲପ ଗଡ଼ର ପ୍ରାଗ୍ ବ୍ରାହ୍ମୀଲିପି ଏଯାଏଁ ପଠିତ ହୋଇ ପାରି ନ ଥିଲେ ମଧ୍ୟ ତାର ଧ୍ୱଂସାବଶେଷରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ସମ୍ବଲପୁର ଅଞ୍ଚଳରେ ସୈନ୍ଧବ ଅବବାହିକାରେ ସଭ୍ୟ ଜାତିର ବଂଶଧରମାନେ ବସବାସ କରୁଥିଲେ । ସେମାନେ ଦୁର୍ଗ ନିର୍ମାଣ, ଯୁଦ୍ଧବିଦ୍ୟା, ପ୍ରସ୍ତର ଖୋଦନ ଆଦି ଜାଣିଥିଲେ । ସେମାନଙ୍କର ଉନ୍ନତ ଧରଣର ଲିପି ଓ ଭାଷା ରହିଥିଲା ।

ମଧ୍ୟପ୍ରଦେଶର ରାୟଗଡ଼ ଜିଲ୍ଲାର ସିଂହନପୁର ଗ୍ରାମକୁ ଲାଗି ରହିଥିବା ଏକ ଉଚ୍ଚ ପାହାଡ଼ରେ ମନୁଷ୍ୟ, ସରୀସୃପ ଓ ଚତୁଷ୍ପଦମାନଙ୍କର ଶିଳାରେ ଖୋଦିତ ବହୁ ଚିତ୍ର ଦେଖିବାକୁ ମିଳେ । ଏହି ଶିଳାଚିତ୍ରମାନ ପ୍ରାଚୀନ ପ୍ରସ୍ତର ଯୁଗର ମୂର୍ତ୍ତି ଓ ମହେଞ୍ଜୋଦାରୋ-ହରପ୍ପା ସଭ୍ୟତା ତଥା ପ୍ରାଚୀନ କ୍ରୀଟ୍, ମେସୋପଟାମିଆ ସଭ୍ୟତା ସଙ୍ଗେ ସଂପୃକ୍ତ ।

ଅନେକଙ୍କ ମତରେ ଏହି ଚିତ୍ରସବୁ ପଚିଶ ହଜାର ବର୍ଷ ପ୍ରାଚୀନ, ଏହି ଅନୁମାନ ସତ୍ୟ ହେଲେ ପଚିଶ ହଜାର ବର୍ଷ ତଳେ ସମ୍ବଲପୁର ଅଞ୍ଚଳରେ ଶିଳା ଗାତ୍ରରେ ସୁନ୍ଦର ମଣିଷ ଓ ପ୍ରାଣୀଙ୍କ ଚିତ୍ର ଆଂକି ପାରୁଥିବା ଏକ ସଭ୍ୟ ମାନବ ବସତି ରହିଥିଲା । ରାମାୟଣ ଅନୁସାରେ ସମ୍ବଲପୁର କୋଶଳର ନାମ ଦଣ୍ଡକା ବା ଦଣ୍ଡକାରଣ୍ୟ ରହିଥିଲା ।

ଖ୍ରୀଷ୍ଟୀୟ ୨ୟ ଶତକରେ ସମ୍ବଲକ (ସମ୍ବଲପୁର-ସୁମେଲପୁର)କୁ ହୀରାପ୍ରସୂ ପ୍ରାସିଦୀ (ପ୍ରାଚ୍ୟ) ଭୂମି ବୋଲି ଐତିହାସିକ ଟଲେମି ବର୍ଣ୍ଣନା କରିଛନ୍ତି । ତାଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ କୋଶଳ ଦେଶୀୟ ହୀରା ହୀରାକୁଦରୁ ମିଳୁଥିଲା । ମନ୍ୟ ବା ମହାନଦୀର ଉପରି ସ୍ଥାନରେ ଆଦିବାସୀମାନେ ବାସ କରୁଥିଲେ । ସେମାନଙ୍କ ଦେଶରେ ଏକ ବଡ଼ ସହର ଥିଲା ସମ୍ବଲକ। ସମ୍ବଲକ ଅତି ପ୍ରାଚୀନ ନାମ । ସମ୍ବଲପୁରର ପ୍ରଥମ ଚୌହାଣ ରାଜା ବଳରାମ ଦେବ ଏହି ନଗର ସ୍ଥାପନ କରି ନ ଥିଲେ ବରଂ ତାକୁ ନିଜ ରାଜଧାନୀରେ ପରିଣତ କରିଥିଲେ । ଆନୁମାନିକ ୧୩୨୦ ଖ୍ରୀଷ୍ଟାବ୍ଦରେ ପାଟଣାରେ ଚୌହାଣ ରାଜ୍ୟ ସ୍ଥାପିତ ହୋଇଥିଲା । ରମାଇ ଦେବ ଥିଲେ ଏହାର ପ୍ରତିଷ୍ଠାତା । ସେହି ବଂଶର ନବମ ରାଜା ଥିଲେ ହୀରାଧର ଦେବ । ସମ୍ବଲପୁରରେ ରାଜଧାନୀ ପ୍ରତିଷ୍ଠାତା ବଳରାମ ଦେବ ହେଉଛନ୍ତି ପାଟଣା ରାଜା ହୀରାଧର ଦେବଙ୍କ କନିଷ୍ଠ ପୁତ୍ର ଓ ନରସିଂହ ଦେବଙ୍କ କନିଷ୍ଠ ଭ୍ରାତା ।

ପୂର୍ବେ ସମ୍ବଲପୁର ଛତିଶଗଡ଼ ଅନ୍ତର୍ଗତ ଏକ ଜିଲ୍ଲା ଥିଲା । ଏହାର ଆୟତନ ଥିଲା ୪୯୬୦ ବର୍ଗ ମାଇଲ । ୧୯୦୧ର ଜନଗଣନା ଅନୁସାରେ ଲୋକ ସଂଖ୍ୟା ଥିଲା ୮,୨୯,୬୯୮ । ୧୯୦୫ ମସିହାରେ ଫୁଲଝର, ଚନ୍ଦ୍ରପୁର-ପଦ୍ମପୁର ଓ ମାଲଖୋର୍ଦ୍ଦା ଜମିଦାରୀ ମଧ୍ୟପ୍ରଦେଶ ସଙ୍ଗେ ମିଶିଲା । ଅବଶିଷ୍ଟ ୩୮୨୪ ବର୍ଗ ମାଇଲ ପରିମିତ ଅଞ୍ଚଳ ୬,୩୮,୯୯୨ ଲୋକସଂଖ୍ୟା ବିଶିଷ୍ଟ ସମ୍ବଲପୁର ତଦାନୀନ୍ତନ ବଙ୍ଗ, ବିହାର ଓ ଓଡ଼ିଶା ପ୍ରଦେଶରେ ମିଶିଲା ।

ମଧ୍ୟଯୁଗରେ ସମ୍ବଲପୁର ଅଧୀନରେ ୧୮ ଗୋଟି ଦେଶୀୟ ରାଜ୍ୟ ଥିଲା । ସେଗୁଡ଼ିକ ହେଲା–ସାରଙ୍ଗଗଡ଼, ରାୟଗଡ଼, ବଡ଼ଗଡ଼ (ରାୟଗଡ଼), ଫୁଲଝର, ବୋଡ଼ାସମ୍ବର, ଖଡ଼ିଆଳ, ଶକ୍ତି, କଳାହାଣ୍ଡି, ପାଟଣା, ସୋନପୁର, ବୌଦ, ଆଠମଲ୍ଲିକ, ବେନ୍ଦ୍ରା ନୂଆଗଡ଼, ପାଲଲହଡ଼ା, ବାମଣ୍ଡା, ବଣାଇ, ରେଢ଼ାଖୋଲ ଓ ଗାଙ୍ଗପୁର ।

ଚୌହାଣ ରାଜ ବଂଶର ସପ୍ତମ ରାଜା ଛତ୍ର ସାଏଙ୍କ ରାଜତ୍ୱକାଳ (୧୬୯୯–୧୭୪୨) ମଧ୍ୟରେ ବିଖ୍ୟାତ ରାଜା ବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ "ଚିକିତ୍ସା ମଞ୍ଜରୀ" ନାମକ ପଦ୍ୟଗ୍ରନ୍ଥରୁ ଜଣାପଡ଼େ ଯେ ସେତେବେଳେ ସମ୍ବଲପୁରରେ ୩୨ ହଜାର ସୈନ୍ୟ ରହିଥିଲେ !

ବିଜୟନଗର ରାଜ୍ୟର ରାଜା କୃଷ୍ଣଦେବ ରାୟ ବସ୍ତର, ବୌଦ, ସୋନପୁର, ପାଟଣା, କଳାହାଣ୍ଡି, ଖେମଣ୍ଡି ପ୍ରଭୃତିକୁ କରଦ ରାଜ୍ୟରେ ପରିଣତ କରିଥିଲେ । କୃଷ୍ଣଦେବଙ୍କ ପୁତ୍ର ଅଚ୍ୟୁତ ରାୟ (୧୫୩୦–୪୨) ଓ ସଦାଶିବ ରାୟ (୧୫୪୨–୬୫) ତାଙ୍କ ପିତାଙ୍କ ମନ୍ତ୍ରୀ ରାଜାରାମଙ୍କ ଦ୍ୱାରା ସିଂହାସନଚ୍ୟୁତ ହୋଇ ବନ୍ଦୀ ହୋଇଥିଲେ । ୧୫୬୫ରେ ପାଞ୍ଚଟି ବାହମନି ରାଜ୍ୟ ମିଳିତ ହୋଇ ତାଲିକୋଟ ଯୁଦ୍ଧରେ ରାଜାରାମଙ୍କୁ ନିହତ କରି ବିଜୟ ନଗର ରାଜ୍ୟ ସଂପୂର୍ଣ୍ଣ ଧ୍ୱଂସ

କରିଥିଲେ । ସେତେବେଳେ ଓଡ଼ିଶାର ଅବସ୍ଥା ମଧ୍ୟ ଶୋଚନୀୟ ଥିଲା । ଓଡ଼ିଶା ଗଜପତି ପ୍ରତାପରୁଦ୍ର ଦେବଙ୍କ ପୁତ୍ରମାନେ ଜଣେ ପରେ ଜଣେ ରାଜା ହୋଇ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧରଙ୍କ ଦ୍ୱାରା ନିହତ ହୋଇ ଥିଲେ । ୧୫୪୨ରେ ସେ ନିଜକୁ ଓଡ଼ିଶାର ଗଜପତି ବୋଲି ଘୋଷଣା କରିଥିଲେ ।*

ଏତିକି ବେଳେ ଗୋଲକୁଣ୍ଡା ସୁଲତାନ କୁଲି କୁତବ ଶାହାଙ୍କ ଦକ୍ଷିଣ ଓଡ଼ିଶା ଆକ୍ରମଣ, ଉତ୍ତର ଓଡ଼ିଶାରେ ରଘୁ-ଭଞ୍ଜ ଛୋଟରାୟଙ୍କ ବିଦ୍ରୋହ ଯୋଗୁଁ ଦେଖା ଦେଇଥିବା ଅନ୍ତର୍ବିପ୍ଳବ ବିଦ୍ୟାଧରଙ୍କୁ ସମ୍ବଲପୁର କୋଶଳ ଅଞ୍ଚଳ ପୁନରାଧିକାର ସୁଯୋଗ ଦେଇ ନାହିଁ । ଏହି ସୁଯୋଗରେ ନରସିଂହ ଦେବ ସ୍ୱାଧୀନତା ଘୋଷଣା କଲେ । ବସ୍ତର ରାଜା ମଧ୍ୟ ସ୍ୱାଧୀନତା ପାଇଁ ପାଟଣା ସଙ୍ଗେ ଯୁଦ୍ଧ କଲେ । ୧୫୫୯ରେ ତେଲେଙ୍ଗା ମୁକୁନ୍ଦ ହରିଚନ୍ଦନଙ୍କ ଓଡ଼ିଶା ଅଧିକାର ପରେ ୧୫୬୮ରେ ବଙ୍ଗ ନବାବଙ୍କ ଓଡ଼ିଶା ଅଧିକାର ସୁଯୋଗରେ ପାଟଣା ରାଜା ନରସିଂହ ଦେବ କ୍ଷମତା ବିସ୍ତାରରେ ଲାଗି ରହିଲେ । ବଳରାମ ଦେବ ନିଜର ଶୌର୍ଯ୍ୟ ବିସ୍ତାରକରି ନରସିଂହ ଦେବଙ୍କୁ ପାଟଣାରେ ସ୍ୱାଧୀନ ନରପତି ରୂପେ ଅଭିଷେକ କରାଇଲେ ।

୧୫୪୦ରୁ ୧୫୪୭ ମଧ୍ୟରେ ପାଟଣା ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା ପାଇଲା । ଏହି ସାତବର୍ଷ ମଧ୍ୟରେ ନରସିଂହ ଦେବ ତାଙ୍କ ସହୋଦର ବଳରାମ ଦେବଙ୍କୁ ସମ୍ବଲପୁର ପ୍ରଗଣା ଉପହାର ଦେଇଥିଲେ । ବଳରାମ ଦେବ ସମ୍ବଲପୁର ରାଜ୍ୟ ଓ ସିଂହାସନ ସ୍ଥାପନ କରିଥିଲେ ।

ବଳରାମ ଦେବ (୧୫୫୨–୮୪ ଖ୍ରୀ. ଅ.) ସମ୍ବଲପୁର ରାଜ୍ୟ ପାଇବା ବିଷୟରେ ଏକ କିମ୍ବଦନ୍ତୀ ଅଛି ଯେ ଥରେ ଶ୍ରାବଣ ମାସର ଏକ ବର୍ଷଣମୁଖର ରାତିରେ ନରସିଂହ ଦେବଙ୍କ ସର୍ପଦଂଶନାକାତର ରାଣୀଙ୍କ ଜୀବନ ରକ୍ଷା ନିମନ୍ତେ ବଳରାମ ଦେବ ପାଟଣା ଗଡ଼ ନିକଟସ୍ଥ ବନ୍ୟା ପ୍ଳାବିତ ଖର ସ୍ରୋତସ୍ୱିନୀ ମାୟାବତୀ ନଦୀ ପାର କରି ପ୍ରସବ ବିଦ୍ୟା ବିଚକ୍ଷଣା ଜଣେ ବୃଦ୍ଧା ଧାତ୍ରୀଙ୍କୁ ପିଠିରେ ଲଦି କରି ପୁଣି ନଦୀ ପାର ହୋଇ ରାତାରାତି ଗଡ଼ରେ ପହଞ୍ଚିଥିଲେ । ଧାତ୍ରୀଙ୍କ ଯତ୍ନରେ କୁମାର ହମିର ଦେବଙ୍କ ଜନ୍ମ ହୋଇଥିଲା । କୃତଜ୍ଞ ନରସିଂହଦେବ ବଳରାମ ଦେବଙ୍କ ଏହି ଦୁଃସାହସିକତାର ପୁରସ୍କାର ସ୍ୱରୂପ ସମ୍ବଲପୁର ରାଜ୍ୟ ଭାଗ ଦେଇଥିଲେ ।

ଆଉ ଏକ କିମ୍ବଦନ୍ତୀ ଅନୁସାରେ ନରସିଂହ ଦେବ ମାତାଙ୍କ ସଙ୍ଗେ ଅଙ୍ଗନଦୀ ପର୍ଯ୍ୟନ୍ତ ବଳରାମ ଦେବଙ୍କ ସଙ୍ଗେ ଆସିଥିଲେ । ଜଳାପଥର ନାମକ ସ୍ଥାନରେ ନରସିଂହଙ୍କୁ ପାଟଣା ଦିଗକୁ ଓ ବଳରାମଙ୍କୁ ହୁମା ରାଜ୍ୟ ଆଡ଼େ ଠିଆ କରାଇ ରାଜମାତା ଅଙ୍ଗନଦୀକୁ ଦୁଇ ରାଜ୍ୟର ସୀମା ବୋଲି ନିର୍ଣ୍ଣୟ କରିଥିଲେ । ପ୍ରକାରାନ୍ତରେ ଉଭୟ ଭାଇଙ୍କ ମନୋମାଳିନ୍ୟ ଦୂର କରିବାକୁ ଦୁଇ ଭାଇଙ୍କ ମଧ୍ୟରେ ପାଟଣା ଓ ହୁମା ରାଜ୍ୟର ବଣ୍ଟନ ହୋଇଥିଲା । ମୃଗୟାପ୍ରିୟ ବଳରାମ ହୀରା କାଞ୍ଚନ ପଶୁ ଅରଣ୍ୟ ଘେରା "ହୁମା ଦେଶ" ଭାଗ ନେଇଥିଲେ । * ତେବେ କିମ୍ବଦନ୍ତୀ ଯାହା ହେଉନା କାହିଁକି ବଳରାମ ଦେବ ସମ୍ବଲପୁର ଖଣ୍ଡ ପାଇଥିବା ଘଟଣା ଐତିହାସିକ ସତ୍ୟତା ଉପରେ ପର୍ଯ୍ୟବେସିତ ।

ହୁମା ରାଜ୍ୟର ମଧ୍ୟ ସ୍ଥଳରେ ବରଗଡ଼ ରହିଥିଲା । ଏଠାରେ ଜୀରାନଦୀ କୂଳରେ ଏକ ଗଡ଼ଥିଲା । ତାର ଭଗ୍ନାବଶେଷ ଓ ମାଟିସ୍ତୂପ ଅଦ୍ୟାପି ବିଦ୍ୟମାନ । ଏହି ଗଡ଼ର ଅଧିକାରୀ ଥିଲେ ଦୁଇଜଣ ଶବର ବା ସହରା– ବର୍ଣ୍ଣ ଓ ଉଜ୍ଜାର । ବଳରାମ ଦେବ ସେମାନଙ୍କୁ ତଡ଼ି ପ୍ରଥମେ ସେଇଠି ନିଜର ରାଜଧାନୀ ସ୍ଥାପନ କରିଥିଲେ । ପରେ ସେ ଉଟଲି ଥାନାର ଆଧୁନିକ ନୂଆଗଡ଼କୁ ରାଜଧାନୀ ପରିବର୍ତ୍ତନ କରିଥିଲେ । ନୂଆଗଡ଼ର ଉତ୍ତରରେ ରହିଥିଲା ଦୁର୍ଭେଦ୍ୟ ପ୍ରାକୃତିକ ପାହାଡ଼ୀ ଦୁର୍ଗ ବାରପାହାଡ଼ ପର୍ବତମାଳା ।

ନୂଆଗଡ଼ ଦୁର୍ଗର ଭଗ୍ନାବଶେଷ ଅଦ୍ୟାପି ରହିଛି । ଗଡ଼ର ପରିସୀମା ପ୍ରାୟ ଏକ ମାଇଲ ହେବ । ସେଠାରେ ଥିବା ମାଟି ପ୍ରାଚୀର, ଖାଇ ଓ ବାଉଁଶ ବୁଦାର ଏବେ ମଧ୍ୟ ଚିହ୍ନ ଦେଖାଯାଏ ।

କିନ୍ତୁ ଏହି ନୂଆଗଡ଼ ମଧ୍ୟ ପ୍ରଶାସନିକ ଦୃଷ୍ଟିକୋଣରୁ ସୁବିଧାଜନକ ନଥିଲା । ତେଣୁ ବଳରାମ ଦେବ ଦୁର୍ଗ ସ୍ଥାପନ ଉଦ୍ଦେଶ୍ୟରେ ହୁମା ପ୍ରଦେଶରେ ସର୍ବତ୍ର ବୁଲି ବୁଲି ଅନୁସନ୍ଧାନ କରିବାକୁ ଲାଗିଲେ । ଶିକାର ସାଙ୍ଗକୁ ତାଙ୍କର ସ୍ଥାନ ଅନ୍ୱେଷଣ ମଧ୍ୟ ଚାଲିଥାଏ । ଶେଷରେ ମହାନଦୀ କୂଳରେ ଥିବା ଚୌଁରପୁରଠାରେ ଏକଦା ଶିବିର ସ୍ଥାପନ କରିଥିବା ବେଳେ ସେଠାରେ ତାଙ୍କର ଶିକାରୀ କୁକୁରମାନଙ୍କୁ ଗୋଟିଏ ଧଳା ଠେକୁଆର ଅନୁଧାବନ କରିଥିଲେ । ଠେକୁଆଟି ପଳାଇବା ପରିବର୍ତ୍ତେ ଓଲଟି କୁକୁରମାନଙ୍କୁ ଗୋଡ଼ାଇ ଥିଲା । ରାତିରେ ବଳରାମଙ୍କୁ ସ୍ୱପ୍ନରେ ସମଲେଶ୍ୱରୀ ଦେବୀ ଗୋମଦହ (ଗୁମଦହ)ରେ ନିଜର ସ୍ଥିତିଥିବା କଥା ପ୍ରକାଶ କରି ନଦୀ ଆରକୂଳରେ ଶିମିଳି ଗଛ ତଳେ ମନ୍ଦିର ତୋଳି ତାଙ୍କୁ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜା କରି ସିଂହାସନ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିବାର କିମ୍ବଦନ୍ତୀ ଅଛି । ବଳରାମ ସେ ଅନୁସାରେ ସମ୍ବଲପୁର ଦୁର୍ଗ ଓ ସମଲେଶ୍ୱରୀ ମନ୍ଦିର ନିର୍ମାଣ କଲେ ମହାନଦୀର ଉତ୍ତର ଦିଗରେ ।

ଦୁର୍ଗ ଓ ମନ୍ଦିର ନିକଟରେ ସମ୍ବଲପୁର ନଗରୀ ପ୍ରତିଷ୍ଠିତ ହେଲା । ଏହାଥିଲା ସୁରଗୁଜା ରାଜ୍ୟର ସୀମାନ୍ତ ଅଞ୍ଚଳ । ପାଟଣାରୁ ଆସିଥିବା ପୁରୋହିତ, ରାଜଗୁରୁ ମନ୍ତ୍ରୀ ଓ କର୍ମଚାରୀମାନେ ସେଠାରେ ଅବସ୍ଥାନ କରିବା ସାଙ୍ଗକୁ ନାନା ଦେଶରୁ ଲୋକେ ଆସି ବସବାସ କଲେ । କ୍ରମେ ଦୁର୍ଗ ଓ ରାଜ୍ୟ ସମୃଦ୍ଧିଶାଳୀ ହେଲା । ଚୌହାଣ ରାଜବଂଶ ଚତୁଃପାର୍ଶ୍ୱବର୍ତ୍ତୀ ରାଜ୍ୟମାନ ଜୟକରି ସମ୍ବଲପୁରର ଅଠର ଦୁର୍ଗ ଗଠନ କଲେ । ଏହାର ନାମୋଲ୍ଲେଖ ଆଗରୁ କରାଯାଇଛି ।

ବଳରାମ ଦେବଙ୍କ ଦୁର୍ଗନଗର ଆଧୁନିକ ପୁରୁଣାବସ୍ତି, ସମ୍ବଲପୁର ସହରର ବଡ଼ବଜାରଠାରେ ଥିଲା । ଏହାର ନିର୍ମାଣ କାଳ ହେଉଛି ୧୮୪୦ ପ୍ରକାରନ୍ତରେ ୧୮୮୦ ଖ୍ରୀଷ୍ଟାବ୍ଦ । ଦୁର୍ଗର ଦକ୍ଷିଣରେ ଥିଲା ମହାନଦୀ । ଅନ୍ୟ ତିନୋଟି ଦିଗରେ ସୁଦୃଢ଼ ତଥା ଉଚ୍ଚ ପ୍ରାଚୀରମାନ ନିର୍ମିତ ହୋଇଥିଲା । ପ୍ରାଚୀରର ବହିର୍ଭାଗରେ ଥିଲା ସୁଗଭୀର ଗଡ଼ ପରିଖା । ପରିଖା ବାହାରେ କଣ୍ଟକିତ ବାଉଁଶବଣ ଲଗା ଯାଇଥିଲା ।

ମହାନଦୀର କୂଳେ କୂଳେ ମଧ୍ୟ ଉଚ୍ଚ ପ୍ରସ୍ତର ପ୍ରାଚୀର ରହିଥିଲା । ଏହି ପ୍ରାଚୀର ଅପର ତିନି ଦିଗରେ ପ୍ରାଚୀରକୁ ପୂର୍ବ ଓ ପଶ୍ଚିମ ସୀମାରେ ଲଗି ରହିଥିଲା । ପ୍ରାଚୀର ମଧ୍ୟରେ ସ୍ଥାନେ ସ୍ଥାନେ ବହୁ ସଂଖ୍ୟକ ବୁରୁଜମାନ ଥିଲା । ଏ ବୁରୁଜ ସବୁ ଥିଲା ତୋପ-ସଂସ୍ଥାନ କେନ୍ଦ୍ର । ଆଧୁନିକ କମଳି ବଜାର ଥିଲା ଏହି ଦୁର୍ଗର କେନ୍ଦ୍ରସ୍ଥଳୀ ।

ସଂପ୍ରତି ସମ୍ବଲପୁର ଦୁର୍ଗର ଖାଇ ପୋତି ହୋଇ ଗଲାଣି । ତାକୁ ସାତଗୋଟି ପୁଷ୍କରିଣୀରେ ପରିଣତ କରାଯାଇ ସେଠାରେ ମତ୍ସ୍ୟଚାଷ କରାଯାଉଛି । ଖାଇର ଏକ ଅଂଶ ଛତ୍ରସାଗର ପୁଷ୍କରିଣୀ ନାମରେ ବିଦିତ । ବଳରାମ ଦେବଙ୍କ ସପ୍ତମ ପୁରୁଷ ବଂଶଧର ରାଜା ଛତ୍ରସାଏ (୧୬୯୯–୧୭୪୨ ଖ୍ରୀ. ଅ.) ଦୁର୍ଗର ପୂର୍ବ ଦିଗସ୍ଥିତ ଖାଇର ଜୀର୍ଣ୍ଣ ପରିସର ଓ ଗଭୀରତା ବୃଦ୍ଧି ଏବଂ ତାହାର ସଂପ୍ରସାରଣ କରି ତାକୁ ନିଜ ନାମାନୁସାରେ ଛତ୍ରସାଗର ନାମ ଦେଇଥିଲେ । ବନ୍ୟା ସମୟରେ ନଦୀଜଳ ଏଥିରେ ପ୍ରବେଶକରି ସମଗ୍ର ଖାଇକୁ ଜଳପୂର୍ଣ୍ଣ କରୁଥିଲା । ସେ ଛତ୍ରସାଗରର ପୂର୍ବ ଦିଗରେ ଅଧୁନା ଧ୍ୱଂସପ୍ରାୟ "ରଜା ବଖରା" ନିର୍ମାଣ କରିଥିଲେ । ଜନଶ୍ରୁତି ଅଛି ଏହି ପ୍ରାସାଦରୁ ଦୁର୍ଗକୁ ଯିବାପାଇଁ ଛତ୍ରସାଗର ତଳେ ଆରଗୋମ ସୁଡ଼ଙ୍ଗ ଥିଲା । ଶତ୍ରୁ ଆକ୍ରମଣ ବେଳେ ଏହା ବ୍ୟବହାର କରାଯାଉଥିଲା । ଗଡ଼ ମଧ୍ୟରେ ନିର୍ମିତ ସୋମଲାଇ ମନ୍ଦିର ଅଦ୍ୟାପି ବିଦ୍ୟମାନ । ବଳରାମ ଦେବଙ୍କ ନିର୍ମିତ ମୂଳ ସୋମଲାଇ ମନ୍ଦିର ଏବେ ନାହିଁ । ଛତ୍ରସାଏ ତେଣକର ପୁନଃନିର୍ମାଣ କରିଥିଲେ ବୋଲି ଜନଶ୍ରୁତି ଅଛି ।

ବଳଭଦ୍ର ଦେବ (୧୫୬୧-୧୫୯୧ ଖ୍ରୀ. ଅ.) ସମ୍ବଲପୁର ଦୁର୍ଗକୁ ପୂର୍ଣ୍ଣ ରୂପେ ନିର୍ମାଣ କରିଥିଲେ । ସେ ଥିଲେ ରାଜା ବଳରାମ ଦେବଙ୍କ ନାତି । ରାଜା ଛତ୍ରସାଏଙ୍କ ପୁତ୍ର ରାଜା ଅଜିତ ସିଂହ ୧୮ଶ ଶତାବ୍ଦୀର ମରହଟ୍ଟା ଆକ୍ରମଣର ପ୍ରତିରୋଧ କରିବା ନିମନ୍ତେ ଏହି ଦୁର୍ଗର ସଂସ୍କାର କରିଥିଲେ । ଆଧୁନିକ ଚିତନବିଣ୍ଡ ଘାଟଠାରେ ଏବଂ ସୋମଲାଇ ମନ୍ଦିରର ପଶ୍ଚିମକୁ ଏହି ଖାଇ ମହାନଦୀ ସହ ମିଳିତ ହୋଇଥିଲା । ଖାଇର ଭିତର ପାଖରେ ଚତୁର୍ଦ୍ଦିଗରେ ନିଘଞ୍ଚ କଣ୍ଟା ଓ ବାଉଁଶ ବଣ ଲଗାଯାଇଥିଲା । ମୋହନ ଦରୱାଜାଠାରୁ ସୋମଲାଇ ମନ୍ଦିର ଯାଏ ନଦୀ କୂଳେକୂଳେ ୨୪୪୩ ଫୁଟ ଦୀର୍ଘ ପ୍ରସ୍ତର କାନ୍ଥ ନିର୍ମାଣ କରାଯାଇଥିଲା । କାନ୍ଥର ପ୍ରସ୍ଥ ଥିଲା ପ୍ରାୟ ଗରିହାତ । ମଝିରେ ବୁରୁଜ (Towers or basttons) ଥିଲା । ବୁରୁଜମାନଙ୍କରେ ତୋପ ରଖିବା ଓ ଦାଗିବା ପାଇଁ ଛିଦ୍ର ସବୁ (Embrasures) ରହିଥିଲା । ବୁରୁଜମାନଙ୍କର ଉଚ୍ଚତା ଥିଲା ୧୭ ଫୁଟ ଓ ପରିଧି ଥିଲା ୭୨ ଫୁଟ ।

ଏହି ଦୁର୍ଗରେ ଛଅଟି ଫାଟକ ଥିଲା । ମୋହନ ଦରୱାଜା, ସୋନପୁର ଦରୱାଜା, ସମଲାଇ ମୁହାଣ ଦରୱାଜା, ଜଳେଶ୍ୱର ଘାଟ ଦରୱାଜା ମୁହାଣ, ରାଜଘାଟ ମୁହାଣ ଦରୱାଜା ଓ ଚଢ଼ିଆ ପିପ୍ପଲ ଦରୱାଜା ।

ଦୁର୍ଗର ଭିତରେ ବଳଭଦ୍ର ଦେବ "ଜାଗ୍ର ମହଲ" ନାମକ ଏକ ପ୍ରାସାଦ ନିର୍ମାଣ କରିଥିଲେ । ଏବେ କେବଳ ଦୁର୍ଗର ସ୍ୱଳ୍ପ ମାତ୍ରାରେ ଧ୍ୱଂସାବଶେଷ ହିଁ ରହିଛି । ସେଇଟା ବି କେତେକ ସ୍ଥାନ ବିଶେଷରେ । ବଳଭଦ୍ର ଦେବ, ଚନ୍ଦ୍ରପୁର ଓ ବୀଜାର୍ଦ୍ଦି ମଧ୍ୟ ଦୁଇଟି ଗଡ଼ ନିର୍ମାଣ କରିଥିଲେ । କମଳି ବଜାରରେ ଆଜି ମଧ୍ୟ ରାଣୀହଂସପୁରର ଭଗ୍ନ ଓ ଜୀର୍ଣ୍ଣ ପ୍ରାସାଦ ଦେଖିବାକୁ ମିଳେ ।

କିମ୍ବଦନ୍ତୀ ଅନୁସାରେ କଳାପାହାଡ଼ର ଓଡ଼ିଶା ଆକ୍ରମଣ ସମୟରେ ପୁରୀର ପଣ୍ଡାମାନେ ଜଗନ୍ନାଥଙ୍କ ବିଗ୍ରହ ଆଣି ନବରଠାରୁ କିଛି ଦକ୍ଷିଣକୁ ମହାନଦୀ କୂଳରେ ପୋତି ଲୁଗ୍ରଇ ରଖିଥିଲେ । କଳାପାହାଡ଼ ସେମାନଙ୍କ ଅନୁଧାବନ କରି ସମ୍ବଲପୁର ନିକଟସ୍ଥ ଶଙ୍କର ବନ୍ଧଠାରେ ଶିବିର ସ୍ଥାପନ କରି ସମ୍ବଲପୁର ଦୁର୍ଗ ଅବରୋଧ କରିଥିଲେ ।

ବହୁ ଆୟାସ ପରେ ମଧ୍ୟ ସେ ଦୁର୍ଗ ଭେଦ କରି ପାରି ନଥିଲେ । ସମ୍ବଲପୁର ଦୁର୍ଗ ଥିଲା ଅତି ସୁଦୃଢ଼ ଓ ଶତ୍ରୁର ଦୁଷ୍ପ୍ରବେଶ୍ୟ । ଦୁର୍ଗ ଭିତରେ ପାଞ୍ଚ ମହଲ ବିଶିଷ୍ଟ ଜେମାଦେଇ ମହଲ ରାଜା ବଳିୟାର ସିଂହଙ୍କ ସମୟରେ ନିର୍ମାଣ କରାଯାଇଥିଲା । ୧୯୫୦ ଖ୍ରୀ. ଅ. ରେ ଏହାକୁ ଭଙ୍ଗା ଯାଇଥିଲା ।

୧୮୦୦ ଖ୍ରୀ. ଅ. ବେଳକୁ ମରହଟ୍ଟାମାନେ ଦୀର୍ଘ ପାଞ୍ଚ ମାସ କାଳ ଧରି ଦୁର୍ଗ ଅବରୋଧ କରି ମଧ୍ୟ ଦୁର୍ଗରେ ପ୍ରବେଶ କରି ପାରି ନ ଥିଲେ । ଦୁର୍ଗ ପ୍ରାଚୀର ଭାଙ୍ଗିବାକୁ ଯେତେ ଗୋଳା ବାରୁଦ ପ୍ରୟୋଗ କରାଗଲେ ମଧ୍ୟ ତାହା ଭାଙ୍ଗିଲା ନାହିଁ । ଆଗ୍ନେୟାସ୍ତ୍ର ନିକ୍ଷେପ ବେଳେ ପ୍ରାଚୀର ରକ୍ଷୀ ସୈନ୍ୟମାନେ ପ୍ରାଚୀର ଉପରୁ ବଡ଼ ବଡ଼ ପଥର ଖାଇ ମଧ୍ୟକୁ ଛାଡ଼ିବା ଫଳରେ ପାଣି ଛିଟିକି ହୋଇ ଗୋଳା ବାରୁଦକୁ ଲିଭାଇ ଦେଉଥିଲା ।

ଏହି ଦୁର୍ଗ ପ୍ରାଚୀରମାନ ଅଗଢ଼ା ଖଣି ପଥରରେ (unhewn stone) ତିଆରି ହୋଇଥିଲା । କାନ୍ଥର ଉଭୟ ପାର୍ଶ୍ୱ ଇଟାକାନ୍ଥ ପରି ସଳଖ ଓ ସମାନ ଥିଲା । ପଥର ଗୁଡ଼ିକର ବେଧ ଥିଲା ୨/୩ ଇଞ୍ଚ । ଚତୁର୍ଦ୍ଦିଗରେ ବାଉଁଶ ବୁଦା ପ୍ରାଚୀରକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ମହାନଦୀର ସ୍ରୋତ ଭାଙ୍ଗିବା (water break) କାର୍ଯ୍ୟ ମଧ୍ୟ କରୁଥିଲା । ୧୮୭୩ରେ ସମ୍ବଲପୁରରେ ଇଂରେଜ ଶାସକମାନଙ୍କ ଅସ୍ଥାୟୀ ଶାସନ କାଳରେ ବାଉଁଶ ବୁଦାମାନ କାଟି ଦିଆଗଲା । ୧୮୩୬ର ଭୀଷଣ ପ୍ଲାବନରେ ପ୍ରାଚୀରଗୁଡ଼ିକର ବ୍ୟାପକ କ୍ଷୟକ୍ଷତି ହେଲା । ଉପଯୁକ୍ତ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଅଭାବରୁ ଦୁର୍ଗ ଦ୍ରୁତ ଗତିରେ ପତନୋନ୍ମୁଖ ହୋଇଥିବା କଥା ଲେଫଟ୍‌ନାଣ୍ଟ କିଟୋ ଉଲ୍ଲେଖ କରିଛନ୍ତି ।

୧୮୩୮ରେ ମହାରାଜା ନାରାୟଣ ସିଂହ "ରାଜା ବଖରା"ରେ ରହୁଥିଲେ । ଏହି ରାଜପ୍ରାସାଦ ବାଲିବନ୍ଧା ନଳଟରେ ଖାଇର ବାହାରପଟେ, ଆଧୁନିକ ଲେଡ଼ି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ପଛପଟେ ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ଏବେ ମଧ୍ୟ ରହିଛି । ୧୮୬୭ରେ ଇଂରେଜମାନେ ଦୁର୍ଗର ଶ୍ରୀ ନଷ୍ଟ କଲେ । ନଦୀର ବନ୍ୟା ବି ଅବଶିଷ୍ଟ ବାକିଥିବା କାର୍ଯ୍ୟ ପୂରଣ କଲା । ଏ ହେଉଛି ସମ୍ବଲପୁର ଦୁର୍ଗ ପତନର ଇତିହାସ ।

ଏତଦ୍ଭିନ୍ନ ରାଜା ବଳିଆରସିଂହଙ୍କ ଭାଇ ଦରିଆର ସିଂହ ମିଆ ଓ ଅମ୍ବାଭୋନାଠାରେ ଦୁଇଟି ଦୁର୍ଗ ନିର୍ମାଣ କରିଥିଲେ । ମିଆ ନିକଟସ୍ଥ ପୁଜାରିପାଲିଠାରେ ମହାନଦୀ କୂଳରେ ସେହି ଦୁର୍ଗମାନଙ୍କର ଭଗ୍ନାବଶେଷ ପ୍ରାଚୀନ ଖାଇ ଇତ୍ୟାଦି ଦେଖିବାକୁ ମିଳେ ।

ବିକ୍ରମ ଅଧିତ୍ୟକାରେ ଏକ ଅତି ପ୍ରାଚୀନ ରାଜବଂଶ ରାଜ୍ୟ ସ୍ଥାପନ କରି ଦୁର୍ଗ ରାଜଧାନୀ ନିର୍ମାଣ କରିଥିଲେ । ବିକ୍ରମ ଖୋଲ, ଉଷାକୋଠି ଗୁମ୍ଫା ଓ ଭଲ୍ଲପଗଡ଼ ସେ ଜାତିର ରାଜା ଭଲ୍ଲପ ଓ ବିକ୍ରମଙ୍କ କୀର୍ତ୍ତିକଳାପର ନୀରବ ସାକ୍ଷୀ ଦିଏ ।

ସମ୍ବଲପୁର ଅଞ୍ଚଳରେ ବାଘପାହାଡ଼ପରି ଅନେକ ପାର୍ବତ୍ୟ ଦୁର୍ଗ ମଧ୍ୟ ରହିଥିଲା । ଦ୍ରାବିଡ଼ମାନେ ଉତ୍ତର ଭାରତରୁ ଛତିଶଗଡ଼ ବାଟେ ସମ୍ବଲପୁର ଅଞ୍ଚଳରେ ପ୍ରବେଶ କରିଥିଲେ । ଏହି ଦ୍ରାବିଡ଼ମାନେ ଦଳ ଦଳ ହୋଇ ବାସ କରୁଥିଲେ । ଦୁଇଟି ଦଳପତିଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ପରେ ଶବରମାନେ ରାଜପୁତ୍ରକାଳ୍କୁ ମାତ୍ରାଜ ସାଏ ପ୍ରାଧାନ୍ୟ ବିସ୍ତାର କରିଥିଲେ । ସେମାନେ କ୍ଷୁଦ୍ର କ୍ଷୁଦ୍ର ଅଞ୍ଚଳରେ ମୃତ୍ତିକା ଦୁର୍ଗମାନ ନିର୍ମାଣ କରି ଗୋଷ୍ଠୀ ଶାସନ ପ୍ରବର୍ତ୍ତନ କରିଥିଲେ । ସମ୍ବଲପୁର, ବରଗଡ଼, ପାଟଣା ବୋଡ଼ାସମର, ଖଡ଼ିଆଳ, ବିନ୍ଦ୍ରା ନୂଆଁଗଡ଼, ବୌଦ୍ଧ ଆଦି ଅଞ୍ଚଳରେ ତାର ଭଗ୍ନାବଶେଷମାନ ରହିଛି ।

ଏକଦା ସମଗ୍ର ବିଶ୍ୱରେ ନିଜର ବହୁମୂଲ୍ୟ ହୀରାପାଇଁ ପ୍ରସିଦ୍ଧ, ସୁଶାସନ, ବୀରତ୍ୱ, ଶୌର୍ଯ୍ୟ ଲାଗି ବନ୍ଦିତ ସମ୍ବଲପୁରର ସେହି ଗୌରବମୟ ଗାଥା ଆଜି ଇତିହାସ ଗର୍ଭରେ ଲୀନ । ରକ୍ଷଣାବେକ୍ଷଣ ଅଭାବରୁ ଏତେବଡ଼ ସାମ୍ରାଜ୍ୟର ପ୍ରାସାଦ, ଦୁର୍ଗ ଯେ ଏମିତି ଭାବରେ ନିଶ୍ଚିହ୍ନ ହୋଇପାରେ, ମାତ୍ର ଖଣ୍ଡେ ଅଧେ ଭଙ୍ଗା ପ୍ରାସାଦ, ମାଟିସ୍ତୂପ, କୃତ୍ରିମ ପୁଷ୍କରିଣୀ ତାର ନମୁନା । ଏବେ ବି ଯଦି ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆ ନ ଯାଏ ତେବେ ସମ୍ବଲପୁରରେ ଯାହାବି ସ୍ୱଳ୍ପ ସଂପଦ ରହିଛି, ସେ ବି ଦିନେ ଧୂଳିରେ ନିଶ୍ଚିହ୍ନ ହୋଇଯିବ ।

ସବୁ ଦିଗରୁ ବିଚାର କରାଗଲେ ଅତୀତର ବଣ କାନ୍ତାର, ପାହାଡ଼, ନଦନଦୀ, ଘାଟି ଘେରା ସମ୍ବଲପୁର ସାମରିକ ଦୃଷ୍ଟି କୋଣରୁ ଏକ ସର୍ବଶ୍ରେଷ୍ଠ ପ୍ରାକୃତିକ ଦୁର୍ଗ ଥିଲା । ଆଉ ସମ୍ବଲପୁରର ଦୁର୍ଗଥିଲା ତାର ମୁଖ୍ୟ କେନ୍ଦ୍ରସ୍ଥଳୀ । ସମ୍ବଲପୁର ଅଞ୍ଚଳରେ ବ୍ୟାପକ ଦୁର୍ଗ ଓ ପରିଖାର ସଂଖ୍ୟା ଦୃଷ୍ଟିରୁ ପ୍ରାଚୀନ ସମ୍ବଲପୁର ସାମ୍ରାଜ୍ୟକୁ ପ୍ରାକୃତିକ ଗଡ଼ ଓ ଗଡ଼ ପରିଖାର ସାମ୍ରାଜ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

* A few Prehistoric Relics and the Rock paintings of Singhanpur A. N. Dutta Mahakosala Historical Societies. Vol.9-10

*ବୀର ସୁରେନ୍ଦ୍ର ସାଏ : ଶ୍ରୀ ଅନିରୁଦ୍ଧ ଦାଶ ପୃ: ୫୬

* ସମ୍ବଲପୁର ଇତିହାସ ✓ ଶିବ ପ୍ରସାଦ ଦାଶ
ପ୍ରହ୍ଲାଦ ଦୁବେଙ୍କ "ଜୟ ଚନ୍ଦ୍ରିକା କାବ୍ୟ" ଦ୍ରଷ୍ଟବ୍ୟ

ମନୀଷା ଇଣ୍ଟରନେସନାଲ
ଚୂଡାପଡ଼ା, ସମ୍ବଲପୁର–୭୬୮୦୦୧

ସଙ୍କଟଜନକ ମୁହୂର୍ତ୍ତରେ ଭାରତ ଜାଗ୍ରତ ହୁଏ ଓ ନୂତନ ଗଠନମୂଳକ ପ୍ରଚେଷ୍ଟା ନେଇ ତହିଁର ମୁକାବିଲା କରେ । ଏହି ଘଣ୍ଟଘୋଡ଼ିଆ ପରିସ୍ଥିତି ମଧ୍ୟରୁ ଜନ୍ମନିଏ ଏପରି ଏକ ଧାମରା ଯାହାକି 'ଆମେ ଏକ'– ଏହି ଚେତନା ସୃଷ୍ଟି କରେ, ଶୃଙ୍ଖଳା ଆଣେ ଓ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଗଭୀର ମାନବିକ ସଂପର୍କ ପ୍ରତିଷ୍ଠା କରେ ।

ଶ୍ରୀ ରାଜୀବ ଗାନ୍ଧୀ



# କଳାହାଣ୍ଡିର ଆଦିବାସୀ

ଶ୍ରୀ ଦୋଳଗୋବିନ୍ଦ ବଶୀ

କଳାହାଣ୍ଡି ଜିଲ୍ଲାର ଇତିହାସ ଓ ସାଂସ୍କୃତିକ ଐତିହ୍ୟ ଉପରେ ସତର୍କ ଦୃଷ୍ଟିପାତ କରି ସାଧନା ଆରମ୍ଭ କଲେ ପରିଶେଷରେ ଏହାର ଫଳ ସ୍ୱରୂପ ଆଦିବାସୀ ସଂସ୍କୃତିର ଏକ ଶୃଙ୍ଖଳିତ ଇତିହାସ ପ୍ରଣୟନ ହୋଇପାରିବ । ଏହି ଜିଲ୍ଲାର ଗଣତାନ୍ତ୍ରିକ ପ୍ରଥା କେତୋଟିରେ ପ୍ରତିଫଳିତ ଆଦିବାସୀ ସମାଜର ପ୍ରଭବ ଆଦିବାସୀମାନଙ୍କର ଆଦିସ୍ଥିତି ଓ ସୁସ୍ଥ ସୁଦୃଢ଼ ଭିତ୍ତିକୁ ଉତ୍ତମଭାବେ ପ୍ରମାଣିତ କରିଥାଏ । ଓଡ଼ିଶାର ବିଶାଳ କନ୍ଧ ସଂସ୍କୃତିର ବହୁ ଅବଲୁପ୍ତ ରହସ୍ୟ ଓ ଇତିହାସ ଏହି ଜିଲ୍ଲାରୁ ଉଦ୍ଧାର କରାଯାଇ ପାରିବ । ସର୍ବଭାରତୀୟସ୍ତରରେ କଳାହାଣ୍ଡି ପ୍ରାଚୀନ ଆଲେଖ୍ୟର ଗନ୍ତାଘର ଭାବରେ ଏକ ଉଲ୍ଲେଖନୀୟ ମଣ୍ଡଳ । ଏହାର ମାଣଗୁଡ଼ା ଓ ଅସୁରଗଡ଼ ଆଦିର ପ୍ରତ୍ନତାତ୍ତ୍ୱିକ ସଂପଦ ଯେପରି ଐତିହାସିକମାନଙ୍କ ପକ୍ଷରେ ଧ୍ୟେୟ, ଘୁମୁରା ଓ ଢ଼ାପ ନୃତ୍ୟ ଯେପରି ଲୋକ ସଂସ୍କୃତିର ପ୍ରେୟ, କନ୍ଧ ଓ ଆହୁରି ଅନେକ ଆଦିବାସୀ ସମାଜର ଜୀବନଧାରା ଠିକ୍ ସେହିପରି ନୃତତ୍ତ୍ୱ ଓ ସମାଜତତ୍ତ୍ୱବିତ୍‌ମାନଙ୍କର ଶ୍ରେୟ । ପ୍ରସ୍ତୁତ ପ୍ରବନ୍ଧରେ ଏହି ଜିଲ୍ଲାରେ ବିଦ୍ୟମାନ କେତୋଟି ଆଦିବାସୀ ସଂପ୍ରଦାୟ ସଂପର୍କରେ ପରିଚୟାତ୍ମକ ବିବରଣୀ ପ୍ରଦାନ କରାଯାଉଛି ।

୧୯୭୧ ମସିହାରେ ଜନଗଣନା ଅନୁସାରେ ଏହି ଜିଲ୍ଲାର ସମୁଦାୟ ଜନସଂଖ୍ୟା ମଧ୍ୟରୁ ଶତକଡ଼ା ୨୯.୨୬ ହେଉଛନ୍ତି ଆଦିବାସୀ । କନ୍ଧ, ଗଣ୍ଡ, ମିର୍ଧା, ମୁଣ୍ଡା, ପରଜାକନ୍ଧ; ଝୋରିଆକନ୍ଧ (କାଶୀପୁର ଅଞ୍ଚଳରେ) ସଉଁରା, ଶବର, ଭୁଞ୍ଜିଆ, ବିଞ୍ଝାଲ, ଦଳ, ବଞ୍ଜାର ଓ ଭତ୍ରା, ଏପରି ତେରଟି ମୁଖ୍ୟ ଆଦିବାସୀଙ୍କ ସମେତ ଏହି ଜିଲ୍ଲାରେ ପ୍ରାୟ ୪୮ ପ୍ରକାର ଆଦିବାସୀ ଗୋଷ୍ଠୀ ରହିଛନ୍ତି । ୧୯୭୧ର ଜନଗଣନା କ୍ରମରେ ନିର୍ଦ୍ଧାରିତ ଏହି ଆଦିବାସୀ ଗୋଷ୍ଠୀମାନଙ୍କର ଜନସଂଖ୍ୟା ଏହିପରି, କନ୍ଧ—୧,୧୪,୬୪୪, ଗଣ୍ଡ—୧,୨୪,୭୨୮, ଦଳ—୭,୦୭୦, ମୁଣ୍ଡା—୨,୬୯୫, ମିର୍ଧା—୧,୧୨୫, ସଉରା—୪,୧୪୮, ଶବର—୪୦,୯୫୦, ପରଜା ୧୨,୮୫୩, ଭୁଞ୍ଜିଆ—୫,୬୭୫ (୭୬–୬୫), ବିଞ୍ଝାଲ—୫,୦୯୫, ଭତ୍ରା ୩,୮୫୩, ବଞ୍ଜାରା—୩,୩୬୨ (ସମଗ୍ର ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୬,୨୮୩) ।

ଗଣ୍ଡ—ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିକୋଣରୁ ଏମାନେ ଉଲ୍ଲେଖଯୋଗ୍ୟ ଆଦିବାସୀ ଗୋଷ୍ଠୀ । ଏହି ଜିଲ୍ଲାର ମଦନପୁର, ରାମପୁର, ଲାଞ୍ଜିଗଡ଼, ନୂଆପଡ଼ା, ଧର୍ମଗଡ଼, ଭବାନୀପାଟଣା ଓ ଜୟପାଟଣା ତହସିଲରେ ବେଶୀ ସଂଖ୍ୟକ ଗଣ୍ଡ ଅବସ୍ଥାନ କରନ୍ତି । କନ୍ଧମାନଙ୍କ କୁଇ ଭାଷାପରି ଗଣ୍ଡମାନଙ୍କର ଏକ ସ୍ୱତନ୍ତ୍ର ଜାତିଗତ ଭାଷା ରହିଛି, ତାହା ହେଉଛି 'ଗଣ୍ଡି' ଭାଷା । ଏହାହିଁ ଦ୍ରାବିଡ଼ ଭାଷା ଗୋଷ୍ଠୀର ସମଧର୍ମୀ ଏକ ଖଣ୍ଡିତ ଭାଷା । ଗଣ୍ଡମାନେ ବହୁ ଉପଗୋଷ୍ଠୀ ବାଟୁଲ୍‌ରେ ନିଜ ସଂପ୍ରଦାୟକୁ ବିଭକ୍ତ କରିଛନ୍ତି । ବ୍ରାହ୍ମଣଙ୍କପରି ଏମାନେ ମଧ୍ୟ ଉପବୀତ ଧାରଣ କରନ୍ତି ଓ ବ୍ରାହ୍ମଣଙ୍କଠାରୁ ମଧ୍ୟ ନିଜକୁ ଉଚ୍ଚ ମନେ କରିଥାନ୍ତି । ଏମାନେ ପ୍ରାୟ ଅନ୍ୟ ଜାତି ହସ୍ତରୁ ଜଳ ସ୍ପର୍ଶ କରନ୍ତି ନାହିଁ । ପ୍ରତ୍ୟେକ ପାର୍ବତ୍ୟ ଆଦିବାସୀମାନଙ୍କପରି ଏମାନଙ୍କର ଆଙ୍ଗିକ ଗଠନ ମଧ୍ୟ ବଳିଷ୍ଠ ଓ ସବଳ । ଛିପଣ କଳା ବର୍ଣ୍ଣର ପେଶୀ ବହୁଳ ଅଙ୍ଗ ପ୍ରତ୍ୟଙ୍ଗ ସାଙ୍ଗକୁ ନାକତଳେ ବୀରତ୍ୱ ବ୍ୟଞ୍ଜକ ନିଶ ଓ ହାତ ମୁଠାରେ ଏକ ପ୍ରିୟ ପରଶୁ-ଅସ୍ତ୍ର "ବୀର ହୃଦୟରେ ମଧ୍ୟ ଭୟ ସଞ୍ଚାର କରିଥାଏ" । ବସ୍ତ୍ର ପିନ୍ଧା ପ୍ରାୟ କଟିରୁ ଆଣ୍ଠୁ ଯାଏ । ମୁଣ୍ଡରେ ପଗଡ଼ି ବ୍ୟତୀତ ସର୍ବାଙ୍ଗ ପ୍ରାୟ ମୁକୁଳା ଥାଏ । ଏମାନେ ଏକାଧାରରେ କରଣ (ତାଳପତ୍ର ପୋଥି ଲେଖନ୍ତି) ତାନ୍ତ୍ରିକ, ଶିକାରି ଓ କୃଷୀ ଜାତି । ଗଣ୍ଡମାନେ ସଗୋତ୍ର ବିବାହର ପକ୍ଷପାତି ନୁହନ୍ତି । ବିବାହ ନିର୍ବନ୍ଧରେ, ପିତାମାତାଙ୍କର ମତକୁ ପ୍ରାଧାନ୍ୟ ଦିଆଯାଏ । କୌଳିକ ପ୍ରଥାର ସାମାନ୍ୟ ଦେଣ ନେଣ ବ୍ୟତୀତ ଦାବୀ ଭିତ୍ତିକ ଯୌତୁକର ପ୍ରଚଳନ ଏହି ଜାତିରେ ଦେଖାଯାଏ ନାହିଁ । କନ୍ଧମାନଙ୍କ ପରି ଗଣ୍ଡମାନଙ୍କର ଧର୍ମୀୟ ମୁଖ୍ୟଙ୍କୁ ମଧ୍ୟ ଜାନି ବୋଲି କୁହାଯାଏ । କନ୍ଧମାନଙ୍କ ମତରେ କନ୍ଧ ଓ ଗଣ୍ଡ ଏମାନେ ଭାଇ ଭାଇ । ଏକ ଆଖ୍ୟାୟିକାନୁସାରେ କନ୍ଧମାନେ ଦୁର୍ଗାଙ୍କର ସ୍ତନରୁ ଓ ଗଣ୍ଡମାନେ ଗଣ୍ଡ ବା ଗାଲରୁ ଜାତ ହୋଇଛନ୍ତି । କୌଣସି ବ୍ୟକ୍ତିର ମୃତ୍ୟୁର ତିନିଦିନ ପରେ ଚତୁର୍ଥ ଦିବସରେ ଗଣ୍ଡମାନେ ତେଲ ମଖା ବା ତେଲଘର ବୋଲି ଏକ କର୍ମ କରନ୍ତି । ଏହାକୁ ସୁଦ୍ଧୁବାସାନ କରମ୍ ବୋଲି କୁହାଯାଏ । ଏକ ବର୍ଷ ଅନ୍ତରରେ ସେହି ପ୍ରେତର ସଦଗତି ପାଇଁ ଏମାନେ ବଡ଼ କରମ କରିଥାନ୍ତି । ଏମାନଙ୍କର ପାରଂପାରିକ ଅସ୍ତ୍ର ହେଉଛି ଧନୁ ଓ ତୀର । ଜଙ୍ଗା ଲିଙ୍ଗା ଓ ବୁଢ଼ାଦେଓ ହେଉଛନ୍ତି ଗଣ୍ଡମାନଙ୍କର ତିନୋଟି ପ୍ରମୁଖ ଦେବତା । ଅନ୍ୟ ଆଦିବାସୀମାନେ ପାଳନ କରୁଥିବା ସାଧାରଣ ପର୍ବ–ପର୍ବାଣୀ ଆଦି ଏମାନଙ୍କର ଦ୍ୱାରା ପାଳିତ ହୋଇଥାଏ । ବିଭିନ୍ନ ଯାତ୍ରାପର୍ବ ବିବାହ ଅବସରରେ ନାଚଗୀତର ପ୍ରଚଳନ ଏହି ସଂପ୍ରଦାୟର ସାଧାରଣ ପ୍ରଥା ।

ମିର୍ଦ୍ଧା—ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ନୂଆପଡ଼ା ସବ୍‌ଡିଭିଜନରେ ବେଶିପରିମାଣରେ ମିର୍ଦ୍ଧାମାନେ ବସବାସ କରନ୍ତି । ଭାଷା ଦୃଷ୍ଟିରୁ ବିଚାର କଲେ ଏମାନଙ୍କ କିଶାନ୍ ଜାତିର ଏକ ଉପଶାଖା ବୋଲି ନିର୍ଦ୍ଧାରିତ କରଯାଇ ପାରିବ । ଅଧିକାଂଶ ଜାତି ଆଖିରେ ଏମାନେ ଅଛୁତ ବୋଲି କଥିତ ହେଲେହେଁ ଏକ କର୍ମଠ ଜାତିଭାବରେ ଏମାନେ ଆଦିବାସୀମାନଙ୍କ ଭିତରେ ଏକ ପ୍ରଧାନ ଜାତି । ଅନେକ ଦ୍ରାବିଡ଼ୀୟ ଉପଜାତିର ଆଚାର, ବ୍ୟବହାର ଓ ସଂସ୍କୃତି ସହିତ ମିର୍ଦ୍ଧା ଜୀବନ ଚର୍ଯ୍ୟାର ବହୁତ ସାମ୍ୟ ରହିଛି ।

ବଞ୍ଜାରା—ଏମାନେ ଏକ ବନ୍‌ଜିଆ ଜାତି ଅର୍ଥାତ ବାଣିଜ୍ୟ ଏମାନଙ୍କର ଏକ ମାତ୍ର ଅବଲମ୍ବନ । ବଳଦ ବାହି ଶଗଡ଼ ସାହାଯ୍ୟରେ ଏମାନେ ଦୂର ଦୂରାନ୍ତର ବ୍ୟାପୀ, ଲୁଣ, ଶୁଖୁଆ, ଲଙ୍କା ଆଦି ବାଣିଜ୍ୟ ଦ୍ରବ୍ୟ ବିକ୍ରୟ କରି ବୁଲୁଥାନ୍ତି । ବେପାରକୁ ମୁଖ୍ୟ ଧନ୍ଦା ବୋଲି ଗ୍ରହଣ କରିଥିବାରୁ ଏହିଜାତି 'ବେପାରି' ଜାତି ଭାବରେ ମଧ୍ୟ ଖ୍ୟାତି, ଏହି ଜାତିର ଆଉ ଏକ ନାମ 'ଲବାଙ୍ଗ' ଜାତି, ଏକ ବଣିକ ଜାତିଭାବରେ ଏମାନଙ୍କ ପ୍ରାଚୀନ ପରିଚୟ ମିଳୁଥିବାରୁ ଅନୁମାନ କରାଯାଇପାରେ ଯେ ଏକ ସମୟରେ ଏମାନେ 'ଲବଙ୍ଗ' ବ୍ୟବସାୟୀ ଥିଲେ ଓ ଏହିବୃତ୍ତି ଅନୁଯାୟୀ ଜାତିକ୍ରମେ 'ଲବାଙ୍ଗ' ନାମରେ ପରିଚିତ ହୋଇଛନ୍ତି । ଏମାନଙ୍କର କଥିତ ଭାଷାରେ ହିନ୍ଦୀରେ ଅପଭ୍ରଂଶ ରୂପ ମାତ୍ରାଧିକ ଓ ଛତିଶ ଗଡ଼ି ସାଙ୍ଗକୁ କୋଶଲୀ ଭାଷାର ପ୍ରଭାବ ପରିଦୃଷ୍ଟ ହୋଇଥାଏ । ଏହି ଭାଷାକୁ ବଞ୍ଜାରୀ ଭାଷାବୋଲି କୁହାଯାଇପାରେ । ଏମାନେ 'ନାଏକ' ସଂଜ୍ଞା ବ୍ୟବହାର କରନ୍ତି । ଏମାନଙ୍କର ପରିଧେୟ ପୋଷାକପତ୍ର ପ୍ରାୟ ଏହାତିର ନାରୀମାନଙ୍କ ଦ୍ୱାରା ତିଆରି ହୋଇଥାଏ । କଉଡ଼ି, କଚ ଓ କାଚରେ ତିଆରି ସୁନ୍ଦର ପୋଷାକ ଓ ଅଳଂକାର ଆଦିରେ ଏମାନେ ତାଙ୍କର ବୃତ୍ତିସାଥୀ ବଳଦମାନଙ୍କୁ ସଜାଇଥାନ୍ତି । ଏମାନେ ଏକ ପର୍ବ ପ୍ରିୟ ଜାତି । ହିନ୍ଦୁ ଧର୍ମର ଅଧିକାଂଶ ମୁଖ୍ୟ ଓ ଜାତୀୟ ପର୍ବର ଗୋଟିଏ ଦିନ ପରେ ଏମାନଙ୍କର ଏକ ଏକ ସେହି ଗୁଣାନୁସାରୀ ପର୍ବ ପଡ଼ିଥାଏ । ଦିଆଲି, ହୋଲି ଓ ମକର ଏପରି କ୍ରମରେ ଏମାନଙ୍କର ତିନୋଟି ମୁଖ୍ୟ ପର୍ବ । ପ୍ରତିଦିନ ସନ୍ଧ୍ୟାରେ ପ୍ରତି ବଞ୍ଜାରା ପଡ଼ାବା ଗୋଠି ନାଚ ଗୀତ ମୁଖର ହୋଇଉଠେ । ଏହି ହସ ମୁଖର ମୁହୂର୍ତ୍ତରେ ଉଭୟ ନାରୀ ପୁରୁଷ ଅଂଶ ଗ୍ରହଣ କରିଥାନ୍ତି । ମାନ୍ୟତା ବ୍ୟବଧାନ ସତ୍ତ୍ୱେ ଏହି ସମୟରେ ସମସ୍ତେ ଏକ ହୋଇଯାନ୍ତି । ବିବାହ ନିବନ୍ଧରେ ପିତାମାତା ଓ ଜ୍ଞାତିବନ୍ଧୁଙ୍କ ମତକୁ ପ୍ରାଧାନ୍ୟ ଦିଆଯାଏ । ଏକ ବଞ୍ଜାରା ନାରୀ ତାର ବାଣିଜ୍ୟ କର୍ମ ବା 'ପସରା' ସହିତ ଗୃହ କର୍ମ ଓ ହସ୍ତ କର୍ମରେ ସବୁବେଳେ କର୍ମ ଚଞ୍ଚଳା ହୋଇଥାଏ । ୧୯୬୧ରେ ଜନଗଣନାରେ ଏମାନେ ହିନ୍ଦୁ ସଂପ୍ରଦାୟରେ ଅନ୍ତର୍ଭୁକ୍ତ ହୋଇଛନ୍ତି । କେତେକ ମୁଖ୍ୟ ହିନ୍ଦୁ ଦେବତାଙ୍କ ବ୍ୟତୀତ ଏମାନେ ତାଙ୍କର ମୂଳ ଦେବା ଦେବୀ ବଞ୍ଜାରା ଦେଇ (ବୋତୁଡ଼ୀ) ମିଥୁ ଭୁକିଆ, ଶିବାଭାଇଆ ଓ ଗୁର୍ଜି ଆଦିଙ୍କୁ ପୂଜା କରିଥା'ନ୍ତି । ସର୍ବୋପରି 'ଗୋଷ୍ଟ' ପୂଜା ଓ ଗୋ ଜାତିକୁ ସମ୍ମାନ ପ୍ରଦର୍ଶନ ଏହି ଜାତିରେ ଆର୍ଯ୍ୟଙ୍କ ପରି ପ୍ରାଧାନ୍ୟ ଲାଭ କରିଅଛି । ପଦ୍ମପୁର ଓ ଭବାନୀପାଟଣା ସବ୍‌ଡିଭିଜନର ନର୍ଲା ରେଞ୍ଜରେ ବହୁ ବଞ୍ଜାରା ରହିଛନ୍ତି । ଲାଞ୍ଜିଗଡ଼, ଧରମଗଡ଼, ଜୟପାଟଣା ଓ ନୂଆପଡ଼ା ତହସିଲରେ—

ଭତ୍ରା—ଗଣ୍ଡ ଜାତିର ଏକ ଶାଖା ଗୋଷ୍ଠୀଭାବରେ ଭତ୍ରାମାନଙ୍କୁ ଚିହ୍ନିତ କରଯାଇପାରେ । କେହି କେହି ଭତ୍ରା' ଅନ୍ୟ ସ୍ଥାନରେ ଭତ୍ରାଗଣ ବୋଲି ମଧ୍ୟ କହିଥାନ୍ତି । ଜୟପାଟଣା ତହସିଲ୍‌ରେ ଭତ୍ରାମାନଙ୍କର ସଂଖ୍ୟା ବେଶୀ । ଭତ୍ରାମାନେ କେବଳ ଦାରିଦ୍ର୍ୟର ସୀମାରେଖା ତଳେ ରହି ନାହାନ୍ତି ଅଧିକନ୍ତୁ ଶିକ୍ଷାର ଆଲୋକ ମଧ୍ୟ ପାଇ ନାହାନ୍ତି । ଭତ୍ରାମାନେ ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି । ଯଥା;- ବଡ଼ ଭତରା ଓ ସାନ ଭତ୍ରା । ଏହି କ୍ରମରୁ ଏହି ଦୁଇ ଗୋଷ୍ଠୀ ଭିତରେ ଥିବା ଉଚ୍ଚ ନୀଚର ସ୍ୱରୂପ ଜଣା ପଡ଼ୁଛି । ଏମାନଙ୍କର ଗ୍ରାମ୍ୟ-ସ୍ତରୀୟ ଏକ ଜାତିଆଣ ସଂଗଠନ ବା ସମାଜ ରହିଅଛି । ଏହାକୁ ଆଜିକାଲି 'ପଞ୍ଚେତ୍' (Panchayat) ବୋଲି କହୁଛନ୍ତି । ଏହାକୁ ପୂଜାରୀ, ନାଏକ ଓ ଗଣ୍ଡା ପଦବୀଧାରୀମାନେ ପରିଚାଳନା କରିଥାନ୍ତି । ଏହା ତାଙ୍କର ଜାତିଗତ ଓ ଗ୍ରାମଗତ ମୀମାଂସା ସଂସ୍ଥା । ଏମାନେ ବିବାହ ପାଇଁ, ପ୍ରାର୍ଥୀ ନିର୍ବାଚନରେ ମାମୁଁଙ୍କ ଝିଅକୁ ଅଗ୍ରାଧିକାର ଦେଇଥାନ୍ତି । "ଘିଚ୍ଚ କନିଆ" ପ୍ରଥା ମଧ୍ୟ ଏହି କ୍ରମରେ ପ୍ରଚଳିତ ହୋଇଥାଏ । ହିନ୍ଦୁ ମତରେ ପୁରୋହିତଙ୍କ ପରି 'ଦିସାରି'ମାନେ ଭତ୍ରା ବିବାହରେ ମୁଖ୍ୟ ଆଚାର୍ଯ୍ୟରୂପେ ବରଣ ହୋଇ ଆସିଥାନ୍ତି । ଏମାନଙ୍କର ଦେବା ଦେବୀମାନେ ହେଲେ ବୁଢ଼ୀ ଠାକୁରାଣୀ, ସୁରଜକେଓ, ବନଦୁର୍ଗା, ଭୈରବୀ ଓ ବସୁମତୀ କନ୍ଧଙ୍କ 'ଝାଙ୍କର' ପରି ଏମାନଙ୍କର 'ପୂଜାରୀ' ଦେବାଦେବୀଙ୍କର ସେବା ପୂଜା କରିଥାନ୍ତି ।

ଭୁଞ୍ଜିଆ—ଭୁଞ୍ଜିଆ ବା ଭଞ୍ଜିଆମାନେ ନୂଆପଡ଼ା ତହସିଲ ମଧ୍ୟରେ ବେଶୀ ସଂଖ୍ୟାରେ ଦେଖାଯାନ୍ତି । ଏହି ଜାତି ଦୁଇଟି ଶାଖାରେ ବିଭକ୍ତ ଯଥା——ଚଉଖୁଟିଆ ଭୁଞ୍ଜିଆ ଓ ଚିନ୍ଧା ଭୁଞ୍ଜିଆ । ଏମାନଙ୍କର ସଂସ୍କୃତି ଓ ସମାଜ ତତ୍ତ୍ୱ କେତେକାଂଶରେ ଦ୍ରାବିଡ଼ୀୟ ସଂସ୍କୃତି ଦ୍ୱାରା ପ୍ରଭାବିତ ଓ ଭାଷା ହିନ୍ଦୀଦ୍ୱାରା ପ୍ରଭାବିତ । ସ୍ୱସଂପ୍ରଦାୟ ବହିର୍ଭୂତ ଜାତିର ଲୋକଙ୍କ ହାତରନ୍ଧା ଅନ୍ନ ଏମାନେ ଖାଆନ୍ତି ନାହିଁ । ନିଜ ରୋଷାଇଶାଳକୁ ବାହାରର କୌଣସି ବ୍ୟକ୍ତିକୁ ଏମାନେ ପ୍ରବେଶ ଅଧିକାର ଦିଅନ୍ତି ନାହିଁ । ବାହାରର କୌଣସି ବ୍ୟକ୍ତି ଦୈବାତ୍ ରୋଷେଇଶାଳକୁ ପଶିଗଲେ ଏମାନେ 'ହାଣ୍ଡି ମାରା' ହେଲ ବୋଲି ଏହାର ପ୍ରାୟଶ୍ଚିତ ଓ ଶୋଧନ କର୍ମର ବ୍ୟବସ୍ଥା କରିଥାନ୍ତି । କନ୍ୟାର ଅରଜବତୀ ଅବସ୍ଥାରେ ଏମାନେ ବିବାହ କାର୍ଯ୍ୟ ସଂପନ୍ନ କରିଥାନ୍ତି ଓ ରଜବତୀ ପରେ ଉପଯୁକ୍ତ 'ଉଠାଣ' କାର୍ଯ୍ୟକ୍ରମର ସଂପନ୍ନ ପରେ କନ୍ୟା ବର ଗୃହକୁ ଯାଇଥାଏ । ଏହି କ୍ଷେତ୍ରରେ ବର ଯୋଗାଡ଼ ହୋଇ ନ ପାରିଲେ ଏକ 'ତୀର' ସହ ବିବାହ କାର୍ଯ୍ୟ ସଂପନ୍ନ କରିଥାନ୍ତି । ରଜବତୀ ପରେ ବିବାହ କାର୍ଯ୍ୟ ଏକ ବିରାଟ ପାପ ବୋଲି ଏହି ଜାତିରେ ବିବେଚିତ ହୋଇଥାଏ । ଚିନ୍ଧା ଭୁଞ୍ଜିଆ ସଂପ୍ରଦାୟର ଏକ ବିବାହିତ କନ୍ୟା ବିବାହର କିଛିଦିନ ପରେ ନିଜ ବରସହ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରି ଗ୍ରାମ ଓ କୁଳ ଦେବତାମାନଙ୍କୁ ପୂଜା କରିଥାଏ । ଚଉଖୁଟିଆ ଭୁଞ୍ଜିଆଙ୍କ ମଧ୍ୟରେ ଏ ପ୍ରକାର ପ୍ରଥା ନାହିଁ । ବିବାହିତା କନ୍ୟା ପିତା ଗୃହକୁ ଆସିବାରେ ଏହି ସଂପ୍ରଦାୟ ମଧ୍ୟରେ କଠୋର ସାମାଜିକ ପ୍ରତିବନ୍ଧକ ରହିଛି । ଯଦି ଏକ ବିବାହିତା ଚଉଖୁଟିଆ ଭୁଞ୍ଜିଆ କନ୍ୟା ବାପଘରକୁ ଆସେ ତେବେ ସେ ଏକ ଅଲଗା ସ୍ଥାନରେ ନିଜେ ଖାଦ୍ୟ ପ୍ରସ୍ତୁତ କରିଥାଏ । ଭୁଞ୍ଜିଆମାନେ ମାତା

ଓ ସୂର୍ଯ୍ୟଙ୍କୁ ଉପାସନା କରିଥାନ୍ତି । ଏମାନଙ୍କ ବିଶ୍ୱାସ ଯେ 'ମାତା' ହେଉଛନ୍ତି ହରଜା ଓ ବସନ୍ତର ଠାକୁରାଣୀ । ସମଗ୍ର ଓଡ଼ିଶାର ୭୬.୫୫ ଭାଗ ଭୁଞ୍ଜିଆ ଏହି ଜିଲ୍ଲାରେ ବାସ କରନ୍ତି ।

ବିଂଝାଲ—ବିନ୍ଧ୍ୟ ପର୍ବତାଞ୍ଚଳ ଓ ଦକ୍ଷିଣ ଭାରତର କେତେକ ପାର୍ବତ୍ୟ ଉପଜାତିଙ୍କ ସାଂସ୍କୃତିକ ଆଲେଖ୍ୟସହ ଏହି ଜାତିର ସାମ୍ୟତା ରହୁଥିବାରୁ ଏମାନଙ୍କୁ ଏହି ଅଞ୍ଚଳର ଅଦ୍ଭୁତ ଏକ ଶାଖାଜାତି ବୋଲି କୁହାଯାଇପାରେ । ମୃତାହ କର୍ମ ସମ୍ପାଦନରେ ଅନ୍ୟାନ୍ୟ ଆଦିବାସୀଙ୍କ ଅପେକ୍ଷା ଏମାନେ ସ୍ୱାତନ୍ତ୍ର୍ୟତା ପ୍ରଦର୍ଶନ କରିଥାନ୍ତି । ଏହି କ୍ରମରେ ଏମାନଙ୍କର 'ଖାରପାନି' କ୍ରିୟା ପ୍ରାଧାନ୍ୟ ଓ ବୈଶିଷ୍ଟ୍ୟ ଅବଶ୍ୟ ବିଚାର୍ଯ୍ୟ । ସଗୋତ୍ର ବା ରକ୍ତଗତ ସମ୍ପର୍କ ମଧ୍ୟରେ ଏହି ଜାତିରେ ବିବାହ କର୍ମ ଚଳେ ନାହିଁ । ଅଧିକାଂଶ ବିଂଝାଲ ପିତୃପ୍ରଧାନ ଯୁକ୍ତ ପରିବାର ମଧ୍ୟରେ ଜୀବନ ଯାପନ କରିଥାନ୍ତି । ଭାଦ୍ରବ ମାସରେ 'କରମସାନୀ' ଓ ଶ୍ରାବଣ ମାସରେ ହରଲି ପରବ ଦିଓଟି ହେଉଛି ବିଂଝାଲମାନଙ୍କର ଶ୍ରେଷ୍ଠ ପର୍ବ । ପଶ୍ଚିମ ଓଡ଼ିଶାରେ ପାଳିତ ହେଉଥିବା ଅନ୍ୟ ସକଳ ଆଞ୍ଚଳିକ ପର୍ବମାନ ମଧ୍ୟ ଏମାନଙ୍କଦ୍ୱାରା ପାଳିତ ହୋଇଥାଏ । ଏହି ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଖଞ୍ଜିଗଡ଼ ଓ ନୂଆପଡ଼ା ତହସିଲ ମଧ୍ୟରେ ବହୁସଂଖ୍ୟକ ବିଂଝାଲ ବସବାସ କରନ୍ତି ।

ସହଁର—ସହଁରମାନଙ୍କୁ କେହି କେହି ସଉରା, ସଅଁର ବା ଶବର ମଧ୍ୟ ଅଭିହିତ କରିଥାନ୍ତି । କିନ୍ତୁ କେତେକ ସମାଜ ତାତ୍ତ୍ୱିକ ତାରତମ୍ୟକୁ ବିଚାରକୁ ନେଇ ଏହି ଜିଲ୍ଲାରେ ସହଁର ଓ ଶବର ବୋଲି ଦୁଇଟି ଭିନ୍ନ ଭିନ୍ନ ଗୋଷ୍ଠୀକୁ ଠାବ କରାଯାଇପାରେ । ନୂଆପଡ଼ା ଓ ଜୟପାଟଣା ତଥା କେଶିଙ୍ଗା ଅଞ୍ଚଳମାନଙ୍କରେ ଆଲୋଚ୍ୟ ସହଁରମାନେ ବସବାସ କରିଥାନ୍ତି । ଏମାନେ ଏକ ଗୁଣିଗାରୁଡ଼ି ପାରଙ୍ଗମ ଜାତି ବୋଲି ଲୋକ ଉକ୍ତିରେ ମଧ୍ୟ ଆଖ୍ୟାୟିତ ହୋଇଛନ୍ତି ଯଥା—

"ସହଁରମଶାନ -ଗୁନଟିଲହ, ଯାହାକେ ଧଏଲେ ଛାଡ଼ିଲେ କହ " ରୋଗବ୍ୟାଧି ଆଦିର ଉପଶମ ନିମନ୍ତେ ଏମାନେ ବିଭିନ୍ନ ଦେବଦେବୀଙ୍କ ଶରଣାପନ୍ନ ହୋଇ ସେବାପୂଜା କରିଥାନ୍ତି । କୃଷି କର୍ମର ବିଭିନ୍ନ ପର୍ଯ୍ୟାୟରେ ଏମାନେ ବିଭିନ୍ନ ପ୍ରକାର ପର୍ବପର୍ବାଣୀରେ ସହଁର ପଲ୍ଲୀମାନଙ୍କୁ ମୁଖରିତ କରନ୍ତି । ଏହି ଜାତି ମଧ୍ୟରେ ବହୁ ସ୍ତ୍ରୀ ଗ୍ରହଣକୁ ସ୍ୱୀକାର କରାଯାଇଥାଏ । ସହଁର ରମଣୀମାନେ ସ୍ୱାସ୍ଥ୍ୟବତୀ, କଠିଣା, କର୍ମଚଞ୍ଚଳା, ଓ ଶିଳ୍ପକଳା ପ୍ରବୀଣା, ସହଁରମାନେ ପ୍ରାୟ ବେଶି ପରିମାଣରେ ତନ୍ତ୍ରର ଦେବଦେବୀଙ୍କୁ ପୂଜା କରିଥାନ୍ତି । ଶବରମାନେ 'ଲୋଧା' ନାମରେ ଏହି ଜିଲ୍ଲାରେ ପରିଚିତ ।

ଦଲ—ଦଲମାନେ କେତେକାଂଶରେ 'ଦଲକନ୍ଧ' ବୋଲି ମଧ୍ୟ ପରିଗଣିତ ହୋଇଥାନ୍ତି । ଏମାନେ 'କନ୍ଧ' ଶ୍ରେଣୀୟ ଆଦିବାସୀ ! ,କନ୍ଧମାନଙ୍କ ପରି ଦଲମାନେ ମଧ୍ୟ ଅନେକ ଉପବର୍ଗରେ ବିଭକ୍ତ । ଦଲମାନଙ୍କ ଭିତରେ ସଗୋତ୍ର ବିବାହ ପ୍ରାୟ ନିଷିଦ୍ଧ । ବିବାହ କାର୍ଯ୍ୟକ୍ରମ ସମ୍ପନ୍ନପାଇଁ ଏହି ଜାତିରେ ଏକପ୍ରକାର ପାରମ୍ପରିକ ପ୍ରଥା ରହିଛି । ପ୍ରତ୍ୟେକ ବିବାହ ଏହି ପ୍ରଥାନୁସାରେ ହୋଇଥାଏ । ବିଭିନ୍ନ ଆଦିବାସୀ ଗୋଷ୍ଠୀଙ୍କ ସହ ଏହି ପ୍ରଥାର ସାମ୍ୟତା ରହୁଥିବାରୁ ଏହାକୁ ଅନ୍ୟତ୍ର ଆଲୋଚନା କରାଯିବ । ସାମାଜିକ, ରାଜନୀତି ଓ ନ୍ୟାୟ ନିଷ୍ପତ୍ତି ପାଇଁ ଦଲମାନଙ୍କର ଏକ ଏକ 'ମୁଖିଆ' ଥାଆନ୍ତି ! ଏମାନେ ହେଉଛନ୍ତି 'ମହାମାନବ' । କଳାହାଣ୍ଡିର ଆଦିବାସୀ ଗୋଷ୍ଠୀ ମଧ୍ୟରେ ଗଣ୍ଡ ଓ କନ୍ଧମାନେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନର ଅଧିକାରୀ । ଏମାନଙ୍କ ପରମ୍ପରା ଏହି ଜିଲ୍ଲାରେ ପ୍ରାଚୀନ ତଥା ସମୃଦ୍ଧ । କନ୍ଧ ସଂସ୍କୃତି ଉପରେ ମୋ ଦ୍ୱାରା ଲିଖିତ ପ୍ରବନ୍ଧ ଜନୈକ ସମ୍ବାଦରେ କ୍ରମଶଃ ପ୍ରକାଶ ପାଉଥିବାରୁ ଏଠାରେ ଆଲୋଚନା କରିବାକୁ ଉଚିତ ମନେ କଲିନାହିଁ ।

କୋଶଳ ବାଣୀ କୁଞ୍ଜ ହାଇସ୍କୁଲ ପଡ଼ା, ଟିଟିଲାଗଡ଼
ଜି: ବଲାଙ୍ଗୀର

ଓଡ଼ିଶାର ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ବ୍ଲକ୍, ପ୍ରତ୍ୟେକ ଜିଲ୍ଲାର ଚିତ୍ର ଯେପରି ବଦଳିବ, ଯୁବଶକ୍ତି ମଧ୍ୟରେ ଏକ ଆଶାର ଜାଗରଣ ଘଟାଇ ଜାତୀୟ ଅଗ୍ରଗତି ପାଇଁ ସେମାନଙ୍କୁ ଯେପରି ନିୟୋଜିତ କରାଯାଇ ପାରିବ, ତାହାହିଁ ହେବ ଆମର ଲକ୍ଷ୍ୟ ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ସମ୍ଭାଷଣ ଓ ସଂସ୍କୃତମ୍

ଶ୍ରୀ ସଦାନନ୍ଦ ଦୀକ୍ଷିତଃ

'ସଂସ୍କୃତ' ଏହି ଶବ୍ଦଟି ପ୍ରତ୍ୟେକ ଭାରତୀୟ ମନରେ ଏକ ଅପୂର୍ବ ଝଙ୍କାର ତୋଳେ । କାରଣ 'ସଂସ୍କୃତ' କହିଲେ ସେମାନେ ଭାଷାଟିଏ ବୋଲି ବୁଝନ୍ତି ନାହିଁ । କେତେକ ଭାବନ୍ତି–ସଂସ୍କୃତ ହେଉଛି 'ଧର୍ମ' ଓ 'ପୁଣ୍ୟ' । ଆଉ କେତେକେ ସଂସ୍କୃତକୁ 'ସଂସ୍କୃତି' ବୋଲି ବୁଝନ୍ତି । ଅପର କେତେକ କହନ୍ତି ସଂସ୍କୃତ ହିଁ ବେଦ-ବେଦାନ୍ତ-ଉପନିଷଦ୍-ପୁରାଣ-ଜ୍ୟୋତିଷ-କର୍ମକାଣ୍ଡ ଓ ଧର୍ମଶାସ୍ତ୍ର । କେବଳ ସେତିକି ନୁହେଁ, ଓଡ଼ିଆ-ବଙ୍ଗଳା-ହିନ୍ଦୀ ଭାଷାପରି ସଂସ୍କୃତକୁ ଯେ ନିତ୍ୟ ବ୍ୟବହାର କ୍ଷେତ୍ରରେ କୁହାଯାଇ ପାରିବ ଏକଥା ଅଧିକାଂଶ ଲୋକ ଜାଣି ନାହାନ୍ତି । କାରଣ–'ଭାଷ୍ୟତେ ଇତି ଭାଷା', ଯାହା କୁହାଯାଏ (ସମ୍ଭାଷଣ କରାଯାଏ) ତାହା ଭାଷା । ମାତ୍ର ଆଜି ସଂସ୍କୃତରେ କେହି କଥାବାର୍ତ୍ତା (ସମ୍ଭାଷଣ) କରୁଥିବାର କେଉଁଠି ଦେଖାଯାଏ ନାହିଁ । ଏଣୁ ସଂସ୍କୃତର ସରଳ, ସମ୍ଭାଷଣ ଯୋଗ୍ୟ ରୂପଟି ଆମଠାରୁ ଅନ୍ତର୍ହିତ ହୋଇଯାଇଛି । ଏବେ ଧାରଣା ବଦଳୁଛି ଯେ ସଂସ୍କୃତ-ଭାଷା ଅତି କଠିନ ଭାଷା । ଏହି ଭାଷା ଶିଖିବାକୁ ହେଲେ ପ୍ରଥମେ [illegible] ଓ ଧାତୁ ରୂପ ମୁଖସ୍ଥ କରିବା ଦରକାର [illegible] ସଂସ୍କୃତ [illegible] ଅସମ୍ଭବ । [illegible] ସଂସ୍କୃତରେ ସମ୍ଭାଷଣ [illegible] । ମାତ୍ର [illegible] ଭୁଲ ଧାରଣା ।

ପ୍ରତ୍ୟେକ ଭାଷାର ୨ଟି ରୂପ ଅଛି–ବ୍ୟାବହାରିକ ରୂପ ଓ ଶାସ୍ତ୍ରୀୟ ରୂପ । ଓଡ଼ିଆରେ ଆମେ ଯେଉଁ ରୂପରେ କଥାବାର୍ତ୍ତା କରୁଥାଉ–ଉପେନ୍ଦ୍ରଭଞ୍ଜ ପ୍ରଭୃତି କବିମାନଙ୍କର ଓଡ଼ିଆଭାଷାର ରୂପ କ'ଣ ଏତାଦୃଶ ? ସେହିପରି ସଂସ୍କୃତର ମଧ୍ୟ ବ୍ୟାବହାରିକ ଓ ଶାସ୍ତ୍ରୀୟ ରୂପ ଦୁଇଟି ଅଛି । ଆଜି ଆମେ ରଘୁବଂଶ, ପଞ୍ଚତନ୍ତ୍ର ବା ଦଶକୁମାରଚରିତମ୍ ପ୍ରଭୃତି ସଂସ୍କୃତ ସାହିତ୍ୟରେ ଯେଉଁ ଭାଷା ଦେଖୁଛେ ତାହା ତ ଶାସ୍ତ୍ରୀୟ ରୂପ, ତାହା କଠିନ । ବ୍ୟାବହାରିକ, ଲୌକିକ କଳେବର ସହଜ, ସରଳ ଓ ସର୍ବଜନ ବୋଧ୍ୟ । ସଂସ୍କୃତର ଲୌକିକ କଳେବରଟି ବ୍ୟବହାର ଅଭାବରୁ ଲୋପ ପାଇ ଯାଇଛି ।

ସଂସ୍କୃତରେ କଥାବାର୍ତ୍ତାର ଆବଶ୍ୟକତା ଉପଲବ୍ଧି କରାଗଲାପରେ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ସଂସ୍ଥା ପକ୍ଷରୁ ସଂସ୍କୃତସମ୍ଭାଷଣ ନିମିତ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଓଡ଼ିଶାରେ "ଲୋକଭାଷା ପ୍ରଚାର ସମିତିଃ" ପକ୍ଷରୁ ଏ କ୍ଷେତ୍ରରେ କେତେକ ପଦକ୍ଷେପ ନିଆଯାଇଅଛି ।

ସଂସ୍କୃତସମ୍ଭାଷଣର ଉପଦେୟତା ଓ ସମ୍ଭାବନାକୁ ଅକ୍ଷି ଆଗରେ ରଖି ପ୍ରଥମତଃ ଚାରିଗୋଟି ପ୍ରକ୍ରିୟା ଆରମ୍ଭ କରାଯାଉଛି ।

(୧) ସଂସ୍କୃତଭାଷାର ସରଳୀକରଣ, (୨) କଥିତ ସଂସ୍କୃତର ପାଠ୍ୟକ୍ରମ, (୩) ସମ୍ଭାଷଣଯୋଗ୍ୟ ପାଠନ ପଦ୍ଧତି (୪) ଶିକ୍ଷକ

(୧) ସଂସ୍କୃତଭାଷାକୁ ସରଳ କରିଦିଆଯାଉଛି ଓ ତାର ନାମ ରହିଛି 'କଥିତ ସଂସ୍କୃତ' । 'କଥିତ ସଂସ୍କୃତ' ଚାରିଗୋଟି ଅବୟବରେ ସଂଘଟିତ । (କ) ମୌଳିକ ସଂସ୍କୃତ ଶବ୍ଦାବଳୀ (ଖ) ବ୍ୟାକରଣଗତ କଠିନତାରୁ ମୁକ୍ତି (ଗ) ପ୍ରାଦେଶିକ ଭାଷାମାନଙ୍କର ସମ୍ବନ୍ଧ (ଘ) ବ୍ୟାବହାରିକ ଆଧୁନିକ ଶବ୍ଦ ଓ ପ୍ରୟୋଗଗୁଡ଼ିକର ବ୍ୟବହାର ।

ସବୁ ଲୋକମାନେ ବୁଝି ପାରିବା ପାଇଁ ଓ କହି ପାରିବା ପାଇଁ ଏହି 'କଥିତସଂସ୍କୃତ' ଭାଷାର ସ୍ୱରୂପ ବିଷୟରେ ଅତି ସାବଧାନତା ସହିତ ଭାଷାତାତ୍ତ୍ୱିକ ବିଚାର କରାଯାଉଅଛି ।

(୨) କଥିତ ସଂସ୍କୃତକୁ ଯେପରି ସହଜରେ ଓ ଅଳ୍ପ ସମୟ ମଧ୍ୟରେ କହି ପାରିବେ ସେପରି ଭାବରେ ଏକ ଦଶ-ଦିନିଆ ସଂକ୍ଷିପ୍ତ ପାଠ୍ୟକ୍ରମ 'ଦଶଦିନାତ୍ମକଂ ସଂସ୍କୃତ ସମ୍ଭାଷଣଶିବିରମ୍' ନାମରେ ପ୍ରଚଳନ କରାହେଉଛି । ଏହି ପାଠ୍ୟକ୍ରମ ପ୍ରତିଦିନ ୨ ଘଣ୍ଟା କରି ଦଶଦିନ ଧରି ଚାଲେ । ଭାଷାଶିକ୍ଷାବିତ୍‌ମାନଙ୍କର ମତ ଅନୁସାରେ ପ୍ରାୟ ଏକ ହଜାର ମୌଳିକ ସଂସ୍କୃତ ଶବ୍ଦାବଳୀ ପାଠ୍ୟକ୍ରମରେ ଗ୍ରହଣ କରାହୋଇଛି ତଥା ସଂସ୍କୃତରେ ସମ୍ଭାଷଣ ପାଇଁ ଆବଶ୍ୟକ [illegible] କ୍ରିୟା ପଦ (ଧାତୁ), ୧୫୦ ଗୋଟି ଶବ୍ଦାବଳୀର ପ୍ରୟୋଗ ପ୍ରକ୍ରିୟା, ପୁରୁଷ-ବଚନ-ଲିଙ୍ଗ ଓ ବିଭକ୍ତିମାନଙ୍କର [illegible] ବ୍ୟବହାର ପ୍ରକ୍ରିୟା, ୫୦ ଗୋଟି ଅବ୍ୟୟ ପଦର ପ୍ରୟୋଗ

ଓ ସମାସର ବ୍ୟବହାର ପ୍ରଭୃତି ବିଭିନ୍ନ ବ୍ୟାକରଣଗତ ପ୍ରୟୋଗକୁ ଆଖି ଆଗରେ ରଖି ବିଭାଗୀକରଣ ଓ ଆରୋହକ୍ରମରେ (Classification and gradation) ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଅଛି । ସଂସ୍କୃତ ସମ୍ଭାଷଣର ଅଭ୍ୟାସ ପାଇଁ ମଧ୍ୟ ପତ୍ରକମାନ (Charts) ପ୍ରସ୍ତୁତ କରାଯାଇଛି । ଧାତୁ-ଶବ୍ଦ-ବିଭକ୍ତି-ଅବ୍ୟୟ-ଲିଙ୍ଗ-ପୁରୁଷବଚନ ଓ ସଂଖ୍ୟା ପତ୍ରକ ଭିନ୍ନ ସରଳ ସରସ ସଂସ୍କୃତ ଗୀତାବଳୀ ଓ ପ୍ରାୟ ୨୦୦ ବ୍ୟବହାର ଉପଯୋଗି ବାକ୍ୟମାନ ପ୍ରସ୍ତୁତ କରାଯାଇ 'ସଂସ୍କୃତସମ୍ଭାଷଣଶିବିର' ରେ ଭାଗନେଉଥିବା ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯାଉଛି । ଏତଦ୍‌ଭିନ୍ନ ଘରେ ସଂସ୍କୃତସମ୍ଭାଷଣର ଅଭ୍ୟାସ ପାଇଁ ଗୃହପାଠ (Home task) ପାଇଁ ପ୍ରତ୍ୟହ ୪ ପୃଷ୍ଠାର ଏକ ପ୍ରଶ୍ନାବଳୀ ମଧ୍ୟ ଦିଆଯାଏ ।

(୩) ପାଠନ ପଦ୍ଧତି—'କଥିତ ସଂସ୍କୃତ' କୁ ଅଳ୍ପଦିନ ମଧ୍ୟରେ କହିପାରିବା ଭଳି ଏକ ଆଧୁନିକ ଭାଷାଶିକ୍ଷା ପଦ୍ଧତି ଅନୁସରଣ କରାଯାଉଛି । ଭାଷା ଶିକ୍ଷାବିତ୍‌ମାନଙ୍କର ମତ ଯେ ଭାଷାର ଅଭ୍ୟାସ ନିମିତ୍ତ ଚାରିଗୋଟି ସୋପାନ ରହିଛି । (୧) ଶ୍ରବଣ (୨) ସମ୍ଭାଷଣ (୩) ପଠନ (୪) ଲେଖନ । ଶିଶୁଟି ପ୍ରଥମେ ମା'ଆଠାରୁ ଭାଷ ଶୁଣି ଶୁଣି ଶିଖେ । ତାପରେ ଦିଓଳିଟି ଭାଷା କହେ । କହୁ କହୁ ସେ ସ୍ୱଚ୍ଛଭାବରେ କହିପାରେ, ତାପରେ ପଢେ ଓ ଲେଖେ । ମାତ୍ର ସଂସ୍କୃତ ଭାଷାର ଶିକ୍ଷା ଏବେ ମଧ୍ୟ ପ୍ରଥମେ ପଠନ ଓ ଲେଖନରୁ ଆରମ୍ଭ କରାଯାଉଛି ଏହା ଅତି ବିସ୍ମୟର ବିଷୟ । ଏହା ବଡ଼ ପ୍ରମାଣିତ ବିଷୟ ଯେ ସମ୍ଭାଷଣ ନିମିତ୍ତ 'ଶ୍ରବଣ ଓ ସମ୍ଭାଷଣ'ର ଗୁରୁତ୍ୱ ସର୍ବାଧିକ । ଏହି ସିଦ୍ଧାନ୍ତକୁ ଆଖି ଆଗରେ ରଖି ସମ୍ଭାଷଣ ଶିବିରରେ 'ପ୍ରତ୍ୟକ୍ଷ ପାଠନ ପଦ୍ଧତି' (Direct approach) କୁ ଅନୁସରଣ କରାଯାଉଛି । ଶିକ୍ଷକ ଶିକ୍ଷା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଛାତ୍ରମାନଙ୍କ ସହିତ ସରଳ ସଂସ୍କୃତରେ କଥାବାର୍ତ୍ତା ହିଁ କରେ । ସ୍ଥାନ-କାଳ-ପାତ୍ର ଓ ଅବସ୍ଥା ଭେଦରେ ସଂସ୍କୃତରେ ବ୍ୟବହାରୋପଯୋଗୀ ବାକ୍ୟାବଳୀକୁ କହନ୍ତି ଓ ପୁଣି ପ୍ରଶ୍ନ ମାଧ୍ୟମରେ ଛାତ୍ରମାନଙ୍କ ମୁହଁରୁ ସଂସ୍କୃତରେ ଉତ୍ତର ଆଣନ୍ତି । ଦୁଇ ଘଣ୍ଟା ମଧ୍ୟରେ ଛାତ୍ର ଯେପରି ଅରୁଚି ଅନୁଭବ ନ କରେ ସେଥିପାଇଁ ଶିକ୍ଷକ ପାଠ୍ୟକ୍ରମକୁ କଥା-ଗୀତ-ପଦ୍ୟ ମାଧ୍ୟମରେ ଉପସ୍ଥାପିତ କରେ । ସଂସ୍କୃତରେ କେତେକ ଖେଳ ମଧ୍ୟ ଖେଳାଯାଏ । ମୁଖ୍ୟତଃ ସଂସ୍କୃତ ସମ୍ଭାଷଣ ଶିବିରରେ ନିମ୍ନଲିଖିତ ପାଠନପଦ୍ଧତିର ଅନୁସରଣ କରାଯାଏ । (୧) ଜ୍ଞାତାତ୍ ଅଜ୍ଞାତ (Known to Known teaching method) (୨) ସମ୍ଭାଷଣ (୩) ଭାଷଣ (୪) ପ୍ରଶ୍ନୋତ୍ତର (୫) ହାସକଥା (୬) ସଙ୍ଗୀତ (୭) କ୍ରୀଡା (୮) କଥା (୯) ଅନୁବାଦ ପ୍ରକ୍ରିୟା (୧୦) ପରିସରାନୁକୂଳ ପ୍ରକ୍ରିୟା (୧୧) ଭାବାନୁକରଣ ପ୍ରକ୍ରିୟା । ପୁଣି ଶିକ୍ଷା ପାଇଁ ଉପାଦେୟ ପାଠ୍ୟୋପକରଣ (Teaching aids) ସହାୟତା ନିଆଯାଏ । ଆବଶ୍ୟକସ୍ଥଳେ (Tape recorder ଓ Vedeo ର ବ୍ୟବହାର କରାଯାଇପାରେ ।

ସର୍ବତୋଭାବେ ଶିବିରାର୍ଥୀମାନେ ଯେପରି ସଂସ୍କୃତରେ ଚିନ୍ତା କରିବେ, ସଂସ୍କୃତରେ କହିବା ପାଇଁ ଆଗ୍ରହ ପ୍ରକାଶ କରିବେ ଓ ଏଥି ନିମିତ୍ତ ଭୟ, ଲଜ୍ଜା ବା ସଙ୍କୋଚ ନ କରି ଧୈର୍ଯ୍ୟର ସହିତ ସରଳ ସଂସ୍କୃତରେ କହିବେ ତାହାହିଁ ଶିବିରଶିକ୍ଷକ ଅନୁଧ୍ୟାନ କରିଥାନ୍ତି ।

(୪) ଶିବିର ଶିକ୍ଷକ—ସଂସ୍କୃତସମ୍ଭାଷଣ ଶିବିର ଏକ ବିଶିଷ୍ଟ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମର ସଫଳତା ଶିବିର ଶିକ୍ଷକ ଉପରେ ନିର୍ଭର କରେ । ଏଣୁ ସରଳ ସଂସ୍କୃତରେ ନିର୍ଭୁଲ ଭାବେ ଅନର୍ଗଳ କହିପାରିବା ହିଁ ଶିକ୍ଷକର ପ୍ରାଥମିକ ଯୋଗ୍ୟତା । ଶିବିର ଶିକ୍ଷକ କଥିତ ସଂସ୍କୃତର ପାଠ୍ୟକ୍ରମକୁ ସ୍ମରଣ କରି ଯଥାକ୍ରମେରେ ପଢାଇବା ଓ ସେଥିରେ ପିଲମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଉଚିତ । ସର୍ବଦା ହସ ହସ ମୁଖରେ ପିଲମାନଙ୍କୁ ସଂସ୍କୃତରେ କହିବା ପାଇଁ ଉପାୟ ବତାଇବାର ଯୋଗ୍ୟତା ହିଁ ଶିକ୍ଷକର ଶ୍ରେଷ୍ଠ ମୌଳିକ ଗୁଣ ।


ଯଦ୍ୟପି 'ସଂସ୍କୃତ ସମ୍ଭାଷଣଶିବିର' ଦ୍ୱାରା ସଂସ୍କୃତ ସମ୍ଭାଷଣର ପୂର୍ଣ୍ଣସଫଳତା ଲାଭ କରାଯାଇ ପାରିନାହିଁ, ତଥାପି ଆମେ ଆଶାବାଦୀ । ସଂସ୍କୃତସମ୍ଭାଷଣ ନିମିତ୍ତ ଉପଯୁକ୍ତ ପରିସର, ସଂସ୍କୃତଶିକ୍ଷା ପାଠ୍ୟକ୍ରମର ଆଧୁନିକୀକରଣ ଓ ସର୍ବବିଧ ପ୍ରୋତ୍ସାହନ ମିଳି ପାରିଲେ ସଂସ୍କୃତ ଯେ ସର୍ବଜନପ୍ରିୟ କଥିତଭାଷା ହୋଇ ପାରିବ ଏଥିରେ ସନ୍ଦେହ ନାହିଁ । ଲୋକଭାଷା ପ୍ରଚାର ସମିତି ପକ୍ଷରୁ ଆୟୋଜିତ ୧୪ ଗୋଟି ସଂସ୍କୃତ ସମ୍ଭାଷଣଶିବିରରୁ ଅନୁଭୂତ ହୋଇଛି ଯେ ସଂସ୍କୃତ ଦିନେ ଲୋକଭାଷା ଥିଲା, ଆଜି ମଧ୍ୟ ଲୋକଭାଷା ହୋଇ ପାରିବ ।

ଅଧ୍ୟାପକ
ଶ୍ରୀସଦାଶିବ କେନ୍ଦ୍ରୀୟ ବିଦ୍ୟାପୀଠ,
ପୁରୀ–୭୫୨୦୦୧


କଳା ଓ ଅନ୍ୟାନ୍ୟ କ୍ଷେତ୍ରରେ ସମୃଦ୍ଧ ଏହି ସ୍ୱତନ୍ତ୍ର ପ୍ରଦେଶର ଅର୍ଥନୈତିକ ଅଗ୍ରଗତି ଘଟି ପାରିବ, ଏହା ମୋର ପୂର୍ଣ୍ଣ ବିଶ୍ୱାସ । ଏହା ଦ୍ୱାରା ନିଜର ସଂସ୍କୃତି, କଳା ଓ ପରମ୍ପରା କୌଣସି ପ୍ରକାରରେ ବାଧାପ୍ରାପ୍ତ ହେବ ନାହିଁ । ସେଗୁଡ଼ିକର ମଧ୍ୟ ଅଗ୍ରଗତି ଘଟିବ ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ

# ଆପଣଙ୍କର ଦୁଇଟି ସନ୍ତାନ ମଧ୍ୟରେ
# ତିନି ବର୍ଷର ବ୍ୟବଧାନ ରଖନ୍ତୁ



ନିରୋଧ　　କପର ଟି　　ଓରାଲ ପିଲ




**ଯେ କୌଣସି ଗୋଟିଏ ପଦ୍ଧତି ବାଛି ନିଅନ୍ତୁ**

davp 84/225

# ଓଡ଼ିଶାର ବୟନ ଶିଳ୍ପ

ଶ୍ରୀ ଶ୍ରୀନିବାସ ରଥ

ଆମ ରାଜ୍ୟରେ ଥିବା କୁଟୀର ଶିଳ୍ପମାନଙ୍କ ମଧ୍ୟରୁ ବୟନଶିଳ୍ପ ଅନ୍ୟତମ । ମାନବ ସମାଜରେ ସରସ ଓ ସୁନ୍ଦର ଜୀବନ ଯାପନ କରିବାକୁ ହେଲେ ଖାଦ୍ୟ ସାଙ୍ଗକୁ ଲଜ୍ଜା ନିବାରଣ ପାଇଁ ବସ୍ତ୍ର ଏକ ଅପରିହାର୍ଯ୍ୟ ଅଙ୍ଗ । ବସ୍ତ୍ରଶିଳ୍ପ କ୍ଷେତ୍ରରେ ବୟନଶିଳ୍ପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଏକ ଗ୍ରାମ୍ୟଭିତ୍ତିକ କୁଟୀରଶିଳ୍ପ ହୋଇଥିବାରୁ ଅଳ୍ପ ପୁଞ୍ଜି ବିନିଯୋଗରେ ସର୍ବାଧିକ କର୍ମ ନିଯୁକ୍ତି ତଥା ଆର୍ଥିକ ଉନ୍ନତି ପାଇଁ ଏହି ଶିଳ୍ପ ବିଶେଷ ସହାୟକ । ଗାଁ ଗହଳରେ ବାସ କରୁଥିବା ଅଧିକାଂଶ ଗରିବ ବୁଣାକାର ଭାଇମାନଙ୍କର ଉନ୍ନତି କରିବାକୁ ହେଲେ ସେମାନେ ନିର୍ଭର କରୁଥିବା ହସ୍ତତନ୍ତ ଶିଳ୍ପର ବିକାଶ ଏକାନ୍ତ ପ୍ରୟୋଜନ । ଆମ ରାଜ୍ୟରେ ବାସକରୁଥିବା ଦୁଇକୋଟି ଅଠଷଠି ଲକ୍ଷ ଲୋକମାନଙ୍କ ପାଇଁ ବର୍ଷକୁ ହାରାହାରି ପ୍ରାୟ ୪୦ କୋଟି ମିଟର ବସ୍ତ୍ର ଆବଶ୍ୟକତା ଥିବା ସ୍ଥଳେ ଏହି ଶିଳ୍ପ ମାତ୍ର ୧୦ କୋଟି ମିଟର ବସ୍ତ୍ର ଯୋଗାଇଥାଏ । ଅବଶିଷ୍ଟ ନିଅଣ୍ଟ ପଡୁଥିବା ୩୦ କୋଟି ମିଟର ବସ୍ତ୍ରର ଚାହିଦା ମେଣ୍ଟାଇବାପାଇଁ ଆମକୁ କଳତନ୍ତ ଲୁଗା, କାରଖାନା ଓ ପଡ଼ୋଶୀ ରାଜ୍ୟମାନଙ୍କ ହସ୍ତତନ୍ତ ଲୁଗା ଉପରେ ନିର୍ଭର କରିବାକୁ ପଡିଥାଏ । ଏଣୁକରି ବସ୍ତ୍ର ଚାହିଦା ଉପରେ ଆମକୁ ଆତ୍ମନିର୍ଭରଶୀଳ ହେବା ନିମିତ୍ତ ସରକାରଙ୍କଦ୍ୱାରା ପରିଚାଳିତ ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଜରିଆରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଏହି ଶିଳ୍ପର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଯୋଜନା ମାଧ୍ୟମରେ ଉଲ୍ଲେଖ ଯୋଗ୍ୟ ପରିମାଣର ଅର୍ଥ ଖର୍ଚ୍ଚ କରୁଛନ୍ତି ।

୧୯୭୩ ମସିହା ହସ୍ତତନ୍ତ ବୁଣାକାର ସୁମାରି ଅନୁଯାୟୀ ଆମ ଓଡ଼ିଶାରେ ମୋଟ ଦୁଇଲକ୍ଷ ଅଠାନବେ ହଜାର ଚାରିଶହ ତିରିଶ ଜଣ ବୁଣାକାର ଅଛନ୍ତି ଓ ସେମାନଙ୍କର ମୋଟ ତନ୍ତ ସଂଖ୍ୟା ହେଲା ଏକଲକ୍ଷ ପାଞ୍ଚ ହଜାର । ୧୯୮୩ ମସିହାରେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସହଯୋଗ ସମିତି ନିର୍ଦ୍ଦେଶରେ ଆଉଥରେ ହସ୍ତତନ୍ତ ଓ ବୁଣାକାର ସୁମାରି କରାଯାଉଛି । ନିକଟ ଭବିଷ୍ୟତରେ ଏହାର ମୌଳିକ ତଥା ବୈଜ୍ଞାନିକ ତଥ୍ୟ ପ୍ରକାଶ ପାଇବ ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ଆମର ରାଜ୍ୟରେ ମୋଟ ୩୩୭ ଗୋଟି ସକ୍ଷମ ତନ୍ତୁବାୟ ସହଯୋଗ ସମିତି ଥିଲା । ଏଥିରେ ୩୦ ହଜାର ହସ୍ତତନ୍ତ କାର୍ଯ୍ୟ କରୁଥିଲା ଓ ୬୦ ହଜାର ବୁଣାକାର ଭାଇ କର୍ମ ନିଯୁକ୍ତି ପାଉଥିଲେ । ୧୯୮୫ ମସିହା ଜାନୁୟାରୀ ମାସ ଶେଷସୁଦ୍ଧା ଏହା ବଢ଼ି ପାଇ ୬୫୫ଟି କାର୍ଯ୍ୟକାରୀ ସମିତିସହ ୬୭,୬୫୪ଟି ତନ୍ତ କାମ କରୁଅଛି ଏବଂ ୧,୩୫,୩୦୮ ଜଣ ବୁଣାକାର ସିଧାସଳଖ କର୍ମସଂସ୍ଥାନ ପାଉଛନ୍ତି । ୧୯୮୪-୮୫ ଆର୍ଥିକବର୍ଷ ଶେଷସୁଦ୍ଧା ମୋଟ ୭୩୫ଟି ତନ୍ତୁବାୟ ସହଯୋଗ ସମିତିକୁ କାର୍ଯ୍ୟକାରୀ ସମିତିରେ ପରିଣତ କରିବା ଓ ୬୮ ହଜାର ତନ୍ତକୁ କାର୍ଯ୍ୟକ୍ଷମ କରିବାପାଇଁ ଯୋଜନା କରାଯାଉଅଛି ଏବଂ ଏକ ଲକ୍ଷ ଛତିଶ ହଜାର ବୁଣାକାରଙ୍କୁ କର୍ମନିଯୁକ୍ତି ଯୋଗାଇଦେବାର ପରିକଳ୍ପନା କରାଯାଇଅଛି ।

ସବୁ ବୁଣାକାର ଭାଇମାନେ ଯେ ସମବାୟ ପରିସର ମଧ୍ୟରେ ଅଛନ୍ତି ତାହାନୁହେଁ, ସମବାୟ ପରିସର ବାହାରେ ମଧ୍ୟ ଅନେକ ବୁଣାକାର ଅଛନ୍ତି । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏକ ହସ୍ତତନ୍ତ ଉନ୍ନୟନ ନିଗମ ପ୍ରତିଷ୍ଠା କରାଯାଇଅଛି । ଏହା ଏକ କେନ୍ଦ୍ରୀୟ ପ୍ରକଳ୍ପ । ଏହି ସଂସ୍ଥା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥାଆନ୍ତି । ଏହାର ଦୁଇଟି ଅଙ୍ଗ ଯଥା: ସଘନ ହସ୍ତତନ୍ତ ଉନ୍ନୟନ ସଂସ୍ଥା ଓ ରପ୍ତାନୀଯୋଗ୍ୟ ହସ୍ତତନ୍ତ ବସ୍ତ୍ର ଉତ୍ପାଦନ ଯୋଜନା । ଏହି ଦୁଇ ଯୋଜନା ଜରିଆରେ ୮୪ଟି ଉତ୍ପାଦନ କେନ୍ଦ୍ର ଖୋଲଯାଇ ୧୬,୯୬୯ ଖଣ୍ଡ ତନ୍ତ ଚାଲୁ କରାଯାଇ ୩୩,୯୧୮ ଜଣ ବୁଣାକାରଙ୍କୁ ପ୍ରତ୍ୟକ୍ଷ କର୍ମ ସଂସ୍ଥାନ ଯୋଗାଇ ଦିଆଯାଉଛି । ୧୯୮୪-୮୫ ଆର୍ଥିକ ବର୍ଷ ଶେଷସୁଦ୍ଧା ମୋଟ ୧୭,୦୦୦ ଖଣ୍ଡ ତନ୍ତକୁ ଏହି ସଂସ୍ଥା ମାଧ୍ୟମରେ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ୩୪,୦୦୦ ବୁଣାକାରକୁ କର୍ମନିଯୁକ୍ତି ଯୋଗାଇ ଦେବାକୁ ପରିକଳ୍ପନା କରାଯାଇଛି । ଏହି ଶିଳ୍ପର ବିକାଶ ନିମନ୍ତେ ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ୧ କୋଟି ୨୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଚଳିତ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ଏହି ଖର୍ଚ୍ଚ ବୃଦ୍ଧିପାଇ ୭ କୋଟି ୨୧ ଲକ୍ଷ ଟଙ୍କାରେ ପହଞ୍ଚିଲାଣି । ତନ୍ମଧ୍ୟରୁ ରାଜ୍ୟ ସରକାର ୪ କୋଟି ୯୭ ଲକ୍ଷ ଟଙ୍କା ଓ କେନ୍ଦ୍ର ସରକାର ୨ କୋଟି ୨୪ ଲକ୍ଷ ଟଙ୍କା ଭରଣା କରିଛନ୍ତି । ଏହି ଶିଳ୍ପର ବିକାଶ ନିମିତ୍ତ ସମବାୟ ଓ ହସ୍ତତନ୍ତ ଉନ୍ନୟନ ନିଗମ ମାଧ୍ୟମରେ ଅନେକ ପ୍ରକାର ସୁବିଧା ଦିଆଯାଉଛି । ଯେଉଁ ବୁଣାକାର ଭାଇମାନେ ସମବାୟ ପରିସରଭୁକ୍ତ ସେମାନଙ୍କୁ ଋଣ, ଅଂଶଧନ

ଆଧୁନିକ ଧରଣର ତନ୍ତ, ତନ୍ତଉପକରଣ ଓ ବିଭିନ୍ନ ପ୍ରକାରର ଆଧୁନିକ ଡିଜାଇନ ଉପରେ ଅନୁଦାନ ଯୋଗାଇ ଦିଆଯାଉଅଛି । ଆଧୁନିକ ଡିଜାଇନ ଉପରେ ବୁଣାକାର ତାଲିମ ଦେବାର ବ୍ୟବସ୍ଥା ମଧ୍ୟ କରାଯାଉଅଛି । ବୁଣାକାର ଭାଇମାନଙ୍କୁ ସନ୍ଦାନୁଯାୟୀ ଉଚିତ ଦାମରେ କଞ୍ଚାମାଲ ଯୋଗାଇ ଦିଆଯାଉଅଛି ଓ ଉତ୍ପାଦିତ ବସ୍ତ୍ରକୁ ଉଚିତ ମୂଲ୍ୟରେ ମଧ୍ୟ ବିକ୍ରୀ କରିବା ପାଇଁ ରାଜ୍ୟ ଭିତରେ ଓ ବାହାରେ ବିକ୍ରୟ କେନ୍ଦ୍ରମାନ ଖୋଲା ଯାଇଅଛି । ବିଶେଷ କରି ତପସିଲଭୁକ୍ତ ଜାତି ଓ ଉପଜାତି ବୁଣାକାର ଭାଇମାନଙ୍କ ପାଇଁ ସହଜ ଉପାୟରେ ସମବାୟ ସମିତି ଗଠନ, ଋଣପ୍ରଦାନ ତଥା ତାଲିମ୍ ପାଇବାର ବ୍ୟବସ୍ଥା କରାଯାଉଛି ।

ସମବାୟ ପରିସରଭୁକ୍ତ ହୋଇ ନଥିବା ବୁଣାକାରମାନଙ୍କୁ ଅଧିକରୁ ଅଧିକ ସମବାୟ ପରିସରଭୁକ୍ତ କରିବାପାଇଁ ଯୋଜନା କରାଯାଉଅଛି ଓ ଏଥିପାଇଁ ସମିତିମାନଙ୍କରେ ନୂତନ ସଭ୍ୟ ଭୁକ୍ତ କରାଯିବା ସଙ୍ଗେ ସଙ୍ଗେ ସମିତି ନ ଥିବା ଗ୍ରାମମାନଙ୍କରେ ନୂତନ ସମିତିମାନ ଗଠନ କରାଯାଉଅଛି । ଗୋଟିଏ ନୂତନ ସମବାୟ ସମିତି ଗଠନ କରିବାକୁ ହେଲେ ଅତିକମ୍‌ରେ ୫୦ଟି ସଭ୍ୟ ଥିବା ଆବଶ୍ୟକ । ପ୍ରତି ସଭ୍ୟଙ୍କ ପାଇଁ ପ୍ରବେଶିକା ମୂଲ୍ୟ ୫୦ ପଇସା ବା ଏକଟଙ୍କା ଦେବାକୁ ପଡିଥାଏ । ସମିତିରେ ସଭ୍ୟ ହେବା ପରେ ଅଂଶଧନ ବାବଦକୁ ସରକାରଙ୍କଠାରୁ ଋଣ ଆକାରରେ ଏକଶହ ଟଙ୍କା ଏବଂ ଅନୁଦାନ ଆକାରରେ ଏକଶହ ଟଙ୍କା ମୋଟ୍‌ରେ ଦୁଇଶହଟଙ୍କା ଦିଆଯାଉଥାଏ । ପ୍ରାଥମିକ ବୁଣାକାର ତନ୍ତୁବାୟ ସହଯୋଗ ସମିତି ସରକାରଙ୍କ ମଧ୍ୟସ୍ଥତା (ଗ୍ୟାରେଣ୍ଟି)ରେ ରିଜର୍ଭ ବ୍ୟାଙ୍କ କ୍ୟାସ୍ କ୍ରେଡିଟ୍ ଋଣ ବ୍ୟବସାୟୀ ବ୍ୟାଙ୍କ ସୁଧ ହାରଠାରୁ କମ୍‌ରେ ଅର୍ଥାତ ଶତକଡ଼ା ସାଢେ ସାତ ହାରରେ ପାଇପାରିଥାଆନ୍ତି । ଉତ୍ପାଦନ ଆରମ୍ଭ କରିବାପାଇଁ ସରକାର ସହଜ ଉପାୟରେ ଦୀର୍ଘ ମିଆଦି ସୂତ୍ରରେ ପ୍ରାଥମିକ କାର୍ଯ୍ୟକାରୀ ଋଣ ଯୋଗାଇ ଦେଇଥାଆନ୍ତି । ଏହି କ୍ୟାସ୍ କ୍ରେଡିଟ୍ ଋଣ ପଞ୍ଚମ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ୨କୋଟି ଷୋଳିଏ ଲକ୍ଷ ଟଙ୍କା ଥିବାସ୍ଥଳେ ବର୍ତ୍ତମାନ ଏହା ବୃଦ୍ଧିପାଇ ୧୭କୋଟି ୧୩ ଲକ୍ଷ ଟଙ୍କାରେ ପହଞ୍ଚିଛି ।

ଅତିକ ଦୁର୍ବଳ ଶ୍ରେଣୀର ବୁଣାକାରଙ୍କୁ ଇ. ଆର. ଆର. ପି., ଆଇ. ଆର. ଡି. ଓ ଟ୍ରାଇସେମ ଯୋଜନା ମାଧ୍ୟମରେ ଥଇଥାନ କରିବାପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ମାନ କରାଯାଇଅଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଜରିଆରେ ୭ ହଜାର ଛଅଶହ ୧୫୪ ଜଣ ବୁଣାକାରଙ୍କୁ ସଂପୂର୍ଣ୍ଣ ରୂପେ ଥଇଥାନ କରାଯାଇଛି । ଆଧୁନିକ ରୁଚିସମ୍ପନ୍ନ ବସ୍ତ୍ରବସ୍ତ୍ର ଉତ୍ପାଦନ ପାଇଁ ବୈଷୟିକ ତାଲିମ ଏକ ଅପରିହାର୍ଯ୍ୟ ଅଙ୍ଗ ଅଟେ । ଏଣୁକରି ପୁରୀ ଜିଲ୍ଲାର ଖୋର୍ଦ୍ଧା, ବଲାଙ୍ଗିର ଜିଲ୍ଲାର ସୋନପୁର, କଟକ ଜିଲ୍ଲାର ନୂଆପାଟଣା ଓ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରଠାରେ ବୈଷୟିକ ତାଲିମ କେନ୍ଦ୍ରମାନ ସ୍ଥାପନ କରାଯାଇ ବୁଣାକାରମାନଙ୍କୁ ଉନ୍ନତ ପାଟ, ମଠା, ସିଲ୍କ, ପଲିଷ୍ଟର ଓ ସୂତାର ବସ୍ତ୍ରବସ୍ତ୍ର ଉତ୍ପାଦନ କ୍ଷେତ୍ରରେ ଉପଯୁକ୍ତ ତାଲିମ ଦିଆଯାଉଅଛି । ଏତଦ୍ ବ୍ୟତୀତ କେନ୍ଦ୍ର ସରକାରଙ୍କ ତରଫରୁ ଭୁବନେଶ୍ୱରଠାରେ ଏକ ବୁଣାକାର ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇ ବୟନକଳା ମହୁରୀ, ରଙ୍ଗ ଓ ଆଧୁନିକ ରୁଚିସମ୍ପନ୍ନ ଡିଜାଇନ [illegible] ବୈଷୟିକ ତାଲିମ ଦିଆଯାଉଅଛି । ଏହାଛଡ଼ା ସମୟ ଉପଯୋଗୀ ଡିଜାଇନର ବସ୍ତ୍ର ଉତ୍ପାଦନ କରିବା ପାଇଁ ବୟନଶିଳ୍ପ ନିର୍ଦ୍ଦେଶାଳୟରେ ଭିନ୍ନ ଭିନ୍ନ ପ୍ରକାରର ଆଧୁନିକ ନକ୍‌ସାମାନ ପ୍ରସ୍ତୁତ କରାଯାଇ ବିନା ମୂଲ୍ୟରେ ସମିତିମାନଙ୍କୁ ଯୋଗାଇ ଦିଆଯାଉଅଛି ।

ହସ୍ତତନ୍ତରେ ଉତ୍ପାଦିତ ବସ୍ତ୍ରକୁ ବଜାର ତଥା ସୁନ୍ଦର କରି ବଜାରରେ ବିକ୍ରୀ ଉପଯୋଗୀ କରିବା ନିମିତ୍ତ ଧୁଲେଇ ଓ ରଙ୍ଗାଇ କରିବା ଦରକାର ପଡ଼ିଥାଏ । ତେଣୁ କଟକ ଜିଲ୍ଲାର ଜଗତପୁର ଶିଳ୍ପାଞ୍ଚଳରେ ଏକ ସମବାୟ [illegible] ପ୍ରୋସେସିଂ କାରଖାନା ପ୍ରତିଷ୍ଠା କରାଯାଇଅଛି । ଏହା ବ୍ୟତୀତ ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସହଯୋଗ ସମିତି ଅଧୀନରେ ବରହମ୍ପୁରଠାରେ ଏକ ଅତ୍ୟାଧୁନିକ ରଙ୍ଗ କାରଖାନା ଖୋଲାଯିବା ଏବଂ [illegible] ସ୍ଥାପନ କରାଯାଉଅଛି । ଭୁବନେଶ୍ୱର ପୁରୀ ଜିଲ୍ଲାର [illegible] ଓ କଟକ ଜିଲ୍ଲାର ଆଠଗଡ଼ଠାରେ ଆଧୁନିକ ମାନର [illegible] କାରଖାନା ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି ଓ ଏହାର ନିର୍ମାଣ କାର୍ଯ୍ୟ ଖୁବ୍ ଜୋରରେ ଆଗେଇ ଚାଲିଛି ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଆମ ରାଜ୍ୟରେ ବର୍ଷକୁ ସମବାୟ ସମିତି ଓ ହସ୍ତତନ୍ତ [illegible] ମ କରିଆରେ ୭ କୋଟି ୭୪ ଲକ୍ଷ ଟଙ୍କାର ବସ୍ତ୍ର ଉତ୍ପାଦନ ହେଉଥିଲା । ତନ୍ତ ଆଧୁନିକୀକରଣ, ଉନ୍ନତ ତନ୍ତୋପକରଣ ଯୋଗାଣ ଏବଂ ପୂର୍ବରୁ ବର୍ଣ୍ଣିତ ସୁବିଧା ସୁଯୋଗ ଯୋଗାଇ ଦେବା ଦ୍ୱାରା ଏହା ବୃଦ୍ଧି ପାଇ ବର୍ତ୍ତମାନ ବର୍ଷକୁ ୩୮ କୋଟି [illegible] ଲକ୍ଷ ଟଙ୍କାର ବସ୍ତ୍ର ଉତ୍ପାଦନ ହେଉଛି । ଆମରାଜ୍ୟରେ [illegible] ସ୍ଥ ପ୍ରାଥମିକ ବୁଣାକାର ସମବାୟ ସମିତିମାନଙ୍କୁ ନେଇ ରାଜ୍ୟ ସ୍ତରରେ ଗୋଟିଏ ରାଜ୍ୟ ହସ୍ତତନ୍ତ ବୁଣାକାର ତନ୍ତୁବାୟ ସହଯୋଗ ସମିତି ସ୍ଥାପନ କରାଯାଇଅଛି । ପ୍ରାଥମିକ ସମିତିରେ ଉତ୍ପାଦିତ ହୋଇଥିବା ବସ୍ତ୍ରକୁ ରାଜ୍ୟ ତନ୍ତୁବାୟ ସହଯୋଗ ସମିତି କ୍ରୟକରି ତାହାର ବିଭିନ୍ନ ବିକ୍ରୟ କେନ୍ଦ୍ରମାନଙ୍କରେ ବିକ୍ରୟ କରିବା ଦାୟିତ୍ୱ ବହନ କରିଥାଏ । ସେହିପରି ହସ୍ତତନ୍ତ ଉନ୍ନୟନ ନିଗମ ତା'ର ବିକ୍ରୟ କେନ୍ଦ୍ରମାନଙ୍କ ଜରିଆରେ ଉତ୍ପାଦିତ ବସ୍ତ୍ରକୁ ବିକ୍ରୟ କରିଥାଏ । ଏତଦ୍ ବ୍ୟତୀତ ହସ୍ତତନ୍ତ ବସ୍ତ୍ର ବିକ୍ରୀର ଗ୍ରହିତାକୁ ବୃଦ୍ଧି କରିବାପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ବର୍ଷର ବିଭିନ୍ନ ପର୍ବପର୍ବାଣୀମାନଙ୍କରେ ବିକ୍ରୀ ଉପରେ ଆକର୍ଷଣୀୟ ରିହାତି ଶତକଡ଼ା ୨୦ ଭାଗ [illegible] ବାର ବ୍ୟବସ୍ଥା କରିଛନ୍ତି ।

ପୂର୍ବେ ବୁଣାକାରମାନେ ଯେଉଁ ତନ୍ତ ବ୍ୟବହାର କରୁଥିଲେ ସେଥିରେ ଖଣ୍ଡିଏ ଲୁଗା ବୁଣିବା ପାଇଁ ବହୁତ ସମୟ ଲାଗୁଥିଲା । ବର୍ତ୍ତମାନ ସେହି ତନ୍ତଗୁଡ଼ିକୁ ଆଧୁନିକୀକରଣ କରାଯାଇ ଅଧିକ ଉତ୍ପାଦନକ୍ଷମ ହସ୍ତତନ୍ତରେ ପରିଣତ କରିବା ଦ୍ୱାରା ବୁଣାକାରମାନେ ଠିକ୍ ସେହି ସମୟରେ ଅଧିକ ଲୁଗା ବୁଣିବା ପାଇଁ ସକ୍ଷମ ହୋଇ ପାରୁଛନ୍ତି । ଏହା ବ୍ୟତୀତ ସେମାନଙ୍କୁ ଉନ୍ନତଧରଣର ତନ୍ତ ସରଞ୍ଜାମ ଯଥା: ଡବି, ଜାକାର୍ଡ ଓ ଟେକ୍‌ଅପମୋସନ ଇତ୍ୟାଦି ଯୋଗାଇ ଦିଆଯାଉଅଛି । ଏହି ସରଞ୍ଜାମ ତନ୍ତରେ ସଂଯୋଗ ହେବା ଦ୍ୱାରା ଆଧୁନିକ ମାନର ଲୁଗା ସହଜରେ ଓ କମ୍ ସମୟରେ ଉତ୍ପାଦିତ

ହୋଇପାରୁଛି । ବୁଣାକାରମାନେ ସାଧାରଣତଃ ଦିନ ଛଡ଼ା ରାତିରେ ଉପଯୁକ୍ତ ଆଲୋକର ଅଭାବରୁ ବୁଣି ପାରନ୍ତି ନାହିଁ । ବର୍ତ୍ତମାନ ସରକାରଙ୍କ ତରଫରୁ ସେମାନଙ୍କର ତନ୍ତଶାଳାକୁ ବିଜୁଳି ଆଲୋକ ଅନୁଦାନ ସୂତ୍ରରେ ଯୋଗାଇ ଦିଆଯାଉଛି । ଏହାଦ୍ୱାରା ସେମାନେ ଅଧିକ ଉତ୍ପାଦନକ୍ଷମ ହେବା ସଙ୍ଗେ ସଙ୍ଗେ ଦୈନିକ ଅଧିକ ମଜୁରୀ ମଧ୍ୟ ପାଇପାରୁଛନ୍ତି । ବର୍ତ୍ତମାନ ସୁଦ୍ଧା ୫୮ ହଜାର ୮୦୬ ତନ୍ତର ଆଧୁନିକୀକରଣ କରାଯାଇ ଏ ବାବଦରେ ୫ କୋଟି ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏଥିନିମିତ୍ତ ଯେତିକି ଅର୍ଥ ଆବଶ୍ୟକ ପଡ଼ିଥାଏ, ତାହାର ଶତକଡ଼ା ୫୦ ଭାଗ ଋଣ ଓ ଶତକଡ଼ା ୫୦ ଭାଗ ଅନୁଦାନ ଆକାରରେ ସରକାରଙ୍କ ତରଫରୁ ମିଳିଥାଏ, କିନ୍ତୁ ବୁଣାକାର ଯଦି ଗୋଟିଏ ତପସିଲଭୁକ୍ତ ଜାତି ହୋଇଥିବେ ସେମାନଙ୍କୁ ଶତକଡ଼ା ୭୫ ଭାଗ ଅନୁଦାନ ଓ ଶତକଡ଼ା ୨୫ ଭାଗ ଋଣ ଆକାରରେ ମିଳିଥାଏ । ବୁଣାକାର ସମିତିଗୁଡ଼ିକର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସୂତା ଲୁଗା ଆଦି ସୁରକ୍ଷିତ ଅବସ୍ଥାରେ ରଖିବା ପାଇଁ ଅଧିକାଂଶ ସମିତିରେ ନିଜସ୍ୱ ଅର୍ଥ-ନିରୋଧକ ଗୋଦାମ ଘର ନାହିଁ । ଗୋଦାମ ଘର ନିର୍ମାଣ ପାଇଁ ଆବଶ୍ୟକ ଅର୍ଥର ଶତକଡ଼ା ୫୦ ଭାଗ ଅନୁଦାନ ଓ ଶତକଡ଼ା ୫୦ ଭାଗ ଋଣ ଆକାରରେ ମିଳିଥାଏ । ୧୯୮୪-୮୫ ଆର୍ଥିକ ବର୍ଷରେ ୫ ଗୋଟି ଗୋଦାମ ଘର ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଅଛି । ଅନ୍ୟାନ୍ୟ ଶିଳ୍ପ ସମବାୟ ସମିତି ତୁଳନାରେ ହସ୍ତତନ୍ତ ସମବାୟ ସମିତିର ଖାତାପତ୍ର ରଖିବା ବହୁ ଜଟିଳ । ଅଧିକାଂଶ ସମିତିର ନିଜସ୍ୱ ପାଣ୍ଠି ନଥିବାରୁ ସେମାନେ ସୁଯୋଗ୍ୟ ହିସାବରକ୍ଷକଙ୍କୁ ନିଯୁକ୍ତି ଦେଇ ପାରୁ ନାହାନ୍ତି । ଏଣୁ ଏକ ଯୋଜନା ଅନୁଯାୟୀ ସୁଯୋଗ୍ୟ ହିସାବରକ୍ଷକଙ୍କୁ ସମବାୟ ସମିତିରେ ନିଯୁକ୍ତି ଦେଇ ତା ଖର୍ଚ୍ଚକୁ କେନ୍ଦ୍ର ଓ ରାଜ୍ୟ ସରକାର ଆନୁପାତିକ ଅନୁପାତରେ ବହନ କରିଥାନ୍ତି । ବର୍ତ୍ତମାନ ସୁଦ୍ଧା ଏ ବାବଦରେ ୩୩ ଲକ୍ଷ ୬୩ ହଜାର ଟଙ୍କା ୩୩୩ ଗୋଟି ସମବାୟ ସମିତିକୁ ଦିଆଯାଇଅଛି । ଏହାବ୍ୟତୀତ ଆମ ରାଜ୍ୟରେ ଥିବା ସମବାୟ ପ୍ରଶିକ୍ଷଣ ମହା-ବିଦ୍ୟାଳୟରେ ସମିତିର ହିସାବ ରକ୍ଷକ ତଥା ସଂପାଦକମାନଙ୍କୁ ଉଭୟ ସ୍ୱଳ୍ପ ମିଆଦି ଓ ଦୀର୍ଘ ମିଆଦି ସମବାୟ ତାଲିମ ଦିଆଯାଉଅଛି । କୁଶଳୀ ବୁଣାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ପୁରସ୍କାର ଓ ମାନପତ୍ର ଦେବାର ବ୍ୟବସ୍ଥା ହୋଇଛି । ଏହାଛଡ଼ା ଓଡ଼ିଶାର ବାହାରେ ଥିବା ହସ୍ତତନ୍ତ ପ୍ରଶିକ୍ଷଣ କେନ୍ଦ୍ରମାନଙ୍କୁ ବୁଣାକାରମାନଙ୍କୁ ସାମୟିକ ଭାବରେ ନେବା ପାଇଁ ସରକାର ଆବଶ୍ୟକୀୟ ଅର୍ଥ ବ୍ୟବସ୍ଥା କରିଥାନ୍ତି ।

ସମାଜରେ ବାସ କରୁଥିବା ଆର୍ଥିକ ଦୁର୍ବଳଶ୍ରେଣୀର ଲୋକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ବସ୍ତ୍ର ଯୋଗାଇଦେବା ନିମିତ୍ତ ସରକାରଙ୍କ ତରଫରୁ ବିହିତ ପଦକ୍ଷେପ ନିଆଯାଇଛି । ଏହି ଯୋଜନା ଫଳରେ ଆମ ରାଜ୍ୟରେ ବର୍ଷକୁ ସମବାୟ ଓ ହସ୍ତତନ୍ତ ନିଗମ ଜରିଆରେ ୧୦ କୋଟି ଟଙ୍କାର ଜନତା ବସ୍ତ୍ର ଉତ୍ପାଦନ କରାଯାଇ ବଜାର ଅପେକ୍ଷା ଯଥେଷ୍ଟ କମ ଦାମ୍‌ରେ ଯୋଗାଇ ଦିଆଯାଉଅଛି ।

ଆମରାଜ୍ୟରେ ହସ୍ତତନ୍ତ ଓ କଳତନ୍ତ ପାଇଁ ଆବଶ୍ୟକ ପଡ଼ୁଥିବା ସୂତାର ଚାହିଦା ମେଣ୍ଟାଇବା ନିମିତ୍ତ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଏକ ସମବାୟ ଭିତ୍ତିକ ସୂତାକଳ ସମ୍ବଲପୁର ଜିଲ୍ଲାର ବରଗଡ଼ ନିକଟସ୍ଥ ଭୋରାଠାରେ ପ୍ରତିଷ୍ଠା କରାଯାଇଥିଲା । ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ପ୍ରସ୍ତାବ ଥିବା ୮ ଗୋଟି ନୂତନ ସୂତାକଳ ମଧ୍ୟରୁ ଅଧୁନା ୩ ଗୋଟି ସୂତାକଳରୁ ଉତ୍ପାଦନ ଆରମ୍ଭ କରାଯାଇ ସୂତାର ଚାହିଦା ପୂରଣ କରିବା ସଙ୍ଗେ ସଙ୍ଗେ ୧୦ ହଜାର କର୍ମସଂସ୍ଥାନ କରାଯାଇ ପାରିଛି । ଏସବୁ ଯୋଜନା ବ୍ୟତୀତ ଚଳିତବର୍ଷ ଏକ ନୂତନ ଯୋଜନା ପ୍ରଚଳନ କରିବା ପାଇଁ ସରକାର ସ୍ଥିର କରିଛନ୍ତି । ଏହି ଯୋଜନା ମାଧ୍ୟମରେ ସହରାଞ୍ଚଳରେ ୧୫ ହଜାର ଟଙ୍କା ଓ ଗ୍ରାମାଞ୍ଚଳରେ ୯ ହଜାର ଟଙ୍କା ଖର୍ଚ୍ଚ କରାଯାଇ ବୁଣାକାରମାନଙ୍କ ପାଇଁ ବାସ ଉପଯୋଗୀ ତନ୍ତଶାଳା ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଅଛି ।

ଉତ୍କଳୀୟ ବୟନଶିଳ୍ପର ଏକ ପୁରାତନ, ଗରିମାମୟ ଓ ସୌନ୍ଦର୍ଯ୍ୟମୟ ଅତୀତ ରହି ଆସିଛି । ଏହା ଉନ୍ନତ କଳା ନୈପୁଣ୍ୟର ଏକ ଚରମ ନିଦର୍ଶନ । ଉତ୍କଳୀୟ ବୁଣାକାର-ମାନଙ୍କ ମହୁଜ୍ଜ୍ୱଳ ତଥା ଉନ୍ନତ ଅତୀତର ଗରିମା ଓ ଗୌରବକୁ ବଜାୟରଖି ପରିବର୍ତ୍ତିତ ପରିସ୍ଥିତିରେ ଉକ୍ତ ଶିଳ୍ପର ଚରମ ଉତ୍କର୍ଷ ସାଧନ କରିବା ବର୍ତ୍ତମାନର ଲୋକପ୍ରିୟ ସରକାରଙ୍କ ମୁଖ୍ୟ ଆଭିମୁଖ୍ୟ ଅଟେ । ବିଂଶସୂତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ସପ୍ତମ ପଞ୍ଚବାର୍ଷିକ ଯୋଜନାନୁଯାୟୀ ହସ୍ତତନ୍ତର ବିକାଶ ନିମିତ୍ତ ସରକାର ସମସ୍ତ ପ୍ରକାର ପ୍ରଚେଷ୍ଟା ଅବ୍ୟାହତ ରଖିଛନ୍ତି । ଉକ୍ତ ଯୋଜନାକାଳ ମଧ୍ୟରେ ଉତ୍ପାଦନ କ୍ଷମତା ବୃଦ୍ଧି ଓ କର୍ମସଂସ୍ଥାନର ବ୍ୟବସ୍ଥା କରାଯାଉଛି । ଏହାଦ୍ୱାରା ବୁଣାକାର-ମାନଙ୍କ ଅର୍ଥନୈତିକ ମାନ ଆଶାଜନକ ସ୍ତରରେ ପହଞ୍ଚିପାରିବ ଓ ସେମାନେ ସମାଜରେ ଏକ ସୁସ୍ଥ, ସୁନ୍ଦର ଓ ସରସ ଜୀବନ-ଯାପନ କରିପାରିବେ ।

ବୟନ ଶିଳ୍ପ ନିର୍ଦ୍ଦେଶକ ତଥା
ଅତିରିକ୍ତ ସମବାୟ ସମିତି ସମୂହ ନିବନ୍ଧକ, ଓଡ଼ିଶା
ଭୁବନେଶ୍ୱର-୭

ଓଡ଼ିଶା ପଛରେ ପଡ଼ିବ ନାହିଁ । ପୂର୍ବରୁ ଓଡ଼ିଶା କହିଲେ ଭାରତର ସବୁଠାରୁ ପଛୁଆ, ଅବହେଳିତ ରାଜ୍ୟ ବୋଲି ଯେଉଁ ଧାରଣା ଥିଲା, ସେ ଧାରଣା ଆଉ ରହିବ ନାହିଁ । ପ୍ରବଳ ବେଗରେ ଓଡ଼ିଶାକୁ ଆଗେଇ ନେବାକୁ ହେବ ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ସଫଳ କାହାଣୀ

## ସନାତନର ପ୍ରୟାସ

ଦାନଗଦୀ ବ୍ଲକର ଅନତି ଦୂରରେ ଗୋବର୍ଦ୍ଧନପୁର ଗ୍ରାମ ଅବସ୍ଥିତ । ସେହି ଗ୍ରାମରେ ଜନ୍ମ ନେଇଥିଲା ଗଂଗାଧର ଦାସ କୋଳରେ ସନାତନ ଦାସ । ବାପ ମାଆଙ୍କର ଏକମାତ୍ର ଅଲିଅଳି ପୁଅ ସନାତନ ଦାସ । ଗୋଟିଏ ପୁଅ ହେଲେ ଜଣେ ହେବ ସେ ଏକ ଅଭିଶପ୍ତ ଜୀବନ ନେଇ ଜନ୍ମ ନେଇଥିଲା । ୧୩ ଜଣ କୁଟୁମ୍ବର ଭରଣ ପୋଷଣ ଭାର ତା ଉପରେ ପଡ଼ିଲା । ଜମିବାଡ଼ି ସୁତେ ନାହିଁ । ଭଲ ସ୍ୱଳପର ଖଣ୍ଡେ ନାହିଁ ମୁଣ୍ଡ ଲୁଚିବାକୁ । ଦୈନିକ ପେଇଁ ୨ ଟଙ୍କା ମୂଲ ଆଣେ–ସେଥିରେ କି ସେ ତା'ର ଗୁଜରାଣ ମେଣ୍ଟନ କରି ପାରିବ? ଶିରେ ସେ ଦୋକାନଟିଏ କିପରି କରିବ ?

ସନାତନର କାନରେ, ବାଜିଲା ସରକାରଙ୍କର ଅର୍ଥନୈତିକ ୨୦ ଦଫା କାର୍ଯ୍ୟକ୍ରମ । ଦରିଦ୍ରମାନଙ୍କ ଥଇଥାନ ନିମନ୍ତେ ଆଇ. ଆର. ଡି. କାର୍ଯ୍ୟକ୍ରମ । ଗୋବର୍ଦ୍ଧନ କ'ଣ ସେଇ ସୁଖ ଅବସ୍ଥାରେ ଦରପୁରା ପେଟରେ ଦିନ କାଟିବ? ତାର ୧୩ ଜଣ କୁଟୁମ୍ବ କ'ଣ ଏଇ ହା-ହତାଶରେ ଜୀବନ ଅତିବାହିତ କରିବେ । ସେ ସେମାନଙ୍କୁ ଜୀବନ୍ୟାସ ଦେବ । ନୂତନ ପ୍ରାଣରେ ନୂତନ ପ୍ରେରଣା ଦେଇ ଜୀବନକୁ କର୍ମମୁଖର, ଚଳ ଚଞ୍ଚଳକରି, ଏ ସଂସାର କ୍ଷେତ୍ରରେ ସଂଗ୍ରାମ କରିବାକୁ ହେବ ଓ ମଣିଷପରି ମଣିଷହୋଇ ସମାଜରେ ପ୍ରତିଷ୍ଠିତ ହେବ । ଏଇ ଦୁର୍ବାର ମନୋରଥ ନେଇ ସନାତନ ଆଗେଇ ଗଲା ।

ସେ ଦାନଗଦୀ ଗ୍ରାମ୍ୟ ବ୍ୟାଙ୍କରୁ ଟ୩୦୦୦'୦୦ ଋଣ ଆଣିଲା । ଗୋଟିଏ ମନୋହରୀ ଓ ଖିଲିପାନ ଦୋକାନ କଲା । ଟ୩୦୦୦'୦୦ ରୁ ତାକୁ ଶତକଡ଼ା ୩୦ ଭାଗ ରିହାତି ମିଳିଲା । ଶତକଡ଼ା ୬୬ ଭାଗ ବ୍ୟାଙ୍କକୁ ପରିଶୋଧ କରିବାକୁ ହେବ । ସେ ମନୋହରୀ ଦୋକାନ ଓ ଖିଲିପାନ ଦୋକାନକରି ବର୍ତ୍ତମାନ ଦୈନିକ ଟ୩୫·୦୦ରୁ ଟ୪୦'୦୦ ପର୍ଯ୍ୟନ୍ତ ରୋଜଗାର କରିପାରୁଅଛି ଓ ତାର ପରିବାର ଆଉ ଲେକ ଉପାସରେ ଦିନ କାଟୁ ନାହାନ୍ତି । ସନାତନର ବଡ଼ ପୁଅଟି ମଧ୍ୟ ଟିକେ ପାରିଲାଣି । ଦୋକାନରେ ସମୟେ ସମୟେ ବାପାକୁ ସାହାଯ୍ୟ କରୁଛି । ସାନ ପୁଅଟି ମଧ୍ୟ ବର୍ତ୍ତମାନ ପରିଶ୍ରମ କରି ରୋଜଗାର କରୁଛି ।

ବର୍ତ୍ତମାନ ସେ କାଳରାତି ଆଉନାହିଁ । ସେ ଦୁଃଖ ଦୈନ୍ୟ ନାହିଁ । ସର୍ବଦା କର୍ମରତ ରହି ୧୩ ଜଣ କୁଟୁମ୍ବ ଗଣ୍ଡିଏ ପେଟପୁରା ଖାଇବାକୁ ପାଉଛନ୍ତି । ସନାତନର ୩ଟି ପିଲା ସ୍କୁଲରେ ପାଠ ପଢୁଛନ୍ତି । ଧିରେ ଧିରେ ସନାତନ ବ୍ୟାଙ୍କର ଋଣ ଶୁଝିଲାଣି । ଆଉ ମାତ୍ର ଟ୧୫୦୦ଙ୍କା ତାକୁ ଶୁଝିବାକୁ ହେବ । ଆଜି ସମସ୍ତଙ୍କ ମୁହଁରେ ହସର ଫଲଗୁ । ସରକାରଙ୍କ ଆଇ.ଆର. ଡି. ଯୋଜନାର ପ୍ରଶଂସା ଏବଂ ହସ ଖୁସିରେ ସେମାନେ ଜୀବନଟିପାତ କରୁଛନ୍ତି ।

## ପୂର୍ଣ୍ଣର ଉତ୍ଥାନ

କୋରାପୁଟ ଜିଲ୍ଲାର ପଟାଂଗୀ ଗ୍ରାମରେ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଇ. ଆର. ଆର୍. ପି. ଯୋଜନା ଦ୍ୱାରା ୨୫ ବର୍ଷ ବୟସ୍କ ପରଜା ଆଦିବାସୀ ଯୁବକ ପୂର୍ଣ୍ଣଚନ୍ଦ୍ର ଖରା ଆତ୍ମନିର୍ଭରଶୀଳ ହେବା ସଂଗେ ସଂଗେ ତା'ର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଛି । ବାଲ୍ୟାବସ୍ଥାରେ ତା'ର ବାପା ବୁଦୁ ଖରା ମରି ଯାଇଥିଲେ । ବିଧବା ମାଆ ପୁଅ ଓ ଝିଅ ଦୁହିଁଙ୍କୁ ନେଇ ପଟାଂଗୀ ଗ୍ରାମରେ ଗୁଳି ଆକରି ଦୁଃଖ କଷ୍ଟର ସହ ଦୂଲିକାମ କରି ଚଳୁଥିଲେ । ତାପରେ ସମନ୍ୱିତ ଗୃହ ନିର୍ମାଣ କାର୍ଯ୍ୟକ୍ରମ ଦ୍ୱାରା ପଟାଙ୍ଗୀର ଗୋପବନ୍ଧୁ ପଲ୍ଲୀରେ ଯେଉଁ ୩୧ଟି ଘର ତିଆରି କରାଯାଇ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଦିଆଗଲା, ସେଥିମଧ୍ୟରୁ ବାପ ଛେଉଣ୍ଡ ପୂର୍ଣ୍ଣଚନ୍ଦ୍ର ଖରାକୁ ଗୋଟିଏ ମିଳିଲା । ମାଆ ସହିତ ପୂର୍ଣ୍ଣ ମଧ୍ୟ ଦୂଲିକାମ କରିବାକୁ ଯାଏ । ତା'ପରେ ଗ୍ରାମର ଗୋଟିଏ ଦୋକାନରେ ଚାକରଭାବେ ରହି କିଛି ଟଙ୍କା ଆଣି ମାଆ, ଭଉଣୀ ସହିତ ଚଳିଲା କିନ୍ତୁ ସେମାନେ ଖାଇବାକୁ ପାଉନଥାନ୍ତି । ୧୯୮୧-୮୨ ଇ. ଆର୍. ଆର୍. ପି. କାର୍ଯ୍ୟକ୍ରମରେ ଗ୍ରାମସଭା ଦ୍ୱାରା ପୂର୍ଣ୍ଣ ନାମକୁ ମନୋନୀତ କରିବାପରେ ବି. ଡି. ଓ. ଙ୍କ ସୁପାରିଶ କ୍ରମେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅର୍ଥଲଗାଣରୁ କୋରାପୁଟ ପଞ୍ଚବଟୀ ଗ୍ରାମ୍ୟବ୍ୟାଂକ ପଟାଂଗୀ ଶାଖାଦ୍ୱାରା ୨,୨୦୦ ଟଙ୍କାର ଋଣ ସହାୟତା ଦଆଗଲା । ଏ ମଧ୍ୟରୁ ପୂର୍ଣ୍ଣକୁ ମାତ୍ର ଟ୫୫୦ଙ୍କା ସୁଧସହ ଶୁଝିବାକୁ ପଡ଼ିଲା । ସେ ଟଂକାରେ ଗ୍ରାମର ରେଳ୍ ସାହି ସଡ଼କ କଡ଼େ, ଘରଟିଏ ଘରକରି ଟେବୁଲ, ଚୌକୀ ଓ ଥାକକରି ହୋଟେଲ ଆରମ୍ଭ କଲା । କ୍ରମଶଃ ତାର ବ୍ୟବସାୟ ବୃଦ୍ଧି ପାଇଲା । ବର୍ତ୍ତମାନ ତା'ର ଦୈନିକ ବିକ୍ରୀ ହାରାହାରି ୧୦୦ଟଙ୍କାରୁ କିଛି କମ୍ ହେଉନାହିଁ । ଏହି ହୋଟେଲରେ ନିଜର ଭଉଣୀ ଭଣଜାମାନଙ୍କୁ ମଧ୍ୟ ସେ ନଯୁକ୍ତି ଦେଇଛି । ହୋଟେଲରୁ ଯେଉଁ ଆଦାୟ ହେଲା ସେଥିରେ ସେ ବିବାହ କଲା ଓ ବର୍ତ୍ତମାନ ତାର ୨ ବର୍ଷର ଝିଅଟିଏ । ତାର ୫୦ ବର୍ଷ ବୟସା ବୃଦ୍ଧା ମାଆ ସରକାରଙ୍କର ଏ ସହାୟତା ପ୍ରତି କୃତଜ୍ଞତା ଜଣାଉଛି । ପୂର୍ବେ ଯାଉ, ତୋରାଣୀ–ପେଜ ଖାଉଥିଲେ । ବର୍ତ୍ତମାନ ଭାତ ତରକାରୀ ଖାଇ ଭଲ ଲୁଗା ପିନ୍ଧିବାକୁ ସକ୍ଷମ ହୋଇପାରିଥିବାରୁ ବୁଢ଼ୀର ମନ ଖୁବ୍ ଆନନ୍ଦ । ପୁଅ, ବୋହୂ, ନାତୁଣୀ ଓ ଝିଅର ପୁଅମାନଙ୍କ ସହିତ ବୁଢ଼ୀ ବେଶ୍ ଆନନ୍ଦରେ ଜୀବନ କଟାଉଛି । ପୂର୍ଣ୍ଣ ହୋଟେଲର ଲଭ ଉପାର୍ଜନରେ ଖଣ୍ଡିଏ ରେଡ଼ିଓ କିଣିଛି । ଏହା ଭିତରେ ସେ ମଧ୍ୟ ଋଣ ପରିଶୋଧ କରିଛି ।

ପୂର୍ଣ୍ଣ ପରି ଏହି ଇ. ଆର୍. ଆର୍. ପି. କାର୍ଯ୍ୟକ୍ରମ ଦ୍ୱାରା ପଟାଂଗୀ ବ୍ଲକ୍‌ରେ ୧୯୮୦ ଠାରୁ ୧୯୮୪ ମଧ୍ୟରେ ୬୯୦ ପରିବାର ଉପକୃତ ହୋଇପାରିଛନ୍ତି ।

# ପ୍ରଗତି ପ୍ରସଙ୍ଗ

## ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ସଫଳ ରୂପାୟନ

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଷଷ୍ଠ ଯୋଜନା କାଳରେ ରାଜ୍ୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟଥିବା ୯ଲକ୍ଷ ୪୨ ହଜାର ଦରିଦ୍ର ପରିବାରଙ୍କ ମଧ୍ୟରୁ ଗତ ୧୯୮୪ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ମୋଟ୍ ୮ଲକ୍ଷ ୮ ହଜାର ୨୮୬ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧ଲକ୍ଷ ୬୪ହଜାର ୫୭୨ଜଣ ତଫସିଲଭୁକ୍ତ ଜାତି ଓ ୧ଲକ୍ଷ ୮୭ ହଜାର ୮୬୨ଜଣ ତଫସିଲଭୁକ୍ତ ସଂପ୍ରଦାୟ ଅନ୍ତର୍ଭୁକ୍ତ । ଏହା ହେଉଛି ସମୁଦାୟ ଉପକୃତ ହୋଇଥିବା ଲୋକସଂଖ୍ୟାର ଶତକଡ଼ା ୪୩ ଭାଗ ।

ଏହି ସମୟ ମଧ୍ୟରେ ସବ୍‌ସିଡ଼ି ଓ ଋଣକୁ ମିଶାଇ ମୁଣ୍ଡପିଛା ବିନିଯୋଗ ହୋଇଥିବା ଅର୍ଥର ପରିମାଣ କ୍ରମାଗତ ଭାବରେ ବଢ଼ିଚାଲିଛି । ଏହି ବିନିଯୋଗ ପରିମାଣ ୧୯୮୦-୮୧ରେ ୨,୧୪୧ ଟଙ୍କା ଥିବା ସ୍ଥଳେ ୧୯୮୨-୮୩ ରେ ୨,୨୦୪ ଟଙ୍କା ଓ ୧୯୮୪-୮୫ ମସିହାର ଡିସେମ୍ବର ମାସ ଶେଷସୁଦ୍ଧା ଏହା ୨,୬୬୩ ଟଙ୍କାକୁ ବୃଦ୍ଧି ପାଇଛି । ଏହା ବ୍ୟତୀତ ଷଷ୍ଠ ଯୋଜନା ପାଇଁ ଥିବା ନିର୍ଦ୍ଧାରିତ ଲକ୍ଷ୍ୟ ଯେପରି ହାସଲ ହୋଇପାରିବ, ସେ ଦିଗରେ ଉଦ୍ୟମ ହେବା ସଂଗେ ସଂଗେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଦୃଷ୍ଟି ଦିଆଯାଉଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି କାର୍ଯ୍ୟକ୍ରମ ୧୯୭୮-୭୯ ମସିହାରେ ରାଜ୍ୟର କେତେକ ବଛାବଛା ବ୍ଲକ୍‌ରେ ପ୍ରବର୍ତ୍ତନ କରାଯାଇଥିଲା । ତା' ପରେ ଏହା ରାଜ୍ୟର ୩୧୪ ଟି ବ୍ଲକ୍‌କୁ ୧୯୮୦ ମସିହା ଅକ୍ଟୋବର ମାସଠାରୁ ସଂପ୍ରସାରିତ କରାଯାଇଥିଲା । ଗ୍ରାମାଂଚଳରେ ବସବାସ କରୁଥିବା ଦରିଦ୍ରତମ ଲୋକଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଏହି ଯୋଜନାଟି ଉଦ୍ଦିଷ୍ଟ ।

ଚଳିତ ଆର୍ଥିକ ବର୍ଷର ଡ଼ିସେମ୍ବର ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମ ଅନୁଯାୟୀ ପ୍ରାୟ ୧ଲକ୍ଷ ଦରିଦ୍ର ପରିବାର ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୦,୬୦୮ଟି ତଫସିଲଭୁକ୍ତ ଜାତି ଓ ୨୫,୦୩୭ଟି ତଫସିଲଭୁକ୍ତ ସଂପ୍ରଦାୟ ପରିବାର ଉପକୃତ ହୋଇଛନ୍ତି ।

---

## ଶିଶୁ କଲ୍ୟାଣ କାର୍ଯ୍ୟକ୍ରମରେ ଖେଳଘର

ଭୁବନେଶ୍ୱର ମହିଳା କ୍ଲବ୍ ତରଫରୁ ସତ୍ୟନଗରଠାରେ ଏହି ଖେଳଘର ପରିଚାଳନାର ଦାୟିତ୍ୱ ନିଆଯାଇ ପ୍ରତ୍ୟହ ଏଠାରେ ପ୍ରାୟ ୬୦ଜଣ ଶିଶୁଙ୍କୁ ଦୁଗ୍ଧ, ମଧ୍ୟାହ୍ନ ଭୋଜନ ଓ ଖାଦ୍ୟସାର (ଭିଟାମିନ୍) ଯୋଗାଇ ଦିଆଯାଉଛି । ଏହାଛଡ଼ା ଶିଶୁମାନଙ୍କୁ ଶିକ୍ଷା ଓ ବାଳକ ବାଳିକାମାନଙ୍କୁ ସିଲେଇ ଓ ଛୁଞ୍ଚିକାମରେ ତାଲିମ ଦିଆଯାଉଛି । ଦକ୍ଷ ଚିକିତ୍ସକମାନେ ମାସରେ ଦୁଇଥର ଶିଶୁମାନଙ୍କର ସ୍ୱାସ୍ଥ୍ୟ ଏଠାରେ ପରୀକ୍ଷା କରିଥାଆନ୍ତି ।

ସଂପ୍ରତି ଅଏଲ୍ ଇଣ୍ଡିଆର ଅଧ୍ୟକ୍ଷ ଏହି ଖେଳଘରଟିର ସଂପ୍ରସାରଣ ନିମନ୍ତେ ୨୦ ହଜାର ଟଙ୍କା ଦାନ କରିଛନ୍ତି ।

---

## କୁଷ୍ଠ ନିରାକରଣ କାର୍ଯ୍ୟକ୍ରମର ଅଗ୍ରଗତି

ଗତ ୧୯୭୦ ମସିହାରୁ କୁଷ୍ଠ ନିରାକରଣ ପାଇଁ କଳାହାଣ୍ଡି ଜିଲ୍ଲାରେ ୨୩ଟି ସର୍ଭେ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି ଏବଂ ୧୯୭୭ ମସିହାଠାରୁ ଏ ଜିଲ୍ଲାରେ କୁଷ୍ଠ ନିୟନ୍ତ୍ରଣ କେନ୍ଦ୍ର ସ୍ଥାପିତ ହୋଇଛି । ବର୍ତ୍ତମାନ ୧୬ଟି ସର୍ଭେ ଚିକିତ୍ସା କେନ୍ଦ୍ର ଏବଂ ଗୋଟିଏ କୁଷ୍ଠ ନିରାକରଣ ୟୁନିଟ୍ ସକ୍ରିୟଭାବେ କାର୍ଯ୍ୟ କରୁଛି । ଜିଲ୍ଲାର ମୋଟ ଲୋକ ସଂଖ୍ୟା ୧୪ଲକ୍ଷରୁ ଏହି ଦୁଇଟି ସଂସ୍ଥାରେ କେବଳ ୧୦ଲକ୍ଷ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରାଥମିକ ସର୍ଭେ ସମାପ୍ତହୋଇ ଦ୍ୱିତୀୟ ସର୍ଭେ ଚାଲିଛି । ଏଯାବତ ଚିହ୍ନଟ ହୋଇଥିବା ୬,୭୧୮ଜଣ କୁଷ୍ଠରୋଗୀଙ୍କ ମଧ୍ୟରୁ ୭୫୧ ଜଣଙ୍କୁ ସଂପୂର୍ଣ୍ଣ ରୋଗମୁକ୍ତ କରାଯାଇଛି । ୪,୪୧୨ଜଣ ରୋଗୀ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି ଏବଂ ତନ୍ମଧ୍ୟରୁ ଶତକଡ଼ା ୮୦ ଭାଗ ରୋଗୀ ନିୟମିତ ଔଷଧ ସେବନ କରୁଛନ୍ତି । ଚଳିତ ଆର୍ଥିକ ବର୍ଷରେ ୧,୫୦୦ ଜଣ ନୂତନ ରୋଗୀଙ୍କୁ ଚିହ୍ନଟ ଏବଂ ୫୦୦ ଜଣ ପୁରାତନ ରୋଗୀଙ୍କୁ ରୋଗମୁକ୍ତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ସର୍ବଶେଷ ରିପୋର୍ଟ ଅନୁଯାୟୀ ୭୧୦ଜଣ ରୋଗୀଙ୍କୁ ଚିହ୍ନଟ ଏବଂ ୯୫ଜଣ ରୋଗୀଙ୍କୁ ସଂପୂର୍ଣ୍ଣ ରୋଗମୁକ୍ତ କରାଯାଇଛି । ଉଭୟ ସଂସ୍ଥାରେ ମୋଟ୍ ୧,୫୮୬ଟି ସ୍କୁଲ ରହିଛି । ପ୍ରତି ବର୍ଷ ଏଗୁଡ଼ିକ ସର୍ଭେ କରାଯାଉଛି । ଏପର୍ଯ୍ୟନ୍ତ ୧୦୪ ଜଣ ରୋଗୀଙ୍କୁ ସ୍କୁଲ ସର୍ଭେରୁ ଚିହ୍ନଟ କରାଯାଇଛି । ୫୭୩ଟି ସ୍କୁଲର ସର୍ଭେ ଚଳିତ ବର୍ଷ ଶେଷ ହୋଇଛି ।

ଗତ ଅଗଷ୍ଟ ମାସ ୧୫ ତାରିଖଠାରୁ ଏହି ୟୁନିଟ୍‌ର ଭବାନୀପାଟଣା ମ୍ୟୁନିସିପାଲିଟି କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ରୋଗୀଙ୍କୁ ମିଳିତ ଔଷଧ ପ୍ରୟୋଗ କରାଯାଇ ତାହା କ୍ରମେ ବିଭିନ୍ନ ପର୍ଯ୍ୟାୟରେ ନିଆଗଲା ପରେ ସର୍ବଶେଷ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୧୫୯ ଜଣ ସଂକ୍ରାମକ ଓ ୨୦୦ଜଣ ଅଣ-ସଂକ୍ରାମକ ରୋଗୀଙ୍କୁ ମିଳିତ ଔଷଧ ଦିଆଯାଉଛି । ସଂକ୍ରାମକ ରୋଗୀମାନଙ୍କ ମଧ୍ୟରୁ ୫୫ ଜଣ ଅଣ-ସଂକ୍ରାମକ ଅବସ୍ଥାକୁ ଆସିଗଲେଣି ।

## କଳା ଓ ପରିବେଶ କର୍ମଶାଳା

ସ୍ଥାନୀୟ ବିଭୂତି କାନୁନଗୋ ଚିତ୍ରକଳା ମହାବିଦ୍ୟାଳୟଠାରେ ସଂପ୍ରତି ଏକ ୫-ଦିନିଆ କଳା ଓ ପରିବେଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୪୦ ଜଣ ଚିତ୍ରଶିଳ୍ପୀ ଏଥିରେ ଅଂଶ ଗ୍ରହଣ କରିଥିଲେ ।

ହରିଜନ ଓ ଆଦିବାସୀ କଲ୍ୟାଣ ନିର୍ଦ୍ଦେଶକ ଶ୍ରୀ ଗିରିଶଚନ୍ଦ୍ର ପାତ୍ର କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ରାଜ୍ୟ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଗୌତମଚନ୍ଦ୍ର ମୁଖାର୍ଜୀ କର୍ମଶାଳାର ଅତିମୁଖ୍ୟ, ପରିବେଶର ବିଭିନ୍ନ ଦିଗ, ସାଂପ୍ରତିକ ପାରିପାର୍ଶ୍ୱିକ ସମସ୍ୟା ଓ ଜନ ଜାଗରଣ ସୃଷ୍ଟି କରିବାରେ କଳାକାରମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରିଥିଲେ । ସଂସ୍କୃତି ବିଭାଗ ଉପ-ଶାସନ ସଚିବ ଶ୍ରୀ ସୁଧାଂଶୁ ମୋହନ ଭାରତରାୟ ପରିବେଶ ଓ କଳା ମଧ୍ୟରେ ଥିବା ସଂପର୍କ ଉପରେ ଆଲୋକପାତ କରିଥିଲେ ।

ସୂଚନା ଓ ଲୋକ ସଂପର୍କ ବିଭାଗ ଶାସନ ସଚିବ ଶ୍ରୀ ବିବେକାନନ୍ଦ ପଟ୍ଟନାୟକ ମଧ୍ୟ କର୍ମଶାଳାରେ ଯୋଗ ଦେଇଥିବା ଶିଳ୍ପୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ମହାନିର୍ଦ୍ଦେଶକ ଶ୍ରୀ ନାଗରାଜ୍ ରାଓ କଳାକାରମାନଙ୍କୁ ଉଦ୍‌ବୋଧନ ଦେଇ ଆମ ଗୌରବମୟ ଐତିହ୍ୟ, ପ୍ରାଚୀନ ଭାସ୍କର୍ଯ୍ୟ ଓ କୀର୍ତ୍ତିଗୁଡ଼ିକ ପରିବେଶର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ଦର୍ଶାଇ ସେଗୁଡ଼ିକର ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଡଃ ସୀତାକାନ୍ତ ମହାପାତ୍ର, ଶ୍ରୀ ଦିବ୍ୟସିଂହ ତ୍ରିପାଠୀ ଓ ଡଃ ରାଧା ମୋହନ ପ୍ରମୁଖ ଶିଳ୍ପୀମାନଙ୍କୁ ଆମ ସଂସ୍କୃତି ଓ ପରିବେଶ ସଂପର୍କରେ ଉଦ୍‌ବୋଧନ ଦେଇଥିଲେ ।

ଏହି ସମୟ ମଧ୍ୟରେ ଚିତ୍ରଶିଳ୍ପୀମାନେ ପରିବେଶର ବିଭିନ୍ନ ଦିଗ ଉପରେ ଆଧାରିତ ବହୁ ସଂଖ୍ୟକ ଚିତ୍ର, ପୋଷ୍ଟର ଇତ୍ୟାଦି ଅଂକନ କରିଛନ୍ତି । ଏଗୁଡ଼ିକ ପରିବେଶ ସଂପର୍କରେ ଜନ ଜାଗରଣ ସୃଷ୍ଟି ପାଇଁ ଯଥେଷ୍ଟ ସହାୟକ ହେବ ।

---

## ଆନ୍ଧ୍ର ବିଶ୍ୱବିଦ୍ୟାଳୟଠାରେ ଓଡ଼ିଆ ଶିକ୍ଷା

ଆନ୍ଧ୍ର ପ୍ରଦେଶ ସ୍କୁଲମାନଙ୍କରେ ଓଡ଼ିଆ ଛାତ୍ରମାନଙ୍କର ବିଭିନ୍ନ ସମୀକ୍ଷଣ ବିଷୟରେ ଓଡ଼ିଆରେ ଉତ୍ତର ଦେବାର ସୁଯୋଗ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ବନ୍ଦ କରିଦେବା ଫଳରେ ଓଡ଼ିଆ ଛାତ୍ରମାନଙ୍କର ବହୁ ଅସୁବିଧା ହୋଇଥିଲା ।

ଏ ସଂପର୍କରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଏନ୍. ଟି. ରାମାରାଓଙ୍କୁ ଚିଠି ଲେଖି ଓଡ଼ିଆ ଛାତ୍ରମାନଙ୍କୁ ଓଡ଼ିଆ ଭାଷାରେ ଉତ୍ତର ଦେବାର ସୁଯୋଗରୁ ବଂଚିତ ନ କରିବା ପାଇଁ ଅନୁରୋଧ କରିଥିଲେ ।

ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏକ ପତ୍ରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଜଣାଇଛନ୍ତି ଯେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ମାର୍ଚ୍ଚ-ଅପ୍ରେଲ ୧୯୮୫ ବର୍ଷରେ ଓଡ଼ିଆରେ ପରୀକ୍ଷା ଲେଖିବା ପାଇଁ ରାଜି ହୋଇଛନ୍ତି ।

---

## କାଜୁବାଦାମ ଓ ସିସାଲ ଚାଷ

କାଜୁବାଦାମ ଓ ସିସାଲ ବା ବାରମାସୀ ଚାଷରୁ ରାଜ୍ୟ ସରକାରଙ୍କୁ ବାର୍ଷିକ ପ୍ରାୟ ଏକ କୋଟି ଟଙ୍କା ରାଜସ୍ୱ ମିଳୁଛି । ଏବେ ସୁଦ୍ଧା ପ୍ରାୟ ୬୧,୬୦୦ ହେକ୍‌ଟର ଜମିରେ କାଜୁବାଦାମ ଓ ସିସାଲ ବୃକ୍ଷ ରୋପଣ କରାଯାଇଛି । କାଜୁବାଦାମ, ବାରମାସୀ ପ୍ରଭୃତି ଚାଷ ମୃତ୍ତିକା ସଂରକ୍ଷଣ, ପାରିପାର୍ଶ୍ୱିକ ସମତାରକ୍ଷା ଓ କର୍ମ ଯୋଗାଣ କ୍ଷେତ୍ରରେ ବିଶେଷ ସହାୟକ ହେଉଥିବାରୁ ରାଜ୍ୟ ସରକାର ବହୁଳ ପରିମାଣରେ ଏହିସବୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ଘରୋଇ ସ୍ତରରେ ଏହି ଚାଷ ପାଇଁ ବ୍ୟାଙ୍କରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଛି । ଏହି ଚାଷର ବୃଦ୍ଧି ଘଟୁଥିବାରୁ କାଜୁବାଦାମ ପ୍ରସେସିଂ ୟୁନିଟ ଓ ଦଉଡ଼ି ଉତ୍ପାଦନ ୟୁନିଟ୍ ଭଳି ଅନେକ କ୍ଷୁଦ୍ର ଶିଳ୍ପର ପ୍ରସାର ମଧ୍ୟ ରାଜ୍ୟରେ ଘଟୁଛି ।

---

## ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ

ଶ୍ରୀଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ଓ ମରାମତି ସଂକ୍ରାନ୍ତରେ ଆଲୋଚନା କରିବାପାଇଁ ସଂସ୍କୃତି ବିଭାଗ ଶାସନ ସଚିବ ଶ୍ରୀ ବିବେକାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମାର୍ଚ୍ଚ ପହିଲି ଦିନ ସଚିବାଳୟଠାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ଆର୍ଥିକ ବର୍ଷରେ କେତେକ ଉନ୍ନତିମୂଳକ କାର୍ଯ୍ୟ କରିବାପାଇଁ ଏହି ବୈଠକରେ ସ୍ଥିର କରାଗଲା । ସେ ସଂପର୍କରେ ଅନ୍ୟୂନ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି । ଏ ସଂକ୍ରାନ୍ତରେ ସମସ୍ତ ରିପୋର୍ଟ ସରକାରଙ୍କ ନିକଟରେ ଉପସ୍ଥାପିତ କରି ବିହିତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

---

## ଉନ୍ନତ ଧରଣର ପ୍ରେକ୍ଷାଳୟ

ଭୁବନେଶ୍ୱରଠାରେ ଗୋଟିଏ ଉନ୍ନତଧରଣର ପ୍ରେକ୍ଷାଳୟ ନିର୍ମାଣ କରିବା ସଂପର୍କରେ ଆଜି ରାଜ୍ୟ ସଚିବାଳୟଠାରେ ସଂସ୍କୃତି ବିଭାଗ ଶାସନ ସଚିବ ଶ୍ରୀ ବିବେକାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବମ୍ବେ ନଗରୀର ଷଣ୍ମୁଖାନନ୍ଦ ପ୍ରେକ୍ଷାଳୟ ପରି ଦୁଇ ହଜାର ଲୋକ ବସିପାରିବାଭଳି ଏକ ଉନ୍ନତ ଧରଣର ପ୍ରେକ୍ଷାଳୟ ସପ୍ତମ ଯୋଜନା କାଳରେ ନିର୍ମାଣ କରାଯିବ । ଏଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଏହି ବୈଠକରେ ନିଷ୍ପତ୍ତି କରାଯାଇଛି । ଏଥିପାଇଁ ପ୍ରାୟ ୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଆଞ୍ଚଳିକ ଗବେଷଣାଗାର ପାଖରେ ସରକାରଙ୍କ ତରଫରୁ ୪ ଏକର ଜମି ଏଥିନିମନ୍ତେ ଯୋଗାଇ ଦେବା ପାଇଁ ସ୍ଥିର କରାଗଲା ।

ଏହି ବୈଠକରେ ସରକାରୀ ମୁଖ୍ୟ ସ୍ଥପତି, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ, ଭୁବନେଶ୍ୱର ଉନ୍ନୟନ ସଂସ୍ଥାର ଉପ ସଭାପତି, ଇଷ୍ଟେଟ୍ ବିଭାଗ ଡାଇରେକ୍ଟର ଓ ସଂସ୍କୃତି ବିଭାଗ ଉଚ୍ଚ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



OGP—MP-VI (I. & P. R.) 115-15,000—27-3-1985




ଆମ ବସ୍ତ୍ର ଶିଳ୍ପ

Vol. XLI No. 8/9 UTKAL PRASANGA Regd. No. O-05/84-85
Licence No. C. R. N. P. 5—Licensed to post without Pre-Payment




PRINTED AT ORISSA GOVERNMENT PRESS, CUTTACK-10


ଉତ୍କଳ ପ୍ରସଙ୍ଗ